ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୫/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Friday, February 25/2022 Page 16 ₹ 7.00 ★★★★★★

୪୮ଶ ଭାଗ ୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଇଶାନ କିଶନଙ୍କ ଦ୍ରୁତ ଅର୍ଦ୍ଧଶତକ**

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତୀୟ ବ୍ୟାଟର ଇଶାନ କିଶନ ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଛନ୍ତି। ୦୮

୦୭ **ଆଜି ବଡ ପରଦାରେ 'ଗଙ୍ଗୁବାଈ କାଠିଆୱାଡି'**

ବିବାଦୀୟ ଚଳଚ୍ଚିତ୍ର 'ଗଙ୍ଗୁବାଈ କାଠିଆୱାଡି' ନିର୍ଦ୍ଧାରିତ ତାରିଖ ଫେବୃୟାରୀ ୨୫ରେ ରିଲିଜ୍ ହେବ। ଏଥିଲାଗି ସୁପ୍ରିମକୋର୍ଟ ସବୁଜ ସଙ୍କେତ ଦେଇଛନ୍ତି।



**ରୁଷିଆର ୟୁକ୍ରେନ୍ ଆକ୍ରମଣ**

# ଯୁଦ୍ଧ ଏଡ଼ାଇବାରେ ପାଶ୍ଚାତ୍ୟ ବିଫଳ

- **ଉଭୟ ପକ୍ଷର ଶତାଧିକ ନିହତ**
- **ଭାରତର ସହାୟତା ଲୋଡ଼ିଲା ୟୁକ୍ରେନ୍**
- **ବାହ୍ୟ ହସ୍ତକ୍ଷେପକୁ ପୁଟିନ୍‌ଙ୍କ ନାପସନ୍ଦ**

**ମସ୍କୋ/କିଭ୍/ୱାଶିଂଟନ,୨୪।୨**

ଯାହା ଆଶଙ୍କା କରାଯାଉଥିଲା ତାହା ହେଲା। ଆମେରିକାର ଚେତାବନୀ ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ତାଗିଦକୁ ଭ୍ରୂକ୍ଷେପ ନ କରି ଗୁରୁବାର ୟୁକ୍ରେନ୍ ଉପରେ ବଡ଼ ଧରଣର ଆକ୍ରମଣ କରିଛି ରୁଷିଆ। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ରୁଷୀୟ ସୈନ୍ୟ ପଡ଼ୋଶୀ ୟୁକ୍ରେନ୍‌ରେ ଆକାଶମାର୍ଗରୁ ତୁହାକୁ ତୁହା ବୋମା ବର୍ଷଣ କରିଛନ୍ତି। ରୁଷିଆ ଆକ୍ରମଣରେ ୟୁକ୍ରେନ୍ ରାଜଧାନୀ କିଭ୍ ନିକଟସ୍ଥ ଆଇଭାନୋ-ଫ୍ରାଙ୍କିସ୍କ ଅନ୍ତର୍ଜାତୀୟ ବିମାନବନ୍ଦର ଓ ଅନ୍ୟ କେତେକ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ୟୁକ୍ରେନ୍‌ରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିବାବେଳେ କିଭ୍ ମଧ୍ୟ ଆତ୍ମରକ୍ଷା ପାଇଁ ଜବାବ ଦେଇଛି। ଏଥିରେ ଉଭୟ ପକ୍ଷଙ୍କ ଶତାଧିକ ସୈନ୍ୟ ମୃତାହତ ହୋଇଥିବା କୁହାଯାଉଛି। ପୁଟିନ୍‌ଙ୍କ ଏହି ଦୁଃସାହସିକ ପଦକ୍ଷେପ ଭୂରାଜନୈତିକ ଘଟଣାକ୍ରମକୁ ବହୁଳ ଭାବେ ପ୍ରଭାବିତ କରିଛି। ରୁଷିଆର ଆକ୍ରମଣକୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ କଡ଼ା ନିନ୍ଦା କରିବା ସହ ଆଗକୁ ଆହୁରି କଠୋର କଟକଣା ଜାରି କରିବାକୁ



ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ କିଭ୍‌ସ୍ଥିତ ୟୁକ୍ରେନ୍ ଷ୍ଟେଟ୍ ବର୍ଡର ଗାର୍ଡ ସର୍ଭିସ୍ ଶିବିର ଜଳିପୋଡ଼ି ଛାରଖାର ହୋଇଯାଇଛି।

ଚେତାବନୀ ଦେଇଛନ୍ତି। ପୁଟିନ୍ ବିସ୍ତାରବାଦୀ ନୀତି ନ ଛାଡ଼ିଲେ ଆଗକୁ ଭୟାବହ ପରିଣାମ ଭୋଗିବେ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚେତାବନୀ ଦେବା ସହ ଜର୍ମାନୀକୁ ଅତିରିକ୍ତ ୭ହଜାର ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷେ ୟୁକ୍ରେନ୍ ଭାରତର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଟିନ୍‌ଙ୍କ ସହ ଆଲୋଚନା କରିଛନ୍ତି। ଇତିମଧ୍ୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଦୁଇଦିନିଆ ମସ୍କୋ ଗସ୍ତ କରି ପୁଟିନ୍‌ଙ୍କୁ ଭେଟିଛନ୍ତି।



> "ୟୁକ୍ରେନ୍‌ରେ ଅପମାନିତ ଓ ନିର୍ଯାତିତ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ରୁଷିଆ ସ୍ୱତନ୍ତ୍ର ସାମରିକ ଅପରେଶନ କରିଛି। ରୁଷୀୟ ସଂଘର ନାଗରିକଙ୍କୁ ଗଣହତ୍ୟା କରିଥିବା ଅପରାଧୀମାନଙ୍କୁ ନିରସ୍ତ୍ର କରିବା ହେଉଛି ଆମର ଉଦ୍ଦେଶ୍ୟ। ନାଟୋ ରାଷ୍ଟ୍ରଗୁଡ଼ିକ ଏଥିରେ ହସ୍ତକ୍ଷେପ କଲେ ପରିଣତି ଭୟାବହ ହେବ।
>
> **- ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**



> "ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳର ନାଜି ଜର୍ମାନୀ ଭଳି ରୁଷିଆ ୟୁକ୍ରେନ୍ ସହ ବିଶ୍ୱାସଘାତ କରିଛି। ମସ୍କୋ ପାପର ପଥ ଆପଣାଇଥିବାରୁ ୟୁକ୍ରେନ୍ ଆତ୍ମରକ୍ଷା କରୁଛି। ଯାହା ହେଲେ ବି ଆମେ ୟୁକ୍ରେନ୍‌ର ସ୍ୱାଧୀନତାକୁ ତ୍ୟାଗ କରିପାରିବୁ ନାହିଁ। ଦେଶବାସୀ ଅସ୍ତ୍ର ଧାରଣ କରନ୍ତୁ।
>
> **- ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷା ବିଶ୍ୱ ପାଇଁ ଅଶାନ୍ତିର କାରଣ ସାଜିଛି। ରୁଷିଆର ଦକ୍ଷିଣରେ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟତା ପାଇଁ ଆବେଦନ କରିବା ପରେ ପୁଟିନ୍ କ୍ଷୁବ୍ଧ ହୋଇଯାଇଥିଲେ। ନାଟୋ ସୈନ୍ୟଙ୍କୁ ତୁରନ୍ତ ସମ୍ପୃକ୍ତ ଅଞ୍ଚଳରୁ ପ୍ରତ୍ୟାହାର ଦାବି କରି ପୂର୍ବାଞ୍ଚଳର ଡୋନ୍‌ବାସକୁ ପୁଟିନ୍ ଡୋନେସ୍କ ଓ ଲୁହାନସ୍କ ନାମରେ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ପରେ ଦୁଇପଡ଼ୋଶୀଙ୍କ ମଧ୍ୟରେ ☞ପୃଷ୍ଠା-୪




## ପୁଟିନ୍‌ଙ୍କୁ ଫୋନ କଲେ ମୋଦି

**ନୂଆଦିଲ୍ଲୀ, ୨୪।୨**

ୟୁକ୍ରେନ୍ ସଙ୍କଟ ପରିପ୍ରେକ୍ଷୀରେ ସାରା ବିଶ୍ୱର ନଜର ଭାରତ ଉପରେ ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାତିରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଫୋନରେ କଥା ହୋଇଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ୨୫ ମିନିଟ୍ ଧରି ଆଲୋଚନା ହୋଇଛି। ଆଲୋଚନାବେଳେ ହିଂସା ମାର୍ଗ ପରିତ୍ୟାଗ କରି ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନର ବାଟ ବାହାର କରିବାକୁ ମୋଦି ପୁଟିନ୍‌ଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ୟୁକ୍ରେନ୍‌ରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଢୋଲପୁରରୁ ଶିକ୍ଷା




ବଜାରରେ ଉପଲବ୍ଧ ବିସ୍କୁଟ୍‌ଗୁଡ଼ିକ
ମଇଦା, କୋଲେଷ୍ଟରଲ୍ ଏବଂ ଟ୍ରାନ୍ସ ଫ୍ୟାଟ୍‌ରେ ତିଆରି ହୋଇଥାଏ
ପତଞ୍ଜଳି ବିସ୍କୁଟ୍‌ଗୁଡ଼ିକ ଏଥିରୁ ମୁକ୍ତ ଅଟେ
ବିସ୍କୁଟ୍ ବଜାରରେ ପତଞ୍ଜଳି ନୂଆ ବିପ୍ଳବ ଆଣିଛି

0% ମଇଦା | 0% ଟ୍ରାନ୍ସ ଫ୍ୟାଟ୍ | 0% କୋଲେଷ୍ଟରଲ୍




ପତଞ୍ଜଳି ଦୁଧ ବିସ୍କୁଟ୍ 100% ଗହମ ଅଟା ଓ ଗାଈ ଦୁଗ୍ଧରେ ତିଆରି । ଏଗୁଡ଼ିକ ପୁଷ୍ଟିକର, ସ୍ୱାଦିଷ୍ଟ ଏବଂ ଅଧିକ ଫାଇବର୍ କାରଣରୁ ସହଜରେ ହଜମ ହୋଇଯାଏ ।

ପତଞ୍ଜଳି ମ୍ୟାରୀ ବିସ୍କୁଟ୍ କଡ଼ମଡ଼ିଆ, ହାଲୁକା ଓ ଅଧିକ ଫାଇବର୍ ଯୁକ୍ତ ହେବା ସହ ଭିଟାମିନ୍ସ ଓ ମିନେରାଲ୍ସର ଗୁଣରେ ସମୃଦ୍ଧ ଅଟେ।

ପତଞ୍ଜଳି କ୍ରଞ୍ଚି କୋକୋନଟ୍ ବିସ୍କୁଟ୍ 100% ଗହମ ଅଟା ଏବଂ ନଡ଼ିଆରେ ତିଆରି । ପିଲାମାନଙ୍କୁ ପୋଷଣ ଦେବା ଓ ସେମାନଙ୍କର ଜଳୀୟ ଅଂଶକୁ ବଜାୟ ରଖିବାରେ ସହାୟକ ।



ପତଞ୍ଜଳି କ୍ୟାଶ୍ୟୁ ଆଣ୍ଡ ବଟର୍ କୁକିଜ୍ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର, ବିଶୁଦ୍ଧ ଗାଈ କ୍ଷୀର, ଲହୁଣି ଓ କାଜୁରେ ନିର୍ମିତ । ଏଥିରେ କୌଣସି କୃତ୍ରିମ ରଙ୍ଗ ନାହିଁ, ହଜମ କରିବାରେ ସହାୟକ ଓ ଉଭୟ ପିଲା ଓ ବଡ଼ଙ୍କର ଫେଭରାଇଟ୍ ଚଏସ୍ ଅଟେ ।

ପତଞ୍ଜଳି ଟୁଇଷ୍ଟି ଟେଷ୍ଟି ମୁସୁମୁସିଆ ଏବଂ ହାଲୁକା ଅଟେ । ଏହା ହେଉଛି ସ୍ୱାସ୍ଥ୍ୟ ଓ ସ୍ୱାଦର ଏକ ସ୍ୱାସ୍ଥ୍ୟକର ମିଶ୍ରଣ । ଏବେ ବିନା ଡରରେ ନିଜର ଫେଭରାଇଟ୍ ବିସ୍କୁଟ୍ ଖାଆନ୍ତୁ ।

ପତଞ୍ଜଳି ହାଇ କିକ୍ କ୍ରାକର୍ ବିସ୍କୁଟ୍ ପୁଷ୍ଟିକର 100% ଗହମ ଅଟା, କୁଆଁଣି ମଞ୍ଜି ଓ ଗାଈ ଲହୁଣିରେ ତିଆରି । ଟିକେ ମିଠା ଓ ଟିକେ ଲୁଣିଆ ସ୍ୱାଦ ଏହାକୁ ମଜାଦାର କରିଥାଏ ।



ପତଞ୍ଜଳି ଡାଇଜେଷ୍ଟିଭ୍ ହୋଲ୍ ହ୍ୱିଟ୍ ବିସ୍କୁଟ୍ 100% ଗହମରେ ତିଆରି, ଏଥିରେ 0% ଟ୍ରାନ୍ସ ଫ୍ୟାଟ୍ ରହିଥିବାରୁ ଏହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ହୋଇଥାଏ । ଏଥିରେ ରହିଥିବା ଡାଏଟାରୀ ଫାଇବର ପାଚନ, ଓଜନ ହ୍ରାସରେ ସହାୟକ ଓ ଆପଣଙ୍କୁ ଦୀର୍ଘ ସମୟ ଧରି ସକ୍ରିୟ ରଖିଥାଏ ।

ପତଞ୍ଜଳି କ୍ରିମ୍‌ଫିଷ୍ଟ ବିସ୍କୁଟ୍ ହେଉଛି କ୍ରିମ୍‌ରେ ଭରପୂର ସ୍ୟାଣ୍ଡୱିଚ୍ ବିସ୍କୁଟ୍, ଯାହା 100% ଗହମରେ ତିଆରି ହୋଇଥାଏ ଓ ଏଥିରେ କୌଣସି କୃତ୍ରିମ ରଙ୍ଗ ନାହିଁ । ବିଭିନ୍ନ ପ୍ରକାର ସ୍ୱାଦରେ ହାଲୁକା ମଧୁରତାକୁ ଉପଭୋଗ କରନ୍ତୁ ।

Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

ଏଲଆଇସି ଆଇପିଓ

ପଲିସୀଧାରକଙ୍କ ପାଇଁ ଆରକ୍ଷଣ

ଏଥିରେ ଅଂଶଗ୍ରହଣ କରିବା ପାଇଁ, ପଲିସୀଧାରକଙ୍କୁ ନିମ୍ନଲିଖିତ ମାନଦଣ୍ଡ ପୁରା କରିବା ଦରକାର:

- ନିଗମର ସ୍ଥାନୀୟ ବ୍ୟକ୍ତିଗତ ପଲିସୀଧାରକ, ଯାହା ପାଖରେ 13 ଫେବୃୟାରୀ, 2022 ଏବଂ ବିଡ କିମ୍ବା ଅଫର ଖୋଲିବାର ତାରିଖ ପର୍ଯ୍ୟନ୍ତ ଏକ କିମ୍ବା ଏକାଧିକ ପଲିସୀ ଅଛି, ସେମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ।*
- **ପଲିସୀଧାରକଙ୍କର PAN ର ସୂଚନା, 28 ଫେବୃୟାରୀ, 2022 ଦିନ କିମ୍ବା ପୂର୍ବରୁ, ନିଗମରେ ଅପଡେଟ ହେବା ଆବଶ୍ୟକ ।**

*ଦୟାକରି 13 ଫେବୃୟାରୀ, 2022 ର ଡ୍ରାଫ୍ଟ ରେଡ ହିଅରିଙ୍ଗ ପ୍ରସପେକ୍ଟସ୍ ମଧ୍ୟ ଦେଖନ୍ତୁ ।

**DEMAT ଖାତା ଖୋଲିବାର ପ୍ରକ୍ରିୟା**

- ନିକଟସ୍ଥ କମନ୍ ସର୍ଭିସ ସେଣ୍ଟର (ସିଏସସି) ଯାଇ DEMAT ଖାତା ଖୋଲନ୍ତୁ ।

କିମ୍ବା

- DEMAT ଖାତା ଖୋଲିବା ପାଇଁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପେଣ୍ଟସ (ଡିପି) ର ତାଲିକା ଆପଣ ନିମ୍ନରେ ପ୍ରଦତ୍ତ ଯେ କୌଣସି ୱେବସାଇଟରୁ ପ୍ରାପ୍ତ କରିପାରିବେ:

NSDL: https://nsdl.co.in/Open_NSDL_Demat_Account.php
CDSL: https://www.cdslindia.com/DP/dplist.aspx

**LIFE INSURANCE CORPORATION OF INDIA** is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to undertake an initial public offer of its Equity Shares and has filed the draft red herring prospectus dated February 13, 2022 ("DRHP") read with the corrigendum dated February 15, 2022. The DRHP is available on the websites of SEBI at www.sebi.gov.in, websites of the Stock Exchanges i.e., BSE at www.bseindia.com and NSE at www.nseindia.com, respectively and is also available on the websites of the BRLMs, i.e. Kotak Mahindra Capital Company Limited at https://investmentbank.kotak.com, Axis Capital Limited at www.axiscapital.co.in, BofA Securities India Limited at www.ml-india.com, Citigroup Global Markets India Private Limited at www.online.citibank.co.in/rhtm/citigroupglobalscreen1.htm, Goldman Sachs (India) Securities Private Limited at www.goldmansachs.com, ICICI Securities Limited at www.icicisecurities.com, JM Financial Limited at www.jmfl.com, J.P. Morgan India Private Limited at www.jpmipl.com, Nomura Financial Advisory and Securities (India) Private Limited at www.nomuraholdings.com/company/group/asia/india/index.html and SBI Capital Markets Limited at www.sbicaps.com. Potential investors should note that investment in equity shares involves a high degree of risk and for details relating to such risk, please see the section titled 'Risk Factors' of the RHP, when filed. Potential investors should not rely on the DRHP filed with SEBI for making any investment decision. Specific attention of the investors is invited to "Risk Factors" beginning on page 23 of the DRHP.

This announcement does not constitute an offer of securities for sale in any jurisdiction, including the United States, and any securities described in this announcement may not be offered or sold in the United States absent registration under the U.S. Securities Act of 1933, as amended, or an exemption from such registration. No public offering or sale of securities in the United States is contemplated.

ଲାଇଫ ଇନ୍ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

LIC/RKS/2021-22/48/ORI

ଆମକୁ ଏଥିରେ ଫଲୋ କରନ୍ତୁ: YouTube LIC India Forever | IRDAI Regn No.: 512 ପ୍ରତି କ୍ଷଣ ଆପଣଙ୍କ ସାଥିରେ



# ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ



କ୍ୱିଭ୍ ଇଣ୍ଡିପେଣ୍ଡେନ୍ସ ସ୍କୋୟାରରେ ପ୍ରାର୍ଥନା କରୁଛନ୍ତି ଶାନ୍ତିକାମୀ ମହିଳା।

ନଭେମ୍ବରରେ କୁହୁଳିଥିବା ୟୁକ୍ରେନ୍ ସଙ୍କଟର ନିଆଁ ଏବେ ଭୟାବହ ଯୁଦ୍ଧର ରୂପ ନେଇଛି। କୌଣସି କୂଟନୈତିକ ଆଲୋଚନା କିମ୍ବା ଆମେରିକା-ପାଶ୍ଚାତ୍ୟ କଟକଣା ରୁଷିଆକୁ ୟୁକ୍ରେନ୍ ଉପରେ ଆକ୍ରମଣରୁ ଅଟକାଇ ପାରିନାହିଁ। ୟୁକ୍ରେନ୍ ଭିତରେ ପଶି ରୁଷିଆ ଧ୍ୱଂସଲୀଳା ରଚିଥିବାବେଳେ ଉଭୟ ପକ୍ଷର ଶତାଧିକ ସୈନ୍ୟ ନିହତ ହୋଇଛନ୍ତି। ଅନେକ ଯୁଦ୍ଧବାହନ ନଷ୍ଟ ହୋଇଛି; ଗୁଳିଗୋଳା, ବୋମା ବର୍ଷଣ ଜାରିରହିଛି। ୟୁକ୍ରେନ୍‌ବାସୀ ଆତଙ୍କିତ ହୋଇ ପ୍ରାଣ ବିକଳରେ ଏଣେତେଣେ ପଳାୟନ କରୁଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପ ଆଗରେ ଏହା ହେଉଛି ସବୁଠୁ ବଡ଼ ଚ୍ୟାଲେଞ୍ଜ, ଯାହାକୁ କେହି କେହି ତୃତୀୟ ବିଶ୍ୱଯୁଦ୍ଧର ପଦଧ୍ୱନି ଆଖ୍ୟା ଦେଉଛନ୍ତି।

# ଯୁଦ୍ଧ ରାସ୍ତା ବାଛିଛନ୍ତି ପୁଟିନ୍

**ୱାଶିଂଟନ୍, ୨୪।୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜଣେ ଅତିକ୍ରମଣକାରୀ। ସେ ଯୁଦ୍ଧ ରାସ୍ତା ବାଛିଛନ୍ତି। ୟୁକ୍ରେନ ଆକ୍ରମଣ ଲାଗି ପୁଟିନ୍ ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ। ଆଗକୁ ବିସ୍ତାରବାଦୀ ନୀତିରୁ ନ ଓହରିଲେ ତାଙ୍କ ଦେଶ ଭୟାବହ ପରିଣାମ ଭୋଗିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୁରୁବାର ଚେତାବନୀ ଦେଇଛନ୍ତି। ୟୁକ୍ରେନ ଉପରେ ଆକ୍ରମଣକୁ ବାଇଡେନ୍ ଦୃଢ଼ ନିନ୍ଦା କରିବା ସହ ରୁଷିଆ ଉପରେ ପୂର୍ବ ତୁଳନାରେ ଆହୁରି କେତେକ କଠୋର କଟକଣା ଲଗାଇବା ନେଇ ଘୋଷଣା କରିଛନ୍ତି।

ହ୍ୱାଇଟ୍ ହାଉସ୍‌ର ଇଷ୍ଟ୍ ରୁମ୍‌ରୁ ଜାତି ଉଦ୍ଦେଶ୍ୟରେ ଏକ ଟେଲିଭିଜନ ବାର୍ତ୍ତାରେ ବାଇଡେନ୍ କହିଛନ୍ତି, ପୁଟିନ୍‌ଙ୍କ ସାମରିକ ଦୁଃସାହସ ବିଶ୍ୱବାସୀଙ୍କ ସ୍ୱାଧୀନତାକୁ ସଙ୍କୁଚିତ କରିଦେଇଛି। ୟୁକ୍ରେନ ଆକ୍ରମଣର ଜବାବରେ ଜର୍ମାନୀକୁ ଆମେରିକା



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍

## ଆହୁରି କଠୋର କଟକଣା ଲଗାଇଲା ଆମେରିକା

ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଅଧିକ ୭ ହଜାର ସୈନ୍ୟ ପଠାଇବେ। ଏହି ଆକ୍ରମଣ ଅନୁତ୍ତରିତ ରହିବ ନାହିଁ। କିନ୍ତୁ ଆମେରିକା ସୈନ୍ୟ ୟୁକ୍ରେନ ସୀମାକୁ ଯାଇ ଯୁଦ୍ଧ ଲଢ଼ିବେ ନାହିଁ। ତେବେ ଆର୍ଟିକଲ ୫ କମିଟମେଣ୍ଟ ଅନୁଯାୟୀ ନାଟୋ ସହଯୋଗୀ ରାଷ୍ଟ୍ରଗୁଡ଼ିକର ଆତ୍ମରକ୍ଷା ଦିଗରେ ସାହାଯ୍ୟ କରିବେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେରିକାର ତୈଳ ଓ ଗ୍ୟାସ୍ କମ୍ପାନୀଗୁଡ଼ିକ ଫାଇଦା ଉଠାଇ ଉଚ୍ଚଦରରେ ବିକ୍ରି କରିବା ଅନୁଚିତ। ଆବଶ୍ୟକ ହେଲେ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭରୁ ବ୍ୟବହାର ପାଇଁ ତୈଳ ବାହାର କରାଯିବ। ଆମେରିକୀୟଙ୍କ କଷ୍ଟକୁ ସୀମିତ କରିବା ପାଇଁ ତାଙ୍କ ପକ୍ଷେ ଯାହା ସମ୍ଭବ ସେ କରିବେ ବୋଲି ବାଇଡେନ୍ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ ରୁଷିଆର ଦ୍ୱିତୀୟ ବୃହତ୍ ବ୍ୟାଙ୍କ ଭିଟିବି ସମେତ ୪ଟି ବ୍ୟାଙ୍କ ଉପରେ ଆର୍ଥିକ କଟକଣା ଲଗାଇଛନ୍ତି।

# ନିରାଶ କରିଛି ଭାରତ

**ନୂଆଦିଲ୍ଲୀ**

ୟୁକ୍ରେନ ସଙ୍କଟରେ ହସ୍ତକ୍ଷେପ କରି ଶାନ୍ତି ସ୍ଥାପନ ନିମନ୍ତେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ଆଲୋଚନା କରିବାକୁ ନୂଆଦିଲ୍ଲୀରେ ଅବସ୍ଥାପିତ ୟୁକ୍ରେନ ରାଷ୍ଟ୍ରଦୂତ ଆଇଗୋର ପୋଲିଖା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଭାରତ ପକ୍ଷରୁ ଏ ଦିଗରେ ତତ୍ପରତା ପ୍ରକାଶ ପାଇ ନ ଥିବା ଏବଂ ୟୁକ୍ରେନ ସ୍ଥିତି ଉପରେ ନଜର ରଖିଥିବା ନେଇ ଭାରତ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟ ଗଭୀର ଭାବେ ନିରାଶ କରିଛି ବୋଲି ଆଇଗୋର କହିଛନ୍ତି। ଭାରତଠାରୁ ୟୁକ୍ରେନ ସପକ୍ଷ ମନୋଭାବ ଆଶା ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଏବେ ୫୦ ଲୋକ ମରିଛନ୍ତି। ଯେତେବେଳେ ଶହ ଶହ ହଜାର ହଜାର ଲୋକଙ୍କ ଜୀବନ ଯିବ



ୟୁକ୍ରେନ ରାଷ୍ଟ୍ରଦୂତ ଆଇଗୋର ପୋଲିଖା

ସେତେବେଳେ କ'ଣ ହେବ। ଏହା ଉପରେ କ'ଣ ନଜର ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଉଥିବା ସମସ୍ତ ରିପୋର୍ଟ ସେ ଦେଖୁଥିବା କହିଛନ୍ତି। ପୁଟିନଙ୍କ ସହ ଭାରତର ମଜଭୁତ ସମ୍ପର୍କ। ମୋଦି ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଏବଂ ସମ୍ମାନନୀୟ ବ୍ୟକ୍ତିତ୍ୱ। ସେ ପୁଟିନ୍‌ଙ୍କ ସହ ଶାନ୍ତି ସ୍ଥାପନ ପାଇଁ ଆଲୋଚନା ନିମନ୍ତେ ଆଇଗୋର ଅନୁରୋଧ କରିଥିଲେ।

## କିଏ କ'ଣ କହିଲେ



"ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଡୋନବାସ୍‌କୁ ଦୁଇ ଭାଗ କରିବା ପରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ବଳ ବୃଦ୍ଧି ଘଟିଛି। ଜିନ୍‌ପିଙ୍ଗ୍ ଏବେ ତାଇୱାନ ଉପରେ ଆକ୍ରମଣ କରିପାରନ୍ତି। ଏହା ଆମେରିକାର କୂଟନୈତିକ ବିଫଳତା। ମୁଁ ରାଷ୍ଟ୍ରପତି ଥିଲେ ୟୁକ୍ରେନ ଆକ୍ରମଣ ଏଡ଼ାଯାଇପାରିଥାନ୍ତା।

**- ଡୋନାଲ୍ଡ ଟ୍ରମ୍ପ, ଆମେରିକା ପୂର୍ବତନ ରାଷ୍ଟ୍ରପତି**

"ରୁଷିଆ ତୁରନ୍ତ ୟୁକ୍ରେନରୁ ସୈନ୍ୟ ପ୍ରତ୍ୟାହାର କରୁ। ଶାନ୍ତିକୁ ପୁଟିନ୍ ଏକ ସୁଯୋଗ ଦିଅନ୍ତୁ। ମାନବିକତା ନାମରେ ୟୁରୋପରେ ଯୁଦ୍ଧ ଆରମ୍ଭ ନ ହେଉ। ଏହା କେବଳ ୟୁକ୍ରେନ କିମ୍ବା ରୁଷିଆ ପାଇଁ ନୁହେଁ ସାରା ବିଶ୍ୱ ପାଇଁ ବିନାଶକାରୀ ହେବ।

**- ଆଣ୍ଟୋନିଓ ଗୁଟେରସ୍, ଜାତିସଂଘ ମହାସଚିବ**

"ୟୁକ୍ରେନ ଉପରେ ଆକ୍ରମଣ କରି ରୁଷିଆ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ କରିଛି। ଏହାକୁ କେବେ ବି ରୁଷିଆ ଉଚିତ ଦର୍ଶାଇପାରିବ ନାହିଁ। ବଦଳରେ ରୁଷିଆକୁ ବହୁମୂଲ୍ୟ ଦେବାକୁ ପଡ଼ିବ।

**-ଓଲାଫ୍ ସ୍କୋଲ୍‌ଜ, ଜର୍ମାନ ଚାନ୍‌ସେଲର**

"ୟୁକ୍ରେନ ଉପରେ ଆକ୍ରମଣ କରି ରୁଷିଆ ରାଷ୍ଟ୍ରପତି ପୁଟିନ ରକ୍ତପାତ ଓ ଧ୍ୱଂସଲୀଳାର ରାସ୍ତା ବାଛିଛନ୍ତି। ପାଶ୍ଚାତ୍ୟ ଦେଶ ରୁଷିଆ ଉପରେ ଗମ୍ଭୀର ଆର୍ଥିକ କଟକଣା ଲଗାଇବ।

**-ବୋରିସ୍ ଜନ୍‌ସନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ**

"ରୁଷିଆର ଏଭଳି ଅନୁଚିତ ଓ ବେଆଇନ କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିବ। ଯୁଦ୍ଧରେ ପ୍ରାଣ ହରାଇଥିବା ନିରୀହ ଜନସାଧାରଣଙ୍କ ପରିବାରକୁ ସମବେଦନା ଜଣାଉଛୁ। ୟୁରୋପୀୟ ସଂଘ(ଇୟୁ)ର କଟକଣା ରୁଷିଆ ଅର୍ଥନୀତିକୁ ଭୟଙ୍କର କ୍ଷତି ପହଞ୍ଚାଇବ।

**-ଉର୍ସୁଲା ଭୋନ୍ ଡେର ଲେୟେନ୍, ଇୟୁ ଏକ୍‌ଜିକ୍ୟୁଟିଭ୍ କମିଶନ ମୁଖ୍ୟ**

"ରୁଷିଆର ସାମରିକ ଆକ୍ରମଣକୁ ନିନ୍ଦା କରୁଛି। ଆଞ୍ଚଳିକ ଶାନ୍ତି ଓ ସ୍ଥିରତ ପ୍ରତି ଏହା ଏକ ଶକ୍ତଧକ୍କା।

**-ରେସିପ୍ ତାୟିପ୍ ଏର୍ଡୋଗାନ୍, ତୁର୍କୀ ରାଷ୍ଟ୍ରପତି**

ପୂର୍ବ ୟୁକ୍ରେନର ଖରକିଭ୍ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି ସଶସ୍ତ୍ର ୟୁକ୍ରେନ ସୈନ୍ୟ।





ପୁଟିନ୍ ୟୁକ୍ରେନ୍ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେବା ମାତ୍ରେ ଏଏଫ୍‌ପିର ଜଣେ ଫଟୋଗ୍ରାଫର ଏହି ଫଟୋ ଉଠାଇଥିଲେ। କ୍ୱିଭ୍‌ସ୍ଥିତ ଏକ ମେଟ୍ରୋ ଷ୍ଟେଶନରେ ପଳାୟନ ପାଇଁ ଟ୍ରେନ୍‌କୁ ଅପେକ୍ଷା କରିଥିବା ଏହି ଯୋଡ଼ିଙ୍କ ଫଟୋ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଏହା ହେଉଛି ୟୁକ୍ରେନ୍‌ରେ ଅନିଶ୍ଚିତତା ମଧ୍ୟରେ ନାଗରିକଙ୍କ ପ୍ରତୀକ୍ଷାର ମର୍ମସ୍ପର୍ଶୀ ଚିତ୍ର।

# ବାଇଡେନ୍ କୂଟନୀତି ଫେଲ୍

ରୁଷିଆର ଦକ୍ଷିଣପନ୍ଥୀ ଷ୍ଟ୍ରଙ୍ଗ୍‌ମ୍ୟାନ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଜିଦ୍‌ଖୋର ମନୋବୃତ୍ତି ଓ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍‌ଙ୍କ ଅପରିଣାମଦର୍ଶିତାର ଫଳ ୟୁକ୍ରେନ ଭୋଗୁଛି। ୟୁକ୍ରେନ ଉପରେ କିଛି ମାସ ଧରି ଆକ୍ରମଣ ଯୋଜନା କରୁଥିଲେ ହେଁ ଏଭଳି କୌଣସି ପ୍ଲାନ୍ ନାହିଁ ବୋଲି ପୁଟିନ୍ ବାରମ୍ବାର ଦୋହରାଉଥିଲେ। ଆମେରିକା କିନ୍ତୁ ଅତିକ୍ରମଣର ସୁରାକ ପୂର୍ବରୁ ପାଇ ସାରିଥିଲା। ତେବେ ପୁଟିନ୍‌ଙ୍କୁ ଆକ୍ରମଣରୁ କ୍ଷାନ୍ତ ରଖିବା ପାଇଁ ଆମେରିକା ଆଖିଦୃଶିଆ ପଦକ୍ଷେପ ନେଇ ନ ଥିବାରୁ ଏବେ ଯୁଦ୍ଧ ସଙ୍କଟ ଆହୁରି ଘନେଇବା ଆଶଙ୍କା ବଢ଼ିଯାଇଛି। ଆଫଗାନିସ୍ତାନ ବିଫଳତାକୁ ନେଇ ବାଇଡେନ୍ ବିଶ୍ୱବ୍ୟାପୀ ନିନ୍ଦିତ ହୋଇଥିବାବେଳେ ରୁଷିଆ-ୟୁକ୍ରେନ୍ ସୀମାକୁ ଆମେରିକୀୟ ସୈନ୍ୟ ପଠାଇ ପୂର୍ବ ଭୁଲ୍‌ର ପୁନରାବୃତ୍ତି କରିବାକୁ ଚାହୁଁନାହାନ୍ତି। ପୁଟିନ୍‌ଙ୍କ ସାମରିକ ବଳ ସହ ମୁହାଁମୁହିଁ ନ ହେବାଲାଗି ବାଇଡେନ ନିରାପଦ ପନ୍ଥା ଆପଣାଇବା ସହ ରୁଷିଆ ଉପରେ କଟକଣା ଲଦିବାରେ ଲାଗିଛନ୍ତି। କେବଳ ୱାଶିଂଟନ୍ ନୁହେଁ, ଆମେରିକା ନେତୃତ୍ୱାଧୀନ ନାଟୋ ରାଷ୍ଟ୍ରଗୁଡ଼ିକ ମଧ୍ୟ ସମାନ ବାଟରେ ଯାଇ ଆର୍ଥିକ ଓ ଅନ୍ୟ କଟକଣା ଜାଲରେ ପୁଟିନ୍‌ଙ୍କୁ ଘେରିବା ପାଇଁ ଅଭିଯାନ ଚଳାଇଛନ୍ତି। ଏଭଳି ସମୟରେ ସୁଯୋଗର ଫାଇଦା ଉଠାଇବା ପାଇଁ ଚାଲାକି କରିଛି ଚାଇନା। ୱିଣ୍ଟର ଅଲିମ୍ପିକ୍‌ର ସଫଳତା ପରେ ଆମେରିକାକୁ ପାନେ ଦେବା ପାଇଁ ପୁଟିନ୍‌ଙ୍କୁ ୟୁକ୍ରେନ ଆକ୍ରମଣ ଲାଗି ଭିତିରିଆ ବେଜିଂ ଉସୁକାଇଥିବା କୁହାଯାଉଛି। ଏହା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍‌ଙ୍କ ମନ୍ତବ୍ୟରୁ ବାରି ହେଉଛି। ହୁଆ କହିଛନ୍ତି, ରୁଷିଆର ପଦକ୍ଷେପକୁ ଆକ୍ରମଣ ଭାବେ ଅଭିହିତ କରା ନ ଯାଉ। ଉଭୟ ପକ୍ଷ ସଂଯମତା ରକ୍ଷା କରନ୍ତୁ। ସମସ୍ତ ଘଟଣା ଉପରେ ଚାଇନା ନଜର ରଖିଛି। ପ୍ରତିରକ୍ଷା ଓ ବହିର୍ବ୍ୟାପାର ବିଶେଷଜ୍ଞଙ୍କ ମତରେ ଆମେରିକା ଚାହିଁଥିଲେ ବିଶ୍ୱର ୧ ନମ୍ବର ରାଷ୍ଟ୍ର ଭାବେ ନିଜର ଉତ୍ତରଦାୟିତ୍ୱ ତୁଲାଇବାକୁ ଯାଇ ଯୁଦ୍ଧ ରୋକିପାରିଥାନ୍ତା। ଶକ୍ତିଶାଳୀ ପୁଟିନଙ୍କ ସେନା ଡୋନେସ୍କ ଓ ଲୁହାନ୍‌ସ୍କ ଦଖଲ ପରେ ଆଗକୁ କେଉଁଆଡ଼କୁ ମୁହାଁଇବେ ଜଣାପଡୁନାହିଁ। ତେଣୁ ୟୁରୋପୀୟ ସଂଘ ଏବଂ ନାଟୋର ତମାମ କୂଟନୈତିକ ଉଦ୍ୟମ ବିଫଳ ହୋଇଥିବା ସଦ୍ୟ ଘଟଣାକ୍ରମ ସୂଚାଉଛି।

## ଘଟଣାକ୍ରମ

**୨୦୨୧ ନଭେମ୍ବର:** ୟୁକ୍ରେନ ସୀମାରେ ରୁଷିଆ ବ୍ୟାପକ ଭିତ୍ତିଭୂମି ନିର୍ମାଣ କରିଥିବାର ଚିତ୍ର ସାଟେଲାଇଟରୁ ଜଣାପଡ଼ିଥିଲା। ମସ୍କୋ ସେଠାରେ ପ୍ରାୟ ୧ ଲକ୍ଷ ସୈନ୍ୟ ମୁତୟନ ସହ ଟ୍ୟାଙ୍କ ଏବଂ ଅନ୍ୟ ସାମରିକ ସାମଗ୍ରୀ ମୁତୟନ କରିଥିବା ୟୁକ୍ରେନ କହିଥିଲା।

**୭ ଡିସେମ୍ବର, ୨୦୨୧:** ରୁଷିଆ ୟୁକ୍ରେନ ଉପରେ ଆକ୍ରମଣ କଲେ କଠୋର କଟକଣା ଲଗାଯିବ ବୋଲି ଆମେରିକା ଚେତାବନୀ ଦେଇଥିଲା।

**୧୭ ଡିସେମ୍ବର, ୨୦୨୧:** ପାଶ୍ଚାତ୍ୟ ନିକଟରେ ରୁଷିଆ ନିଶ୍ଚିତ ନିରାପତ୍ତା ଦାବି କରିଥିଲା। ପୂର୍ବ ୟୁରୋପ ଏବଂ ୟୁକ୍ରେନରେ ନାଟୋର ସାମରିକ କାର୍ଯ୍ୟକଳାପ ବନ୍ଦ ସହ ୟୁକ୍ରେନ କିମ୍ବା କୌଣସି ପୂର୍ବ ସୋଭିଏଟ୍ ଦେଶକୁ ଏହି ମେଣ୍ଟରେ ସାମିଲ ନ କରିବାକୁ କହିଥିଲା।

**୩ ଜାନୁୟାରୀ, ୨୦୨୨:** ରୁଷିଆ ଆକ୍ରମଣ କଲେ ଆମେରିକା ଏହାର ଦୃଢ଼ ଜବାବ ଦେବ ବୋଲି ବାଇଡେନ୍ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଆଶ୍ୱାସନା ଦେଇଥିଲେ।

**୨୪ ଜାନୁୟାରୀ:** ପୂର୍ବ ୟୁରୋପରେ ନାଟୋ ସୈନ୍ୟ, ଯୁଦ୍ଧବାହନ ଓ ଜାହାଜ ପଠାଇ ସାମରିକ ଉପସ୍ଥିତି ଜାହିର କଲା। ଯୁଦ୍ଧ ଆଶଙ୍କାରେ କେତେକ ପାଶ୍ଚାତ୍ୟ ଦେଶ ୟୁକ୍ରେନ ରାଜଧାନୀ କ୍ୱିଭରୁ ନିଜ ଦୂତାବାସ ଖାଲି କରିବାକୁ ଲାଗିଲେ। ଆମେରିକା ୮,୫୦୦ ସୈନ୍ୟଙ୍କୁ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଥିଲା।

**୨୭ ଜାନୁୟାରୀ:** ରୁଷିଆର ଆକ୍ରମଣ ନେଇ ବାଇଡେନ୍ ଚେତାଇ ଦେଇଥିଲେ। ମସ୍କୋକୁ ଚାଇନାର ସମର୍ଥନ। ରୁଷିଆର ସୁରକ୍ଷା ଚିନ୍ତାକୁ ଗୁରୁତ୍ୱର ସହ ନିଆଯିବା ଉଚିତ ବୋଲି ଚାଇନା କହିଥିଲା।

**୨୮ ଜାନୁୟାରୀ:** ରୁଷିଆର ଦାବିକୁ ଅଣଦେଖା କରାଯାଉଥିବା ପୁଟିନ କହିବା ସହ ଆଲୋଚନା ଜାରି ରଖିବାକୁ ରାଜି ବୋଲି ପ୍ରସ୍ତୁତ ଥିବା ପ୍ରକାଶ କରିଥିଲେ। ପାଶ୍ଚାତ୍ୟ ଦେଶ ଅଯଥା ଆତଙ୍କ ସୃଷ୍ଟି ନ କରିବାକୁ ଜେଲେନ୍‌ସ୍କି କହିଥିଲେ।

**୩୧ ଜାନୁୟାରୀ:** ୟୁକ୍ରେନ ପ୍ରସଙ୍ଗରେ ଜାତିସଂଘ ସୁରକ୍ଷା ପରିଷଦର ଏକ ସ୍ୱତନ୍ତ୍ର ଅଧିବେଶନରେ ଆମେରିକା ଓ ରୁଷିଆ ରାଷ୍ଟ୍ରଦୂତଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ।

**୧ ଫେବୃୟାରୀ:** ୟୁକ୍ରେନ ଉପରେ ଆକ୍ରମଣ ଯୋଜନା ନାହିଁ ବୋଲି ପୁଟିନ କହିବା ସହ ଆମେରିକା ଓ ପାଶ୍ଚାତ୍ୟ ଦେଶ ମିଥ୍ୟା ପ୍ରସାର କରୁଥିବା ଅଭିଯୋଗ କରିଥିଲେ।

**୬ ଫେବୃୟାରୀ:** ୟୁକ୍ରେନ ସହ ପୂର୍ଣ୍ଣ ଯୁଦ୍ଧ ପାଇଁ ସୀମା ନିକଟରେ ରୁଷିଆ ୭୦ ପ୍ରତିଶତ ସାମରିକ ପ୍ରସ୍ତୁତି କରିସରିଥିବା ଆମେରିକାର ଅଭିଯୋଗ।

**୮ ଫେବୃୟାରୀ:** ଯୁଦ୍ଧ ଟାଳିବାକୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ପୁଟିନ୍‌ଙ୍କ ସହ ମାରାଥନ ବୈଠକ।

**୧୧ ଫେବୃୟାରୀ:** ବେଜିଂରେ ଶୀତକାଳୀନ ଅଲିମ୍ପିକ୍ ସରିବା ପୂର୍ବରୁ ତଥା ଫେବୃୟାରୀ ୨୦ ସୁଦ୍ଧା ରୁଷିଆ ଆକ୍ରମଣ କରିପାରେ ବୋଲି ପୁଣି ଚେତାଇଥିଲା ଆମେରିକା।

**୧୨ ଫେବୃୟାରୀ:** ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବାଇଡେନ୍-ପୁଟିନ୍ ଆଲୋଚନା ବିଫଳ। ପୂର୍ବ ୟୁରୋପରୁ ନାଟୋ ସୈନ୍ୟ ପ୍ରତ୍ୟାହାର ଓ ୟୁକ୍ରେନକୁ ନାଟୋରେ ସାମିଲ ନ କରିବା ନେଇ ରୁଷିଆର ଦାବିକୁ ଗୁରୁତ୍ୱ ଦିଆଯାଇ ନ ଥିବା ପୁଟିନ୍‌ଙ୍କ ଅଭିଯୋଗ।

**୧୫ ଫେବୃୟାରୀ:** ୟୁକ୍ରେନ ସୀମା ନିକଟରେ ସମରାଭ୍ୟାସ କରୁଥିବା କେତେକ ସୈନ୍ୟ ରୁଷିଆ ବେସ୍‌କୁ ଫେରୁଥିବା କ୍ରେମ୍‌ଲିନ୍ ପକ୍ଷରୁ ଘୋଷଣା। ରୁଷିଆର କଥାକୁ ଆମେରିକା, ପାଶ୍ଚାତ୍ୟ ଦେଶ ଓ ୟୁକ୍ରେନର ଅବିଶ୍ୱାସ।

**୧୭ ଫେବୃୟାରୀ:** ପୂର୍ବ ୟୁକ୍ରେନରେ ବିଚ୍ଛିନ୍ନତାବାଦୀଙ୍କ ଆକ୍ରମଣ। ବିଦ୍ରୋହୀଙ୍କ ଗୁଳିଗୋଳାରେ ଘର, ଗାଡ଼ି, ସ୍କୁଲ ନଷ୍ଟ।

**୨୧ ଫେବୃୟାରୀ:** ବିଦ୍ରୋହୀଙ୍କ କବ୍‌ଜାରେ ଥିବା ୟୁକ୍ରେନର ଡୋନେସ୍କ ଏବଂ ଲୁହାନ୍‌ସ୍କ ଅଞ୍ଚଳକୁ ସ୍ୱାଧୀନ ମାନ୍ୟତା ଦେଲେ ପୁଟିନ୍।

**୨୨ ଫେବୃୟାରୀ:** ରୁଷିଆର ସୋଭେରିନ୍ ବଣ୍ଡ, ଆର୍ଥିକ ଅନୁଷ୍ଠାନ ଉପରେ ପ୍ରଥମ ପର୍ଯ୍ୟାୟ କଟକଣା ଘୋଷଣା କଲେ ବାଇଡେନ୍।

**୨୩ ଫେବୃୟାରୀ:** ୟୁକ୍ରେନରେ ଜରୁରିକାଳୀନ ସ୍ଥିତି ଘୋଷଣା। ରୁଷିଆରୁ ନିଜ ନାଗରିକଙ୍କୁ ଫେରିଆସିବାକୁ କ୍ୱିଭ୍ ପକ୍ଷରୁ ଆଡ୍‌ଭାଇଜରି ଜାରି। ୪୮ ଘଣ୍ଟାରେ ରୁଷିଆ ଆକ୍ରମଣ କରିପାରେ ବୋଲି ଆମେରିକାର ଚେତାବନୀ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୩,୧୦,୦୪,୭୬୯ | ୫୯,୪୦,୮୦୫ | ୩୫,୯୭,୭୭,୫୪୩ |
| ଭାରତ | ୪,୨୮,୧୧,୧୭୯ | ୫,୧୨,୯୫୪ | ୪,୨୨,୧୯,୮୯୬ |
| ଓଡ଼ିଶା | ୧୨,୮୩,୯୭୮ | ୯୦୪୫(+୫୩) | ୧୨,୭୧,୮୪୩ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ମୌଳିକ ସମସ୍ୟା ସମାଧାନ ହେଲା ନାହିଁ
# ୪ ଗ୍ରାମରେ ଭୋଟ ବର୍ଜନ

ଯାଜପୁର ଅଫିସ/ବରୀ/ରସୁଲପୁର, (ଡି.ଏନ୍.ଏ.)୨୪।୨

ଗୁରୁବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନକୁ ଯାଜପୁର ଜିଲାର ୨ ଗାଁର ଭୋଟର ବର୍ଜନ କରିଛନ୍ତି। ଏହି ୨ ଗାଁକୁ ମିଶାଇ ଭୋଟ୍ ବର୍ଜନ କରିଥିବା ଗାଁ ସଂଖ୍ୟା ୪ରେ ପହଞ୍ଚିଛି। ଗ୍ରାମବାସୀଙ୍କ ମୌଳିକ ସମସ୍ୟାର ସମାଧାନ କରିବାରେ ସରକାର ବିଫଳ ହେବା କାରଣରୁ ଭୋଟର ଏପରି ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି।

ବରୀ ବ୍ଲକ ଅନ୍ତର୍ଗତ ବାଇଁଶିରିଆ ଗ୍ରାମପଞ୍ଚାୟତରେ ଗତ ୪୫ ବର୍ଷଧରି ପ୍ରସ୍ତାବିତ କୃଷ୍ଣଚନ୍ଦ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନ ହେବା ପ୍ରତିବାଦରେ ଗ୍ରାମବାସୀ ଭୋଟ ବର୍ଜନ କରିବା ସହ ୨୪ ଘଣ୍ଟିଆ ଅନଶନ ଆରମ୍ଭ କରିଛନ୍ତି । ଏହି ଖବର ଲେଖାହେବା ପର୍ଯ୍ୟନ୍ତ ବରୀ ପୋଲିସ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଅନଶନକାରୀଙ୍କ ପାଖରେ ପହଞ୍ଚି ନାହାନ୍ତି। ଏହାକୁ ନେଇ କୃଷକ ନେତା ନିମାଇଁ ରାୟ, ଅନନ୍ତ ଭୁୟାଁ ଓ କୁଳମଣି ଶୁକ୍ଳ ପ୍ରମୁଖ ଉପସ୍ଥିତ ରହି ନିନ୍ଦା କରିଛନ୍ତି। ଏଥିସହିତ ସୁବାସ କର, ତ୍ରୈଲୋକ୍ୟ ବିହାରୀ ବୋଇତେଇ ପ୍ରମୁଖ ଅନଶନରେ ସାମିଲ ହୋଇଛନ୍ତି।


ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତର ଲୋକେ ଭୋଟ୍ ବର୍ଜନ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୭୬ରୁ ଅଞ୍ଚଳବାସୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସ୍ୱାସ୍ଥ୍ୟ ବିଭାଗ ନିକଟରେ ୧ ଏକର ୨୧ ଡେସିମିଲ ଜମି ଓ ୧୦ ହଜାର ଟଙ୍କା ସିକ୍ୟୁରିଟି ଡିପୋଜିଟ କରିଥିଲେ। ତଥାପି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇପାରିନାହିଁ। ବିଭିନ୍ନ ସମୟରେ ନେତା, ମନ୍ତ୍ରୀ ଓ ବିଧାୟକଙ୍କ ସୁପାରିସ ଦିଆଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସଂଖ୍ୟା ୨୬/୦୪/୨୦୧୧ରେ ବାଇଁଶିରିଆ ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୮ ସପ୍ତାହ ମଧ୍ୟରେ ଖୋଲିବାକୁ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଉକ୍ତ ଜମିରେ ତିଆରି ହୋଇଥିବା ଘର ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତ ଅନ୍ତର୍ଗତ ବାଉଁଶଅଣ୍ଟା(ବଡ଼) ଗ୍ରାମବାସୀ ବିଭିନ୍ନ ମୌଳିକ ସମସ୍ୟା ଏବଂ ଜନହିତକର ଯୋଜନାରୁ ବାଦ୍ ପଡିଥିବା ଅଭିଯୋଗରେ ଗୁରୁବାର ଭୋଟ ବର୍ଜନ କରିଛନ୍ତି।

# ୧୦୩ ଡଲାର ଟପିଲା କ୍ରୁଡ୍ ମୂଲ୍ୟ

ମୁମ୍ବାଇ,୨୪।୨

ରୁଷିଆ ଓ ୟୁକ୍ରେନ୍ ଆକ୍ରମଣର କିଛି ଘଣ୍ଟା ମଧ୍ୟରେ ଅଶୋଧିତ ତୈଳ ଦର ପ୍ରାୟ ୧ ଡଲାର ବୃଦ୍ଧି ଘଟିଛି। ଫଳରେ ଗୁରୁବାର ଅନ୍ତର୍ଜାତୀୟ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୩.୭୮ ଡଲାରରେ ରହିଛି। ଏହାର ପ୍ରଭାବ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପଡ଼ିଥିବା ବେଳେ ଭାରତରେ ତୈଳ ଦର ପୂର୍ବପରି ସ୍ଥିର ରହିଛି। ଏପରିକି ଯୋଗାଣ ଲାଇନରେ ମଧ୍ୟ ସେପରି କିଛି ପ୍ରଭାବ ପଡ଼ି ନାହିଁ ବୋଲି ସୂଚନା ମିଳିଛି। ଭାରତୀୟ ଗ୍ରାହକଙ୍କ ପାଇଁ ବିଶ୍ୱର ତୈଳ ମୂଲ୍ୟ ବୃଦ୍ଧି ହେତୁ କୌଣସି ପ୍ରତ୍ୟକ୍ଷ ପ୍ରଭାବ ରହିବ ନାହିଁ। ଯେହେତୁ ରାଷ୍ଟ୍ରାୟତ୍ତ ଇନ୍ଧନ ଖୁଚୁରା ବ୍ୟବସାୟୀମାନେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ହାର ଜାରି ରଖିଛନ୍ତି, ଏହାର ଯୋଗାଣ ଲାଇନ ସବୁ ଖୋଲା ଅଛି। ସେଥିମଧ୍ୟରୁ କୌଣସ ଲାଇନ ପ୍ରଭାବିତ ହୋଇନାହିଁ। ରୁଷିଆର ଆକ୍ରମଣ ପରେ ମଧ୍ୟ ସ୍ୱଦେଶ ବଜାରରେ ଏହା ପ୍ରଚୁର ପରିମାଣରେ ଉପଲବ୍ଧ ରହିଛି। ସେହିଭଳି ବ୍ରେଣ୍ଟ ଅଶୋଧିତ ବ୍ୟାରେଲ ୧୦୩.୭୮ ଡଲାରକୁ ବୃଦ୍ଧି ପାଇଛି । ୨୦୧୪ ଅଗଷ୍ଟ ୧୪ଠାରୁ ଏହ ସର୍ବାଧିକ ବୃଦ୍ଧି।

## ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ୮ ସ୍ଥାନ ଚିହ୍ନଟ

**ନୂଆଦିଲ୍ଲୀ,୨୪।୨:** ଭାରତର ମେଗା ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ୮ ସ୍ଥାନ ଚିହ୍ନଟ ହୋଇଥିବା ଗୁରୁବାର କହିଛନ୍ତି କେନ୍ଦ୍ରୀୟ ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ପ୍ରକଳ୍ପ ନିର୍ମାଣ ସାଙ୍ଗକୁ ଦସ୍ତାବିଦ୍ ସମ୍ପର୍କୀୟ କାର୍ଯ୍ୟ ଆସନ୍ତା ୮ରୁ ୧୦ ମାସ ମଧ୍ୟରେ ଶେଷ ହୋଇଯିବ ବୋଲି ସେ କହିଛନ୍ତି। ଉକ୍ତ ପ୍ରକଳ୍ପରେ ୭୬ ହଜାର କୋଟି ଖର୍ଚ୍ଚ କରାଯିବ। ମେଗା ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ କମ୍ ସମୟ ଭିତରେ ନିଷ୍ପତ୍ତି ଗ୍ରହଣ ହୋଇଥିବା ଲାଗି ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ମନ୍ତ୍ରୀ।




# କଳାତାଲିକାଭୁକ୍ତ ରାୟକୁ କୋହଳ କଲେ ସୁପ୍ରିମକୋର୍ଟ



## ବମିଖାଲ ଓଭରବ୍ରିଜ୍ ଭୁଶୁଡ଼ିବା ଘଟଣା

ନୂଆଦିଲ୍ଲୀ,୨୪।୨

୨୦୧୭ ସେପ୍ଟେମ୍ବର ୧୦ରେ ଭୁଶୁଡ଼ି ପଡ଼ିଥିବା ଭୁବନେଶ୍ୱର ବମିଖାଲ ଓଭର ବ୍ରିଜ୍‌ର ନିର୍ମାଣକାରୀ ସଂସ୍ଥା ପଣ୍ଡା ଇନ୍‌ପ୍ରା ପ୍ରୋଜେକ୍ଟକୁ ସୁପ୍ରିମକୋର୍ଟରୁ ଗୁରୁବାର ଆଶ୍ୱସ୍ତି ମିଳିଛି। ଏହି ଘଟଣାରେ ଓଡ଼ିଶା ହାଇକୋର୍ଟ ନିର୍ମାଣକାରୀ ସଂସ୍ଥାକୁ ସ୍ଥାୟୀ କଳା ତାଲିକାଭୁକ୍ତ ଘୋଷଣା କରିଥିବା ରାୟକୁ ସୁପ୍ରିମକୋର୍ଟ କୋହଳ କରିଛନ୍ତି। ହାଇକୋର୍ଟ ୨୦୧୭ ଡିସେମ୍ବର ୧୨ରେ ପଣ୍ଡା ଇନ୍‌ଫ୍ରା କମ୍ପାନୀକୁ ସ୍ଥାୟୀ କଳା ତାଲିକାଭୁକ୍ତ କରିଥିବାବେଳେ ଗୁରୁବାର ବିଚାରପତି ଏମ୍.ଆର୍, ଶାହା ଏବଂ ବି.ଭି ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାକୁ ଅତ୍ୟଧିକ କଠୋର ବୋଲି ବିବେଚନା କହିବା ସହ ୫ବର୍ଷକୁ ସୀମିତ କରିଛନ୍ତି। ଏଥିସହିତ ୫ବର୍ଷିଆ କଳାତାଲିକା ଭୁକ୍ତ ଆଦେଶ ଦିନଠାରୁ ହିସାବ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ମାମଲାର ବିଚାର ଶେଷ କରିଛନ୍ତି।

ଖଣ୍ଡପୀଠ କହିଛନ୍ତି ଯେ, ନିର୍ମାଣକାରୀ ସଂସ୍ଥାକୁ କଳାତାଲିକାଭୁକ୍ତ କରିବା ସମୟରେ ହାଇକୋର୍ଟ ଘଟଣାର ଗୁରୁତ୍ୱକୁ ଗମ୍ଭୀରତାର ସହ ନେଇ ନ ଥିଲେ। କଣ୍ଟ୍ରାକ୍ଟରଙ୍କ ଅବହେଳା ଯୋଗୁ ୧୦ମିଟର ଉଚ୍ଚତାର କଂକ୍ରିଟ ସ୍ଲାବ ଖସିପଡ଼ି ଜଣଙ୍କ ପ୍ରାଣହାନୀ ଘଟିବା ସହ ୧୧ଜଣ ଆହତ ହୋଇଥିଲେ। ନିର୍ମାଣବେଳେ ସୁରକ୍ଷା ଦୃଷ୍ଟିରୁ ଜରୁରୀ ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ହାଇକୋର୍ଟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ କମ୍ପାନୀକୁ କଳାତାଲିକାଭୁକ୍ତ କରିଥିଲେ।






ଆଜିର ମନ୍ତବ୍ୟ

"ଯୁଦ୍ଧ ଗ୍ରହଣୀୟ ନୁହେଁ। ୟୁକ୍ରେନ୍ ଉପରେ ଆକ୍ରମଣ ବନ୍ଦ କରିବାକୁ ଭାରତ ରୁଷିଆ ଆଗରେ ଦାବି ରଖିବା ଉଚିତ।

– ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନାହିଁ ଲାଜୋଇ**
**ଦଦରା ହାଣ୍ଡିକି ପାଳ ଚିମୁଳା**
**କୁଲା ଢାଉଁ ଢାଉଁ ବଜାଇ।**

ଅଲାଜୁକ, ତା'ର ମୁହଁକୁ ଲାଜସରମ ନ ଥାଏ। ପ୍ରତ୍ୟେକ କଥାକୁ ସେ ଫୁତ୍କାରରେ ଉଡ଼ାଇ ଦେଇଥାଏ। ଯିଏ ଯେତେ କହିଲେ ମଧ୍ୟ ତା'ର ପ୍ରଭାବ ତା' ଉପରେ ପଡ଼ିପାରି ନ ଥାଏ। ଅଲାଜୁକ, ବେହିଆ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଲୁଖୁରା ମୁଣ୍ଡରେ ମହଣ**
**ବୁଢୀ ସୁନ୍ଦର ଦେଖିବ କଅଣ।**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅହେତୁକ ଦୁର୍ବଳତା। ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ୍ୟ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ

**ଜୟପୁର,୨୪।୨ (ନି.ପ୍ର.)**

ଜଣେ କର୍ମଚାରୀଙ୍କଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି କୋରାପୁଟ ଜିଲା ବୋରିଗୁମ୍ମା ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ପ୍ରବୀଣ ହୋତା। ଚାକିରିରୁ ନ କାଢିବା ପାଇଁ ହୋତା ସମ୍ପୃକ୍ତ କର୍ମଚାରୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି। ଖବରରୁ ଜଣାପଡିଛି ବୋରିଗୁମ୍ମା ବ୍ଲକର କୁସୁମୁରି ଗ୍ରାମର ମକର ଅମାନ୍ୟତ ବିଦ୍ୟୁତ ବିଭାଗରେ ଲେଜରମ୍ୟାନ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ୧୦ ହଜାର ଟଙ୍କା ନ ଦେଲେ ଚାକିରିରୁ ବାହାର କରିଦେବେ କହି ସହକାରୀ ଯନ୍ତ୍ରୀ ହୋତା ଧମକ ଦେଇ ଲାଞ୍ଚ ମାଗୁଥିଲେ। ଏନେଇ ମକର ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବିଭାଗ ଏନେଇ ୪ଟି ଟିମ୍ ଗଠନ କରି ଯନ୍ତ୍ରୀ ହୋତାଙ୍କ ବୋରିଗୁମ୍ମାସ୍ଥିତ ଘର, ଅଫିସ, ସେମିଳିଗୁଡା ଘର ଓ କୁନ୍ଦଲାସ୍ଥିତ ଘର ଉପରେ ଚଢାଉ କରିଥିଲା। ଚଢାଉର ନେତୃତ୍ୱ ଭିଜିଲାନ୍ସ ଡିଏସ୍‌ପି ଏସ୍‌କେ ବିଶ୍ୱାଳ ନେଇଥିଲେ। ଏଥିରେ ୨ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର ସାମିଲ ହୋଇଥିଲେ। ତାଙ୍କଠାରୁ ୪ଲକ୍ଷ ୫ହଜର ୬ଶହ ଟଙ୍କା ଜବତ ହୋଇଛି। ସୂଚନାଯୋଗ୍ୟ, ଯନ୍ତ୍ରୀ ହୋତା ପୂର୍ବରୁ ଅନେକ ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ଲାଞ୍ଚ ନେଉଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଆସୁଥିଲା।



ଗିରଫ ସହକାରୀ ଯନ୍ତ୍ରୀ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦ ବୋମାମାଡ଼

**ବ୍ରହ୍ମଗିରି,୨୪।୨(ଡି.ଏନ୍.ଏ.)**

ରାଜନୈତିକ ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ରହ୍ମଗିରି ଥାନା ଅନ୍ତର୍ଗତ ଦଣ୍ଡୁଆସିପଡ଼ା ଗ୍ରାମରେ ଗୁରୁବାର ପୁଣି ଥରେ ଗୋଷ୍ଠୀ ସଂଘର୍ଷ ସହ ୨୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଛି। ଏହି ବୋମାମାଡ଼ରେ ଆହତ ଓ କ୍ଷୟକ୍ଷତି ଜଣାପଡ଼ି ନ ଥିବାବେଳେ ଗାଁରେ ପୋଲିସ ପଇଁତରା ମାରୁଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ମଣପଡ଼ା ପଞ୍ଚାୟତର ଦଣ୍ଡୁଆସିପଡ଼ା ଗ୍ରାମରେ ଗତ ୯ ତାରିଖରେ ଏକ ରାଜନୈତିକ ରାଲିକୁ ନେଇ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ପରଦିନ ସକାଳୁ ସେଇ କଥାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ପରେ ଟେକାପଥର ସହ ଠେଙ୍ଗାମାଡ଼ ଆରମ୍ଭ ହୋଇଥିଲା। ଏଥିରେ ଜଣେ ମହିଳା ସମେତ ୬ ଜଣ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ପ୍ରଥମେ ସ୍ଥାନୀୟ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୁରୁତରଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୩ ମହିଳା ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସ୍‌ର ଗିରଫ ଭୟରେ ସେହି ସମୟରେ ସମସ୍ତେ ନୀରବୀ ଯାଇଥିଲେ ମଧ୍ୟ ଭିତରେ ପ୍ରତିହିଂସାର ନିଆଁ ଜୁଳୁଥିଲା। ପୂର୍ବ ବିବାଦକୁ କେନ୍ଦ୍ରକରି ଗୁରୁବାର ପୁନର୍ବାର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ଟେକାପଥର ମାରିବା ସହ ୨୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଥିଲା। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗାଁରେ ପଇଁତରା ମାରିବାରୁ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

# ପୂର୍ବତନ ଏଏସ୍‌ପି ତ୍ରିନାଥ ମିଶ୍ରଙ୍କ ଜାମିନ ଖାରଜ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**କଟକ ଅଫିସ,୨୪।୨**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ଜାମିନ ଆବେଦନ ଗୁରୁବାର ଭିଜିଲାନ୍ସ କୋର୍ଟରେ ଖାରଜ ହୋଇଯାଇଛି। ଫଳରେ ତ୍ରିନାଥଙ୍କୁ ଜେଲ୍‌ରେ ରହିବାକୁ ପଡ଼ିବ।

ସୂଚନାଯୋଗ୍ୟ, ଗତ ୧୫ତାରିଖରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତ୍ରିନାଥଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ୮କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯିବା ପରେ ୧୬ ତାରିଖରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ୨୨ତାରିଖରେ ଭିଜିଲାନ୍ସ କୋର୍ଟରେ ତ୍ରିନାଥ ଜାମିନ ପାଇଁ ଆବେଦନ କରିଥିଲେ। ତେବେ ଭିଜିଲାନ୍ସ ପକ୍ଷରୁ ଅପ୍ ଟୁ ଡେଟ୍ କେସ୍ ଡାଏରୀ ଦାଖଲ କରାଯାଇ ନ ପାରିବାରୁ ମାମଲାର ଶୁଣାଣି ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଜେଲ୍‌ରେ ଥିବା ତ୍ରିନାଥଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଏ ସଂକ୍ରାନ୍ତ ରୁଜୁ ମାମଲାର ଶୁଣାଣି କରି ଭିଜିଲାନ୍ସ କୋର୍ଟ ଚୌଦ୍ୱାର ଜେଲ୍ ଅଧୀକ୍ଷକଙ୍କୁ ଆଦେଶ ଦେଇଛନ୍ତି। ସେହିପରି ଭିଜିଲାନ୍ସ ଏଫ୍‌ଆଇଆର୍‌ରେ ତ୍ରିନାଥଙ୍କ ସ୍ତ୍ରୀ ଦିପ୍ତୀମୟୀ ଚୌଧୁରୀଙ୍କ ନାମ ଥିବାରୁ ସେ ମଧ୍ୟ ପୂର୍ବରୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ତ୍ରିନାଥଙ୍କୁ ବାଧ୍ୟତାମୂଳକ ଅବସର ଦେଇସାରିଛନ୍ତି।

# ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତିମେଳା

## ୧୪୫ଜଣଙ୍କୁ ଚୟନ କଲେ ୧୩ କମ୍ପାନୀ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ଜାତୀୟ କ୍ୟାରିଅର ସେବା କେନ୍ଦ୍ର (ଏନ୍‌ସିଏସ୍‌ସିଡିଏ), ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଏବଂ ଡକ୍ଟର ରେଡିଜ୍ ଫାଉଣ୍ଡେଶନ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ଏକ ସ୍ୱତନ୍ତ୍ର ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ଗୁରୁବାର ଖଣ୍ଡଗିରି ଗଣ୍ଡମୁଣ୍ଡାସ୍ଥିତ ଏନ୍‌ସିଏସ୍‌ସିଡିଏ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ରାଜ୍ୟ ଦିବ୍ୟାଙ୍ଗ ଆୟୁକ୍ତ ସୁଲୋଚନା ଦାସ ଅତିଥି ଭାବେ ଯୋଗଦେଇଥିଲେ। ରିଲାଏନ୍ସ ସିକ୍ୟୁରିଟିଜ୍ ଲିମିଟେଡ୍, ଲେମନ୍ ଟ୍ରି ହୋଟେଲ୍ସ, ବିପିଓ କନଭର୍ଜେନ୍ସ, ପାରାମିଟର ସଫ୍ଟୱେର ପ୍ରାଇଭେଟ୍ ଲିମିଟେଡ୍ ଆଦି ୧୩ଟି କମ୍ପାନୀ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିଲେ। ବାକ୍ ଶକ୍ତି ଓ ଶ୍ରବଣଶକ୍ତି ବାଧିତ, ଚାଲିବାକୁ ଅକ୍ଷମ ଦିବ୍ୟାଙ୍ଗମାନେ ସାକ୍ଷାତକାର ଦେଇଥିଲେ। ଶିବିରରେ ୧୮ରୁ ୩୫ ବର୍ଷ ବୟସ୍କ ମୋଟ ୧୬୮ ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ୧୪୫ ଜଣଙ୍କୁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଁ ଚୟନ କରାଯାଇଛି।

# ପୋଖରୀରେ ବୁଡ଼ି ଆଈ ନାତୁଣୀ ମୃତ

**କେନ୍ଦୁଝର,୨୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ନୟାକୋଟ ଥାନା ଅଧୀନ ଭେଜିଡିହି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମ ପୋଖରୀରେ ବୁଡ଼ି ଆଈ ଓ ନାତୁଣୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଅମୃତ ଡାଙ୍ଗୁଆ (୫୬) ଓ ରଶ୍ମିତା ଡାଙ୍ଗୁଆ (୧୦)। ଅପରାହ୍ନରେ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇ ଉଭୟ ଫେରି ନ ଥିଲେ। ପରେ ସେମାନଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରିଣୀ ସ୍ୱର୍ଣ୍ଣ ହେମ୍ବ୍ରମ କହିଛନ୍ତି।

## ଯୁଦ୍ଧ ଏଡ଼ାଇବାରେ...

ପ୍ରଥମ ପୃଷ୍ଠାରୁ...

ଯୁଦ୍ଧ ଆଶଙ୍କା ଘନେଇଥିଲା। ଯୁଦ୍ଧ ଏଡ଼ାଇବା ପାଇଁ ଆମେରିକା, ବ୍ରିଟେନ୍, କାନାଡା, ଜର୍ମାନୀ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକ ପୁଟିନ୍‌ଙ୍କୁ ଲଗାତର ତାଗିଦ କରିଥିଲେ। ହେଲେ ସେ କାହା କଥା ଶୁଣି ନ ଥିଲେ। ଗୁରୁବାର ସକାଳେ ପୁଟିନ୍ ଏକ ପ୍ରିରେକର୍ଡେଡ୍ ଟେଲିଭିଜନ୍ ବାର୍ତ୍ତାରେ ରୁଷିଆବାସୀଙ୍କୁ ସମ୍ବୋଧନ କରିଥିଲେ। ଏହି ସମ୍ବୋଧନ ବେଳେ ସେ ସୈନ୍ୟଙ୍କୁ ୟୁକ୍ରେନ୍ ଆକ୍ରମଣ (ସାମରିକ ଅପରେଶନ)ର ନିର୍ଦ୍ଦେଶ ଦେଇଥିଲେ। ପୁଟିନ୍‌ଙ୍କ ନିର୍ଦ୍ଦେଶ ମିଳିବା ମାତ୍ରେ ରୁଷିଆ ସୈନ୍ୟ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲେ। ଜଳ, ସ୍ଥଳ ଓ ଆକାଶରୁ ରୁଷିଆ ପକ୍ଷରୁ କରାଯାଇଥିବା ଏହି ଘାତକ ଟାର୍ଗେଟକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପ ବିରୋଧରେ ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ପୁଟିନ୍‌ଙ୍କ ସଶସ୍ତ୍ର ବଳ ୟୁକ୍ରେନ୍‌ର ୧୩ଟି ସହରରେ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ୟୁକ୍ରେନ୍‌ର ପୂର୍ବ ସୀମାନ୍ତ ଚେର୍ନିହିଭ୍, ଖର୍କିଭ୍ ଓ ଲୁହାନ୍‌ସ୍କ ଅଞ୍ଚଳରେ ରୁଷିଆ ସୈନ୍ୟ କଡ଼ା ପ୍ରହରା ଦେଉଥିବାବେଳେ ସ୍କାଷ୍ଟିଆ ଏବଂ ଷ୍ଟାନିସିଆ ସହରକୁ ସେମାନେ ସମ୍ପୂର୍ଣ୍ଣ ଭାବେ ଦଖଲ କରିଛନ୍ତି। କେବଳ ଏତିକି ନୁହେଁ, କୃଷ୍ଣସାଗର ଉପକୂଳ ବନ୍ଦର ସହର ଓଡେସା ଓ ଦକ୍ଷିଣରେ ଥିବା ମାରିଉପୋଲ୍‌କୁ ସେମାନେ ଜଳପଥରେ ଆକ୍ରମଣ କରିଛନ୍ତି। ରାଜଧାନୀ କ୍ୱିଭ୍ ଆକାଶରେ ଉଡୁଥିବା ରୁଷିଆ ବାୟୁସେନାର ଲଢୁଆ ବିମାନ ସରକାରୀ ଅଫିସ୍ ଓ ସେନା ଛାଉଣିଗୁଡ଼ିକୁ ଟାର୍ଗେଟ କରିଥିଲେ। ଓଡେସା ସେନା ଶିବିରରେ ଏୟାର ଷ୍ଟ୍ରାଇକ୍ କରିବାରୁ ୧୦ ମହିଳାଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ମୋଟ ମୃତ୍ୟୁସଂଖ୍ୟା ସାମ୍ନାକୁ ଆସି ନ ଥିଲେ ହେଁ ଏହାକୁ ମିଶାଇ ୟୁକ୍ରେନ୍‌ର ପ୍ରାୟ ୫୦ ଜଣ ନିହତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଆକାଶରୁ କ୍ୱିଭ୍ ଆକ୍ରମଣ ପାଇଁ ଯାଇଥିବା ରୁଷିଆର ୫ଟି ବିମାନକୁ ୟୁକ୍ରେନ୍ ଖସାଇଦେଇଥିବା ଦାବି କରିଛି। ଆତ୍ମରକ୍ଷା ପାଇଁ ଜବାବୀ କାର୍ଯ୍ୟାନୁଷ୍ଠାନ ବେଳେ ରୁଷିଆର ୫୦ ସୈନ୍ୟ ନିହତ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ପ୍ରଶାସନିକ ସହଯୋଗୀ ଓଲେକ୍‌ସି ଆରେଷ୍ଟୋଭିକ୍ କହିଛନ୍ତି। ଏହା ପୂର୍ବରୁ ଭୋର ୪ଟାରେ କ୍ୱିଭ୍‌ରେ ବିସ୍ଫୋରଣ ହୋଇଥିଲା। ୩୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ରାଜଧାନୀର ବହୁ ଲୋକ ଏହାର ପ୍ରଚଣ୍ଡ ଶବ୍ଦ ଶୁଣି ଉଠିଯାଇଥିଲେ। ୟୁକ୍ରେନ୍ ସେନା ଗୋଇନ୍ଦା ମୁଖ୍ୟାଳୟରୁ ବାହାରୁଥିବା ଘନକଳା ଧୂଆଁ ସମଗ୍ର ସହରର ଆକାଶକୁ ଆଚ୍ଛାଦିତ କରି ରଖିଥିଲା। ଘରୁ ନ ବାହାରିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲେ ହେଁ ଅନେକେ ପ୍ରାଣ ବିକଳରେ ଧାଉଁଥିବା ଦୃଶ୍ୟ ଟିଭି ଚ୍ୟାନେଲଗୁଡ଼ିକରେ ଦେଖିବାକୁ ମିଳିଥିଲା। ଗୁଳି ବିନିମୟ ଓ ଟ୍ରାଫିକ୍ ଜାମ୍ ଭିତରେ ରାଜଧାନୀବାସୀ ଆତଙ୍କିତ ହୋଇଯାଇଥିଲେ।

## ପୁଟିନ୍‌ଙ୍କୁ ଫୋନ...

ଫସିରହିଥିବା ପ୍ରାୟ ୨୦ ହଜାର ଭାରତୀୟଙ୍କ ସୁରକ୍ଷା ନେଇ ମଧ୍ୟ ମୋଦି ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଭାରତରେ ୟୁକ୍ରେନ୍ ରାଷ୍ଟ୍ରଦୂତ ଆଇଗୋର ପୋଲିଖା ରୁଷିଆ ପକ୍ଷରୁ ଆକ୍ରମଣ ବନ୍ଦ କରିବା ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ମୋଦି ଜଣେ ବିଶ୍ୱସ୍ତରୀୟ ପ୍ରଭାବଶାଳୀ ନେତା ହୋଇଥିବାରୁ ପୁଟିନ୍‌ଙ୍କ ସହ ସେ ଆଲୋଚନା କଲେ ଯୁଦ୍ଧ ବନ୍ଦ ହୋଇପାରିବ ବୋଲି ରାଷ୍ଟ୍ରଦୂତ ଆଶା ବ୍ୟକ୍ତ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ମନ ଚାହୁଁଥିବା ଜିନିଷ ଲାଭ ଦିଗରେ ଉଦ୍ୟମୀ ହେବେ ଓ ଆଶା ମଧ୍ୟ ଅପୂରଣୀୟ ରହିବ ନାହିଁ। ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନ କ୍ଷେତ୍ରରେ ସମୟ କଟାଇବେ। ଅଫିସରେ କୌଣସି ବିଷୟ ନେଇ ତିକ୍ତତା ଦେଖାଦେଇପାରେ। ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କାମ ତଥା ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ** – ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବାରୁ ସାମୟିକ ମୁହଁରେ ଝଲକ ସୃଷ୍ଟି ହେବ। ଅନ୍ୟକୁ ମନେଇବାର କୌଶଳ ପ୍ରୟୋଗ କାରଣରୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ଜମିଜମା, କଚେରି ମାମଲା, ଆଲୋଚନା ସଭା ଓ ଲେଖାପଢ଼ା ଦିଗରୁ ଉପକୃତ ହୋଇପାରନ୍ତି। ଦୂରସ୍ଥ ସନ୍ତାନଙ୍କ ବିଷୟ ଚିନ୍ତା କରି ମନ ଛଟପଟ ହେବ।

**ମିଥୁନ** – ଆଜି ସ୍ଥଗିତ କାମ ତ୍ୱରାନ୍ୱିତ କରିବା ପରିପ୍ରେକ୍ଷୀରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆତ୍ମୀୟଙ୍କ ସହଯୋଗ ଦ୍ୱାରା ଅର୍ଥଲାଭ ଓ ବାଲ୍ୟବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ। ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ପଡ଼ିପାରେ। ଫେରନ୍ତା ବାଟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କର୍କଟ** – ଆଜି ବିରକ୍ତିକର କଥା କହି କିମ୍ବା ପର କଥାରେ ଭୁଲ ମାର୍ଗ ଅନୁସରଣ କରିବେ। ସଭାସମିତିରେ ନୂତନ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଜମିଜମା କାରବାର, ମାଲିମକଦ୍ଦମା, ପ୍ରତିଯୋଗିତାରେ ସଫଳତା ସକାଶେ ଚେଷ୍ଟିତ ହେବେ। ସତ୍‌ସଙ୍ଗ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ସିଂହ** – ବ୍ୟୟ ବୃଦ୍ଧି ଜନିତ ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ବାଣିଜ୍ୟ, ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖାଦେଇପାରେ।

**କନ୍ୟା** – ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ, ଯାହାକି ଦୁଶ୍ଚିନ୍ତା ବୃଦ୍ଧି କରିବ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତିର ସମାଧାନ ଆଶା କରାଯାଇପାରେ।

**ତୁଳା** – ଆଜି ସକାଳୁ ସକାଳୁ ଧାର, କରଜ କିମ୍ବା ପୂର୍ବ ଶତ୍ରୁତା ସାମୟିକ ଆଲୋଚନାର କେନ୍ଦ୍ରବିନ୍ଦୁ ହେବ। ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ଓ ସଫଳତା ମଧ୍ୟ ପାଇବେ। ବନ୍ଧୁମାନଙ୍କ ସହ ହସ ଖୁସି ଓ ବିଳାସ ବ୍ୟସନରେ ସମୟ ଅତିବାହିତ ହେବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ବିଛା** – ଆଳସ୍ୟ ଓ ନିଜସ୍ୱ ଅବହେଳା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ପାଇଁ ଅନୁତପ୍ତ ରହିବେ। ଦୀର୍ଘ ସମୟର କାର୍ଯ୍ୟବ୍ୟସ୍ତତା ହେତୁ ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତ ହେବାକୁ ବାଧ୍ୟ ହେବେ। ଗବେଷଣା, ରଚନାତ୍ମକ କାମ, ସେବା ଓ ପରୋପକାର ହେତୁ ସାମାଜିକ ପ୍ରତିଷ୍ଠା ବଢ଼ିବ।

**ଧନୁ** – ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କରି କେତେକାଂଶରେ ଉପକୃତ ହେବେ।

**ମକର** – କର୍ମକ୍ଷେତ୍ରରେ ଯଥେଷ୍ଟ ସାହାଯ୍ୟ ଲାଭ କରି ମନୋବଳ ବୃଦ୍ଧି ପାଇବ। ସାୟାହ୍ନେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଫେରନ୍ତା ବାଟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ଏଜେନ୍‌ଶିପ, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ତଥା ପ୍ରକାଶନରୁ ଖୁସି ରହିବେ।

**କୁମ୍ଭ** – ଆଜି ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବାର ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି, ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ନୃତ୍ୟ ଓ ସଙ୍ଗୀତରେ ମଜ୍ଜି ରହିପାରନ୍ତି।

**ମୀନ** – ଆଜି ହଠାତ୍ ପ୍ରତ୍ୟୁଷରେ ଯାତ୍ରା କରି ଆଶା କରୁଥିବା ଜିନିଷ ଲାଭ କରିପାରନ୍ତି। ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚିତ ହେବେ। କାର୍ଯ୍ୟହାନି, ଅର୍ଥକ୍ଷୟ, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ମାଲିମକଦ୍ଦମାରୁ ଚିନ୍ତା ବଢ଼ି ଯାଇପାରେ।


# classifieds

**Everyday**
**0674-2580101, 2549302**





## SALE

Plot for Sale at Chhatabar per sq.ft @99/-. 7381268181, 9583295832. D-23232

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner-8249779595.** D-71763

Government Employees ମାନେ ଲୋନ୍‌ରେ ପ୍ଲଟ୍ କିଣନ୍ତୁ। Maharaja College, Gangapada Bhubaneswar sqft.-949/-, 9938016295. D-71800

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9348673415, 6372694842.** D-71799

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71947

**House- M/21, RDA Phase-I at Chhend Colony, 769015 with ground + Two floors. 9439357383, 9040445349.** D-71015

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71865

**13.77 Acre plots by side of state highway 10, near Gomardihi, Kutra, Dist.-Sundergarh with one Petrolpump/ wellfurnished living houses. 9437044900, 9439909433.** D-71014

Furnished 1BHK flat with AC double Bed, Almirah, Chair, Tables Etc. for sale Rs.-16.50lakh 1k.m. from Tankapani road Sai Temple Puri Highway Chhak, Bhubaneswar. 9776080988, 9238361409. D-70778

**MIG-II- 79/2, at OSHB Phase-I, Chandrasekharpur, Bhubaneswar-751016 well furnished living house. 7978472782, 9439357383.** D-71016

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

ଭୁବନେଶ୍ୱର ଜଟଣୀଗେଟ୍ (sqft.-649/-ରୁ 350/-), Sundarpada Xavier (1200sqft. 3,36,000/), ଜାଆଁଳା (sqft.-649/-). Contact: 8114994259, 8658963803. D-23184

**Residential gharabari plot near English Medium School Brahmanjharilo with boundarywall, 7K.m. from Nakhara, Cuttack, 12K.m to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71858

## PURCHASE

ଭୁବନେଶ୍ୱରରେ ନିଜର ନୂଆ କିମ୍ବା ପୁରୁଣା flats duplexes ବିକିବାକୁ ଚାହୁଁଛନ୍ତି କି ? 6371090682. D-68289





**One hour any therapy by expert therapist @999 only. 9078484455.** D-71474

Newly open full body massage ladies and gents. 8327740003. D-71864

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Newly opening SPA positively health benefits with expert therapist. 8917332216. D-71949

Refreshing your mind and body with the best therapy, 7873794731. D-23024

## LOST

I, Mrs. Suman Bhartia, Wife & Legal nominee of deceased Mr. Arun Kumar Bhartia, Holder FDR's No.- 78300300000210, 78300300000275, 78300300000584, 78300300001365, 78300300001759, 78300300002159, 78300300002182 which are lost, will be responsible for any future claims/ objections. D-70999

ଚୈତନ୍ୟ ସାହୁ, ବ୫୮ର୍ଷ, ପିତା- ⁄ସନାତନ ସାହୁ, ସା/ପୋ- ବିଳିପଡ଼ା, ଥା- ବାଙ୍କୀ, ଜି- କଟକ। Mob: 8917300784. ଗତ ୦୫।୦୨।୨୦୨୨ରିଖ ଶନିବାର ସକାଳ ଘ୧୦.୩୦ ମିନିଟ୍‌ସମୟେ ବିଳିପଡ଼ାରୁ ବାଙ୍କୀ ଯିବାବେଳେ ଦଲିଲ ନଂ.୨୧୦୦ମ୍ବର ତା ୧୩।୧୧।୨୦୦୦ମସିହାର ମୌ-ବିଳିପଡ଼ା ସରଧାପୁର, ଖାତା ନଂ.-୭୪୩ମ୍ବର, ପ୍ଲଟ୍ ନଂ.-୯୩୩ ଏ୦.୦୫ଡିସିମିଲ ଥିବା ଦଲିଲ ଓ ଅନ୍ୟାନ୍ୟ କାଗଜପତ୍ର ଖସି ପଡ଼ିଛି। ଧ-୭୩୨୪୬

## AFFIDAVIT

By virtue of an affidavit before Executive Magistrate, Balasore Registration Number-823 of Dt. 18/02/2022, I NARENDRA KUMAR MALIK, S/o Late Jogendra Malik of Vill-Mulakaeda, Po-Anantapur, PS-Soro, Dist.- Balasore, I have changed my name from NARENDRA MALIK to NARENDRA KUMAR MALIK for all purposes. D-23244

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ଉଦ୍ୟୋଗ ନୀତି ସରଳ ହେଉ

**ମସଲା ଆମର ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଉପାଦାନ ପାଲଟିଛି। ପୂର୍ବରୁ ଗୃହିଣୀମାନେ ମସଲା ବାଟି ବ୍ୟଞ୍ଜନରେ ବ୍ୟବହାର କରୁଥିବାବେଳେ ଏବେ ସବୁଠି ପ୍ୟାକେଟ ସ୍ପାଇସ୍‌ର ଚାହିଦା ରହିଛି। ଏହି ଚାହିଦାକୁ ଅନେକାଂଶରେ ପୂରଣ କରିଛି ଦିବ୍ୟ ମଲ୍ଟିଗ୍ରେନ୍ସ ପ୍ରାଇଭେଟ୍ ଲିଃର ମସଲା ପ୍ରସ୍ତୁତକାରୀ ୟୁନିଟ୍ ହୋମ୍‌ଫିଲ୍ସ। ତେବେ ସରକାର ନିଜ ଉଦ୍ୟୋଗ ନୀତିକୁ ସରଳ କଲେ ମସଲା ଶିଳ୍ପ ଆହୁରି ବ୍ୟାପକ ହୋଇପାରିବ ବୋଲି କୁହନ୍ତି ହୋମ୍‌ଫିଲ୍ସ ପରିଚାଳନା ନିର୍ଦ୍ଦେଶକ ବିଚିତ୍ରାନନ୍ଦ ସେନାପତି। ମା'ବାପାଙ୍କ ସହ ରାଉରକେଲାରେ ରହୁଥିବାବେଳେ ସେ ସ୍ନାତକ ଡିଗ୍ରୀ ହାସଲ ପରେ ଚାକିରି ଅନ୍ୱେଷଣ ପରିବର୍ତ୍ତେ ମାର୍କେଟିଂ କରୁଥିଲେ। ପରେ ସେ ଭୁବନେଶ୍ୱର ଆସି ନିଜର ସ୍ୱତନ୍ତ୍ର କମ୍ପାନୀ ପ୍ରତିଷ୍ଠା କଲେ। ଗ୍ରାହକଙ୍କୁ ସୁସ୍ୱାଦୁ ଓ ଉତ୍ତମ ଗୁଣବତ୍ତାର ମସଲା ଯୋଗାଇ ସେମାନଙ୍କ ହୃଦୟରେ ରହିବା ତାଙ୍କର ଉଦ୍ଦେଶ୍ୟ ବୋଲି ଧରିତ୍ରୀ ସହ ସାକ୍ଷାତ୍‌କାର ବେଳେ ମତ ଦେଇଛନ୍ତି ବିଚିତ୍ରାନନ୍ଦ।**


ବିଚିତ୍ରାନନ୍ଦ ସେନାପତି, ଏମ୍‌ଡି, ହୋମ୍‌ଫିଲ୍ସ ସ୍ପାଇସେସ୍ ଆଣ୍ଡ ଫୁଡ୍ ପ୍ରଡକ୍ଟ

ଧରିତ୍ରୀ | OrissaPOST BUSINESS EMINENCE AWARDS

**⇨ ହୋମ୍‌ଫିଲ୍ସ ଉତ୍ପାଦଗୁଡ଼ିକ ଅନ୍ୟମାନଙ୍କଠାରୁ କିଭଳି ଭାବରେ ଭିନ୍ନ?**

ହୋମ୍‌ଫିଲ୍ସ ଉତ୍ପାଦରେ କୌଣସି ପ୍ରକାର କୃତ୍ରିମ ରଙ୍ଗ, ରସାୟନିକ ପଦାର୍ଥ କିମ୍ବା ଫ୍ଲେଭର ମିଶି ନ ଥାଏ। ଏହା ଏକ ପ୍ରିମିୟମ ଗୁଣବତ୍ତାଯୁକ୍ତ ପଦାର୍ଥ। ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାରେ ହୋମ୍‌ଫିଲ୍ସ ମସଲାକୁ କମ୍ ମାତ୍ରାରେ ବ୍ୟବହାର କଲେ ମଧ୍ୟ ଏହା ଠିକ୍ ଭାବରେ କାର୍ଯ୍ୟ କରିଥାଏ। ଖାଦ୍ୟର ରଙ୍ଗ ଓ ସ୍ୱାଦ ଏହି କମ୍ପାନୀର ଉତ୍ପାଦଗୁଡ଼ିକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ପରିଚୟ ଦିଏ।

**⇨ ଆପଣ ସରକାରଙ୍କଠାରୁ କେଉଁ ପ୍ରକାର ସହଯୋଗ ଆଶା କରୁଛନ୍ତି?**

ଏହି ଉଦ୍ୟୋଗର ଉନ୍ନତି ଦିଗରେ ସହଯୋଗ କରିବାକୁ ହେଲେ ପ୍ରଥମେ ସରକାରଙ୍କୁ ଏକ ଭ୍ରଷ୍ଟାଚାରମୁକ୍ତ ବାତାବରଣ ତିଆରି କରିବାକୁ ପଡ଼ିବ। ଏଥିସହିତ ଔଦ୍ୟୋଗିକ ନୀତିକୁ ସରଳ ଏବଂ ସୁବିଧାଜନକ କରିବା ଆବଶ୍ୟକ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ସରକାର ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଏମ୍‌ଏସ୍‌ଏମ୍‌ଇକୁ ସହଜରେ ଫଣ୍ଡିଂ ସୁବିଧା ପ୍ରଦାନ କରିବା ଦରକାର। ବ୍ୟାଙ୍କଗୁଡ଼ିକରୁ ଆର୍ଥିକ ସହାୟତା ପାଇବା ବର୍ତ୍ତମାନ ଏତେ ସହଜ ନୁହେଁ। ତେଣୁ ସରକାର ଏ ଦିଗରେ ସହଯୋଗର ହାତ ବଢ଼ାଇବା ଉଚିତ।

**⇨ କୋଭିଡ୍–୧୯ ଆସିବା ପରଠାରୁ ଲୋକେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମକୁ ଅଧିକ ପସନ୍ଦ କରୁଛନ୍ତି। ଅନ୍‌ଲାଇନ୍ ମାର୍କେଟର ଏହି ଟ୍ରେଣ୍ଡ ଉପରେ କ'ଣ କହିବେ?**

ବର୍ତ୍ତମାନ ସମୟକୁ ଦେଖିଲେ ଏହି ଟ୍ରେଣ୍ଡ ଠିକ୍। କାରଣ ଗ୍ରାହକ ସଂଖ୍ୟା ବଢ଼ାଇବା ଏବଂ ସେମାନଙ୍କ ନିକଟରେ ପହଞ୍ଚିବା ପାଇଁ ଏହାକୁ ଏକ ନୂତନ ବ୍ୟବସ୍ଥା କିମ୍ବା ବିକଳ୍ପ ବୋଲି କୁହାଯାଇପାରିବ।

**⇨ ଭବିଷ୍ୟତ ପାଇଁ କିଛି ବିସ୍ତୃତ ଯୋଜନା ରହିଛି କି?**

ହଁ, ପ୍ରଥମରୁ ହିଁ ଆମେ ନିଜ ୟୁନିଟ୍‌କୁ ବିସ୍ତାର କରିବା ପ୍ରକ୍ରିୟା ଚଳାଇଛୁ। ଆମେ କଟକ ଜିଲାର ରାମଦାସପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ରେ ଦୈନିକ ୩୦ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଭଲ ରପ୍ତାନି ଅଭିମୁଖୀ ପ୍ଲାଣ୍ଟ ଆରମ୍ଭ କରିବାକୁ ଯାଉଛୁ।

**⇨ ଅନ୍‌ଲାଇନ୍ କାରବାର ବ୍ୟବସାୟର ଏକ ସୁବିଧାଜନକ ପନ୍ଥା ବୋଲି ଆପଣ ଭାବୁଛନ୍ତି କି?**

ହଁ, ବିଭିନ୍ନ ସମୟରେ ଚାଲୁଥିବା ଟ୍ରେଣ୍ଡକୁ ସ୍ୱୀକାର କରିବାକୁ ଆମେ ବାଧ୍ୟ। ନଚେତ୍ ଆମେ ବର୍ତ୍ତମାନର ପ୍ରତିଯୋଗିତାମୂଳକ ବଜାରରେ ପଛରେ ରହିଯିବା।

**⇨ ବ୍ୟବସାୟ ଓ ପରିବାର ମଧ୍ୟରେ ସମାନତା କିପରି ରଖୁଛନ୍ତି।**

ଗୋଟେ ପଟେ ଜୀବନ ହେଲେ ଅନ୍ୟପକ୍ଷେ ଜୀବିକା ରହିଛି। ଉଭୟ ଜୀବନ ଓ ଜୀବିକା ମଧ୍ୟରେ ସନ୍ତୁଳନ ରଖିବାକୁ ହେଲେ ସମୟବଦ୍ଧ ସୂଚୀ ଓ ନିରବଚ୍ଛିନ୍ନ ଅଧ୍ୟବସାୟ ରହିବା ଆବଶ୍ୟକ। ସେହିପରି ଉଭୟ ପକ୍ଷରୁ ମଧ୍ୟ ସମ ପରିମାଣରେ ସହଯୋଗ ମିଳିବା ଜରୁରୀ। କଷ୍ଟ ହେଲେ ମଧ୍ୟ ସମୟ ଓ ଶକ୍ତିର ଉପଯୋଗ କରି ସମାନତା ରକ୍ଷା କରୁଛି।

# ନାଗରିକ ହିଁ ପ୍ରଶାସନର କେନ୍ଦ୍ରବିନ୍ଦୁ: ସିଏସ୍

## ନ୍ୟାୟିକ ସେବା ଶିକ୍ଷାନବିସଙ୍କ ଦିନିକିଆ ଲୋକସେବା ଭବନ ପରିଦର୍ଶନ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ନ୍ୟାୟିକ ସେବା ଶିକ୍ଷାନବିସମାନଙ୍କ ପ୍ରଶାସନିକ ବ୍ୟବସ୍ଥା ସହ ସିଧାସଳଖ ପରିଚୟ ଲାଗି ରାଜ୍ୟ ଲୋକସେବା ଭବନକୁ ଦିନିକିଆ ପରିଦର୍ଶନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକ ହିଁ ପ୍ରଶାସନର କେନ୍ଦ୍ରବିନ୍ଦୁ ଏବଂ ସର୍ବଶ୍ରେଷ୍ଠ। ଗଣତନ୍ତ୍ରର ୪ଟି ସ୍ତମ୍ଭ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ କାର୍ଯ୍ୟ କରନ୍ତି। ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧି ଏବଂ ବିଧାୟକମାନେ ଲୋକଙ୍କ ଆଶା ଆକାଂକ୍ଷା ବିଷୟ ନିର୍ଦ୍ଧାରଣ କରିବାରେ ଠିକ୍ ଭୂମିକା ନିଭାଇଥାଆନ୍ତି। କାରଣ ଲୋକମାନଙ୍କ ସହ ସେମାନଙ୍କର ସିଧାସଳଖ ଯୋଗାଯୋଗ ଥାଏ। ସମସ୍ତ ପ୍ରକାର ସୁବିଧା ଅସୁବିଧା ସହ ସେମାନେ ଲୋକଙ୍କ ଗହଣରେ ବସବାସ କରନ୍ତି। ତେଣୁ ବ୍ୟବସ୍ଥାପକ ସଭା ଦ୍ୱାରା ପ୍ରଣୀତ ଆଇନ ଲୋକଙ୍କ ଆଶା ଆକାଂକ୍ଷାକୁ ପ୍ରତିଫଳନ କରେ। ସେସବୁ ପୂରଣ ନିମନ୍ତେ କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ଜନସାଧାରଣଙ୍କ ସେବକଭାବେ କାର୍ଯ୍ୟକରେ। ରାଜ୍ୟର ସର୍ବୋଚ୍ଚ ଅଧିକାରୀଙ୍କଠାରୁ ଆରମ୍ଭକରି ଗ୍ରାମ ସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଜନସାଧାରଣଙ୍କ ସେବକ। ନିର୍ଦ୍ଧାରିତ ନିୟମ ଅନୁଯାୟୀ ସମଭାବରେ ସମସ୍ତଙ୍କୁ ଠିକ୍ ସେବା ଯୋଗାଇବା ସମସ୍ତଙ୍କ ମୁଖ୍ୟ କାମ ବୋଲି ମହାପାତ୍ର କହିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର କହିଛନ୍ତି, ପ୍ରଶାସନିକ ବ୍ୟବସ୍ଥାର ସଂରଚନା ଏବଂ କାର୍ଯ୍ୟପଦ୍ଧତି ବିଷୟରେ ବାସ୍ତବ ଜ୍ଞାନ ଆଇନ ସେବା ପ୍ରଦାନରେ ସହାୟକ ହେବ। ତେଣୁ ଏହି ଆଲୋଚନାରେ ବିଭିନ୍ନ ବିଭାଗର କାର୍ଯ୍ୟପ୍ରଣାଳୀ ଯୋଜନା ଏବଂ ନୀତିନିୟମକୁ ସାମିଲ କରାଯାଇଛି। ଆଇନ ବିଭାଗ ଭାରପ୍ରାପ୍ତ ଶାସନ ସଚିବ ପ୍ରତାପ କୁମାର ପାତ୍ର କହିଛନ୍ତି, ଆଇନସେବା ଶିକ୍ଷାନବିସମାନେ ନିଜ ମନରେ କୌଣସି ବ୍ୟକ୍ତି ବା ବ୍ୟବସ୍ଥା ପ୍ରତି ଥିବା ପୂର୍ବ ଅବଧାରଣାକୁ ମନରୁ ପୋଛିଦେଇ ବ୍ୟବସ୍ଥାର ବାସ୍ତବ କାର୍ଯ୍ୟକରିବା ଶୈଳୀକୁ ବୁଝନ୍ତୁ। ପ୍ରଶାସନିକ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ହେଉଛି ଠିକ୍ ଭାବେ ନିର୍ଦ୍ଧାରିତ ସେବା ଯୋଗାଣ ଏବଂ ବ୍ୟବସ୍ଥାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଏହି ଲକ୍ଷ୍ୟ ପାଇଁ ସମର୍ପିତ। ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ବା ଅଧିକାରୀଙ୍କ ବିରୋଧରେ ନିର୍ଭରଯୋଗ୍ୟ ପ୍ରାମାଣିକ ତଥ୍ୟ ନ ମିଳିଛି ସେ ପର୍ଯ୍ୟନ୍ତ ସମସ୍ତଙ୍କୁ ସଚ୍ଚୋଟ ଏବଂ ସମର୍ପିତ ବୋଲି ଆମକୁ ଗ୍ରହଣ କରିବାକୁ ହେବ ବୋଲି ସେ କହିଛନ୍ତି।



**BEFORE THE DEBTS RECOVERY TRIBUNAL, CUTTACK,ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 780 / 2019**
**INDIAN OVERSEAS BANK, BRANCH AT JOBRA** .....Applicant
Versus
**SRI DILLIP KUMAR PARIDA** ........Defendant(s)
To,
**SRI DILLIP KUMAR PARIDA,** S/O: PRATAP CHANDRA PARIDA, (i) AT: LAXMI VIHAR, LAXMANPUR, P.O: JAGATPUR, DIST: CUTTACK . (ii) OFFICE AT PLOT NO. 203/A, NEW INDUSTRIAL ESTATE, JAGATPUR, CUTTACK-7540021 .

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 780 / 2019** in the court of the Debts Recovery Tribunal, Cuttack for recovery of **Rs.26,86,010/-** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorized agent in support of their defence to show cause within 30 days from the publication or on **31.03.2022** at **10.30** am as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 18th day of February, 2022 .

Sd/-
**(M.K. Patnaik)**
**REGISTRAR**

# ପଛୁଆବର୍ଗ ଜନଗଣନା ପରେ ପୌର ନିର୍ବାଚନ ହେଉ

## ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରାଜ୍ୟର ୧୦୭ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ଏବଂ ୩ଟି ମହାନଗର ନିଗମରେ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଛି। କିନ୍ତୁ ପଛୁଆବର୍ଗ ଜନଗଣନା ହୋଇ ନ ଥିବା ଯୋଗୁ ପଞ୍ଚାୟତ ନିର୍ବାଚନ ଭଳି ରାଜ୍ୟର ୫୨ଭାଗ ଓବିସି ନିଜ ଅଧିକାର ହରାଇବେ ବୋଲି ସମାଜବାଦୀ ପାର୍ଟି ଅଭିଯୋଗ କରିଛି। ଏନେଇ ଦଳର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଏକ ୩ ଜଣିଆ ପ୍ରତିନିଧି ଦଳ ଗୁରୁବାର ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ପଛୁଆବର୍ଗ ସଂରକ୍ଷଣ ବିନା ପୌର ନିର୍ବାଚନ କରାଗଲେ ରାଜ୍ୟ ନଗର ଉନ୍ନୟନ ବିଭାଗର ବିକାଶ ପ୍ରକ୍ରିୟାରୁ ୫୨ ଭାଗ ପଛୁଆବର୍ଗ ବାଦ୍ ପଡ଼ିବାକୁ ଯାଉଛନ୍ତି। ୨୦୨୨ ଏପ୍ରିଲରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଆଉ ୬ ମାସ ଘୁଞ୍ଚାଇ ଦିଆଯାଇ ପଛୁଆବର୍ଗ ଜନଗଣନା ସମ୍ପୂର୍ଣ୍ଣ କରିବା ପରେ ପୌର ନିର୍ବାଚନ କରାଇଲେ ରାଜ୍ୟର ପଛୁଆବର୍ଗ ତାଙ୍କର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରନ୍ତେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟପାଳ ହସ୍ତକ୍ଷେପ କରି ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ ଓ ଯୁବ ଜନସଭାର ଜାତୀୟ ସମ୍ପାଦକ ସୁନୀଲ ମିଶ୍ର ପ୍ରମୁଖ ସାମିଲ ଥିଲେ।


କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ଗୁରୁବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରୁଛନ୍ତି।

# ଆଜିଠୁ ଖଣିମନ୍ତ୍ରୀମାନଙ୍କୁ ନେଇ ୨ଦିନିଆ ସମ୍ମିଳନୀ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

- **କୋଣାର୍କ ଓ ଭୁବନେଶ୍ୱରରେ ହେବ ସମ୍ମିଳନୀ**
- **ଇସ୍ପାତ କ୍ଷେତ୍ରରେ ଥିବା ସମସ୍ୟା ଉପରେ ହେବ ଆଲୋଚନା**
- **ଓଡ଼ିଶାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ**

ବିଭିନ୍ନ ରାଜ୍ୟର ଖଣି ଓ ଇସ୍ପାତ ମନ୍ତ୍ରୀମାନଙ୍କୁ ନେଇ ଏକ ୨ଦିନିଆ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଛି। ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏବଂ ଶନିବାର କୋଣାର୍କ ଏବଂ ଭୁବନେଶ୍ୱରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରଥମ ଦିନ କୋଣାର୍କ ସମ୍ମିଳନୀରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ୍ ସିଂ କୁଲସ୍ତେ ଯୋଗଦେବେ। କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ଗୁରୁବାର ଓଡ଼ିଶାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ରାଜ୍ୟର ବିଭିନ୍ନ ଖଣି ସହ ଜଡ଼ିତ ବହୁ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଏହି ସମ୍ମିଳନୀରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବିଭିନ୍ନ ରାଜ୍ୟର ଖଣି ଓ ଶିଳ୍ପ ମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ ରାଷ୍ଟ୍ରାୟତ୍ତ ଇସ୍ପାତ କମ୍ପାନୀର ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ଏଥିରେ ଖଣି ଓ ଇସ୍ପାତ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବିଷୟ ବିଶେଷ ଭାବେ ରାଜ୍ୟଗୁଡ଼ିକ ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା କରାଯିବ। ସେହିପରି ଶନିବାର ଭୁବନେଶ୍ୱରରେ ସ୍ଥାନୀୟ ଶିଳ୍ପ ଜଗତର ପ୍ରତିନିଧିମାନଙ୍କ ସହ ଏକ ଆଲୋଚନା ଅନୁଷ୍ଠିତ ହେବ। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏଥିରେ ଯୋଗଦେବେ। ଏହି ଅବସରରେ ଇସ୍ପାତ କ୍ଷେତ୍ରରେ ଥିବା ସମସ୍ୟା ଏବଂ ଆବଶ୍ୟକ ନୀତିଗତ ବିଷୟବସ୍ତୁ ନେଇ ଆଲୋଚନା ଅନୁଷ୍ଠିତ ହେବ। ବିଶେଷଭାବେ ଇସ୍ପାତ କ୍ଷେତ୍ର ପାଇଁ ପିଏଲ୍‌ଆଇ ଯୋଜନା ଉପରେ ଏକ ଉପସ୍ଥାପନା ଦିଆଯିବ। ସମ୍ମିଳନୀରେ ଯୋଗଦେବା ପୂର୍ବରୁ ଗୁରୁବାର ବହୁ ଅତିଥି ଓଡ଼ିଶାରେ ପହଞ୍ଚି କୋଣାର୍କ ଏବଂ ଶ୍ରୀମନ୍ଦିର ପରିଦର୍ଶନ କରିଥିବା ଜଣାପଡ଼ିଛି।

**BOARD OF SECONDARY EDUCATION, ODISHA, CUTTACK**
**Notification No. 219 / (Exam. Conf.)/ Dt. 23.02.2022**
**TENDER NOTICE FOR TEMPORARY INSTALLATION OF CCTV CAMERAS & VIDEO SURVEILLANCE SYSTEM (USING VIDEO MANAGEMENT SOFTWARE)**

Sealed Tenders are invited from reputed firms having experience in installation of CCTV cameras and its accessories.

Tender paper cost of Rs. 500/- and E.M.D. of Rs. 20,000/- both in shape of Bank Draft drawn in favour of The Secretary, B.S.E., Odisha, Cuttack must be enclosed with the tender form. Sealed tenders should reach the office of the BSE, Odisha, Cuttack, Bajrakabati Road, Cuttack - 753001 on or before 07/03/2022 (5.00 pm). .

The tender documents are available in the website www.bseodisha.nic.in.

Sd/- Secretary

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.1873/PSC, Dt.24.02.22**
**(1R-77-21/22) (DR-V)**

**No.D-328:**It is for information of all concerned that, the candidates bearing following PPSAN are called for interview as per the programme drawn below for recruitment to the post of **Associate Professor in Statistics**, pursuant to the advertisement No. 06 of 2021-2022,

| Date | Time of Interview | PPSAN |
|---|---|---|
| **11.03.2022** | 10.30 A.M. | 00109175,00091477, 00109031, 00109888, 00110581, 00090494 & 00095455 = **07 Candidates** |

**The candidates are advised to produce following documents at the time of interview:-**
**1. All original Research Publications/Books.**
**2. Photocopy of front and back cover pages of published books-04 sets.**
**3. Photocopies of 10 best original publications-04 sets**

In case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview. It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection. The candidates are further advised to report in the office of the Commission half an hour before the commencement of interview on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the interview process.

**Sd./-Secretary**
**OIPR-12002/11/0266/2122**

କ୍ରମବିକାଶ ଶେଷ ହୋଇନାହିଁ। ତର୍କ ବୁଦ୍ଧି ବି ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ। ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ - ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍ଭବ ଯେପରି ପଶୁ ଭିତରୁ ହେଲା- ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍ଭବ ହେବ। -ଶ୍ରୀଅରବିନ୍ଦ



# ଢୋଲପୁରରୁ ଶିକ୍ଷା



ନଚିକେତ ମୁର

୨୦୧୭ରେ ରାଜସ୍ଥାନ ଢୋଲପୁର ଜିଲାରେ କିଶୋରୀମାନଙ୍କୁ ଯୌନ ସ୍ୱାସ୍ଥ୍ୟ ସମ୍ପର୍କରେ ଶିକ୍ଷା ଦେବା ଲାଗି 'ଉଡାନ' କାର୍ଯ୍ୟକ୍ରମ ଆରମ୍ଭ କରାଯିବା ପରେ ଏହାକୁ ତୀବ୍ର ବିରୋଧ କରାଯାଇଥିଲା। 'ତୁମେ ଆମ ଝିଅମାନଙ୍କୁ ନଷ୍ଟ କରିଦେଉଛ...' କିମ୍ବା 'ସେମାନଙ୍କୁ ଏଭଳି ଯୌନ ସ୍ୱାସ୍ଥ୍ୟ ସମ୍ପର୍କରେ ସବିଶେଷ ଶିକ୍ଷା ଦେବାର ଆବଶ୍ୟକତା ନାହିଁ' ଏବଂ 'ଆମେ ଏହାକୁ ଅନୁମତି ଦେବୁ ନାହୁଁ'ବୋଲି ମନ୍ତବ୍ୟ ପ୍ରକାଶ ପାଇଥିଲା। ଏସବୁ ପ୍ରତିକ୍ରିୟା ଅତି ମାମୁଲି ଥିଲା। ଜଣେ ବ୍ଲକ୍ କୋଅର୍ଡିନେଟର କହିଥିଲେ ଯେ,ସେମାନଙ୍କୁ ସ୍କୁଲ ଶିକ୍ଷକ ଏବଂ ସ୍ଥାନୀୟ ସମାଜ ଧମକ ଦେଉଛନ୍ତି। ଫଳରେ ଏହା ଉପରେ ଅନେକ କ୍ଲାସ୍ ଚାଲିପାରିଲା ନାହିଁ। ଦୃଢ଼ତାର ସହ ଲୋକମାନଙ୍କୁ ବୁଝାଇ ଓ ସେମାନଙ୍କ କଥା ଶୁଣି ଏବଂ ଲଗାତର ପରାମର୍ଶ ଦେବା ପରେ ଏ ସମ୍ପର୍କିତ ଶିକ୍ଷା ପ୍ରଦାନ ଲାଗି ଏକ ସୁରକ୍ଷିତ ବାତାବରଣ ସୃଷ୍ଟି କରାଯାଇପାରିଥିଲା। କ୍ଲାସ ଆରମ୍ଭ ହେବା ଯୋଗୁ ସତ୍ୟ କ'ଣ ପଦାକୁ ଆସିଲା। ଫଳରେ 'ଉଡାନ'କୁ ବିରୋଧ କରିବା ପରିବର୍ତ୍ତେ ଲୋକେ ଗ୍ରହଣ କଲେ। ଏପରିକି ଏହାକୁ ଆରମ୍ଭରୁ ବିରୋଧ କରୁଥିବା ଜଣେ ସ୍କୁଲ ଶିକ୍ଷକ ପରେ ଏହା ସପକ୍ଷରେ ମତ ଦେଇଥିଲେ ଯେ, ଆମେ କିଶୋରଙ୍କ ସ୍ୱାସ୍ଥ୍ୟକୁ ଅଣଦେଖା କରୁଛୁ, ହେଲେ ସ୍କୁଲରେ ଏ ସମ୍ପର୍କରେ ଶିକ୍ଷା ଦେଲେ ତାହା ଆମ ଛାତ୍ରମାନଙ୍କ ଭବିଷ୍ୟତ ପାଇଁ ଉତ୍ତମ। ଏଭଳି ମନ୍ତବ୍ୟଏହି ଶିକ୍ଷାର ଗ୍ରହଣୀୟତାକୁ ସ୍ପଷ୍ଟ କରିଥିଲା। ଢୋଲପୁର ଶିକ୍ଷା ଜିଲାରେ ମୋଟରେ ୨୮୨ଟି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲର ୭୮,୦୦୦ ହଜାର ଝିଅପୁଅଙ୍କୁ ଏହି ଶିକ୍ଷାଦେବାର ପଦକ୍ଷେପ ନେଇଛି। ଢୋଲପୁରର ଏହି ସଫଳ ଗାଥାକୁ କମ୍ ଜାଣନ୍ତି। କିନ୍ତୁ ଏହା ଅବଶିଷ୍ଟ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରିଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ରହିଥିବା ବାଧାକୁ ଦୂର କରିବା ଲାଗି ଢୋଲପୁରର କାର୍ଯ୍ୟକ୍ରମ ଏକ ସ୍ପଷ୍ଟ ବାଟ ଦେଖାଇଛି।

କିଶୋରୀକିଶୋରମାନଙ୍କ ପାଇଁ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷାର ଗୁରୁତ୍ୱ ରହିଛି। ହେଲେ ଏହାକୁ ସେଭଳି ଗୁରୁତ୍ୱର ସହ ନିଆଯାଇପାରୁନାହିଁ। ବାସ୍ତବରେ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣରେ ନିବେଶ ଦ୍ୱାରା ସେମାନଙ୍କ ଭବିଷ୍ୟତ ଗଢ଼ାଯାଇପାରିବ। ଏହାକୁ ଲକ୍ଷ୍ୟ କରି କେନ୍ଦ୍ର ସରକାର ୨୦୧୪ରେ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ନ୍ୟାଶନାଲ ଅଡୋଲସେଣ୍ଟ ହେଲ୍ଥ ପ୍ରୋଗ୍ରାମ) ଆରମ୍ଭ କରିଥିଲେ। ସେତେବେଳେ ୨୪ ମିଲିୟନ କିଶୋରଙ୍କ ବିକାଶ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ କରିବା ଲାଗି ଏହା ଆରମ୍ଭ କରାଯାଇଥିଲା। ସେମାନଙ୍କ ଜ୍ଞାନ ଓ ପୋଷକ ସ୍ତର ବଢାଇବା ସହ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ(ଏସ୍ଆର୍ଏଚ୍)ସମ୍ପର୍କିତ ଦୃଷ୍ଟିକୋଣ ଓ ଆଚରଣରେ ଉନ୍ନତି ଆଣିବା ଥିଲା ଏହାର ଲକ୍ଷ୍ୟ। କିନ୍ତୁ ଏହି ପ୍ରୋଗ୍ରାମ ଆରମ୍ଭ ହେବା ପରଠାରୁ ଆଉ ତା'ସମ୍ପର୍କରେ ବେଶି କିଛି ଶୁଣିବାକୁ ମିଳୁନାହିଁ। ହେଲେ ଏହା ଉପରେ କିଛି କରାଯାଇପାରିବ ଏବଂ ଏହାକୁ ଅନୁସରଣ କରାଯିବା ଉଚିତ ବୋଲି ରାଜସ୍ଥାନ ସରକାର 'ଉଡାନ' ଆରମ୍ଭ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି।

ରାଜସ୍ଥାନ ଏଥିରେ କିଭଳି ସଫଳତା ହାସଲ କଲା ତାହା ବିଚାର କରିବା। ରାଜସ୍ଥାନ ଜନସଂଖ୍ୟାର ୨୩ ପ୍ରତିଶତ ହେଉଛନ୍ତି ୧୦ରୁ ୧୯ ବର୍ଷ ବୟସର ବାଳିକାବାଳକ। ସାଧାରଣତଃ କିଶୋର ଅବସ୍ଥାରେ ଶାରୀରିକ ପରିବର୍ତ୍ତନ ହେବା ସହ ମାନସିକ ପରିପକ୍ୱତା ଆସିଥାଏ ଓ ଏହି ଦୁଇ ଦିଗ ଉପରେ ଧ୍ୟାନ ଦେବା ଦରକାର। ଏଣୁ ରାଜସ୍ଥାନ ସରକାର ସେମାନଙ୍କ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ସହ ଏହା ଉପରେ ନିବେଶ କରିଥିଲେ। କହିବାକୁ ଗଲେ,ଏଭଳି ଅଳ୍ପ ନିବେଶ ଜଣେ ବ୍ୟକ୍ତିର ଜୀବନ ଗଢିବା ଲାଗି ଶକ୍ତି ଯୋଗାଇବ ତଥା ଗୋଟିଏ ଦେଶର ଭବିଷ୍ୟତ ନିର୍ମାଣରେ ସହାୟକ ହେବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍କେଏସ୍କେ) ଅଧୀନରେ ସରକାର ଢାଞ୍ଚାଗତ ସମସ୍ୟା ଦୂର କରିବା ଲାଗି ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ କିଶୋରୀମାନଙ୍କ ପାଇଁ ସରକାର 'ଉଜ୍ଜ୍ୱଳ' ହେଲ୍ଥ କ୍ଲିନିକ ଆରମ୍ଭ କରିଛନ୍ତି । ଏଥିରେ ସପ୍ତାହରେ ଆଇରନ ଏବଂ ଫଲିକ୍ ଏସିଡ୍ ସପ୍ଲିମେଣ୍ଟ ଯୋଗାଇ ଦିଆଯାଉଛି। ଉକ୍ତ କ୍ଲିନିକରେ ମାଗଣାରେ ସାନିଟାରି ପ୍ୟାଡ ଉପଲବ୍ଧ ହେଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଭଳି ଢାଞ୍ଚାଗତ ବିକାଶଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ସେଗୁଡ଼ିକୁ ଯୁବବର୍ଗଙ୍କ ବ୍ୟବହାରଗତ ସମସ୍ୟା ଦୂର କରିବା ଲାଗି ଗ୍ରହଣ କରାଯାଏ ତେବେ ଲାଭ ମିଳିବ। ମୁଖ୍ୟତଃ ଯଦି ଯୁବପିଢ଼ିଙ୍କ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇପାରିବ ତେବେ ଏହାର ପ୍ରଭାବକୁ ଭଲ ଭାବେ ଅନୁଭବ କରିହେବ। ତଥ୍ୟରୁ ଜଣାପଡ଼ିଛି ଯେ,ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ସମ୍ପର୍କରେ ବୟସ୍କ ଯୁବକଙ୍କ ଜ୍ଞାନ କମ୍ ରହିଛି ଓ ବହୁ ସମୟରେ ତ୍ରୁଟିପୂର୍ଣ୍ଣ ରହୁଛି। ଏଭଳି ବ୍ୟବହାରଗତ ସମସ୍ୟା ଦୂର କରିବା ଲାଗି ନିଆଯାଉଥିବା ପଦକ୍ଷେପଗୁଡ଼ିକ ଆଦ୍ୟ ଗର୍ଭଧାରଣ, ଲିଙ୍ଗଗତ ନିୟମ ଏବଂ ବିଶେଷକରି ଯୌନ ସ୍ୱାସ୍ଥ୍ୟ ସମ୍ପର୍କରେ ଜଣାଇବା ସହ ଏଥିରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ଏବେ ପ୍ରାପ୍ତ ବୟସ୍କ ଝିଅମାନଙ୍କ ଋତୁସ୍ରାବରେ କିଛି ପରିବର୍ତ୍ତନ ସେମାନଙ୍କ ଅବ୍ୟସ୍ଥିତ ଜୀବନଶୈଳୀ ଯୋଗୁ ହେଉଛି ବୋଲି କୁହାଯାଉଛି। ଯଦି ଏହା ଉପରେ ଠିକ୍ ଭାବେ ଚିନ୍ତା କରା ନ ଯାଏ ତେବେ ସେମାନଙ୍କ ଆଚରଣ ତ୍ରୁଟିପୂର୍ଣ୍ଣ ହୋଇଯିବ। ସେମାନେ ବିଷାଦଗ୍ରସ୍ତ ହୋଇଯିବେ। ଏପରି କି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିବେ।

ବହୁ ସ୍ଥାନରେ ଏହିସବୁ ସମସ୍ୟା ଦୂର କରାଯିବା ଲାଗି ଶିକ୍ଷା ଦିଆଯାଇପାରିବ। ହେଲେ ସ୍କୁଲ ହେଉଛି ସବୁଠୁ ସୁରକ୍ଷିତ , ବିଶ୍ୱାସ ଯୋଗ୍ୟ ଏବଂ ପ୍ରଭାବଶାଳୀ କ୍ଷେତ୍ର। ଯୌନ ସ୍ୱାସ୍ଥ୍ୟ ବିଷୟରେ ଶିକ୍ଷା ଦେବା ଲାଗି ସ୍କୁଲକୁ ବାଛିବା ପୂର୍ବରୁ କିଛି ବାଧା ହୁଏତ ଆସିବାରେ। ଏଣୁ ଏହାକୁ ଦୂର କରିବା ଦରକାର। ଶିକ୍ଷକ, ଅଭିଭାବକ ଏବଂ ସର୍ବଶେଷରେ ସମାଜ ଏହା ଉପରେ କ'ଣ ଚିନ୍ତା କରୁଛି ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯୁବମାସିକତା ଉପରେ ଏହାର କି ପ୍ରଭାବ ରହିଛି ତାହା ଚିନ୍ତା କରିବା ଦରକାର। ଜଣାପଡ଼ିଛି ଯେ, ଏଭଳି କାର୍ଯ୍ୟକ୍ରମଗୁଡ଼ିକ ଯୌନ କାର୍ଯ୍ୟକଳାପ ବୃଦ୍ଧି ନ କରି ସେମାନଙ୍କ ଜିଜ୍ଞାସାର ସମାଧାନ କରିବାରେ ସହାୟକ ହୋଇପାରିବ।

ସ୍କୁଲରେ ଉଚ୍ଚଗୁଣବତ୍ତା ଯୌନ ସ୍ୱାସ୍ଥ୍ୟ ଶିକ୍ଷା ସୁପ୍ରଶିକ୍ଷିତ ଶିକ୍ଷକ ଏବଂ କର୍ମଚାରୀଙ୍କ ଦ୍ୱାରା ପଢାଯାଉଛି। ତାହା କିଭଳି ଛାତ୍ରମାନଙ୍କ ପାଇଁ ଉପଯୋଗୀ ହେବ ଓ ସେଥିରେ ସେମାନେ ସାମିଲ ହେବେ ସେଥିପାଇଁ ଉଚିତ ରଣନୀତି ଗ୍ରହଣ କରାଯାଇପାରିବ। ସେମାନେ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ସହ ଯୋଡ଼ି ପାରିବେ ଓ ଏହି କାର୍ଯ୍ୟକ୍ରମରେ ଅଭିଭାବକ ଏବଂ ସମାଜକୁ ସାମିଲ କରିପାରିବେ। ଭାରତରେ ଏଭଳି କାର୍ଯ୍ୟକ୍ରମ ସଫଳତାର ସହ ଚଳାଉଥିବା ସ୍କୁଲର ଦୃଷ୍ଟାନ୍ତ ରହିଛି। ମୁମ୍ବାଇର ଏନ୍‌ଜିଓ 'ଅପର୍ନା' ଶିକ୍ଷକ ଏବଂ ପ୍ରଶିକ୍ଷକଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛି। ଏହା ମହାରାଷ୍ଟ୍ରର ୩ଟି ଜିଲାରେ ପ୍ରାୟ ୨୫୦ଟି ସ୍କୁଲ ଏବଂ ଆଶ୍ରୟସ୍ଥଳରେ ପର୍ସନାଲ ସେଫ୍ଟି ଏଡୁକେଶନ ପ୍ରୋଗ୍ରାମ ଚଳାଉଛି। ସମାନ ଭାବେ ଢୋଲପୁର ମଧ୍ୟ ବେସରକାରୀ ସଂସ୍ଥା ମଞ୍ଜରୀ ଫାଉଣ୍ଡେଶନର ସାହାଯ୍ୟରେ ଶିକ୍ଷା ପ୍ରଦାନ କରି ଉଦାହରଣ ପାଲଟିଛି। ଏହି କାର୍ଯ୍ୟକ୍ରମରେ ଭାଗ ନେଉଥିବା ବାଳିକା ବାଳକ ମାନଙ୍କର ଶାରୀରିକ ପ୍ରାକୃତିକ ପରିବର୍ତ୍ତନ ଉପରେ ଅଧିକ ଜ୍ଞାନ ଥିବା ଜଣାପଡ଼ିଛି। ଅଭାବବୋଧର ଭାବନା ଓ ବିଷାଦ କମିଛି। ସେମାନଙ୍କ ଠାରେ ଦୃଢ ସଶକ୍ତୀକରଣ ମାନସିକତା ଜାଗ୍ରତ ହୋଇଛି। ଏହି କାର୍ଯ୍ୟକ୍ରମ ସେମାନଙ୍କ ଦୃଷ୍ଟିକୋଣକୁ ଦୃଢବିଶ୍ୱାସର ସହିତ ପ୍ରକାଶ କରିବାକୁ ସୁଯୋଗ ଦେଇଛି। ପ୍ରଶ୍ନର ଉତ୍ତରରେ ଜଣେ ଛାତ୍ର କହିଲା ଯେ, ମୁଁ ଛାଡୁଥିବା ତରକାରି କିମ୍ବା ଆଚାରରେ ମୋ ଭଉଣୀ ବଞ୍ଚିପାରିବ ନାହିଁ ବୋଲି ମୁଁ ଶିକ୍ଷା ପାଇଛି ଓ ଏହି କାର୍ଯ୍ୟକ୍ରମ ମୋ ଦୃଷ୍ଟି କୋଣକୁ ବ୍ୟାପ୍ତ କରିଛି। ବାସ୍ତବରେ ସାରା ଭାରତର ସବୁ ବାଳିକା ବାଳକଙ୍କ ପାଇଁ ଏହା ଏକ ଭଲ ବାର୍ତ୍ତା।

**ପୂର୍ବତନ ନିର୍ଦ୍ଦେଶକ,ନାବାର୍ଡ**

# ସମୟର ଚକ୍ରବ୍ୟୂହ



ସଚ୍ଚିଦାନନ୍ଦ ଦାଶ

ଦିନରାତି, ସୁଖଦୁଃଖ ପରି ଉତ୍ଥାନ ପତନ ସୃଷ୍ଟି ଓ ସମୟର ଏକ ବିଭବ। ଏକୁ ଏଡ଼ିବ ଡେଡ଼ିବ ବା କିଏ? ସଂସ୍କୃତରେ ପ୍ରବାଦ ଅଛି- ''ଚକ୍ରବତ୍ ପରିବର୍ତ୍ତନ୍ତେ ସୁଖାନି ଚ ଦୁଃଖାନି ଚ''। ଆଜି ଯେ ରାଜେନ୍ଦ୍ରାସେନ କାଲି ସେ ଫକିର। ଏ ସମୟ ଚକ୍ରବ୍ୟୂହରେ କାହାର ବଡ଼ପଣ ବା ଦମ୍ଭ ରହିଛି ଯେ? ସମୟର ଚକ୍ର ଘୂରି ଚାଲିଛି। ସେଥିରେ ମଣିଷ ପଡ଼ି କେତେବେଳେ ଉତ୍ଥାନମୁଖୀ ହେଉଛି ତ ଆଉ କେତେବେଳେ ପତନୋନ୍ମୁଖୀ ହେଉଛି। ସମୟର ଚକ୍ରବ୍ୟୂହକୁ ହାତମୁଠାର ନିୟନ୍ତ୍ରଣରେ ରଖିବା ଏତେ ସହଜ ନୁହେଁ। ସମସ୍ତଙ୍କୁ ପଛରେ ପକାଇ ମଣିଷ ବହୁ ଉଚ୍ଚକୁ ଉଠିଯାଇଛି ଏ କଥା ତା' ଭାବନାକୁ ସଂକ୍ରମିତ ହେଲେ, ସମୟ ଏଇ ମଣିଷକୁ ଉପର ପାହାଚ ନ ଦେଖାଇ ତଳ ପାହାଚ ଦୃଶ୍ୟାବଲୋକନ କରାଇଥାଏ। ସମୟର ସ୍ରୋତ ଏଇଆ ଶିଖେଇଛି ଯେ, ନିଜର କାର୍ଯ୍ୟଦକ୍ଷତାକୁ ନେଇ ଜିଉଥିବା ଅଖଣ୍ଡ ବିଶ୍ୱାସ ତାକୁ ଆଗକୁ ଆଗକୁ ଅଗ୍ରସର ହେବାକୁ ଶକ୍ତି ଯୋଗାଇଥାଏ। ଆତ୍ମବିଶ୍ୱାସ ଦୁର୍ବଳ ହୋଇଗଲେ, ନିଜ ଭିତର ନିଷ୍ଠା ଓ ଦୃଢ଼ତା ସମୟକ୍ରମେ ନଷ୍ଟ ହୋଇଥାଏ। ଭଗବାନ୍ ଶ୍ରୀରାମଚନ୍ଦ୍ର ସମୟର ଚକ୍ରବ୍ୟୂହରେ ପଡ଼ି ଦିନେ ରାଜା ହେବା ପରିବର୍ତ୍ତେ ୧୪ ବର୍ଷ ବନବାସ ଯାଇଥିଲେ। ଇତିହାସରେ ବହୁତ ବଡ଼ ମଣିଷ ଏଇ ଦଶାର ସମ୍ମୁଖୀନ ହୋଇଛନ୍ତି। ପୁରାତନ ଇତିହାସକୁ ଗଲେ ଦେଖିବା, ସମୟର ଚକ୍ରରେ କୁଆଡ଼େଗଲା ସେ ଜମିଦାରି ରାଜା ମହାରାଜାଙ୍କର ବିଳାସର ଦିନକଥା। ରାଜରାଜୁଡ଼ାଙ୍କ ଗର୍ବ, ଦର୍ପ ରାଜନଅର ବିଷୟରେ କବିବର ପାର୍ବତୀ କାବ୍ୟରେ ବଡ଼ ଚମତ୍କାର ଭାବେ ଲେଖିଛନ୍ତି, ''କାଳ ଗର୍ଭେ ଭବେ ଲୀନ ହେଲେ କେତେ ମହାପତି ମହାଯଶା, ହୋଇଅଛି ଯା'ଙ୍କ ଜୀର୍ଣ୍ଣ ସୌଧ ଏବେ ବ୍ୟାଘ୍ର, ଭଲ୍ଲୁକର ବସା।'' ନିଜର ସ୍ଥିତିକୁ ବଜାୟ ରଖିବା ବା ଆଗକୁ ନେବାରେ ସେଇ ଲୋକ ବିଫଳ ହୋଇଥାଏ, ଯିଏ ସମୟ ଅନୁସାରେ ନିଜର ସ୍ଥିତିକୁ ଠିକ୍ ଭାବେ ଆକଳନ କରିବାରେ ଅସମର୍ଥ ହୋଇଥାଏ। ବଳୀୟାନ ହିଟଲର ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଲେ। ମାତ୍ର ସେ ଯେତେବେଳେ ଭାବିଲେ- ମୋତେ ଛୁଇଁବାକୁ କାହାର ବି ସାମର୍ଥ୍ୟ ନାହିଁ, ସେତେବେଳେ ସେ ସମୟ ଆହ୍ୱାନରେ ପତନର ଗହ୍ୱରକୁ ଦେଖିଲେ।

ରାଜନୈତିକ କ୍ଷେତ୍ରରେ ମଧ୍ୟ ସମୟ ଚକ୍ରବ୍ୟୂହ ମଣିଷକୁ ପ୍ରଭାବିତ କରିଥାଏ। ସମୟର କରାଳ ସ୍ରୋତରେ ଏମିତି କିଛି ଘଟିଥାଏ ଯେ, ରାଜନୀତିର ବଡ଼ ବଡ଼ ନେତାଙ୍କୁ ବେଳେ ବେଳେ ଛୋଟ ନେତା ପାଖରୁ ବି ପରାଜିତ ହେବାକୁ ପଡ଼ିଥାଏ। କିଛି ସମୟକୁ ନେଇ ଛୋଟ ନେତା ନିଜକୁ ସର୍ବଶକ୍ତିମାନ ବୋଲି ଦାବି କରିଥାଏ ଯେ, ତାକୁ ସାମ୍ନା କରିବାକୁ କେହି ସମକକ୍ଷ ନୁହନ୍ତି। ଏଇ ସମୟର କ୍ରୂର ଭାବନା ତାକୁ ଅହଂକାରୀ କରିଦେଇଥାଏ। ଫଳରେ ତାକୁ ବାଟ ଝୁଣ୍ଟିବାର ଘୋର ଆଶଙ୍କା ଥାଏ। ସମୟର ଚକ୍ରବ୍ୟୂହ ଖୁବ୍ ଜଟିଳ। ସମୟର ଚକ୍ରବ୍ୟୂହରେ ପଡ଼ି ଛୋଟ ନେତା ପାଖରେ ଆଉ ସୁଯୋଗ ନ ଥାଏ ପଶ୍ଚାତ୍ତାପ କରିବାକୁ। ବେଳେ ବେଳେ ବଡ଼ ବଡ଼ ନେତାମାନେ ମଧ୍ୟ ସମ୍ମାନଜନକ ପଦବୀର ସ୍ଥାୟିତ୍ୱକୁ ପାଞ୍ଚବର୍ଷ ପୂରିବାକୁ ଦେଇପାରନ୍ତି ନାହିଁ । ଅଧାରୁ ପଦବୀ ତାଙ୍କୁ ଛାଡ଼ି ଚାଲିଯାଏ। କୌଣସି କାରଣରୁ ରାତିଅଧିଆ ଧନ ସମ୍ପତ୍ତିରେ ବଡ଼ ହୋଇଯାଇଥିବା ମଣିଷ ଅନ୍ୟମାନଙ୍କୁ ତୁଚ୍ଛ ମନେ କରିଥାଏ। ପାହାଡ଼ର ଶୀର୍ଷରେ ଠିଆ ହୋଇଥିବା ମଣିଷର ଗୋଡ଼ ଯେ ସଦାକାଳ ଶକ୍ତ ଏ କଥା ପାହାଡ଼ ଉପରେ ଠିଆ ହୋଇଥିବା ବ୍ୟକ୍ତି ଭାବିବା ଉଚିତ ନୁହେଁ । ଆଖିବୁଜି ଖୋଲିବା ସମୟ ଭିତରେ ସେ ପାହାଡ଼ରୁ ତଳକୁ ଖସି ପଡ଼ିବାର ଆଶଙ୍କା ଥାଏ। ସାମାଜିକ କ୍ଷେତ୍ରରେ ମଧ୍ୟ ମଣିଷ ଚକ୍ରବ୍ୟୂହରେ ପ୍ରଭାବିତ ହୋଇଥାଏ। ସକାରାତ୍ମକ ବ୍ୟକ୍ତି ସମୟର ଚକ୍ରକୁ ସାମ୍ନା କରେ ଠିକ୍ ଭାବରେ। ସେ ସମୟର ସ୍ରୋତକୁ ଉପଯୁକ୍ତ ଭାବେ ବିନିଯୋଗ କରିଥାଏ। ମାତ୍ର ନକାରାତ୍ମକ ବ୍ୟକ୍ତି ସମୟର ମୂଲ୍ୟ ବୁଝି ନ ଥାଏ, ସମୟର ଚକ୍ରବ୍ୟୂହରେ ପଡ଼ି ସମୟକୁ ଅପଚୟ କରିଥାଏ ଏବଂ ଅବାଟରେ ଯାଇଥାଏ। ସମୟ ଆଜିର ଯୁବଶକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ। ସେମାନେ ସମୟର ସଦୁପଯୋଗ କରନ୍ତୁ ଏବଂ ଯୁବ ପ୍ରତିଭାକୁ ଦେଶର ଗଠନମୂଳକ କାର୍ଯ୍ୟରେ ଲଗାନ୍ତୁ। ଏଇ ମର୍ମରେ ସ୍ୱାମୀ ବିବେକାନନ୍ଦ ଯୁବ ଶକ୍ତି ଆହ୍ୱାନ ଦେଇ କହିଥିଲେ, ''ହେ ଯୁବଶକ୍ତି, ସମୟର ଠିକ୍ ଉପଯୋଗ କର। ସମୟର ଶକ୍ତିକୁ ଅପଚୟ କରନାହିଁ। ସମୟକୁ ନେଇ ନିଜ କର୍ତ୍ତବ୍ୟରେ ଏବଂ ଦେଶମାତୃକା ସେବାରେ ଆଗେଇ ଚାଲ, ସମୟକୁ ଅପେକ୍ଷା କର ନାହିଁ । ସମୟ ସାଙ୍ଗରେ ତାଳ ଦିଅ''।

**ସିଡିଏ, ସେକ୍ଟର-୭, କଟକ**
**ମୋ :୯୯୩୮୧୮୧୩୨୦**

## ଏଇ ଭାରତରେ

ପାଇଡ଼ କିମ୍ବା କୌଣସି ପାନୀୟ ପିଇବା ଲାଗି ଆମେ ପ୍ଲାଷ୍ଟିକ ଷ୍ଟ୍ର ବ୍ୟବହାର କରୁ। ଏହା ପରିବେଶ ପାଇଁ କ୍ଷତିକାରକ। ଏହା ମାଟିରେ ମିଶିବା ପାଇଁ ୪୦୦ରୁ ୫୦୦ ବର୍ଷ ଲାଗିଯାଏ। ଏଣୁ ପରିବେଶ ସୁରକ୍ଷା ପାଇଁ ଏହାର ବିକଳ୍ପ ସାମ୍ନାକୁ ଆଣିଛନ୍ତି ପୁଣେର ଏଣ୍ଟରପ୍ରିନ୍ୟୁୟର ରୁଚି ଜୈନ। ସେ 'ପୈଭି' ଷ୍ଟାର୍ଟଅପ୍ ମାଧ୍ୟମରେ ଏକପ୍ରକାର ଏଡିବଲ୍( ଖାଇବାଯୋଗ୍ୟ) ଷ୍ଟ୍ର ତିଆରି କରୁଛନ୍ତି । ଏହାକୁ ସେ ରାଇସ ଓ ଟାପିଓକା ଦ୍ୱାରା ପ୍ରସ୍ତୁତ କରିଛନ୍ତି। ଉକ୍ତ ଷ୍ଟ୍ରର ମୂଲ୍ୟ ୧ ଟଙ୍କା। ଏହାକୁ ସେ ୫୦ଟି ହୋଟେଲ ଏବଂ ୧୦୦ ରେସ୍ତୋରାଁକୁ ଯୋଗାଉଛନ୍ତି। ରୁଚି ୨୦୧୯ରେ ପୈଭି ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। କୋରିଆନ ମାର୍କେଟରେ ଏଡିବଲ୍ ଷ୍ଟ୍ର ଦେଖିବା ପରେ ଭାରତରେ ଏହାର ଉତ୍ପାଦନ ପାଇଁ ଯୋଜନା କରି ସେ ସଫଳ ହୋଇଛନ୍ତି। ଏହାକୁ ଦେଶର ବିଭିନ୍ନ ସ୍ଥାନରେ କିଭଳି ପ୍ରସ୍ତୁତ କରାଯାଇପାରିବ ସେଥିଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଫେବୃୟାରୀ ୧୯୯୭**

- ଜାମ୍ବିଆର ନାମୱାଲା ଅଞ୍ଚଳରେ ବ୍ୟୁବୋନିକ୍ ପ୍ଲେଗ ବ୍ୟାପିବା ଫଳରେ ୩୦ ଜଣଙ୍କ ମୃତ୍ୟୁ।
- ଇସ୍‌ଲାମୀୟ ବସ୍ତ୍ର ପରିଧାନ ଆଇନର ଖିଲାପ କରିଥିବା ଯୋଗୁ ଆଫଗାନିସ୍ତାନ ରାଜଧାନୀ କାବୁଲରେ ୨୦ ଜଣ ମହିଳାଙ୍କ ପ୍ରତି କଠୋର ଦଣ୍ଡବିଧାନ କରାଯାଇଛି।
- ବଇଁଚି ଗ୍ରାମ ଓ ସିମ୍‌ଲାଗଡ଼ ଷ୍ଟେସନ ମଧ୍ୟସ୍ଥ ଏକ ଲେଭେଲକ୍ରସିଂଠାରେ ଗୋଟିଏ ବସ୍ ଓ ଟ୍ରକ୍‌କୁ ଲାଲକିଲା ଏକ୍ସପ୍ରେସ ଟ୍ରେନ ଧକ୍କା ଦେବା ଫଳରେ ୧୦ ମୃତ।

# ଏତେ ହିଂସା କାହିଁକି



ଅନିଲ କୁମାର ବିଶ୍ୱାଳ

ସାରା ରାଜ୍ୟରେ ପଞ୍ଚାୟତ ନିର୍ବାଚନରେ ମତଦାନ ସମୟରେ ଓ ପରେ ଅନେକ ସ୍ଥାନରେ ବ୍ୟାପକ ହିଂସା ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ବିଭାଗ ବିଫଳ ହୋଇଛି। ପରିସ୍ଥିତି ଏତେ ଖରାପ ହୋଇଛି ଯେ ପୋଲିସ ଶାନ୍ତିଶୃଙ୍ଖଳା ରଖିବ କ'ଣ ଓଲଟି ଲୋକେ ପୋଲିସକୁ ଗୋଡ଼େଇ ଗୋଡ଼େଇ ବାଡ଼ାଉଛନ୍ତି। ନିର୍ବାଚନ ପରିଚାଳନା କରୁଥିବା ସରକାରୀ କର୍ମଚାରୀ, ନିର୍ବାଚନ ତଦାରଖ କରୁଥିବା ଉଚ୍ଚ ପଦସ୍ଥ ଅଧିକାରୀ, ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ସମସ୍ତେ ଆକ୍ରମଣର ଶିକାର ହେଲେଣି।

ସାରା ଦେଶରେ ଓଡ଼ିଶାର ଗୋଟିଏ ପରିଚୟ ଥିଲା ଯେ ଓଡ଼ିଶା ହେଉଛି ଗୋଟିଏ ଶାନ୍ତିପ୍ରିୟ ରାଜ୍ୟ। ନିର୍ବାଚନୀ ହିଂସା ଦେଶର ଅନ୍ୟ ରାଜ୍ୟମାନଙ୍କ ଅପେକ୍ଷା ଓଡ଼ିଶାରେ ପ୍ରାୟତଃ କମ୍ ହୁଏ। ଏ ଦୃଷ୍ଟିରୁ ଓଡ଼ିଶାର ଜାତୀୟ ସ୍ତରରେ ଏକ ସକାରାତ୍ମକ ଚେହେରା ଥିଲା। ହେଲେ ଚଳିତ ପଞ୍ଚାୟତ ନିର୍ବାଚନରେ ଭିନ୍ନ କଥା ଦେଖିବାକୁ ମିଳୁଛି। ନିର୍ବାଚନୀ ହିଂସା ଆମ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଫେବୃୟାରୀ ୨୧ ସୁଦ୍ଧା ନିର୍ବାଚନୀ ହିଂସାରେ ୨୮,୭୭୭ ଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଥିବା ବେଳେ ହିଂସା ଭିଆଇବା ଅଭିଯୋଗରେ ୧୯୦୬ ଜଣଙ୍କୁ ଗିରଫ କରାଯାଇଥିଲା।

କିଛି ଦିନ ତଳେ ପଞ୍ଚାୟତ ନିର୍ବାଚନର ମନୋନୟନ ପତ୍ର ଦାଖଲ ବେଳେ ଯେଉଁ କିଛି କଥା ଆମକୁ ଖୁସି ଦେଇଥିଲା, ଏବେ ମତଦାନ ବେଳର ହିଂସା ସେହି ଖୁସି ଉପରେ ଯେମିତି ପାଣି ପକାଇ ଦେଲା। ତୃଣମୂଳ ସ୍ତରରେ ଲୋକଙ୍କ ସେବା କରିବା ମନୋଭାବ ନେଇ ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ଅନେକ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନେ ମନୋନୟନ ପତ୍ର ଦାଖଲ କରିଥିବାର କଥା ଆମେ ଦେଖିଥିଲେ। ଏହାକୁ ଦେଖି ଅନୁଭବ ହେଉଥିଲା କି ରାଜ୍ୟରେ ଏକ ନୂଆ ଜାଗରଣ ତିଆରି ହେଉଛି। ରାଜ୍ୟର ଯୁବଗୋଷ୍ଠୀମାନେ ଏଥରକ ନିଜ ନିଜ ଅଞ୍ଚଳର ବିକାଶ ପାଇଁ ଅଣ୍ଟା ଭିଡ଼ିଲେଣି। ହେଲେ ଯେଉଁଭଳି ଭାବରେ ବ୍ୟାପକ ହିଂସା ହେଉଛି, ତାକୁ ଦେଖିଲେ ଲାଗୁଛି ଯେ କେଉଁଠି ନା କେଉଁଠି ପଞ୍ଚାୟତ ସ୍ତରରେ ପାରମ୍ପରିକ ଭାବରେ ହାକିମାତି ଚଲାଇ ଆସୁଥିବା କିଛି ଦୁର୍ନୀତିଖୋର ଏବଂ ରାଜନୀତିକୁ ଅର୍ଥ ଉପାର୍ଜନର ମାଧ୍ୟମ ଭାବୁଥିବା କୁଜି ନେତାମାନେ ଏହି ପରିବର୍ତ୍ତନକୁ ଗ୍ରହଣ କରିପାରୁନାହାନ୍ତି। କଳେବଳେ ଜିତିବାରେ ବିଶ୍ୱାସ କରୁଥିବା ଅସାମାଜିକ ତତ୍ତ୍ୱମାନେ ଏଥରକୁ ହିଂସାକୁ ଆପଣାଇଛନ୍ତି। ଗୋଟିଏ ଧାରଣା ରହିଆସିଛି ବା ସମସ୍ତେ ଭାବନ୍ତି ଯେ ବିଧାୟକମାନେ, ମନ୍ତ୍ରୀମାନେ, ସାଂସଦମାନେ ହିଁ ଦୁର୍ନୀତି କରନ୍ତି, ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ କରି ରାଜନୀତିକୁ ଦୂଷିତ କରୁଛନ୍ତି। ହେଲେ ତୃଣମୂଳ ସ୍ତରରେ ବି ତାହା ହିଁ ଚାଲିଛି ଆଉ ଗାଁରେ ରାଜନୀତି କରୁଥିବା ଲୋକମାନେ ବି ସେଭଳି କୁକର୍ମ କରିବାରେ ପଛରେ ନାହାନ୍ତି ତାହା ବୁଝାପଡୁଛି। ଏପରି ହେଲେ ଆମେ ରାଜନୈତିକ ବ୍ୟବସ୍ଥାରେ ଯେଉଁ ପରିବର୍ତ୍ତନ ହେଉ ବୋଲି ଚାହୁଁଛେ ତାହା ବାଧାପ୍ରାପ୍ତ ହେବ।

ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ, ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ବି ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କୁ ଖବର ଦେଖାନ୍ତି। ଯଦି ସେମାନଙ୍କ ଉପରେ ଆକ୍ରମଣ ହୁଏ, ତାହେଲେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ମନୋବଳ ଭାଙ୍ଗିଯିବନି? ଯଦି ସେମାନେ ତୃଣମୂଳ ସ୍ତରରେ ନ ରହିବେ ବା ସେମାନଙ୍କୁ ଏଭଳି ଭାବରେ ଆକ୍ରମଣର ସାମ୍ନା କରିବାକୁ ପଡ଼ିବ, ତା'ହେଲେ ଅବସ୍ଥା କ'ଣ ହେବ ଆମକୁ ଟିକିଏ ଚିନ୍ତା କରିବାକୁ ପଡ଼ିବ। ଗତ କୋଭିଡ୍ ସମୟରେ ଗଣମାଧମର ପ୍ରତିନିଧିମାନେ ବିନା କୌଣସି ସରକାରୀ ପ୍ରୋତ୍ସାହନରେ ବି ଲୋକଙ୍କ ପାଖରେ ପହଞ୍ଚୁଥିଲେ। ଯଦି ଆମେ ନିର୍ବାଚନ କଥା କହିବା, ତା'ହେଲେ ସେ ଯେକୌଣସି ସ୍ତରର ନିର୍ବାଚନ ହେଉନା କାହିଁକି ଗଣମାଧ୍ୟମ ହିଁ ଦେଖାଇଥାଏ ନିର୍ବାଚନମଣ୍ଡଳୀର ସମସ୍ୟା, ଲୋକଙ୍କର ଦୁର୍ଦ୍ଦଶା, ପ୍ରାର୍ଥୀମାନଙ୍କ ଅତୀତ, ସେମାନଙ୍କର ଲକ୍ଷ୍ୟ, ପ୍ରସଙ୍ଗ ବିଷୟରେ। ଯଦି ଗଣମାଧ୍ୟମ ନିର୍ବାଚନ ପ୍ରକ୍ରିୟାରେ ରହିବନି, ତା'ହେଲେ କୌଣସି ବି ନିର୍ବାଚନ ଅବାଧ, ନିରପେକ୍ଷ ଓ ଭୟମୁକ୍ତ ହୋଇପାରିବ ନାହିଁ। ହେଲେ ଯେଉଁଭଳି ଭାବରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମାଡ଼ ମରାଗଲା, ଏହାକୁ ଯେତେ କଡ଼ା ଶବ୍ଦରେ ନିନ୍ଦା କଲେ ବି କମ୍ ହେବ। ବିମାନ ଅପହରଣରୁ ନେଇ ଯୁଦ୍ଧ, ନକ୍ସଲ ଅପହରଣ ଏସବୁର ଖବର ସଂଗ୍ରହ ବେଳେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କର କେହି କ୍ଷତି କରନ୍ତି ନାହିଁ। କିନ୍ତୁ ଓଡ଼ିଶା ପଞ୍ଚାୟତ ନିର୍ବାଚନ ହିଂସା ଏହାକୁ ବଳିଗଲା।

ଯେଉଁଭଳି ଭାବରେ ହିଂସା ଦେଖିବାକୁ ମିଳୁଛି, ଏଥିରୁ କ'ଣ ଏଇଆ ବୁଝିବାକୁ ହେବ ଯେ ଲୋକମାନେ ସେହି ପ୍ରାର୍ଥୀମାନଙ୍କୁ ସେବା କରିବାକୁ ସୁଯୋଗ ନ ଦେବା କାରଣରୁ ସେମାନେ ହିଂସାତ୍ମକ ପନ୍ଥା ଆପଣାଇ ଯେନ ତେନେ ପ୍ରକାରର ଜିତିଲେ ଯାଇ ସେବା କରିବାର ସୁଯୋଗ ପାଇବେ। ଗଣତନ୍ତ୍ର କି ବିକଳ ଚିତ୍ର। ତୃଣମୂଳରୁ ନେଇ ସର୍ବୋଚ୍ଚ ପର୍ଯ୍ୟନ୍ତ ଯଦି ସବୁଠି ଏପରି ଶଠତା ରହିବ, ତାହେଲେ ଗଣତନ୍ତ୍ର ଉପରେ ଲୋକଙ୍କ ବିଶ୍ୱାସ ରହିବ କେମିତି। ହେଲେ କାହିଁକି ପଞ୍ଚାୟତ ନିର୍ବାଚନକୁ ନେଇ ଏତେ ଆକର୍ଷଣ ଓ ଯେନତେନ ପ୍ରକାର କରି ଜିତିବା ପାଇଁ ଅପଚେଷ୍ଟା। ମୂଳ କଥା ହେଉଛି ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ଏବେ ପଞ୍ଚାୟତକୁ ସିଧାସଳଖ ଅନୁଦାନ ବାର୍ଷିକ ପାଖାପାଖି ୧ କୋଟି ଟଙ୍କା ଆସୁଛି। ଏହି କାମ ପରିଚାଳନାରେ ବ୍ୟାପକ ଦୁର୍ନୀତି କରିବାର ସୁଯୋଗ ରହିଛି। ଏହାଛଡ଼ା ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ଯେପରିକି ଆବାସ ଯୋଜନାରେ ଘର, ଭତ୍ତା ଆଦିର ହିତାଧିକାରୀଙ୍କ ଚୟନ ବେଳେ ହିତାଧିକାରୀଙ୍କଠାରୁ ନେଉଥିବା କମିଶନ। ସରକାରଙ୍କର ଅନ୍ୟ ଯୋଜନା ଯେପରିକି ପିଇବା ପାଣି ପ୍ରକଳ୍ପ, ରାସ୍ତା ନିର୍ମାଣ, ଆଲୋକୀକରଣ ଭଳି କାମରେ ବି ପଞ୍ଚାୟତ ପ୍ରତିନିଧିଙ୍କର କମିଶନ ରହୁଛି। ତେଣୁ ମୋଟାମୋଟି ଭାବରେ ଅର୍ଥ ରୋଜଗାର ହିଁ ଏତେ ପ୍ରତିଦ୍ୱନ୍ଦ୍ୱିତାମୂଳକ ନିର୍ବାଚନ ପଛର ମୂଳ କାରଣ। ନହେଲେ ମାସକୁ ୨୩୫୦ ଟଙ୍କା ଦରମା ମିଳୁଥିବା ସରପଞ୍ଚ ପଦର ନିର୍ବାଚନ ପାଇଁ କିଏ କାହିଁକି ୧୦ ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତେ। ଗାନ୍ଧୀଙ୍କ ଗ୍ରାମ ସ୍ୱରାଜର ଆଧାର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ସରପଞ୍ଚଙ୍କର କାମ କେବଳ ପଞ୍ଚାୟତରେ ଠିକା କାମ ବାଣ୍ଟିବା କିମ୍ବା ସରକାରୀ ଯୋଜନାର ତଦାରଖ କରିବା ନୁହେଁ। ଯଦି କୌଣସି ପଞ୍ଚାୟତରେ ସରପଞ୍ଚ ଓ ଅନ୍ୟ ପଦରେ ସଠିକ ଯୋଗ୍ୟ ଲୋକମାନେ ଦାୟିତ୍ୱରେ ରହିବେ, ତାହେଲେ ସେ ଗାଁରେ ଚୋରା ମଦ ବିକ୍ରି ହୋଇପାରିବ ନାହିଁ, ଭାଇ-ଭାଇ ଭିତରେ ଗଣ୍ଡଗୋଳ ହୋଇ ମାଲିମକଦ୍ଦମାରେ ଗାଁ ଅଶାନ୍ତ ହେବନି, ସରକାରୀ ସ୍କୁଲ, ଡାକ୍ତରଖାନା ଠିକ୍ ଭାବରେ ଚାଲିବ, ଯୋଗ୍ୟ ଲୋକଙ୍କୁ ସରକାରୀ ସୁବିଧା ମିଳିବ, ଗାଁରେ ଭାଇଚାରା ବଜାୟ ରହିବ, ଗାଁରେ ଦୋଳ ମେଳଣ ସୁରୁଖୁରରେ ହେବ ଇତ୍ୟାଦି। କେନ୍ଦ୍ର ସରକାରଙ୍କ ତଥ୍ୟାନୁସାରେ ଅର୍ଥ କମିଶନ ସୁପାରିସ ଆଧାରରେ ଗତ ଆର୍ଥିକ ବର୍ଷରେ ପଞ୍ଚାୟତକୁ ଯେତିକି ଅର୍ଥ ସିଧାସଳଖ ଭାବରେ ମିଳିଥିଲା, ସେଥିରୁ ୭୦% ଖର୍ଚ୍ଚ ହୋଇପାରିଲା ନାହିଁ। ଗତ ଆର୍ଥିକ ବର୍ଷର ୧୯୪୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୫୫୫୩ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଏହାର କାରଣ ହେଉଛି ବିଭିନ୍ନ ପଞ୍ଚାୟତମାନଙ୍କର ଯୋଜନାରେ ଅଭାବ, କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଯୋଜନା ନ ହେବା, ରାଜ୍ୟ ସରକାରଙ୍କ ତତ୍ପରତାର ଅଭାବ ଆଦି। ତେଣୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ବାହୁବଳି ପହଞ୍ଚିଗଲେ ହେବନି, ବରଂ ଯୋଜନାକୁ ସଠିକ ଭାବରେ ପ୍ରଣୟନ କରିପାରୁଥିବା ଯୋଗ୍ୟ ଲୋକ ହିଁ ଦରକାର।

ଯଦି ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ନିୟମ କରିଥା'ନ୍ତେ ଯେ, ଯେଉଁମାନେ ନିର୍ବାଚନ ବେଳେ କୌଣସି ବେଆଇନ କାମ କରିବେ, ବୁଥ୍ ଜବରଦଖଲ କରିବେ, ହିଂସା କରିବେ, ସେମାନେ ଆଗାମୀ ନିର୍ବାଚନ ଲଢ଼ିପାରିବେ ନାହିଁ; ତାହେଲେ ହୁଏତ ଏଭଳି ହିଂସା କରୁଥିବା ଲୋକଙ୍କ ମନରେ ଭୟ ରୁହନ୍ତା। କାରଣ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ ଅଛି, ଯେଉଁଠି ପ୍ରତିବର୍ଷ ହିଂସା ହେଉଛି। ସେହିପରି ୨୦୧୭ ପଞ୍ଚାୟତ ନିର୍ବାଚନରେ ଯେଉଁମାନେ ହିଂସାକାଣ୍ଡ କରାଇଥିଲେ, ଯେଉଁମାନଙ୍କ ନାଁରେ ପୋଲିସ ଗତ ନିର୍ବାଚନ ବେଳେ ମକଦ୍ଦମା କରିଥିଲା, ଯଦି ସେମାନଙ୍କୁ ଏହି ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ସୁଯୋଗ ଦିଆଯାଇନଥାନ୍ତା ଓ ଭୋଟିଂର ତିନି ଦିନ ଆଗରୁ ସେମାନଙ୍କ ଉପରେ ନଜର ରଖାଯାଇଥାନ୍ତା, ତାହେଲେ ହୁଏତ ହିଂସାକୁ ରୋକାଯାଇପାରିଥା'ନ୍ତା। ତେଣୁ କେଉଁଠି ନା କେଉଁଠି ସରକାରୀ ସ୍ତରରେ ଯେଉଁଭଳି ଭାବରେ ଭୟମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ରଣନୀତି କରିବା କଥା, ତାହା ହେଉ ନାହିଁ।

**ହରିରାଜପୁର, ପୁରୀ**
**ମୋ: ୮୨୪୯୮୬୮୯୬୧**

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | | | | | 2 | 8 | |
| | | | | | | 7 | | 6 |
| | | | 4 | | 9 | | | |
| | | | | | | 5 | | 2 |
| 3 | | | | | | | | 4 |
| | | 9 | | 1 | | | | 7 |
| 1 | 5 | | | | | | | |
| 2 | | | | 3 | | 6 | | 1 |
| 4 | 6 | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆଭ୍ୟନ୍ତର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 3 | 6 | 4 | 5 | 8 | 2 | 7 |
| 7 | 6 | 4 | 8 | 2 | 9 | 5 | 1 | 3 |
| 2 | 5 | 8 | 7 | 3 | 1 | 6 | 9 | 4 |
| 9 | 7 | 1 | 2 | 5 | 6 | 3 | 4 | 8 |
| 8 | 2 | 6 | 3 | 7 | 4 | 1 | 5 | 9 |
| 4 | 3 | 5 | 1 | 9 | 8 | 2 | 7 | 6 |
| 6 | 8 | 2 | 9 | 1 | 7 | 4 | 3 | 5 |
| 5 | 1 | 7 | 4 | 6 | 3 | 9 | 8 | 2 |
| 3 | 4 | 9 | 5 | 8 | 2 | 7 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜେନେରେଟର କାହା ଦାୟିତ୍ୱରେ ଅଛି

ମହାଶୟ,

ଫନୀ ବାତ୍ୟା ପରେ ରାସ୍ତା ଅବରୋଧର ଭଙ୍ଗାଗଛ କାଟିବା ପାଇଁ ଯାନ୍ତ୍ରିକ କରତ ସବୁ ଓ ବିଦ୍ୟୁତ୍ ବିଚ୍ଛିନ୍ନତା ହଟାଇବା ନିମନ୍ତେ ଜେନେରେଟର ସବୁ ମିଳିଥିଲା। ପରେ ଏସବୁ ସରକାରୀ ଯନ୍ତ୍ର ସବୁ କେଉଁଠାରେ କାହା ଦାୟିତ୍ୱରେ ରହିଛି ତାହା ସରକାରଙ୍କ ନିର୍ଦ୍ଦିଷ୍ଟ ବିଭାଗ ହିସାବ ରଖିଛନ୍ତି ତ ? ଏହା ବର୍ତ୍ତମାନ ଚାଲୁଛି କି ଅକାମୀ ହୋଇ ରହିଛି ତାହା ଦେଖିବା ଦରକାର ନୁହେଁ କି ? ଚଳିତ ନିର୍ବାଚନ ପରେ ନୂତନ ସରପଞ୍ଚ ଆସିବେ ପୁରୁଣା ସରପଞ୍ଚ ଏହା ଭାର ଅର୍ପଣ ତାଲିକାରେ ରଖିଛନ୍ତି କି ନାହିଁ ତାହା ତଦାରଖ ହେଉ।

**-ଶ୍ରୀରାମଚନ୍ଦ୍ର ଦାଶ, ସମାଜସେବୀ, ପୂର୍ବ ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
କୁଆର କହଇ ଆସି କୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଧାଇଁ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ!
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଏସ୍‌ଟିପିଆଇ ଦ୍ୱାରା ଚୁକ୍ତିନାମା ସ୍ୱାକ୍ଷର

**ଭୁବନେଶ୍ୱର,୨୪।୨:** ସଫ୍ଟୱେର ଟେକ୍‌ନୋଲୋଜି ପାର୍କ୍ସ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ଭୁବନେଶ୍ୱର ପକ୍ଷରୁ ନିକଟରେ ୨ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଏବଂ ଏସ୍‌ଟିପିଆଇ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଏସ୍‌ଟିପିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ମାନସ ପଣ୍ଡା ଏବଂ ନାଲ୍‌କୋ ଜିଏମ୍ (ଆର୍‌ଆଣ୍ଡଡି) ସୁବ୍ରତ କର ଉକ୍ତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ସେହିଭଳି ଏସ୍‌ଟିପିଆଇ ଏବଂ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ (ଡିଏସ୍‌ଟି) ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ଟିପିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ମାନସ ପଣ୍ଡା ଏବଂ ଡିଏସ୍‌ଟିର ଉପନିର୍ଦ୍ଦେଶିକା ପୁଷ୍ପଶ୍ରୀ ପୁହାଣ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏ ସମ୍ପର୍କରେ ମହାନିର୍ଦ୍ଦେଶକ ଅରବିନ୍ଦ କୁମାର କହିଥିଲେ, ଭାରତରୁ ସଫ୍ଟୱେର ଏବଂ ଆଇଟି ସେବା ରପ୍ତାନି କ୍ଷେତ୍ରରେ ଏସ୍‌ଟିପିଆଇର ଅବଦାନ ଉଲ୍ଲେଖନୀୟ ରହିଛି। ସେହିପରି ଓଡ଼ିଶାରେ ଏସ୍‌ଟିପିଆଇର ୮ଟି କେନ୍ଦ୍ର ହେବା ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ।

### ଜେଏସ୍‌ଏଲ୍‌ର ୟୁନିଟ୍ ହେଡ୍ ନିଯୁକ୍ତ

**ଭୁବନେଶ୍ୱର,୨୪।୨:** ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍ (ଜେଏସ୍‌ଏଲ୍) ଓଡ଼ିଶାସ୍ଥିତ ଯାଜପୁର ୟୁନିଟ୍‌ରେ ଏହାର ଉତ୍ପାଦନ କାରଖାନାର ୟୁନିଟ ହେଡ୍ ଭାବେ ଦୀପକ ଅଗ୍ରୱାଲଙ୍କୁ ନିଯୁକ୍ତି ପ୍ରଦାନ କରିଛି। ଏହା ପୂର୍ବରୁ ଅଗ୍ରୱାଲ ହଟ୍ ଏବଂ କୋଲ୍ଡ ରୋଲିଂ ଡିଭିଜନ ଦାୟିତ୍ୱ ଦେଖାଶୁଣା କରିବା ସହିତ କାରଖାନରେ ସିଭିଲ, ପ୍ରୋଜେକ୍ଟ ଏବଂ କଷ୍ଟମର ସପ୍ଲାଇ ମ୍ୟାନେଜମେଣ୍ଟ କାର୍ଯ୍ୟଗୁଡିକ ପରିଚାଳନା କରୁଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଦୀପକ ମୂଳ ଗୁରୁତ୍ୱପୂର୍ଣ୍ଣ ଟିମ୍‌ର ଅଂଶବିଶେଷ ହୋଇ ରହିଆସିଛନ୍ତି। ଯାହା ଆମର ଯାଜପୁର କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା। ସେହିଭଳି ଦୀପକ ଅଗ୍ରୱାଲ କହିଛନ୍ତି, ନୂଆ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ମୁଁ କୃତଜ୍ଞ ଏବଂ ଉଲ୍ଲସିତ ମନେକରୁଛି। ନବସୃଜନ ଏବଂ ପରିଚାଳନାଗତ ଉତ୍କର୍ଷକୁ ଉପଯୋଗ କରି ମୂଲ୍ୟଯୁକ୍ତ କରିବାକୁ ମୁଁ ଲକ୍ଷ୍ୟ ରଖିଛି।

# ସେନ୍‌ସେକ୍ସ ୨୭୦୦ପଏଣ୍ଟ ଖସିଲା




- ଭାରତୀୟ ଶେୟାର ବଜାରରେ ଯୁଦ୍ଧର ପ୍ରଭାବ
- ୧୩ ଲକ୍ଷ କୋଟି ଟଙ୍କା ହରାଇଲେ ନିବେଶକ

**ମୁମ୍ବାଇ,୨୪।୨**

ବର୍ତ୍ତମାନ ସାରା ବିଶ୍ୱବାସୀ ୟୁକ୍ରେନ୍ ଓ ରୁଷିଆର ଯୁଦ୍ଧ ଉପରେ ନଜର ରଖିଛନ୍ତି। ଉଭୟ ରାଷ୍ଟ୍ରର ଆକ୍ରମଣ ଯୋଗୁ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତିରେ ପଡ଼ିବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ସାରା ବିଶ୍ୱର ଶେୟାର ବଜାର ମଧ୍ୟ ଆଶା ଓ ଆଶଙ୍କାରେ ରହିଛି। ଅପରପକ୍ଷରେ ଯୁଦ୍ଧର ପ୍ରଭାବ ଭାରତୀୟ ଶେୟାର ବଜାରରେ ପଡ଼ିଥିବା ଆକଳନ କରାଯାଉଛି। ଗୁରୁବାର ଭାରତୀୟ ନିବେଶକ ବ୍ୟାପକ ଭାବେ ଶେୟାର ହ୍ରାସର ଶିକାର ହୋଇଛନ୍ତି। ଏହା ଫଳରେ ନିବେଶକମାନେ ଗୋଟିଏ ଦିନରେ ପ୍ରାୟ ୧୩,୪୪,୪୮୮.୫୪ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ବିଏସ୍‌ଇରେ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ (ମାର୍କେଟ କ୍ୟାପିଟାଲାଇଜେଶନ) ପ୍ରାୟ ୨,୪୨,୨୪,୧୭୯.୭୯ କୋଟି ଟଙ୍କାକୁ ଖସିଆସିଛି। ବୁଧବାର ଏହିସବୁ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୨,୫୫,୬୮,୬୬୮.୩୩ କୋଟି ଟଙ୍କା ଥିଲା। ଏପର୍ଯ୍ୟନ୍ତ ଏହା ସବୁଠୁ ବଡ଼ ହ୍ରାସ ବୋଲି ବିଚାର କରାଯାଉଛି। ୨୩ ମାର୍ଚ୍ଚ ୨୦୨୦ ପରେ ଶେୟାର ବଜାରରେ ଏହା ସବୁଠୁ ବଡ଼ ହ୍ରାସ ବୋଲି କୁହାଯାଉଛି। ଭାରତରେ କରୋନା ସଂକ୍ରମଣ ଆଶଙ୍କା କରି ଲକ୍‌ଡାଉନ ଜାରି ହେବାରୁ ସେତେବେଳେ ଶେୟାର ବଜାରରେ ହ୍ରାସ ଦେଖାଦେଇଥିଲା। ଗୁରୁବାର ବଜାରରେ କାରବାର ବନ୍ଦ ହେବା ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୭୦୨ ପଏଣ୍ଟ ହ୍ରାସ ଘଟି ୫୪,୫୩୦ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟ ୫୦ରେ ୮୧୫ ପଏଣ୍ଟ ଖସି ୧୬,୨୪୮ ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୨୭୦୨. ୧୫ ପଏଣ୍ଟ (୪.୭୨%) ହ୍ରାସ ଘଟି ୫୪,୫୨୯.୯୧ ରେ କାରବାର ଶେଷ କରିଥିବାବେଳେ ନିଫ୍ଟିରେ ମଧ୍ୟ ୮୧୫.୩୦ ପଏଣ୍ଟ (୪.୭୮%) କମି ୧୬,୨୪୭.୯୫ ଅଙ୍କରେ ରହିଥିବା ସୂଚନା ମିଳିଛି। ଗତ ୭ଦିନ ମଧ୍ୟରେ ଶେୟାର ବଜାରରେ ହୋଇଥିବା ହ୍ରାସ ଯୋଗୁ ରିଲାଏନ୍ସ ଗ୍ରୁପ୍‌ର ମାର୍କେଟ କ୍ୟାପିଟାଲାଇଜେଶନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରିଲାଏନ୍ସ ଗ୍ରୁପ୍‌ର ମାର୍କେଟ କ୍ୟାପିଟାଲାଇଜେଶନରେ ୧ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଥିବା ବେଳେ ଆଦାନୀ ଗ୍ରୁପ୍‌ର ମାର୍କେଟ କ୍ୟାପିଟାଲାଇଜେଶନ ୬୬ହଜାର କୋଟି ଟଙ୍କା ହ୍ରାସ ଘଟିଛି।

## ୱାଇଏମ୍‌୩ ସିରିଜ୍ ଟ୍ରାକ୍ଟରର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୨**

ଦେଶର ଅଗ୍ରଣୀ ଟ୍ରାକ୍ଟର ନିର୍ମାତା ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ ଏହାର ନୂତନ ୱାଇଏମ୍ ୩ ଟ୍ରାକ୍ଟର ସିରିଜର ଶୁଭାରମ୍ଭ କରିଛି। ଗ୍ଲୋବାଲ ୪ଡବ୍ଲ୍ୟୁ ଡ୍ରାଇଭ୍ ଏକ୍ସପର୍ଟ ଭାବେ ପରିଚିତ ସୋଲିସ୍ ୟାନ୍‌ମାର୍‌ର ୨ଟି ନୂତନ ଟ୍ରାକ୍ଟର ୱାଇଏମ୍ ୩୪୨ଏ ଓ ୱାଇଏମ୍ ୩୪୮ଏର ବଜାର ପ୍ରବେଶ କରାଯାଇଛି। ଏହାକୁ ଉଚ୍ଚ ଉତ୍ପାଦକତା ଓ ଅତୁଳନୀୟ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଉଛି। ଏହି ଟ୍ରାକ୍ଟର ସିରିଜ୍‌ରେ ବିଶ୍ୱସ୍ତରୀୟ ଇଞ୍ଜିନ, ସିଙ୍କ୍ରୋମେଶ୍ ଗିୟର, ପୁଶ୍ ବଟନ ପରିଚାଳିତ ପିଟିଓ ଭଳି ପ୍ରିମିୟମ ଫିଚର ରହିଛି। ଏହି ଟ୍ରାକ୍ଟରରେ ଏରୋଡାଇନାମିକ୍ ହର୍‌ନେଟ୍ ଡିଜାଇନ୍ ସହ ଏର୍ଗୋନୋମିକାଲି ଡିଜାଇନ୍ ୪-ୱେ ଆଡ୍‌ଜଷ୍ଟେବଲ୍ସ ସିଟ୍, ପାୱାର ଷ୍ଟିଅରିଂ, ଜାପାନିଜ୍ ଇଞ୍ଜିନ୍ ଟେକ୍ନୋଲୋଜି ଭଳି ଫିଚର ରହିଛି। ଏ ସମ୍ପର୍କରେ ଆଇଟିଏଲ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ୨୦୧୯ରେ ସୋଲିସ୍ ରେଞ୍ଜର ଟ୍ରାକ୍ଟର ଶୁଭାରମ୍ଭ ହେବା ପରେ ଏହାକୁ ମିଳିଥିବା ଉଲ୍ଲେଖନୀୟ ପ୍ରତିକ୍ରିୟା ପରେ ଆମେ ୱାଇଏମ୍‌୩ ଟ୍ରାକ୍ଟର ୪ଡବ୍ଲ୍ୟୁଡି ସିରିଜ ସହିତ ୟାନ୍‌ମାର୍ ଟ୍ରାକ୍ଟର ରେଞ୍ଜକୁ ଉନ୍ମୋଚନ କରିଛୁ। ସେହିପରି ୟାନ୍‌ମାର ହୋଲ୍ଡିଂସ୍ କୋ.ଲିମିଟେଡ୍‌ର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଆକିହିକୋ ହିରାଓକା କହିଛନ୍ତି, ସୋଲିସ୍ (ଆଇଟିଏଲ୍)ର ଏକ ଗର୍ବିତ ସହଯୋଗୀ ଭାବେ ଆମେ ମିଳିତ ଭାବେ ନିଶ୍ଚିତ ରୂପେ ବିଶ୍ୱବ୍ୟାପୀ କୃଷି କ୍ଷେତ୍ରରେ ବିପ୍ଳବ ଆଣିବୁ। ଉଭୟ ସୋଲିସ୍ (ଆଇଟିଏଲ୍) ଓ ୟାନ୍‌ମାର୍‌ର ବିଶେଷଜ୍ଞତା ସହ ବିକଶିତ ହୋଇଥିବା ୱାଇଏମ୍‌୩ ସିରିଜ୍ ଟ୍ରାକ୍ଟରଗୁଡିକୁ ପଞ୍ଜାବର ହୋସିଆରପୁରରେ ଥିବା ଆଇଟିଏଲ୍‌ର ବିଶ୍ୱର ଏକ ନମ୍ବର ଟ୍ରାକ୍ଟର ନିର୍ମାଣ କାରଖାନାରୁ ଉତ୍ପାଦନ କରାଯିବ।



## ମାରୁତି ସୁଜୁକି ନ୍ୟୁ ଏଜ୍ ବାଲେନୋର ଶୁଭାରମ୍ଭ




**ଭୁବନେଶ୍ୱର,୨୪।୨**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ଟେକ୍ନୋଲୋଜି ସମୃଦ୍ଧ ପ୍ରିମିୟମ ହ୍ୟାଚ୍‌ବ୍ୟାକ୍-ନ୍ୟୁ ଏଜ୍ ବାଲେନୋର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏକାଧିକ ଅଗ୍ରଣୀ ଟେକ୍ନୋଲୋଜି, ସୁରକ୍ଷା, ଆରାମ ଓ ସୁବିଧା ଫିଚର ଏବଂ ନେକ୍ସାର ନୂଆ ସିଗ୍ନେଚର କ୍ରାଫ୍ଟେଡ୍ ଫ୍ୟୁଚରିଜିମ୍ ଡିଜାଇନ୍ ଭାଷାରେ ସୁସଜ୍ଜିତ ନ୍ୟୁ ଏଜ୍ ବାଲେନୋ ଗ୍ରାହକଙ୍କୁ ଏକ ଅତୁଳନୀୟ ଚାଳନା ଅନୁଭୂତି ପ୍ରଦାନ କରିବ।

ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ କେନିଚି ଆୟୁକାୱା କହିଛନ୍ତି, ଏହାର ଶୁଭାରମ୍ଭ ହେବା ପରଠାରୁ ବାଲେନୋ ଶିଳ୍ପରେ ସର୍ବାଧିକ ବିକ୍ରି ହେଉଥିବା ଶୀର୍ଷ ୫ଟି କାର୍ ମଧ୍ୟରେ ଗଣତି ହେଉଛି। ଭାରତ ଓ ବିଶ୍ୱର ୧୦୦ରୁ ଅଧିକ ଦେଶରେ ୧୦ଲକ୍ଷରୁ ଅଧିକ ବାଲେନୋ ଗ୍ରାହକ ଏହାର ଡିଜାଇନ୍ ଓ ପ୍ରଦର୍ଶନ ପାଇଁ ପ୍ରଶଂସା କରିଛନ୍ତି। ସେହିଭଳି ନ୍ୟୁ ଏଜ୍ ବାଲେନୋ ହେଉଛି ଭବିଷ୍ୟତ ଦିଗରେ ଆମର ନୂତନ ଆଭିମୁଖ୍ୟ। ଟେକ୍ନୋଲୋଜି ଓ ଉଦ୍ଭାବନ ଉପରେ ଗୁରୁତ୍ୱ ସହିତ ନ୍ୟୁ ଏଜ୍ ବାଲେନୋ ଅନେକ ସେଗ୍‌ମେଣ୍ଟ ପ୍ରଥମ ଫିଚର ସହ ପ୍ରିମିୟମ ହ୍ୟାଚ୍‌ବ୍ୟାକ୍ ସେଗ୍‌ମେଣ୍ଟକୁ ପୁଣିଥରେ ସଶକ୍ତ କରିବାକୁ ପ୍ରସ୍ତୁତ ହୋଇଛି।

ନ୍ୟୁ ଏଜ୍ ବାଲେନୋ ସେଗ୍‌ମେଣ୍ଟର ପ୍ରଥମ ଷ୍ଟେଟ୍-ଅଫ୍-ଦ-ଆର୍ଟ କଲର୍ଡ ହେଡ୍ ଅପ୍ ଡିସ୍‌ପ୍ଲେ ସହ ଆସୁଛି। ଅପରପକ୍ଷରେ ସେଗ୍‌ମେଣ୍ଟର ପ୍ରଥମ ୩୬୦ ଭ୍ୟୁ କ୍ୟାମେରା ନୂତନ 'ଆପ୍ରୋଚିଂ ଅବ୍‌ଜେକ୍ଟ ଡିଟେକ୍ସନ' ଫିଚରରେ ସୁସଜ୍ଜିତ ରହିଛି। ଏହା ଚାଳକଙ୍କୁ ଗହଳିପୂର୍ଣ୍ଣ ସ୍ଥାନରେ ଗାଡ଼ିର ପାର୍କ କରିବା କିମ୍ବା ନିୟନ୍ତ୍ରଣ କରିବା ଭଳି ସୂଚିତ ନିଷ୍ପତ୍ତି ନେବାକୁ ସକ୍ଷମ କରିଥାଏ। ନ୍ୟୁ ଏଜ୍ ବାଲେନୋ ଏକ ୨୨.୮୬ ସେମି (୯ଇଞ୍ଚ) ସ୍ମାର୍ଟପ୍ଲେ ପ୍ରୋ+ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ ସହିତ ଆସୁଛି। ନେକ୍ସଟ୍-ଜେନ୍ ଟେଲିମାଟିକ୍ସ ସିଷ୍ଟମ ସୁଜୁକି କନେକ୍ଟ, ନ୍ୟୁ ଏଜ୍ ବାଲେନୋରେ ଏକ ଇନ୍-ବିଲ୍ଟ ଫିଚର ଭାବେ ଆସୁଛି। ନ୍ୟୁ ଏଜ୍ ବାଲେନୋକୁ କମ୍ପାଟିବୁଲ ସ୍ମାର୍ଟ ୱାଚ୍ ଓ ଆଲେକ୍ସା ସ୍କିଲ୍ ମାଧ୍ୟମରେ ଭଏସ୍ କନେକ୍ଟିଭିଟି ଦ୍ୱାରା ଦୂରରୁ ଆକ୍‌ସେସ୍ କରାଯାଇପାରିବ। ଆଡ୍‌ଭାନ୍ସଡ୍ କେ-ସିରିଜ୍ ଡୁଆଲ ଜେଟ୍, ଡୁଆଲ ଭିଭିଟି ଇଞ୍ଜିନ୍ ସହ ସୁସଜ୍ଜିତ ନ୍ୟୁ ଏଜ୍ ବାଲେନୋ ଆଦର୍ଶ ଷ୍ଟାର୍ଟଷ୍ଟପ୍ ଟେକ୍ନୋଲୋଜି ସହ ଜଡିତ ହୋଇ ଏହା ମାନୁଆଲ ଟ୍ରାନ୍ସମିଶନ ଭାରିଆଣ୍ଟ ପାଇଁ ୨୨.୩୫ କିଲୋମିଟର ପ୍ରତି ଲିଟର ଏବଂ ଏଜିଏସ୍ ଭାରିଆଣ୍ଟ ପାଇଁ ୨୨.୯୪ କିଲୋମିଟର ପ୍ରତି ଲିଟରର ଚମତ୍କାର ଇନ୍ଧନ ଦକ୍ଷତା ପ୍ରଦାନ କରୁଛି।

ସେହିପରି ଏହା ଏକ ୫-ସ୍ପିଡ୍ ମାନୁଆଲ ଓ ଉନ୍ନତ ଅଟୋ ଗିୟର ସିଫ୍ଟର ଟ୍ରାନ୍ସମିଶନ ପ୍ରଦାନ କରୁଛି। ନ୍ୟୁ ଏଜ୍ ବାଲେନୋ ସୁଜୁକିର ସିଗ୍ନେଚର ହାର୍ଟଟେକ୍ ପ୍ଲାଟ୍‌ଫର୍ମ ଉପରେ ନିର୍ମାଣ ହୋଇଛି।

## ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ଏୟାର କଣ୍ଡିସନ ଉନ୍ମୋଚିତ

**ନୂଆଦିଲ୍ଲୀ,୨୪।୨**

ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଗୁରୁବାର ପ୍ରିମିୟମ ମାନର ଏୟାର କଣ୍ଡିସନର ଉନ୍ମୋଚିତ ହୋଇଯାଇଛି। ଏଥିରେ ଉନ୍ନତ ଶୀତଳତା, ବାୟୁ ବିଶୁଦ୍ଧନ ପ୍ରଯୁକ୍ତି, ଆଇଓଟି କଣ୍ଟ୍ରୋଲ ଭଳି ସୁବିଧା ରହିଛି। ୟୁଭିକୁଲ୍ ପ୍ରଯୁକ୍ତି, ନାନୋ କୋଟେଜ୍ ଆଣ୍ଟି ଭାଇରାଲ ଫିଲ୍‌ଟରେଶନ ଓ ଆଇଓଟି ଜରିଆରେ ଗ୍ରାହକମାନେ ଆରାମ ଓ ସୁରକ୍ଷା ପାଇପାରିବେ। ଏହାଦ୍ୱାରା ଡିଜିଟାଲର ଗ୍ରହଣୀୟତା ବଢ଼ିଛି ଯାହା ପ୍ରଯୁକ୍ତି କୈନ୍ଦ୍ରୀକ ଡିଭାଇସ୍‌ଗୁଡ଼ିକୁ ଲୋକମାନଙ୍କ ଅଧିକ ନିକଟତର କରିଛି। ଗ୍ରାହକଙ୍କ ଦ୍ୱାରା ସ୍ମାର୍ଟ ଏସିର ଗ୍ରହଣୀୟତା ବୃଦ୍ଧି ପାଇଥିବାରୁ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ସମ୍ପୂର୍ଣ୍ଣ ନୂଆ ଗୋଦ୍‌ରେଜ୍ ଇଅନ୍ ଡି ସିରିଜ୍ ଏସିକୁ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ଓ କାର୍ଯ୍ୟନିର୍ବାହୀ, କମଳ ନନ୍ଦୀ,କହିଛନ୍ତି, ଆମର ମାନୁଫାକ୍ଚରିଂ ସମ୍ପ୍ରସାରଣ ଆମକୁ ଗ୍ରାହକମାନଙ୍କୁ ଶ୍ରେଷ୍ଠ ଡିଜାଇନ୍ ସମ୍ଭାବନା ସହିତ ବ୍ୟାପକ ପ୍ରକାର ଏସି ପ୍ରଦାନ କରିବାରେ ସହାୟକ ହୋଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଏସି ବିକ୍ରିରେ ଦୁଇ ଗୁଣାରୁ ଅଧିକ ଅଭିବୃଦ୍ଧି ଆମେ ଆଶା କରୁଛୁ।

## ରୁଦ୍ରାକ୍ଷ ଦୀକ୍ଷା ପାଇଁ ପଞ୍ଜୀକରଣ

**ଭୁବନେଶ୍ୱର,୨୪।୨**

ଏକ ପ୍ରମୁଖ ସାମାଜିକ ଅନୁଷ୍ଠାନ 'ଇଶା ଫାଉଣ୍ଡେଶନ' ପକ୍ଷରୁ ରୁଦ୍ରାକ୍ଷ ଦୀକ୍ଷା ପାଇଁ ରେଜିଷ୍ଟ୍ରେଶନ ଆରମ୍ଭ ହୋଇଯାଇଛି। ଏହି ରୁଦ୍ରାକ୍ଷଗୁଡ଼ିକ ଭକ୍ତମାନଙ୍କୁ ଭେଟି ଦିଆଯିବ, ଯେଉଁଗୁଡ଼ିକୁ ସଦ୍‌ଗୁରୁ ପବିତ୍ର ମହାଶିବରାତ୍ରିରେ ଉର୍ଜାବାନ୍ କରିବେ। ଏହି ଦୀକ୍ଷାରେ ରେଜିଷ୍ଟ୍ରେଶନ କରି ଭକ୍ତମାନେ ଇଶା ବିଭୂତି ଏବଂ ରୁଦ୍ରାକ୍ଷ ପାଇପାରିବେ। ଇଶା ବିଭୂତି ଧ୍ୟାନଲିଙ୍ଗଙ୍କ ଉପସ୍ଥିତିରେ ପ୍ରାଣ ପ୍ରତିଷ୍ଠିତ ହେଉଥିବା ଏକ ପବିତ୍ର ଭସ୍ମ। ରୁଦ୍ରାକ୍ଷ ଦୀକ୍ଷା ପ୍ୟାକେଜରେ ଆଦିଯୋଗୀଙ୍କ ଏକ ଫଟୋ ମଧ୍ୟ ସାମିଲ ରହିଛି। ୧୧୨ ଫୁଟ ଉଚ୍ଚ ପ୍ରତିମାରେ ୧୧୨ଟି ଉପାୟର ପ୍ରତୀକ ରହିଛି । ଏହା ମାଧ୍ୟମରେ ଜଣେ ନିଜର ଚରମ ପ୍ରକୃତିକୁ ଉପଲବ୍ଧି କରିପାରିବେ। ୨୦୨୨ରେ ଇଶା ଫାଉଣ୍ଡେଶନ ପ୍ରଥମ ଥର ପାଇଁ ରୁଦ୍ରାକ୍ଷ ଦୀକ୍ଷା ଲାଗି ଅନ୍‌ଲାଇନ ରେଜିଷ୍ଟ୍ରେଶନ ଖୋଲିଥିଲା, ଯେଉଁଥିରେ ୩୫ ଲକ୍ଷରୁ ଅଧିକ ଲୋକ ରେଜିଷ୍ଟ୍ରେଶନ କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ୧ରେ ମହାଶିବରାତ୍ରି ପାଳନ କରାଯାଉଛି। ଶିବଙ୍କୁ ଆଦିଗୁରୁ ତଥା ପ୍ରଥମ ଗୁରୁ ଭାବରେ ବିବେଚନା କରାଯାଏ। କାରଣ ତାଙ୍କଠାରୁ ହିଁ ଯୋଗ ପ୍ରଥାର ଆରମ୍ଭ ହୋଇଥିଲା। ମହାଶିବରାତ୍ରି ଇଶା ଯୋଗକେନ୍ଦ୍ରରେ ବହୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଏ। ଏହି ମହୋତ୍ସବରେ ସଦ୍‌ଗୁରୁ ଶକ୍ତିଶାଳୀ ଧ୍ୟାନ କରାଇଥାନ୍ତି ଏବଂ ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଏ। ଏଥିରେ ଭାଗ ନେଉଥିବା ବ୍ୟକ୍ତି ଏକ ଗଭୀର ଆଧ୍ୟାତ୍ମିକ ଅନୁଭବ ଲାଭ କରିଥାନ୍ତି। ୨୦୨୨ ଇଶାର ମହାଶିବରାତ୍ରି ଉତ୍ସବ ଫେସ୍‌ବୁକ୍ ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମରେ ଭର୍ଚ୍ଚୁଆଲ୍ ଲାଇଭ୍ ଷ୍ଟ୍ରିମ୍ ବା ଇଣ୍ଟରନେଟ୍‌ରେ ସିଧା ପ୍ରସାରଣ କରାଯିବ। ଉର୍ଜାବାନ୍ ରୁଦ୍ରାକ୍ଷ ପାଇବା ପାଇଁ ୮୩୦୦୦୮୩୦୦୦ କୁ ଏକ ମିସ୍‌ଡ କଲ୍ ଦେଇପାରିବେ। ଆପଣଙ୍କୁ ରେଜିଷ୍ଟ୍ରେଶନର ବିବରଣୀ ଥିବା ଏକ ଏସ୍‌ଏମ୍‌ଏସ୍ ମିଳିବ। ରେଜିଷ୍ଟ୍ରେଶନ ଫର୍ମରେ ବିବରଣୀ ପୂରଣ କରିବା ପରେ ଆପଣଙ୍କ ରେଜିଷ୍ଟ୍ରେଶନ ପୂରଣ ହେବ।

## ଆସୁଛନ୍ତି ୯୦ ଦଶକର ରୋମାଣ୍ଟିକ୍ ଯୋଡ଼ି



**ମୁମ୍ବାଇ:** ପୁଣିଥରେ ପରଦାରେ ଏକାଠି ହେବେ ୯୦ ଦଶକର ରୋମାଣ୍ଟିକ୍ ଯୋଡ଼ି ସଞ୍ଜୟ ଦତ୍ତ ଓ ରବୀନା ଟଣ୍ଡନ। ଏନେଇ ସଞ୍ଜୟ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଆଗାମୀ ଫିଲ୍ମ 'ଘୁଡଚି'ର ଘୋଷଣା କରିଛନ୍ତି। ଏଥିସହ ଟ୍ୱିଟର୍‌ରେ ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ସେ ବଗିଚାରେ ଯୋଗ କରୁଥିବା ଦେଖିବାକୁ ମିଳିଛି। ସେଥିରେ ଜ୍ୟୋତିଷ ବାଲୁ ମୁନ୍ନାଙ୍ଗୀଙ୍କୁ ଟ୍ୟାଗ୍ କରି କ୍ୟାପସନ୍‌ରେ ଲେଖିଛନ୍ତି, ଏହି ନୂଆ ଆରମ୍ଭ ପାଇଁ ଏନର୍ଜି ଯୋଗାଇଥିବାରୁ ତୁମକୁ ଧନ୍ୟବାଦ। ପାର୍ଥ ସମଥାନ ଏହି ଚଳଚ୍ଚିତ୍ର ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରୁଛନ୍ତି। ବିନୟ ଗାନ୍ଧୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଚଳିତ ବର୍ଷ ଶେଷଆଡ଼କୁ ରିଲିଜ୍ ହେବାର ସମ୍ଭାବନା ରହିଛି।

ଫୁରସତ୍

## ଆଜି ବଡ଼ ପରଦାରେ 'ଗଙ୍ଗୁବାଇ କାଠିଆୱାଡ଼ି'


ଆଲିଆ ଭଟ୍ଟ

**ମୁମ୍ବାଇ:** ନିର୍ଦ୍ଧାରିତ ତାରିଖ ଫେବୃୟାରୀ ୨୫ରେ ରିଲିଜ୍ ହେଉଛି ଆଲିଆ ଭଟ୍ଟ ଅଭିନୀତ ବିବାଦୀୟ ଚଳଚ୍ଚିତ୍ର 'ଗଙ୍ଗୁବାଇ କାଠିଆୱାଡ଼ି'। ଚଳଚ୍ଚିତ୍ର ଉପରେ ରୋକ ଲଗାଇବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସିନେମାର ନାମ ବଦଳିବନି କି ରିଲିଜ୍ ତାରିଖ ଘୁଞ୍ଚିବନି ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେବା ପରେ ସିନେମା ରିଲିଜ୍ ପାଇଁ ବାଟ ଫିଟିଛି।

ଗଙ୍ଗୁବାଇଙ୍କ ଜୀବନୀ ଉପରେ ଆଧାରିତ ଏହି ସିନେମାକୁ ନେଇ ତାଙ୍କ ପରିବାର ଲୋକେ ଆପତ୍ତି ଉଠାଇଥିଲେ। ସିନେମାର ନାମ ପରିବର୍ତ୍ତନ କରିବାକୁ ସେମାନେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ତେବେ ଶେଷ ମୁହୂର୍ତ୍ତରେ ଫିଲ୍ମର ଟାଇଟଲ ବଦଳାଇବା ସମ୍ଭବ ନୁହେଁ ବୋଲି ସୁପ୍ରିମକୋର୍ଟରେ ପକ୍ଷ ରଖିଥିଲେ ଏହାର ନିର୍ମାତା ସଞ୍ଜୟ ଭଂସାଲୀ। ଏପରି କି ଏଥିରେ ଗଙ୍ଗୁ ବାଈଙ୍କୁ ଅପମାନିତ କରାଯାଇନାହିଁ ବୋଲି ସେ ଦାବି କରିଥିଲେ। ସିନେମା ନ ଦେଖି ଅଭିଯୋଗକାରୀ ଏଭଳି ଆପତ୍ତି କରିବା ଭୁଲ ବୋଲି ସଞ୍ଜୟଙ୍କ ଓକିଲ ପକ୍ଷ ରଖିଥିଲେ। ଏହା ପରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଜେ.କେ. ମହେଶ୍ୱରୀ ସିନେମା ଉପରେ ରୋକ୍ ଲଗାଇବା ଆବେଦନକୁ ଖାରଜ କରିଦେଇଛନ୍ତି। ଫିଲ୍ମ ଫେବୃୟାରୀ ୨୫ରେ ପ୍ରେକ୍ଷାଳୟରେ ରିଲିଜ୍ ହେଉଛି।

MISSING



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.

ଧ-୨୩୨୧୮

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱବିନୋଦିନୀ ତ୍ରିପାଠୀ (ଗୀତା)
ଭୁବନପୁର, ନିମାପଡ଼ା
ତିରୋଧାନ: ୧୯।୦୨।୨୦୧୭
(ଫଗୁଣ କୃଷ୍ଣନବମୀ)
ଛାଡ଼ିଗଲୁ ସିନା ଛ'ବର୍ଷ ହେଲା,
ଲାଗେ ଛ'ଦିନ ପରି।
ସୁକୃତ ତୁମର ଫଳବତୀ ହୁଏ,
ସବୁ କାମରେ ମୋହରି।
ଧ-୨୩୨୪୧

ଏକାଦଶାହ ଉପଲକ୍ଷେ



ସ୍ୱଅକ୍ଷୟ କୁମାର ମଲିଆ (ଅକ୍ଷୟ)
କପିଳେଶ୍ୱର, କଞ୍ଚସାହି, ଲିଙ୍ଗରାଜ, ଭୁବନେଶ୍ୱର
ଆବିର୍ଭାବ: ୧୧।୧୧।୧୯୬୮
ତିରୋଧାନ: ୧୫।୦୨।୨୦୨୨
ତୁମେ ଯେ ଏତେ ଶୀଘ୍ର ଆମ୍ଭମାନଙ୍କୁ ଛାଡ଼ି ପଞ୍ଚଭୂତରେ ଲୀନ ହୋଇଯିବ, ଏହା ସତ୍ୟ ଜାଣି ସୁଦ୍ଧା କେହି ବିଶ୍ୱାସ କରିପାରୁ ନାହୁଁ। ହଠାତ୍ ତୁମର ଅନୁପସ୍ଥିତିକୁ ଆମ୍ଭେମାନେ ସହ୍ୟ କରି ପାରୁନାହୁଁ। ପ୍ରତିଟି ମୁହୂର୍ତ୍ତରେ ପାଖେପାଖେ ଥିଲା ଭଳି ଲାଗୁଛି। ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଅନାବିଳ ସ୍ନେହ ଶ୍ରଦ୍ଧା ଆମକୁ ଚିରଦିନ ଅନୁପ୍ରାଣିତ କରୁଥିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ, ଝିଅ, ପୁଅ, ପରିବାରବର୍ଗ ଓ ବନ୍ଧୁବାନ୍ଧବ ।
ଧ-୨୩୨୪୫

## କୁଇଜ୍‌ରେ ଭାଗ ନେଇ କୋଟିପତି

**ନୂଆଦିଲ୍ଲୀ:** କୋଟିପତି ହେବା ପାଇଁ କିଛି ଲୋକ ଢେର୍ ପରିଶ୍ରମ କରିଥା'ନ୍ତି। ହେଲେ କେତେଜଣ ନିମିଷକ ମଧ୍ୟରେ କୋଟିପତି ପାଲଟି ଯାଆନ୍ତି। ଭାଗ୍ୟବଳରେ ହେଉ କି ପରିଶ୍ରମରେ ହେଉ, ହଠାତ୍ କୋଟିପତି ହେବାପରେ ସହଜରେ ବିଶ୍ୱାସ କରି ହୁଏନି। ଏହାର ଏକ ଉଦାହରଣ ହେଉଛନ୍ତି ଟେକ୍ସାସ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଜଶକରନ୍ ସିଂହ। ଏକ କୁଇଜ୍ ଶୋ'ରେ ବିଜେତା ହୋଇ ସେ ପୁରସ୍କାର ସ୍ୱରୂପ ପାଇଛନ୍ତି ୧.୮ କୋଟି ଟଙ୍କା।




ଆମେରିକା ଟେକ୍ସାସ ବିଶ୍ୱବିଦ୍ୟାଳୟର ଛାତ୍ର ଜଶକରନ୍ ସିଂହଙ୍କୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ଏହି ଛାତ୍ର ଜଣକ ହେଉଛନ୍ତି ଭାରତୀୟ ମୂଳ ବାସିନ୍ଦା। କିନ୍ତୁ ଏବେ ସେ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇ ଜିତିଛନ୍ତି ୧.୮ କୋଟି ଟଙ୍କା। କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସେ ଏତେ ପରିମାଣର ଅର୍ଥ ବିଜେତା ହୋଇ ପାରିଥିବାରୁ ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି। ଟେକ୍ସାସ ବିଶ୍ୱବିଦ୍ୟାଳୟର କୁଇଜ୍ ଶୋ, ଜିଓପାର୍ଡ୍ରୀରେ ଭାଗ ନେଇଥିଲେ ମୋଟ ୩୬ ଜଣ। ସବୁ ପିଲାଙ୍କୁ ପଛରେ ପକାଇ ଜଶକରନ୍ ଏହି ସଫଳତା ହାସଲ କରିଛନ୍ତି। ୨୨ ବର୍ଷର ଏହି ଯୁବ ଛାତ୍ରଜଣକ ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରଶ୍ନର ସଠିକ୍ ଉତ୍ତର ଦେଇଥିବାରୁ ତାଙ୍କୁ ବିଜେତା ଘୋଷଣା କରାଯାଇଛି। ଜଶକରନ୍‌ଙ୍କର ଏହି ସଫଳତା ପାଇଁ ସ୍ୱତନ୍ତ୍ରଭାବେ ଘୋଷଣା କରାଯାଇଥିଲା। ଜିଓପାର୍ଡ୍ରୀର ଟୁଇଟର ପେଜ୍‌ରେ ମଧ୍ୟ ତାଙ୍କ ଜଶକରନ୍‌ଙ୍କର ଏହି ସଫଳତା ସମ୍ପର୍କରେ ଏକ ଖବର ଶେୟାର କରାଯାଇଛି। କେବଳ ସେତିକି ନୁହେଁ, ତାଙ୍କର ଏହି ସଫଳତାକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ମଧ୍ୟ କରାଯାଇଛି। ତେବେ ଜଶକରନ୍‌ଙ୍କର ଏଭଳି ଏକ ସଫଳତା ପାଇଁ ଏବେ ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚା ହେଉଛି। ଲୋକେ ତାଙ୍କର ଏହି ସଫଳତା ପାଇଁ ଢେର୍ ପ୍ରଶଂସା କରିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

ବେରୋଜଗାରରୁ ସ୍ୱାବଲମ୍ବୀ ହୁଅନ୍ତୁ
ନିଜ ଘରେ ଡିସ୍‌ପୋଜେବଲ୍, ପ୍ଲାଷ୍ଟିକ୍ କପ୍, ପ୍ଲେଟ୍, ଗ୍ଲାସ୍, ମାସ୍କ, ଜୋତା, ଚପଲ, ମୋବାଇଲ ଚାର୍ଜର, ପାଣି ବୋତଲ, ୱାଲପେପର, ଏଲ୍‌ଇଡି ବଲ୍‌ବ, ଟିଶାର୍ଟ, ଚିପ୍ସ, କୁର୍‌କୁରେ, ସର୍ଫ, ସାବୁନ, କ୍ୟାରି ବ୍ୟାଗ୍, ଟବ୍, ବାଲ୍‌ଟି ଆଦିର ଫ୍ୟାକ୍ଟ୍ରି ବସାନ୍ତୁ ।
କମ୍ପାନୀ ଘରେ ବସି କାମ ଦେବ
କେବଳ ମାଲ୍ ତିଆରି କରନ୍ତୁ ଓ ତିଆରି ମାଲ୍ କମ୍ପାନୀକୁ ବିକନ୍ତୁ
ଛୋଟ ମେଶିନ୍, ବଡ଼ ଫାଇଦା, ଥରେ ସେଟ୍ ଅପ୍ କରନ୍ତୁ
ସାରା ଜୀବନ ରୋଜଗାର କରନ୍ତୁ
ଦୈନିକ 12000+ ରୋଜଗାର କରନ୍ତୁ
ଛୋଟ ଚାକିରି ଛାଡ଼ି ନିଜ କମ୍ପାନୀର ମାଲିକ ହୁଅନ୍ତୁ
Contact: 7827633638

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶ୍ରୀଲଙ୍କାକୁ ହରାଇଲା ଭାରତ

**ଲକ୍ଷ୍ନୌ, ୨୪।୨ (ପି.ଟି.)**

ଏଠାରେ ଗୁରୁବାର ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦କୁ ଭାରତ ୬୨ରନରେ ଜିତି ନେଇଛି। ଭ୍ରମଣକାରୀ ଦଳ ୨୦୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୩୭ ରନ କରିବାରେ ସମର୍ଥ ହୋଇଥିଲା। ଦଳର ଟପ୍ ସ୍କୋରର ଚାରିଥ ଆଶାଲଙ୍କା ୫୩ରନ କରି ଅପରାଜିତ ରହିଥିଲେ। ଗୁରୁବାର ଏହି ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଓପନର ଇଶାନ କିଶନଙ୍କ ବିସ୍ଫୋରକ ୮୯ରନ (୫୬ ବଲ୍) ଏବଂ ଶ୍ରେୟାଶ ଆୟାରଙ୍କ ଆକର୍ଷଣୀୟ ଅପରାଜିତ ୫୭ ରନ ସହାୟତାରେ ଭାରତ ୨ ଉଇକେଟ ବିନିମୟରେ ୧୯୯ ରନ କରିଥିଲା। ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜରେ ଭଲ ଖେଳି ପାରି ନ ଥିବା ବାମହାତୀ ବ୍ୟାଟର କିଶନ ତାଙ୍କ ଇନିଂସରେ ୧୦ ଚୌକା ଓ ୩ ଛକା ଲଗାଇଥିଲେ। ଝାଡ଼ଖଣ୍ଡର ଏହି ୨୩ ବର୍ଷୀୟ ବ୍ୟାଟର ଅଧିନାୟକ ରୋହିତ ଶର୍ମା (୩୨ ବଲ୍‌ରୁ ୪୪ରନ)ଙ୍କ ସହ ୧୧୧ ରନ ଯୋଗ କରି ଦଳର ବ୍ୟାଟିଂ ମୂଳଦୁଆକୁ ସୁଦୃଢ କରିଥିଲେ। ପରେ ଆୟାର ୨୮ ବଲ୍ ସାମ୍ନା କରି ୫ ଚୌକା ଓ ୨ ଛକା ଲଗାଇଥିଲେ, ଯାହାଫଳରେ ଭାରତ ଏକ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଦୁଇ ଓପନରଙ୍କ ମଧ୍ୟରେ ଇଶାନ କିଶନ ଅଧିକ ଆକ୍ରମଣାତ୍ମକ ଖେଳିଥିଲେ। ତୃତୀୟ ଓଭରରେ ଚାମିକା କରୁଣାରତ୍ନେଙ୍କ ଲାଇନ୍ ଓ ଲେନ୍ଥରେ ତ୍ରୁଟିରୁ ଫାଇଦା ଉଠାଇ ସେ ୩ ଚୌକା ଲଗାଇଥିଲେ। ସେହି ଓଭରରୁ ଭାରତ ୧୫ ରନ ସଂଗ୍ରହ କରିଥିଲା। ଲାହିରୁ କୁମାରା ଦ୍ରୁତ ବେଗରେ ବୋଲିଂ କରିଥିଲେ। ମାତ୍ର ଇଶାନ ତାଙ୍କ ବୋଲିଂରେ ଦୁଇଟି ଆକର୍ଷଣୀୟ ଶଟ୍ ଖେଳିଥିଲେ। ଫ୍ରଣ୍ଟ ଫୁଟ୍‌ରେ ସେ ଏକ ପୁଲ୍ ଶଟ୍ ଖେଳିଥିବା ବେଳେ ଅନ୍ୟଟି ଫ୍ଲିକ୍ ଶଟ୍ ଥିଲା। ବଲ୍ ମିଡ୍ ଉଇକେଟ ଅଞ୍ଚଳରେ ବାଉଣ୍ଡାରୀ ଲାଇନ୍ ବାହାରକୁ ଚାଲିଯାଇଥିଲା। ବାମହାତୀ ସ୍ପିନର ପ୍ରବୀଣ ଜୟବିକ୍ରମାଙ୍କ ବଲ୍‌କୁ ସେ ଚୌକା ଲଗାଇଥିଲେ। କିଶନଙ୍କ ଏହି ବିସ୍ଫୋରକ ବ୍ୟାଟିଂ ଦ୍ୱାରା ପାଓ୍ୱାର ପ୍ଲେରୁ ୫୮ ରନ ସଂଗ୍ରହ ହୋଇ ପାରିଥିଲା। ଭାରତ ୧୦ ଓଭରରେ ୯୮ ରନ ସଂଗ୍ରହ କରିପାରିଥିଲା। କିଶନଙ୍କର ଏହା ଥିଲା ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ଅର୍ଦ୍ଧଶତକ। ଶ୍ରୀଲଙ୍କା ପାଇଁ ୧୨ତମ ଓଭରରେ ବ୍ରେକ୍ ଥ୍ରୁ ଆଣି ଦେଇଥିଲେ ଲାହିରୁ କୁମାରା । ସେ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ବୋଲ୍ଡ କରି ଦେଇଥିଲେ। ସେ ତାଙ୍କ ୩୨ ବଲ ଇନିଂସରେ ୨ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ୧୬.୬ତମ ଓଭରରେ ଇଶାନଙ୍କ ଉଇକେଟର ପତନ ଘଟିଥିଲା। ଶ୍ରୀଲଙ୍କା ଅଧିନାୟକ ଦାସୁନ ଶାନକାଙ୍କ ବଲ୍‌ରେ ସେ ଜାନିଥ ଲିୟାଙ୍ଗେଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଆଉଟ ହେବା ପୂର୍ବରୁ ସେ ଓ ଆୟାର ଦ୍ୱିତୀୟ ଉଇକେଟରେ ୪୪ ରନ ଯୋଗ କରିଥିଲେ। ଆୟାରଙ୍କ ସହ ରବୀନ୍ଦ୍ର ଜାଡେଜା ୩ ରନ କରି ନଟଆଉଟ ରହିଥିଲେ।



ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ଇଶାନ କିଶନ।

### ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ: ୧୯୯/୨ (ଇଶାନ କିଶନ-୮୯, ରୋହିତ ଶର୍ମା-୪୪, ଶ୍ରେୟାସ ଆୟାର-୫୭* ; ଦାସୁନ ଶାନକା-୧/୧୯, ଲାହିରୁ କୁମାରା-୧/୪୩)। ଶ୍ରୀଲଙ୍କା ଇନିଂସ: ୨୦ ଓଭରରେ ୧୩୭/୬ (ଚାରିଥ ଆଶାଲଙ୍କା-୫୩*, ଦୁଷ୍ମନ୍ତ ଚାମିରା-୨୪* ; ଭୁବନେଶ୍ୱର କୁମାର-୨/୯, ଭେଙ୍କଟେଶ ଆୟାର-୨/୩୬, ଯୁଜବେନ୍ଦ୍ର ଚହଲ-୧/୧୧, ରବୀନ୍ଦ୍ର ଜାଡେଜା-୧/୨୮)।

## ମାର୍ଚ୍ଚ ୨୬ରୁ ଆଇପିଏଲ୍

**ନୂଆଦିଲ୍ଲୀ, ୨୪।୨ (ପି.ଟି.):** ଏଥର ୧୦ଟି ଦଳକୁ ନେଇ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆସନ୍ତା ମାର୍ଚ୍ଚ ୨୬ ଶନିବାର ମୁମ୍ବାଇଠାରେ ଆରମ୍ଭ ହେବ ଏବଂ ମେ' ୨୯ରେ ଶେଷ ହେବ। ଟୁର୍ନାମେଣ୍ଟ ଆରମ୍ଭରେ ୪୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ରହିବ। ଏଠାରେ ଗୁରୁବାର ଗଭର୍ନିଂ କାଉନ୍‌ସିଲ ବୈଠକ ପରେ ଆଇପିଏଲ୍ ଚେୟାରମ୍ୟାନ ବ୍ରିଜେଶ ପଟେଲ ଏହି ସୂଚନା ଦେଇଛନ୍ତି। ଏହି ବ୍ୟୟବହୁଳ ଟୁର୍ନାମେଣ୍ଟରେ ଏଥର ନୂଆ ଦଳ ଭାବେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଓ ଗୁଜରାଟ ଟାଇଟାନ୍ସକୁ ସାମିଲ କରାଯାଇଛି। ଏଥର ମୋଟ ୭୪ଟି ମ୍ୟାଚ ମୁମ୍ବାଇସ୍ଥିତ ଓ୍ୱାଙ୍ଖେଡେ ଷ୍ଟାଡିୟମ ଓ ବ୍ରାବୋର୍ନ ଷ୍ଟାଡିୟମ ବ୍ୟତୀତ ନଭି ମୁମ୍ବାଇର ଡିଓ୍ୱାଇ ପାଟିଲ ଗ୍ରାଉଣ୍ଡ ଏବଂ ପୁଣେସ୍ଥିତ ଗାହୁଞ୍ଜେ ଷ୍ଟାଡିୟମରେ ଖେଳାଯିବ। ମହାରାଷ୍ଟ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ଦର୍ଶକମାନଙ୍କୁ ଅନୁମତି ଦିଆଯିବ। ଏହା ୪୦ ପ୍ରତିଶତ ହେବ। ମାତ୍ର କୋଭିଡ୍ ପରିସ୍ଥିତି ଯଦି ନିୟନ୍ତ୍ରଣରେ ରୁହେ ଏବଂ ସଂକ୍ରମଣ ହାର ହ୍ରାସ ପାଏ ତେବେ ଶତ ପ୍ରତିଶତ ଦର୍ଶକଙ୍କ ଉପସ୍ଥିତିରେ ମ୍ୟାଚ ଖେଳାଯାଇପାରେ। ପ୍ଲେ-ଅଫ୍ ମ୍ୟାଚଗୁଡ଼ିକ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଫାଇନାଲ ମ୍ୟାଚ କିନ୍ତୁ ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବା ସମ୍ଭାବନା ରହିଛି।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଭାରତୀୟ ମହିଳା ହକି ଦଳର ଅଭ୍ୟାସ।

# ଚିରାଗ ଜାନିଙ୍କ ଶତକ

### ରଣଜୀ ଟ୍ରଫି

**ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି)**

ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ ଗ୍ରାଉଣ୍ଡ-ବି'ରେ ଓଡ଼ିଶା ଓ ସୌରାଷ୍ଟ୍ର ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଗୁରୁବାର ଆରମ୍ଭ ହୋଇଛି। ଏଠାରେ ଓଡ଼ିଶା ଭଲ ଆରମ୍ଭ କରିଥିଲେ ହେଁ ଚିରାଗ ଜାନିଙ୍କ ଶତକ ସହାୟତାରେ ସୌରାଷ୍ଟ୍ର ସଫଳ ପ୍ରତ୍ୟାବର୍ତ୍ତନ କରି ପ୍ରଥମ ଦିନ ଖେଳ ଶେଷ ବେଳକୁ ୪ ଉଇକେଟ ହରାଇ ୩୨୫ ରନ ସଂଗ୍ରହ କରିଛି।

**ପୂଜାରାଙ୍କୁ ୮ ରନରେ ଆଉଟ କଲେ ଦେବବ୍ରତ**

ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳ ଓପନିଂ ଯୋଡ଼ିରେ ୫୮ ରନ ସଂଗ୍ରହ କରିଥିବାବେଳେ ସ୍ନେଲ୍ ପଟେଲଙ୍କୁ ଆଉଟ କରି ଓଡ଼ିଶାକୁ ପ୍ରଥମ ସଫଳତା ଦେଇଥିଲେ ଭେଟେରାନ ପେସର ବସନ୍ତ ମହାନ୍ତି। ଅନ୍ୟତମ ଓପନର ହାର୍ଭିକ ଦେଶାଇ ୩୮ ରନ କରି ଜୟନ୍ତ ବେହେରାଙ୍କ ଶିକାର ହୋଇଥିଲେ। ଟେଷ୍ଟ ଦଳରୁ ବାଦ୍ ପଡ଼ିଥିବା ଚେତେଶ୍ୱର ପୂଜାରାଙ୍କୁ ମାତ୍ର ୮ ରନରେ ପ୍ୟାଭିଲିୟନ ପଠାଇ ବଡ଼ ସଫଳତା ପାଇଥିଲେ ଦେବବ୍ରତ ପ୍ରଧାନ। ପୂଜାରାଙ୍କ ଆଉଟ ସହ ସୌରାଷ୍ଟ୍ର ସ୍କୋର ୮୪/୩ ହୋଇ ଯାଇଥିଲା। ମାତ୍ର ଚିରାଗ ଓ ଶେଲଟନ ଜ୍ୟାକସନ ଶତକୀୟ ଭାଗୀଦାରି ଗଢ଼ି ସୌରାଷ୍ଟ୍ର ଇନିଂସ ସମ୍ଭାଳିଥିଲେ। ଜ୍ୟାକସନ ୧୧୨ ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହାୟତାରେ ୭୫ ରନକରି ଜୟନ୍ତ ବେହେରାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମାତ୍ର ଚିରାଗ ୧୨୫ ଓ ଅର୍ପିତ ବାସବଦା ୫୧ ରନରେ ଅପରାଜିତ ରହି ଅସମାପ୍ତ ୫ମ ଉଇକେଟରେ ୧୧୧ ରନର ପାର୍ଟନରଶିପ୍ ଗଢ଼ିବା ସହ ସୌରାଷ୍ଟ୍ରକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଛନ୍ତି। ୧୮୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଚିରାଗ ନିଜ ଇନିଂସ ମଧ୍ୟରେ ୧୬ ଚୌକା ଓ ୪ ଛକା ମାରିଥିଲେ। ସେହିପରି ଅର୍ପିତ ୭୧ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୨ ଛକା ମାରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଜୟନ୍ତ ବେହେରା ୨ଟି ଏବଂ ବସନ୍ତ ମହାନ୍ତି ଓ ଦେବବ୍ରତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ସୌରାଷ୍ଟ୍ର ପ୍ରଥମ ଇନିଂସ: ୩୨୫/୪ (ଚିରାଗ ଜାନି-୧୨୫*, ଶେଲଡନ ଜ୍ୟାକସନ-୭୫, ଅର୍ପିତ ବାସବଦା-୫୧*, ଜୟନ୍ତ ବେହେରା-୨/୯୭, ବସନ୍ତ ମହାନ୍ତି-୧/୪୪, ଦେବବ୍ରତ ପ୍ରଧାନ-୧/୭୨)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୫/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Friday, February 25/2022 Page 16 ₹ 7.00 | ପୃଷ୍ଠା-୧



**ଷ୍ଟାର ସାଇକ୍ଲିଷ୍ଟ କେନିଙ୍କ ଅବସର**

ବ୍ରିଟେନର ଷ୍ଟାର ସାଇକ୍ଲିଷ୍ଟ ଜାସନ କେନି ସାଇକ୍ଲିଂରୁ ତାଙ୍କର ଅବସର ଘୋଷଣା କରିଛନ୍ତି।

୦୮

୦୩

**କେନ୍ଦ୍ରକୁ ରାହୁଲଙ୍କ ଟାର୍ଗେଟ**

ୟୁକ୍ରେନ୍‌ରେ ଫସିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ବେଳ ଥାଉ ଥାଉ କାହିଁକି ଉଦ୍ଧାର କରି ଆଣିଲନି ବୋଲି କେନ୍ଦ୍ରକୁ ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି।






ଗଞ୍ଜାମ ଜିଲା ନଳବଣ୍ଟା ପଞ୍ଚାୟତ ଚେରମାରିଆ ୧୫ ନମ୍ବର ବୁଥ୍‌ରେ ଗୁରୁବାର ମତଦାନ ପରେ ଭୋଟବାକ୍ସକୁ ମୁଣ୍ଡିଆ ମାରୁଛନ୍ତି ଆସିକା ଏମ୍‌ପି ପ୍ରମିଳା ବିଷୋୟୀ।

# ପଞ୍ଚାୟତ ନିର୍ବାଚନ ହିଂସାରେ ଶେଷ

- **୫ମ ପର୍ଯ୍ୟାୟରେ ଭଦ୍ରକ, କଟକ, ଯାଜପୁରରେ ହିଂସା**
- **ବିଭିନ୍ନ ସ୍ଥାନରେ ବୁଥ୍ ରିଗିଂ, ଗୋଷ୍ଠୀ ସଂଘର୍ଷ**

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ହିଂସାରୁ ଆରମ୍ଭ ହେଲା। ହିଂସାରେ ସରିଲା। ପ୍ରଥମରୁ ଶେଷ ପର୍ଯ୍ୟାୟ ଯାଏ ବୁଥ୍ ଜବରଦଖଲ, ଗୋଷ୍ଠୀ ସଂଘର୍ଷ, ବୋମାମାଡ଼, ହତ୍ୟାକାଣ୍ଡ, ଖବରଦାତା, ପୋଲିସ, ବିଡିଓଙ୍କୁ ମାଡ଼, ବାଲଟ ପେପର ଚିରା, ଭୋଟ ବାକ୍ସ ପୋଖରୀରେ ଫିଙ୍ଗିବା, ପ୍ରାର୍ଥୀ ଅପହରଣ ଭଳି ଏକାଧିକ ଘଟଣା ପଞ୍ଚାୟତ ନିର୍ବାଚନକୁ ନିନ୍ଦିତ କଲା। ନିର୍ବାଚନ କମିଶନର ଓ ପୋଲିସ ଡିଜିଙ୍କ ଆଶ୍ୱାସନା, ପୋଲିସ ପ୍ରଶାସନର ସମସ୍ତ ଉଦ୍ୟମ ସତ୍ତ୍ୱେ ଗୁରୁବାର ଅନୁଷ୍ଠିତ ୫ମ ତଥା ଶେଷ ପର୍ଯ୍ୟାୟ ଭୋଟ୍ ମଧ୍ୟ ହିଂସାରୁ ବର୍ତ୍ତିଲାନି। ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଘଟି ଭୋଟଦାନ ପ୍ରଭାବିତ ହେଲା।

ଭଦ୍ରକ ଜିଲା ଧାମନଗର ବ୍ଲକ ଅର୍ଜ୍ଜୁନପୁର ପଞ୍ଚାୟତରେ ଶେଷପର୍ଯ୍ୟାୟ ମତଦାନ ବେଳେ ହିଂସାକାଣ୍ଡ ଘଟିଛି। ୩, ୪ ଓ ୮ ନମ୍ବର ବୁଥ୍‌ର ଏଜେଣ୍ଟଙ୍କୁ ଅସାମାଜିକ ବ୍ୟକ୍ତିମାନେ ମାଡ଼ ମାରି ବାହାର କରି ଦେଇଥିବା ବେଳେ ୬ ଓ ୭ ନମ୍ବର ବୁଥ୍‌ରେ ରିଗିଂ କରିଥିବା ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ପରେ ଭୋଟଦାନ ଆରମ୍ଭ ହୋଇଥିଲା। ଏଥିସହ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବା ଜଣାପଡ଼ିଛି। ସେହିପରି ଧାମନଗର



ବ୍ଲକ୍ କଟସାହି ପଞ୍ଚାୟତ ୧ ନମ୍ବର ୱାର୍ଡରେ ଜଣେ ଏଜେଣ୍ଟ ବୁଥ୍‌ରୁ ବାଲଟ୍ ପେପର ଛଡ଼ାଇ ନେଇଯାଇଥିବା ଅଭିଯୋଗ ହୋଇଛି। ସେଠାରେ ନିର୍ବାଚନ ବାତିଲ କରାଯାଇଛି।

କଟକ ଜିଲା ନିଆଳି ବ୍ଲକର ପୋଖରୀଗାଁ ପଞ୍ଚାୟତରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଅସାମାଜିକମାନେ କେତେକ ସ୍ଥାନରେ ବୁଥ୍ ଜବରଦଖଲ କରିବା ସହ ଭୋଟ ବାକ୍ସ ପାଣିରେ ଫିଙ୍ଗି ଦେଇଛନ୍ତି। ଅନ୍ୟ କେତେକ ଜାଗାରେ ବାଲଟ ବାକ୍ସ ଭିତରେ ପାଣି ପୂରାଇ ଦେଇଛନ୍ତି। ଭୋଟଗ୍ରହଣ ବେଳେ ଏପରି ହିଂସା ଘଟିଥିବା ଅଭିଯୋଗ ହେବା ପରେ ପଞ୍ଚାୟତର ୯ଟି ବୁଥ୍‌ରେ ଭୋଟଗ୍ରହଣ ବନ୍ଦ କରାଯାଇଥିଲା। ସମଗ୍ର ପଞ୍ଚାୟତରେ ପୁନଃ ନିର୍ବାଚନ କରିବା ଦାବିରେ ଗ୍ରାମବାସୀ ପୋଖରୀଗାଁ ଛକରେ ରାସ୍ତାରୋକୋ କରିଥିଲେ। ଅନୁରୂପ ଭାବେ ଯାଜପୁର ଜିଲା ବରୀ ବ୍ଲକ ଅଧୀନ ସେରପୁର ୧୧ ନମ୍ବର ୱାର୍ଡ ଏବଂ ଶ୍ରୀରାମପୁର ମତଦାନ କେନ୍ଦ୍ର ବାହାରେ ୫ଟି ବୋମାମାଡ଼ ହୋଇଛି। ଇଶାଣପୁର ପଞ୍ଚାୟତରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଯାଜପୁର ଜିଲା ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତର ବାଉଁଶଅଣ୍ଟା (ବଡ଼) ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ଗ୍ରାମର ୧୮ ଓ ୧୯ ନମ୍ବର ବୁଥ୍ ପୋଲିଂ ପାର୍ଟି ପ୍ରସ୍ତୁତ ରହିଥିଲେ ମଧ୍ୟ କେହି ଭୋଟ ଦେବାକୁ ଆସି ନ ଥିଲେ।

ପଞ୍ଚମ ପର୍ଯ୍ୟାୟରେ ୨୫ ଜିଲାର ୪୮ ବ୍ଲକର ୧୩୧ ଜିଲା ପରିଷଦ ଜୋନ ଅଧୀନ ୯୭୫ ପଞ୍ଚାୟତରେ ଭୋଟଗ୍ରହଣ ହୋଇଛି। ମୋଟ ୧୩,୫୧୪ଟି ବୁଥ୍‌ରେ ମତ ଗ୍ରହଣ କରାଯାଇଥିଲା। ୧୩୧ ଜିଲା ପରିଷଦ ଜୋନ୍‌ରେ ମୋଟ ୫୨୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସମସ୍ତଙ୍କ ଭାଗ୍ୟ ବାଲଟ ବାକ୍ସରେ ସିଲ୍ ହୋଇଯାଇଛି। ଆସନ୍ତା ୨୬ ତାରିଖରୁ ବ୍ଲକ ମୁଖ୍ୟାଳୟରେ ୩ ଦିନ ଧରି ଭୋଟ ଗଣତି ହେବ। ସେ ନେଇ ଜିଲାସ୍ତରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟର ସମସ୍ତ ୩୧୪ ବ୍ଲକରେ ବାଲଟ ବାକ୍ସ ରଖିବାକୁ କରାଯାଇଥିବା ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ୨୬ ତାରିଖ ପ୍ରଥମ ଦିନ ବ୍ଲକ ଅନ୍ତର୍ଗତ ୧ନଂ. ଜିଲା ପରିଷଦ ଜୋନ ଏବଂ ଏହା ଅଧୀନ ପଞ୍ଚାୟତଗୁଡ଼ିକର ମତଗଣନା ହେବ। ☞ପୃଷ୍ଠା-୪

## ବିରିୟାନୀ ପାଇଁ ଆତ୍ମହତ୍ୟା କଲେ ନାବାଳକ

**ସଜନାଗଡ,୨୪।୨(ଡି.ଏନ.ଏ.)**

ସାମାନ୍ୟ ବିରିୟାନୀ ପାଇଁ ଜଣେ ନାବାଳକ ଜୀବନ ହାରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ଥାନା ଦକ୍ଷିଣନରସିଂହପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ। ନିର୍ବାଚନ କାମରେ ବ୍ୟସ୍ତ ରହି ବାପା ମନୋରଞ୍ଜନ ମହାର୍ଣ୍ଣା ବିରିୟାନୀ ଆଣି ନ ପାରିବାରୁ ପୁଅ ଏଭଳି କାଣ୍ଡ ଘଟାଇଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୩ବର୍ଷର ନାବାଳକ ବିରିୟାନୀ ପ୍ଲେଟ ଆଣିବାକୁ ବାପାଙ୍କ ଆଗରେ ଦୁଇଦିନ ହେବ ଅଳି କରି ଆସୁଥିଲେ। ହେଲେ ମନୋରଞ୍ଜନ ୱାର୍ଡ଼ସଭ୍ୟ ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନରେ ବ୍ୟସ୍ତ ଥିଲେ। ତେଣୁ ବ୍ୟସ୍ତତା ଯୋଗୁ ପୁଅ ପାଇଁ ଆଉ ବିରିୟାନୀ ଆଣି ପାରି ନ ଥିଲେ। ଗତ ବୁଧବାର ସତ୍ୟବ୍ରତ ବିରିୟାନୀ ଖାଇବା ପାଇଁ ଅଧିକ ଜିଦ୍ ଧରିଥିଲେ। ହେଲେ କେହି ତାଙ୍କ କଥା ନ ଶୁଣିବାରୁ ଶେଷରେ ସେ ଏକ ଗାମୁଛାରେ ଫାଶୀ ଲଗାଇ ଜୀବନ ହାରି ଦେଇଛନ୍ତି। ଗୁରୁତର ଅବସ୍ଥାରେ ସତ୍ୟବ୍ରତଙ୍କୁ ପ୍ରଥମେ ଖନ୍ତାପଡ଼ା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ☞ପୃଷ୍ଠା-୪

## ପଞ୍ଚମ ପର୍ଯ୍ୟାୟରେ ୭୦% ମତଦାନ

- **ବିନା ପ୍ରତିଦ୍ୱନ୍ଦ୍ୱିତାରେ ୩୬,୫୨୩ ୱାର୍ଡ ମେମ୍ବର, ୧୨୬ ସରପଞ୍ଚ, ୩୨୬ ପଞ୍ଚାୟତ ସମିତି ସଦସ୍ୟ, ଜଣେ ଜିଲା ପରିଷଦ ସଭ୍ୟ ବିଜୟୀ**

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ରାଜ୍ୟରେ ଫେବୃୟାରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଗୁରୁବାର ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ଶେଷ ତଥା ପଞ୍ଚମ ପର୍ଯ୍ୟାୟରେ ପ୍ରାରମ୍ଭିକ ସୂଚନା ଅନୁଯାୟୀ ୭୦ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ନିର୍ବାଚନ କମିଶନର କହିଛନ୍ତି ଯେ କଳାହାଣ୍ଡିର ଥୂଆମୂଳ ରାମପୁର ଏବଂ ମାଲକାନଗିରିର ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଛି। ୨୫ଟି ଜିଲାର ୪୮ଟି ବ୍ଲକର ୧୩୧ଟି ଜିଲା ପରିଷଦ ଜୋନର ପ୍ରାୟ ୪୧.୮୮ଲକ୍ଷ ଭୋଟର ୧୩,୫୧୪ଟି ବୁଥ୍ ମାଧ୍ୟମରେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। କେତେକ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ନିର୍ବାଚନ କାର୍ଯ୍ୟରେ ଅସୁବିଧା ଯୋଗୁ ଭୋଟଗ୍ରହଣରେ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ଜିଲାପାଳଙ୍କଠାରୁ ରିପୋର୍ଟ ପାଇବା ପରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ। ସମସ୍ତ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ନିର୍ବାଚନ କମିଶନର ସମସ୍ତ ପୋଲିସ କର୍ମଚାରୀ, ପୋଲିଂ କର୍ମଚାରୀ, ରାଜନୈତିକ ଦଳ, ଜନସାଧାରଣ ଓ ଖବରଦାତାମାନଙ୍କୁ ନିର୍ବାଚନ ପରିଚାଳନାରେ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ନବରଙ୍ଗପୁରରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ନିର୍ବାଚନ ଦାୟିତ୍ୱରେ ମୁତୟନ କର୍ମଚାରୀଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ମୋଟ ୨.୭୯ କୋଟି ଭୋଟର ୯୧,୯୧୩ଟି ବୁଥ୍ ମାଧ୍ୟମରେ ୧ଲକ୍ଷ ୬ହଜାର ୩୫୩ଟି ବିଭିନ୍ନ ପଦବୀ ନିମନ୍ତେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ଚଳିତ ନିର୍ବାଚନରେ ୩୬,୫୨୩ ☞ପୃଷ୍ଠା-୪




# ଡାକ୍ତରାଣୀଙ୍କୁ ବିବାହ କରି ୨୩ ଲକ୍ଷ ଲୁଟିଥିଲେ

**ପୁଣି ୩ ଦିନିଆ ରିମାଣ୍ଡରେ ଆସିବେ ନକଲି ଡାକ୍ତର**

- **ଗୁଆହାଟୀର ଡାକ୍ତରାଣୀ, ତାଙ୍କ ବାପା ଓ ଭାଇଙ୍କ ବୟାନ ରେକର୍ଡ**
- **ଏମ୍‌ସରେ ଚାକିରି ନାଁରେ ୧୦ଲକ୍ଷ ଟଙ୍କା ଠକିନେଇଥିଲେ ରମେଶ**
- **ସ୍ୱତନ୍ତ୍ର ତଦନ୍ତ ପାଇଁ ଗଠନ ହେବ ୨ ମହିଳା ଟିମ୍**

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ଅର୍ଥ ପାଇଁ ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ ପରେ ଠକେଇ ଓ ପ୍ରତାରଣା କରି ଜେଲରେ ଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ପୁଣି ରିମାଣ୍ଡରେ ଆସିବେ। କମିଶନରେଟ ପୋଲିସ ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବାକୁ ଗୁରୁବାର କୋର୍ଟରେ ଆବେଦନ କରିଥିଲା। ହେଲେ କୋର୍ଟ ରମେଶଙ୍କୁ ୩ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ତେବେ ଜେଲ୍ ଯାଇଥିବା ତାଙ୍କ ଭଉଣୀ ରଶ୍ମିତା ବେହୁରାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ ହୋଇ ନ ଥିବା ପୋଲିସ କହିଛି। ଅପରପକ୍ଷରେ ରମେଶ ବିବାହ କରିଥିବା ଆସାମ ଗୁଆହାଟୀର ଜଣେ ଡାକ୍ତରାଣୀ ଗୁରୁବାର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଠକେଇର ଶିକାର ସମ୍ପୃକ୍ତ ଡାକ୍ତରାଣୀଙ୍କ ସହ ତାଙ୍କ ବାପା ଓ ଭାଇଙ୍କ ୧୬୪ ସିଆର୍‌ପିସିରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ପୋଲିସ ବୟାନ ରେକର୍ଡ କରିଛି। ବିବାହ ପରେ ଡାକ୍ତରାଣୀଙ୍କଠାରୁ ୨୩ଲକ୍ଷ ଟଙ୍କା ଓ ପରିବାରଠାରୁ ସୁନା ଅଳଙ୍କାର ଆଦି ଠକି ନେଇଥିବା ଜଣାପଡିଛି।



ରମେଶ ଚନ୍ଦ୍ର ସ୍ୱାଇଁ

ସେମାନଙ୍କ ବୟାନ ଅନୁସାରେ, ଡାକ୍ତରାଣୀଙ୍କ ସହ ରମେଶ ମାଟ୍ରିମୋନିଆଲ୍ ସାଇଟ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ଏହାପରେ ତାଙ୍କୁ ଦେଖା କରିବାକୁ ସେ ବିମାନରେ ଗୁଆହାଟୀ ଯାଇ ବିବାହ ନେଇ ଆଲୋଚନା କରିଥିଲେ। ତେବେ କରୋନା ପାଇଁ ☞ପୃଷ୍ଠା-୪

# ପିକ୍‌ଅପ୍ ଓଲଟି ୩ ମୃତ

- **ପୋଲ ବାଡ଼ରେ ପିଟିହୋଇ ଓଲଟିପଡ଼ିଲା ଗାଡ଼ି**
- **ବିବାହ ଭୋଜିରେ ଖାଦ୍ୟ ପରଷିବାକୁ ଯାଉଥିଲେ**
- **୧୬ ଆହତଙ୍କ ମଧ୍ୟରୁ ୧୧ ଜଣଙ୍କ ଚାଲିଛି ଚିକିତ୍ସା**

**ବଇଣ୍ଡା,୨୪।୨(ଡି.ଏନ.ଏ.)**

ବିବାହ ଭୋଜିରେ ଖାଦ୍ୟ ପରଷିବାକୁ ଏକ ପିକ୍‌ଅପ୍‌ରେ ଯାଉଥିବା ୧୯ ଜଣଙ୍କ ମଧ୍ୟରୁ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ୧୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣ ଚିକିତ୍ସାଧୀନ ରହିଛନ୍ତି। ଅନୁଗୋଳ ଜିଲା ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ ଥାନା ସାନହୁଲା ପୋଲ ନିକଟରେ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ଘଟିଥିବା ଏହି ଦୁର୍ଘଟଣା ଆଠମଲ୍ଲିକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତକମାନେ ହେଲେ ଆଠମଲ୍ଲିକ ଥାନା ମାଳିପଦର ଗ୍ରାମର ଚତୁର୍ଭୁଜ ଖମାରୀ (୫୨), ଶ୍ରୀକାନ୍ତ ଦେହୁରୀ (୨୦) ଏବଂ ଓଡ଼ସିଙ୍ଗା ଗ୍ରାମର ପ୍ରକାଶ ଦେହୁରୀ (୨୮)।

ଠାକୁରଗଡ଼ ଥାନା ଆଇଆଇସି ପୀତାମ୍ବର ମଲ୍ଲିକ କହିଛନ୍ତି, ଆଠମଲ୍ଲିକ ବ୍ଲକ ମାଳିପଦର ଅଞ୍ଚଳରୁ ଏକ କାଟରିଂ ଟିମ୍‌ର ୧୯ ଜଣ ସଦସ୍ୟ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୩୫ଡି-୨୦୬୩) ଯୋଗେ କିଶୋରନଗର ବ୍ଲକ ହଣ୍ଡପା ଥାନା ବିଡିସିଙ୍ଗ ଅଭିମୁଖେ ଯାଉଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ଗାଡ଼ିଟି ସାନହୁଲା ପୋଲ ଅତିକ୍ରମ କରୁଥିବାବେଳେ ବାଡ଼ରେ ପିଟି ହୋଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଚତୁର୍ଭୁଜ ଓ ପ୍ରକାଶଙ୍କ ମୃତ୍ୟୁ ହୋଇଥିଲା। ଆହତ ଆଠମଲ୍ଲିକ ଥାନା ମାଳିପଦର ଗ୍ରାମର ଶ୍ରୀକାନ୍ତ ଦେହୁରୀ, ଶକ୍ତିରଞ୍ଜନ ଖମାରୀ (୧୪), ସିଦ୍ଧୁ ଖମାରୀ(୧୫), ମିଥୁନ ଖମାରୀ, ଦୀନେଶ ବଡ଼ମାଳୀ, ସ୍ମୃତିରଞ୍ଜନ ବେହେରାମାଳୀ, ଓଡ଼ସିଙ୍ଗା ଗ୍ରାମର ବିପିନ ଦେହୁରୀ, ବୁନୁ ଦେହୁରୀ, ଶତ୍ରୁଘ୍ନ ମହାପାତ୍ର, ସିଦ୍ଧେଶ୍ୱର ସାହୁ, ଶିପୁନ ଦେହୁରୀ, କନ୍ଧପଡା ଗ୍ରାମର ଟୁନାଜା ବଡମାଳୀଙ୍କ ସମେତ ୧୭ ଜଣଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଠାକୁରଗଡ଼ ଓ ଆଠମଲ୍ଲିକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ସିଦ୍ଧୁ, ଶକ୍ତିରଞ୍ଜନ, ଶ୍ରୀକାନ୍ତ, ଟୁନାଜଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଥିଲା। ସିଦ୍ଧୁ, ଶକ୍ତିରଞ୍ଜନ ଓ ଟୁନାଜଙ୍କ ଚିକିତ୍ସା ଅନୁଗୋଳରେ ଜାରି ରହିଛି। ସେହିପରି ଆଠମଲ୍ଲିକ ମେଡିକାଲରେ ବର୍ତ୍ତମାନ ୮ ଜଣ ଚିକିତ୍ସାଧୀନ ଥିବାବେଳେ ଠାକୁରଗଡ଼ ମେଡିକାଲରେ ଚିକିତ୍ସିତ ୫ ଜଣଙ୍କୁ ଘରକୁ ପଠାଇ ଦିଆଯାଇଛି। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ନମ୍ବର ୫୭/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଘଟଣାର ତଦନ୍ତ ପାଇଁ ଏମ୍‌ଭିଆଇଙ୍କୁ ନିର୍ଦ୍ଦେଶ ଦିଆଯିବ। ମୃତ ବ୍ୟକ୍ତିମାନେ କିପରି ଗାଡ଼ି ବୀମା ଅର୍ଥ ପାଇବେ ସେ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବ।




ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ

**୧୦ ବର୍ଷ ପରେ ଚିତ୍ରକୋଣ୍ଡାରେ ଭୋଟ**

ଚିତ୍ରକୋଣ୍ଡା,(ଡି.ଏନ.ଏ.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ଦଶବର୍ଷ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଗୁରୁବାର ମତଦାନ ହୋଇଛି। ୨ଟି ଜିଲା ପରିଷଦ ଜୋନ୍‌ରେ ୭ ଜିଲା ପରିଷଦ ପ୍ରାର୍ଥୀ, ୬୨ ସରପଞ୍ଚ, ୪୫ ସମିତିସଭ୍ୟ ଓ ୨୨୫ ୱାର୍ଡମେମ୍ବର ଏପରି ମୋଟ ୩୩୯ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ଆବଦ୍ଧ ହୋଇଛି। ଅପରାହ୍ଣ ସୁଦ୍ଧା ମତାଦାନ ୬୩.୧୩ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ମାଓବାଦୀ ଭୟ ପାଇଁ ସ୍ୱାଭିମାନ ଅଞ୍ଚଳର ୫୩ଟି ବୁଥ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

# ଭୋଟ ବାକ୍ସରେ ପାଣି ଢାଳିଲେ, ନଦୀକୁ ଫିଙ୍ଗିଲେ

■ ୩ ପଞ୍ଚାୟତର ବିଭିନ୍ନ ବୁଥ୍‌ରେ ନିର୍ବାଚନୀ ହିଂସା

■ ପୋଖରୀଗାଁ ଗ୍ରାମବାସୀଙ୍କ ରାସ୍ତାରୋକୋ

ନିଆଳି,୨୪।୨(ଡି.ଏନ୍.ଏ.)

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ଗୁରୁବାର ହୋଇଯାଇଛି। ହେଲେ ପୂର୍ବ ପର୍ଯ୍ୟାୟ ନିର୍ବାଚନ ଭଳି ଏଥର ମଧ୍ୟ ମତଦାନ ସମୟରେ ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସାକାଣ୍ଡ ଘଟିଛି। ଏପରି କି ବୁଥ୍‌ଗୁଡ଼ିକରେ ଭୋଟରମାନେ ଭୋଟ ଦେଉଥିବା ବେଳେ କେତେକ ଦୁର୍ବୃତ୍ତ ପଶି ଭୋଟ ବାକ୍ସରେ ପାଣି ଢାଳିଦେଇଥିବା ବେଳେ ଅନ୍ୟ କେଉଁଠି ଭୋଟବାକ୍ସକୁ ନେଇ ନିକଟସ୍ଥ ନଦୀରେ ଫିଙ୍ଗିଦେଇଛନ୍ତି। ଏଭଳି ହିଂସାତ୍ମକ ଘଟଣା କଟକ ଜିଲା ନିଆଳି ବ୍ଲକର ୩ଟି ପଞ୍ଚାୟତରେ ଦେଖିବାକୁ ମିଳିଛି।

ନିଆଳି ବ୍ଲକର ୨୩ଟି ପଞ୍ଚାୟତରେ ୧,୩୩,୪୧୬ ଜଣ ଭୋଟର ରହିଛନ୍ତି। ୨୦, ୨୧, ୨୨, ୨୩ ନଂ. ୪ ଜିଲା ପରିଷଦ ଜୋନ୍‌ରେ ୧୬ଜଣ ପ୍ରାର୍ଥୀ ଓ ୨୩ ପଞ୍ଚାୟତରେ ୮୩ ସରପଞ୍ଚ ପ୍ରାର୍ଥୀ ଓ ୭୨ ସମିତିସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଗୁରୁବାର ନିର୍ଦ୍ଧାରିତ ସମୟରେ ଭୋଟ ଆରମ୍ଭ ହୋଇଥିବାବେଳେ ଭୋଟରମାନେ ଧାଡ଼ିରେ ଆସି ଶୃଙ୍ଖଳିତ ଭାବେ ମତଦାନ କରୁଥିଲେ। ହେଲେ ପୋଖରୀଗାଁ ପଞ୍ଚାୟତର ୨, ୩, ୪, ୫ ଓ ୨୦, ୨୧ ନଂ.ବୁଥ୍‌ରେ ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ବୁଥ୍‌ରେ ପଶି ଜବରଦଖଲ କରିଥିଲେ। ଏହାକୁ ଜଣେ ଏଜେଣ୍ଟ ବିରୋଧ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଏହି ପଞ୍ଚାୟତର ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୧୮, ୧୯ନଂ. ବୁଥ୍‌ରେ ମଧ୍ୟ ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସମର୍ଥକ ପଶି କେତେକ ଭୋଟ ବାକ୍ସକୁ ନିକଟରେ ଥିବା ହେମସାଗର ନଦୀରେ ଫିଙ୍ଗିବା ସହ ଆଉ କିଛି ବାକ୍ସରେ ପାଣି ପକାଇଥିଲେ। ଉକ୍ତ ୨ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଅନ୍ୟ ପ୍ରାର୍ଥୀ ମାମିନା ଜେନାଙ୍କ ସମର୍ଥକ ଓ ଗ୍ରାମବାସୀ ପୋଖରୀଗାଁ ଛକରେ ଟାୟାର ଜାଳି, ଗଛ ପକାଇ ରାସ୍ତାରୋକୋ କରିବା ସହ ସମ୍ପୂର୍ଣ୍ଣ ପଞ୍ଚାୟତରେ ପୁନଃ ମତଦାନ କରିବା ପାଇଁ ଅଡ଼ି ବସିଥିଲେ। ଖବର ପାଇ ଘଟଣାସ୍ଥଳରେ କଟକ ପିଡି ଡିଆର୍‌ଡିଏ ଅମ୍ବର କର, ନିଆଳି ତହସିଲଦାର ବିଦ୍ୟାଧର ପତି, ନିଆଳି ଆଇଆଇସି ବିଜୟ କୁମାର ମଲ୍ଲିକ ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସାନି ମତଦାନ ପାଇଁ ଆଲୋଚନା କରାଯିବ ବୋଲି କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସେହିପରି ନିର୍ବାଚନ ସରିବା ପରେ ବିଳାସୁଣୀ ପଞ୍ଚାୟତର ୧୪ ନଂ. ବୁଥ୍‌ରେ ବାକ୍ସ ସିଲ୍ କରାଯିବା ପରେ କର୍ମଚାରୀ ଘର ବନ୍ଦ କରି ଖାଉଥିବାବେଳେ ପ୍ରାୟ ୩୦/୪୦ଜଣ ଦୁର୍ବୃତ୍ତ ବୁଥ୍ ଘର କବାଟ ଭାଙ୍ଗି ବାକ୍ସ ନେଇ ପଛପଟ ପୋଖରୀରେ ଫିଙ୍ଗି ଦେଇଥିଲେ। ପରେ ପୋଲିସ ଆସି ପୋଖରୀରୁ ବାକ୍ସ ଉଦ୍ଧାର କରିଛି। ସେହିଭଳି ଅଲଣା ପଞ୍ଚାୟତର ଖଣ୍ଡମୁଣ୍ଡା ଗ୍ରାମର ବୁଥ୍ ୧୨ ନଂ. ବାଁସାହି ପ୍ରାଥମିକ ବିଦ୍ୟାଳୟରେ ମତଦାନ ଚାଲୁଥିବା ବେଳେ କେତେଜଣ ଦୁର୍ବୃତ୍ତ ବୁଥ୍ ମଧ୍ୟରେ ପଶି ବାକ୍ସରେ ପାଣି ପକାଇ ଦେଇଥିଲେ। ଫଳରେ ଅଧାରୁ ଭୋଟ ବନ୍ଦ ରହିଥିଲା। ନିଆଳି ହାଇସ୍କୁଲ ବୁଥ୍‌ରେ ବିଜେଡି କର୍ମୀ ପଶି ବେନିୟମ କାର୍ଯ୍ୟ କରୁଥିଲେ। ଏହାକୁ କଂଗ୍ରେସ କର୍ମୀ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହିଭଳି ଅନ୍ୟ କେତେକ ପଞ୍ଚାୟତରେ ଉତ୍ତେଜନା ହୋଇଥିଲେ ମଧ୍ୟ ରିପୋର୍ଟ ଲେଖାହେବା ମଧ୍ୟରେ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ। ସୂଚନାଥାଉ କି, ନିଆଳି ବ୍ଲକରେ ୪୭୨ ବୁଥ୍ ମଧ୍ୟରୁ ୨୩୨ ଉତ୍ତେଜନାପ୍ରବଣ ଓ ୧୦୨ ଅତି ଉତ୍ତେଜନାପ୍ରବଣ ବୁଥ୍ ରହିଛି। ହେଲେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଏଭଳି ପରିସ୍ଥିତି ଘଟିଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ହେମସାଗର ନଦୀରେ ଫିଙ୍ଗାଯାଇଥିବା ଭୋଟ ବାକ୍ସ।

## ମତଦାନ ପରେ ଭୋଟ ବାକ୍ସକୁ ମୁଣ୍ଡିଆ ମାରିଲେ ଏମ୍‌ପି ପ୍ରମିଳା

ଆସିକା,୨୪।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ନିଜ ପଞ୍ଚାୟତରେ ଭୋଟ ଦେବା ପରେ ଭୋଟ ବାକ୍ସକୁ ମୁଣ୍ଡିଆ ମାରିଥିବା ଦେଖାଯାଇଥିଲା। ଏହାର ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ଗୁରୁବାର ଆସିକା ବ୍ଲକରେ ହୋଇଥିଲା। ବ୍ଲକର ନଳବଣ୍ଟା ପଞ୍ଚାୟତ ଅନ୍ତର୍ଗତ ଚେରମାରିଆ ୧୫ ନମ୍ବର ବୁଥ୍‌ରେ ଆସିକା ଏମ୍‌ପି ବିଷୋୟୀ ଭୋଟ ଦେଇଥିଲେ। ବାଲଟ ପେପରରେ ନିଜ ମତ ସାବ୍ୟସ୍ତ କରି ଭୋଟ ବାକ୍ସରେ ପକାଇଥିଲେ। ପରେ ସେ ହାତଯୋଡି ତଳେ ଭୋଟ ବାକ୍ସକୁ ମୁଣ୍ଡିଆ ମାରି ଭୋଟଦାନ କେନ୍ଦ୍ରରୁ ଫେରିଥିଲେ। ତେବେ ସେ କାହିଁକି ଏଭଳି କଲେ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିଂ ଦାୟିତ୍ୱରେ ଥିବା ଅଧିକାରୀମାନେ ଏହା ଦେଖି ହତବାକ୍ ହୋଇଯାଇଥିଲେ। ଏମ୍‌ପିଙ୍କ ଏହି ଫଟୋ ଭାଇରାଲ ହେବା ପରେ ଆସିକା ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଛି।

East Point Public School
841, Cuttack Puri Road, Rasulgarh,
Infront of Esplanade1, Bhubaneswar - 751010
ADMISSION OPEN
PLAY GROUP TO St. VII, CBSE CURICULUM
Mobile: 9439920321, 9437268949
E-mail: eastpointps53@gmail.com
www.eastpointpublicschool.org
Need Trained Teachers




## ୩ ଭୋଟରଙ୍କ ପାଇଁ ୪ ପୋଲିଂ ଅଫିସର

ଉମରକୋଟ, ୨୪।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନରେ ତ୍ରୁଟିପୂର୍ଣ୍ଣ ଭୋଟର ତାଲିକା ପାଇଁ ସେମଲା ପଞ୍ଚାୟତର ସଦର ଗାଁ (ୱାର୍ଡ ନଂ. ୪) ଗ୍ରାମବାସୀ ଭୋଟଦାନରୁ ବଞ୍ଚିତ ହୋଇଛନ୍ତି। ନୂତନ ଭାବେ ଯୋଡ଼ିହୋଇଥିବା ୩ଜଣ ଭୋଟର ମତଦାନ କରିଛନ୍ତି। ୩ ଭୋଟରଙ୍କ ପାଇଁ ୪ ପୋଲିଂ ଅଫିସର ନିୟୋଜିତ ହୋଇଥିଲେ। ସେହିଭଳି ମୁଣ୍ଡାଗୁଡ଼ା ପଞ୍ଚାୟତ ସଦର ଗାଁର ଲୋକେ ସେମାନଙ୍କ ନାମ ବକୋଦା ପଞ୍ଚାୟତର ମୁଣ୍ଡାପଦର ଗ୍ରାମ ଭୋଟର ତାଲିକାରେ ଥିବାରୁ ଭୋଟ ବର୍ଜନ କରିଛନ୍ତି। ସୂଚନାନୁଯାୟୀ, ସେମଲା ପଞ୍ଚାୟତର ୪ନମ୍ବର ୱାର୍ଡରେ ପୂର୍ବରୁ ୪୩୬ ଭୋଟରଙ୍କ ନାମ ଥିଲା। ଭୋଟର ତାଲିକା ସଂଶୋଧନ ସମୟରେ ଏହି ୱାର୍ଡର ଭୋଟରଙ୍କ ନାମ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିଲା। ଫଳରେ ଏହି ୱାର୍ଡର ୪୩୬ ଜଣ ଭୋଟର ମତଦାନରୁ ବଞ୍ଚିତ ହୋଇଛନ୍ତି। ତେବେ ନୂଆକରି ତାଲିକାରେ ଯୋଡ଼ି ହୋଇଥିବା ତିନି ଜଣ ସତୁ ଭତ୍ରା, ସେବତୀ ଭତ୍ରା, ହରି ଭତ୍ରା ୪ ନଂ. ୱାର୍ଡ ପାଇଁ ମତଦାନ କରିଥିଲା। ସେବତୀ ଭତ୍ରା ୱାର୍ଡ ସଭ୍ୟ ପ୍ରାର୍ଥୀ ଭାବେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସେହିପରି ବ୍ଲକର ମୁର୍ତ୍ତୁମା ପଞ୍ଚାୟତର ମୁଣ୍ଡାଗୁଡ଼ା ଗ୍ରାମବାସୀଙ୍କ ନାମ ବକୋଦା ପଞ୍ଚାୟତ ମୁଣ୍ଡାପଦର ଗ୍ରାମକୁ ସ୍ଥାନାନ୍ତର ହୋଇଥିବାରୁ ଏହି ଗ୍ରାମର ୧୪୫ ଜଣ ମତଦାତା ମତଦାନରୁ ବଞ୍ଚିତ ହୋଇଛନ୍ତି।


**ଡାଳପତ୍ରରେ ତିଆରି ବୁଥ୍:** କୋରାପୁଟ ଜିଲା ବୈପାରିଗୁଡା ବ୍ଲକର ଗଦରାଗୁଡାଠାରେ ଡାଳପତ୍ରରେ ହୋଇଥିବା ମତଦାନ କେନ୍ଦ୍ରରେ ଗୁରୁବାର ଲୋକେ ଭୋଟ ଦେଉଛନ୍ତି।

## ଟଙ୍କା ବାଣ୍ଟି ଧରିପଡ଼ିଥିବା ଭାଜପା ପ୍ରାର୍ଥୀଙ୍କୁ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ତ୍ରିସ୍ତରୀୟ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ଭୋଟ୍ ଗୁରୁବାର ଶେଷ ହୋଇଥିବା ବେଳେ ପୁଣିଥରେ ଭାଜପା ନେତା ଓ କର୍ମୀଙ୍କ ବିରୋଧରେ ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କୁ ବିଜେଡିର ଏକ ପ୍ରତିନିଧି ଦଳ ସାକ୍ଷାତ କରିଛି। ବିଜେଡି ପ୍ରତିନିଧି ଦଳ ଏକ ଦାବିପତ୍ର ଜରିଆରେ ଅଭିଯୋଗ କରିଛି, ପଞ୍ଚାୟତ ନିର୍ବାଚନ ଫଳାଫଳ ଖରାପ ହେବ ବୋଲି ଜାଣିବା ପରେ ଭାଜପା ନେତା ଓ କର୍ମୀମାନେ ବିଭିନ୍ନ ସ୍ଥାନରେ ହିଂସା, ବୁଥ୍ ରିଗିଂ, ବାଲଟ ବକ୍ସ ପାଣିରେ ବୁଡ଼ାଇଦେବା ଭଳି କାର୍ଯ୍ୟ ଜାରି ରଖିଛନ୍ତି। ଭାଜପା ଜିଲା ପରିଷଦ ପ୍ରାର୍ଥୀମାନେ ବ୍ୟାପକ ଭାବେ ଅର୍ଥ କାରବାର ମଧ୍ୟ ଜାରି ରଖିଛନ୍ତି। ଟଙ୍କା ବାଣ୍ଟିବା ସମୟରେ ମଧ୍ୟ ସୁନ୍ଦରଗଡ଼ ସଦର-ଏ ଜୋନ୍‌ର ପ୍ରାର୍ଥୀ ଲୋକମାନଙ୍କ ଦ୍ୱାରା ଧରାପଡ଼ିବା ପରେ ପୋଲିସକୁ ଦେଇଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ଭାଜପା ନେତା ଓ କର୍ମୀମାନେ ହିଂସା ଓ ବୁଥ୍ କ୍ୟାପ୍‌ଚରିଂ ଜାରି ରଖିଛନ୍ତି। ତେଣୁ ଯେଉଁମାନେ ନିର୍ବାଚନର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି ଏବଂ ହିଂସା ଘଟାଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ପ୍ରତିନିଧି ଦଳ ଦାବି କରିଛି।

## ୨ ବାଲଟରେ ପ୍ରାର୍ଥୀଙ୍କ ନାମ: ଭୋଟ ସ୍ଥଗିତ

**ସରପଞ୍ଚ ପଦବୀ ପାଇଁ ପାରିଶିଖରରେ ଆଜି ସାନି ମତଦାନ**

ଜଗତ୍‌ସିଂହପୁର ଅଫିସ/ନାଉଗାଁ, (ସ୍ୱ.ପ୍ର.), ୨୪।୨

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ଅନ୍ତର୍ଗତ ପାରିଶିଖର ଗାଁରେ ସରପଞ୍ଚ ପଦବୀ ନିମନ୍ତେ ଶୁକ୍ରବାର ସାନି ମତଦାନ ଅନୁଷ୍ଠିତ ହେବ। ଏହି ଗ୍ରାମର ୪ ନଂ. ବୁଥ୍‌ରେ ନିର୍ଦ୍ଧାରିତ ସମୟରେ ଗୁରୁବାର ଭୋଟରମାନେ ମତଦାନ କରୁଥିଲେ। ହଠାତ୍ ଜଣାପଡିଥିଲା ଯେ, ସରପଞ୍ଚ ପଦବୀ ନିମନ୍ତେ ସମସ୍ତ ପ୍ରାର୍ଥୀଙ୍କ ନାମ ଗୋଟିଏ ବାଲଟରେ ରହିବା ପରିବର୍ତ୍ତେ ୨ଟିରେ ରହିଛି। ଏଥିସହ ବାଲଟର ୨ୟ ପୃଷ୍ଠାଟି ଠିକ୍ ଭାବେ ପ୍ରଥମ ସହ ଭଙ୍ଗାଯାଇ ନ ଥିଲା। ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସେତେବେଳକୁ ବହୁ ଭୋଟର ଭୋଟ ଦେଇ ସାରିଥିବାରୁ ମତଦାନ ବନ୍ଦ କରିବାକୁ ଦାବି କରାଯାଇଥିଲା। ଖବରପାଇ ଘଟଣାସ୍ଥଳରେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ରଶ୍ମିରେଖା ମଲିକ ପହଞ୍ଚି ଅନୁଧ୍ୟାନ କରିବା ପରେ ସତ୍ୟାସତ୍ୟ ଜାଣିପାରିଥିଲେ। ପରେ ୱାର୍ଡର ସରପଞ୍ଚ ପଦବୀ ପାଇଁ ମତଦାନ ସ୍ଥଗିତ ରଖାଯାଇଥିଲା। ଅନ୍ୟ ପଦବୀ ଯଥା ଜିଲା ପରିଷଦ, ସମିତି ସଭ୍ୟ ଓ ଏବଂ ୱାର୍ଡ ମେମ୍ବର ଭୋଟ ସ୍ୱାଭାବିକ ଭାବେ କରାଯାଇଥିଲା। ବିଡିଓଙ୍କ ରିପୋର୍ଟ ଆଧାରରେ ଜିଲାପାଳ ସାନି ମତଦାନ ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ସୁପାରିସ କରିଥିଲେ। ରାଜ୍ୟ ନିର୍ବାଚନ କମିଶନର ଶୁକ୍ରବାର ସକାଳ ୯ରୁ ଅପରାହ୍ଣ ୩ଟା ମଧ୍ୟରେ ସାନି ମତଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଭୋଟଦାନ କେନ୍ଦ୍ରରେ ଟଳିପଡ଼ିଲେ ମହିଳା

ସଇଁତଳା, ୨୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କେରମେଲି ପଞ୍ଚାୟତ ଲାଟୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ର ନଂ.୮ରେ ଭୋଟ ଦେବାକୁ ଆସିଥିବା ଜଣେ ମହିଳାଙ୍କର ଗୁରୁବାର ମୃତ୍ୟୁ ଘଟିଛି। ମୃତା ହେଲେ ବନାରସ ଗ୍ରାମର ସତ୍ୟନାରାୟଣ ମହାକୁରଙ୍କ ସ୍ତ୍ରୀ ଗୁଲାପ ମହାକୁର(୪୦)। ପୋଲିଂ ଅଫିସରଙ୍କଠାରୁ ବାଲଟ ପେପର ନେଇ ଗୁଲାପ ମତଦାନ କରିବାକୁ ଯାଉଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ତହସିଲଦାର ସୁରେନ୍ଦ୍ରନାଥ ମେହେର ପୋଲିସ ସହ ଡାକ୍ତରଖାନାରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ମୃତାଙ୍କ ସ୍ୱାମୀ ଓ ତିନି ପିଲା ଅଛନ୍ତି।

## ବାଇକ୍‌ରେ ବୁହାହେଲା ଭୋଟ୍‌ବାକ୍ସ

ବାଲେଶ୍ୱର ଅଫିସ, ୨୪।୨

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀରେ ଗୁରୁବାର ଅନୁଷ୍ଠିତ ଅନ୍ତିମ ପର୍ଯ୍ୟାୟରେ ମଙ୍ଗଳପୁର ପଞ୍ଚାୟତ ସିଂଲା ପ୍ରାଥମିକ ବିଦ୍ୟାଳୟରେ ହର୍ଷପୁରା ୱାର୍ଡ଼ ପାଇଁ ୩ ନଂ. ବୁଥ୍‌ରେ ମତଦାନ ହୋଇଥିଲା। ମତଦାନ ପରେ ଭୋଟ୍‌ବାକ୍ସକୁ ପ୍ରିଜାଇଡିଂ ଅଫିସର ବାଇକ୍‌ରେ ନେଇ ରେମୁଣା କଲେଜରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚାଇବା ପାଇଁ ବାହାରିଥିବା ବେଳେ ସ୍ଥାନୀୟ ଲୋକେ ଜାଣି ପାରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକ ତଥା ରାଜନୈତିକ ଦଳର କର୍ମୀ ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। କେତେଜଣ କର୍ମୀ ଜାତୀୟ ରାଜପଥକୁ ଆସି ଅବରୋଧ କରିଥିଲେ। ପୋଲିସ ଡିଏସ୍‌ପି ଅମୂଲ୍ୟ କୁମାର ଧିରଙ୍କ ସମେତ ଶିଳ୍ପାଞ୍ଚଳ ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଏବଂ ଅନ୍ୟ ପୋଲିସ ଅଧିକାରୀ, ଓଡ଼ିଶା ସ୍ୱତନ୍ତ୍ର ପୋଲିସ ଫୋର୍ସ ସମେତ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଅନ୍ୟପକ୍ଷରେ ଉକ୍ତ ସ୍କୁଲରେ ଅନ୍ୟ ବୁଥ୍‌ଗୁଡ଼ିକର ଭୋଟ୍‌ବାକ୍ସକୁ ନେବା ପାଇଁ ପୋଲିସ ଏକ ସ୍ୱତନ୍ତ୍ର ବସ୍‌ର ବନ୍ଦୋବସ୍ତ କରିଥିଲେ ଏବଂ ପୋଲିସ ସୁରକ୍ଷା ଘେରରେ ଭୋଟ୍‌ବାକ୍ସଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌କୁ ନିଆଯାଇଥିଲା। ଉକ୍ତ ଭୋଟ୍ ବାକ୍ସକୁ ପୋଲିସ ସୁରକ୍ଷାରେ ନ ନିଆଯାଇ ବାଇକ୍‌ରେ କିପରି ନିଆଗଲା ତାକୁ ନେଇ ଲୋକେ ପ୍ରଶ୍ନ ଉଠାଇବା ସହିତ ଏପରି ଭୁଲ୍ ପାଇଁ ସମ୍ପୃକ୍ତ ପ୍ରିଜାଇଡିଂ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ପ୍ରିଜାଇଡିଂ ଅଫିସର ଦାୟିତ୍ୱରେ ଥିବା ପୀତାମ୍ବର ଖିଲାର କହିଛନ୍ତି, ସେ ପୂର୍ବ ରାତିରେ ଅସୁସ୍ଥତା କାରଣରୁ ଡାକ୍ତରଖାନାରେ ଥିଲେ। ମାତ୍ର ଅନୁରୋଧ ସତ୍ତ୍ୱେ ରିଲିଭ୍ ନ ମିଳିବାରୁ ପୂର୍ବାହ୍ଣ ୬ଟାରେ ଡ୍ୟୁଟିରେ ଯୋଗଦେଇଥିଲେ। ଭୋଟ୍ ଗ୍ରହଣ ସରିବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। ଡାକ୍ତରଙ୍କ ନିକଟକୁ ଚିକିତ୍ସା ନିମନ୍ତେ ଯିବା ପାଇଁ ପୋଲିସ ପରାମର୍ଶରେ ସେ ତୁରନ୍ତ ଭୋଟ୍‌ବାକ୍ସକୁ ସୁରକ୍ଷିତ ଭାବେ ନେଇ ରେମୁଣା କଲେଜରେ ପହଞ୍ଚାଇଥିବା ପ୍ରକାଶ କରିଛନ୍ତି।


ବାଇକ୍‌ରେ ଭୋଟ୍ ବାକ୍ସ ନିଆଯିବାକୁ ବିରୋଧ କରି ଜାତୀୟ ରାଜପଥ ଅବରୋଧ।

## ଗଣତି ଓ ଫଳାଫଳର ସ୍ୱଚ୍ଛତା ଉପରେ ସନ୍ଦେହ ବଢ଼ୁଛି: ଭାଜପା

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡି ହିଂସାକାଣ୍ଡ ଓ ବ୍ୟାପକ ବୁଥ୍ ରିଗିଂ ସହ ସରକାରୀ କଳକୁ ଅପବ୍ୟବହାର କରି ନିର୍ବାଚନ ବୈତରଣୀ ପାରିହେବାକୁ ପ୍ରୟାସ ଜାରି ରଖିଛି। ଅପରପକ୍ଷରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଭୋଟବାକ୍ସ ରହୁଥିବା ଷ୍ଟ୍ରଙ୍ଗ୍ ରୁମ୍‌କୁ ସିଲ୍ କରିବା ବେଳେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଡିଓମାନେ ଭାଜପା ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତି ପାଇଁ ବାରଣ କରୁଛନ୍ତି । ଭିନ୍ନ ଭିନ୍ନ ତାରିଖରେ ଭୋଟ ଗଣତି ହେବାକୁ ଥିବାବେଳେ ସେହି କ୍ରମରେ ଭୋଟବାକ୍ସଗୁଡ଼ିକ ରଖାଯାଇନାହିଁ। ଗଣତି ପରେ ଭୋଟ ବାକ୍ସଗୁଡ଼ିକୁ ଅସ୍ଥାୟୀଭାବେ ସିଲ୍ କରି ପୁନଶ୍ଚ ସେହି ରୁମ୍‌ରେ ରଖିବା ନେଇ ବିଡିଓଙ୍କ ନିଷ୍ପତ୍ତି ଯୋଗୁ ଗଣତି ଓ ଫଳାଫଳ ଘୋଷଣାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିସହ ଷ୍ଟ୍ରଙ୍ଗ୍ ରୁମ୍‌ର ପାର୍ଶ୍ୱବର୍ତ୍ତୀ ରୁମ୍‌ରେ ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ଜ୍ଞାତସାରରେ କେତେଜଣ ସାଦା ପୋଷାକଧାରୀ ଲୋକ ନିଜକୁ ପୋଲିସ ପରିଚୟ ଦେଇ ଅବସ୍ଥାନ କରୁଛନ୍ତି। ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ପଚରାଯିବାରୁ ବିଡିଓ ଭୁଲ୍ ତଥ୍ୟ ଦେଇଥିବା ସ୍ପଷ୍ଟୀକରଣ ଦେଇଛନ୍ତି। ନିର୍ବାଚନ ପରିଚାଳନା ଦାୟିତ୍ୱରୁ ଉକ୍ତ ବିଡିଓଙ୍କୁ ମୁକ୍ତ କରିବା ପାଇଁ କମିଶନଙ୍କ ନିକଟରେ ଭାଜପା ଦାବି କରିଛି।

# ମତଦାନ ବେଳେ ରିଗିଂ ନେଇ ଉତ୍ତେଜନା

■ ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ, ୧୦ ଆହତ

■ ବାଲଟ ପେପର ନେଇ ଚମ୍ପଟ ଅଭିଯୋଗରେ ୨ ଗିରଫ

■ ୧୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଭଦ୍ରକ ଅଫିସ/ଧାମନଗର,୨୪।୨

ଭଦ୍ରକ ଜିଲା ଧାମନଗର ବ୍ଲକରେ ଗୁରୁବାର ମତଦାନ ବେଳେ କେତେକ ବୁଥ୍‌ରେ ରିଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି କିଛି ବୁଥ୍‌ରେ ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। ପ୍ରକାଶ ଯେ, ଅର୍ଜୁନପୁର ପଞ୍ଚାୟତର ୩, ୪, ୮ ନଂ. ବୁଥ୍‌ରେ ସରପଞ୍ଚ ପ୍ରାର୍ଥୀଙ୍କ ଏଜେଣ୍ଟ ଓ ପ୍ରିଜାଇଡିଂ ଅଫିସରଙ୍କୁ ଆକ୍ରମଣ ସହ ପୋଲିସ ସମ୍ମୁଖରେ ରିଗିଂ କରାଯାଇଥିବା ଅଭିଯୋଗ ହୋଇଛି। ରିପୋଲିଂ ଦାବିରେ ଭାଜପା ସମର୍ଥିତ କର୍ମୀମାନେ ଧୂଷୁରୀ ବଜାର ଉପରେ ରାସ୍ତାରୋକୋ କରିଥିଲେ। ପୋଲିଂ ଏଜେଣ୍ଟଙ୍କ ସହଯୋଗୀମାନେ ମଧ୍ୟ ପ୍ରତି ଆକ୍ରମଣ କରିଛନ୍ତି। ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟପକ୍ଷର ୧୦ଜଣ ଆହତ ହୋଇଛନ୍ତି। ସେହିପରି କଟସାହି ପଞ୍ଚାୟତର ୧ ନଂ. ବୁଥ୍‌ରେ ପ୍ରଥମ ଏକ ଘଣ୍ଟା ସ୍ୱାଭାବିକ ଭାବେ ମତଦାନ ହୋଇଥିଲା। ୩୦ରୁ ଊର୍ଦ୍ଧ୍ୱ ଭୋଟରଙ୍କ ଭୋଟ୍ ପରେ ରିଗିଂ କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ସ୍ୱାଧୀନ ପ୍ରାର୍ଥୀଙ୍କ ଏଜେଣ୍ଟ ବାଲଟ ପେପର ନେଇ ବୁଥ୍ ବାହାରକୁ ଚମ୍ପଟ ମାରିଥିଲେ। ଫଳରେ ଭୋଟ ବନ୍ଦ କରାଯାଇଥିଲା। ଉତ୍ତ୍ୟକ୍ତ ଲୋକେ ଦୁଇଜଣ ନୃସିଂହ ଜେନା ଓ ଦିବ୍ୟରଞ୍ଜନ ସାହୁ ନାମକ ବ୍ୟକ୍ତିଙ୍କୁ କାବୁ କରି ସେମାନଙ୍କଠାରୁ ଚିରା ବାଲଟ ପେପର ଆଣିଥିଲେ। ପରେ ଧୂଷୁରୀ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି।

ପଧାନୀ ପଞ୍ଚାୟତର ୨ ନଂ. ବୁଥ୍‌ରେ ରିଗିଂ ହୋଇଥିବା ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଅଭିଯୋଗ କରିଥିବା ବେଳେ ବିଜେଡି ପକ୍ଷରୁ ପାଲଟା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଶରତ ଚନ୍ଦ୍ର ସାହୁଙ୍କୁ ଆକ୍ରମଣ ନେଇ ଧାମନଗର ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଏହି ବୁଥ୍‌ରେ ରିଗିଂ ହେଉଥିବା ଖବର ପାଇ ଶରତ ଓ ତାଙ୍କର କେତେଜଣ ସମର୍ଥକ ସେଠାରେ ପହଞ୍ଚିଥିଲେ। ସେଠାରେ ଥିବା ଭାଜପା କର୍ମୀଙ୍କ ସଂଘବଦ୍ଧ ଆକ୍ରମଣରେ ଶରତଙ୍କ ସମେତ ଦୁଇଜଣ ଗୁରୁତର ହୋଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ବିଜେଡି ସମର୍ଥକମାନେ ଧାମନଗର ଥାନା ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ରିଗିଂ କରିବା ଅଭିଯୋଗରେ ତୁରନ୍ତ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀଙ୍କୁ ଗିରଫ ପାଇଁ ଦାବି କରିଥିଲେ। ୪୮ ଘଣ୍ଟା ମଧ୍ୟରେ ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ରାତିରେ ରାସ୍ତାରୋକୋ ହଟିଥିଲା।

ସେହିଭଳି ଭଙ୍ଗସାହି, ବମକୁରା, କାଶିମପୁରରେ ଭୋଟ ଗ୍ରହଣ କେନ୍ଦ୍ର ବାହାରେ ମାର୍‌ପିଟ୍ ହୋଇଛି। ଧୂଷୁରୀ ଓ ଧାମନଗର ଥାନା ପକ୍ଷରୁ ୧୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଏହିସବୁ ସ୍ଥାନରେ ଉତ୍ତେଜନା ଲାଗି ରହିଛି।


ଧୂଷୁରୀ ବଜାରଠାରେ ଭାଜପା କର୍ମୀଙ୍କ ରାସ୍ତାରୋକୋ।

# ଦୁର୍ବଳ ହେଲା ରୁବଲ

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ପଡୋଶୀ ୟୁକ୍ରେନ ଉପରେ ଆକ୍ରମଣ ନିର୍ଦ୍ଦେଶ ଦେବା ପରେ ସାରା ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି। ଭାରତର ସେନ୍‌ସେକ୍ସ ଓ ନିଫ୍ଟି, ଆମେରିକାର ଡୋ ଜୋନ୍ସ ଓ ନାସ୍‌ଡାକ୍, ହଂକଂର ହେନ୍‌ସେଙ୍ଗ୍ ଭଳି ବିଶ୍ୱର ପୁଞ୍ଜିବଜାର ଧରାଶାୟୀ ହୋଇଛି। ଏଥିରେ ରୁଷିଆ ମଧ୍ୟ ବାଦ୍ ପଡ଼ିନାହିଁ। ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି ସେଠକାର ମୁଦ୍ରା ରୁବଲକୁ ଐତିହାସିକ ଝଟକା ଲାଗିଛି। ଆମେରିକୀୟ ଡଲାର ଓ ୟୁରୋ ତୁଳନାରେ ରୁଷୀୟ କରେନ୍ସି ରୁବେଲର ମୂଲ୍ୟ ୧୦ ପ୍ରତିଶତ ହ୍ରାସ ପାଇଛି। ମସ୍କୋ ଏକ୍ସଚେଞ୍ଜରେ ରୁଷିଆର କେତେକ ବଡ଼ କମ୍ପାନୀର ଶେୟାର ସକାଳେ ବଜାର ଖୋଲିବା ମାତ୍ରେ ନିମ୍ନଗାମୀ ହୋଇଥିଲା। ସକାଳ ୯ଟାରେ ୟୁରୋ ମୂଲ୍ୟ ୧୦୦ ରୁବଲରୁ ଉପରକୁ ଚାଲି ଯାଇଥିଲା।



# ପୋଲାଣ୍ଡ ଆଶ୍ରୟରେ ୟୁକ୍ରେନ ଶରଣାର୍ଥୀ

ରୁଷିଆର ଆକ୍ରମଣ ପରେ ଆତଙ୍କିତ ୟୁକ୍ରେନବାସୀ ଘର ଛାଡ଼ି ସୁରକ୍ଷିତ ସ୍ଥାନମାନଙ୍କୁ ପଳାୟନ ଆରମ୍ଭ କରିଛନ୍ତି। ରାଜଧାନୀ କିଭ୍‌ରୁ ଲୋକେ ୟୁକ୍ରେନର ପଶ୍ଚିମାଞ୍ଚଳ ଆଡକୁ ମୁହାଇଛନ୍ତି। ରେଳ ଓ ସଡ଼କ ପଥ ଜରିଆରେ ଶତାଧିକ ୟୁକ୍ରେନ ଶରଣାର୍ଥୀ ଗୁରୁବାର ଅପରାହ୍ନରେ ପୋଲାଣ୍ଡରେ ପହଞ୍ଚିଛନ୍ତି। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସବୁ ବୟସ ବର୍ଗର ଲୋକେ ପ୍ରାଣରକ୍ଷା ପାଇଁ ୟୁକ୍ରେନ ଛାଡ଼ି ଆସିଛନ୍ତି। ଯୁଦ୍ଧ ନିୟନ୍ତ୍ରଣକୁ ଆସିଗଲେ ସେମାନେ ପୋଲାଣ୍ଡ ଛାଡ଼ିଦେବେ ବୋଲି କହିଛନ୍ତି। ଏହି ଶରଣାର୍ଥୀ ପୋଲାଣ୍ଡର ପ୍ରଜେମିସଲରେ ଥିବା ପୋଲିସ ଟାଉନ୍‌ରେ ପହଞ୍ଚିଛନ୍ତି। ସମୟ ବଢିବା କ୍ରମେ ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ହେଉଥିବା ପୋଲାଣ୍ଡର ସୀମାରକ୍ଷୀ ଜେନେରାଲ ଟୋମାସ ପ୍ରାଗା କହିଛନ୍ତି। ଶରାଣାର୍ଥୀଙ୍କ ରହଣି, ଖାଦ୍ୟ, ଔଷଧ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯୁଦ୍ଧ ଫଳରେ ୟୁକ୍ରେନରେ ନିରୀହ ଜନତାଙ୍କ ଜୀବନ ଚାଲିଯାଉଥିବା ପୋଲାଣ୍ଡର ପୋଲିସ ଟାଉନ୍ ପ୍ରଧାନମନ୍ତ୍ରୀ ମାଟେଉସ୍ଜ ମୋରାଓ୍ୱେକି କହିଛନ୍ତି।




# ଭାରତୀୟଙ୍କ ନିରାପତ୍ତା ସର୍ବୋଚ୍ଚ ପ୍ରାଥମିକତା

ୟୁକ୍ରେନରେ ଫସିଥିବା ଭାରତୀୟଙ୍କ ନିରାପତ୍ତା କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାତିରେ ପ୍ରକାଶ କରିଛନ୍ତି। ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ମୋଦି ଅଧ୍ୟକ୍ଷତା କରି ରୁଷିଆର ୟୁକ୍ରେନ ଆକ୍ରମଣ ପରିପ୍ରେକ୍ଷୀରେ ସେଠାକାର ସ୍ଥିତି ସମୀକ୍ଷା କରିଥିଲେ। ଏହା ପରେ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା କରିଛନ୍ତି। ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା କହିଛନ୍ତି, ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର ତାଙ୍କ ୟୁକ୍ରେନ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ। ୟୁକ୍ରେନରେ ଫସିଥିବା ୨୦ ହଜାର ଭାରତୀୟଙ୍କ ମଧ୍ୟରୁ ୪ ହଜାର ଫେରିଥିବାବେଳେ ଅନ୍ୟମାନଙ୍କୁ ଆଣିବା ପାଇଁ ଉଦ୍ୟମ ଜାରି ରହିଛି।


ନରେନ୍ଦ୍ର ମୋଦି

**ସଂକ୍ଷେପରେ**

## ଝିଅକୁ ହତ୍ୟା ପରେ ବଳାତ୍କାର

**ଭୋପାଳ,୨୪।୨:** ପ୍ରଥମେ ହତ୍ୟା ତା' ପରେ ମୃତଦେହ ସହ ଶାରୀରିକ ସମ୍ପର୍କ ରଖିଲେ ବାପା । ଏ ଭଳି ଘଟଣା ମଧ୍ୟପ୍ରଦେଶର ଗୁନା ଜିଲା ଜଇତା ଡୋଙ୍ଗାରରେ ଘଟିଛି। ବଜରଙ୍ଗଗଡ ପୋଲିସ ଅଧିକାରୀଙ୍କ ସୂଚନାକ୍ରମେ ମଙ୍ଗଳବାର ଅଭିଯୁକ୍ତ ତାଙ୍କ ୧୪ ବର୍ଷର ଝିଅ ନିଖୋଜ ଥିବା ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଝିଅକୁ ଶେଷଥର ପାଇଁ ତାଙ୍କ ବାପାଙ୍କ ସହ ଦେଖିଥିବା ପଡ଼ୋଶୀ କହିଥିଲେ। ଏହାପରେ ଅଭିଯୋଗକାରୀ ବାପାଙ୍କ ଉପରେ ପୋଲିସର ସନ୍ଦେହ ଘନିଭୂତ ହୋଇଥିଲା। ତାଙ୍କୁ ତଦନ୍ତପରିସର ନେଇ ଜେରା କରିବା ପରେ ସେ ସବୁ ସତ ମାନିଯାଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଅଭିଯୁକ୍ତ ଝିଅକୁ ଡାଣ୍ଡୋଲି ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ସେ ଝିଅ ସହ ଜୋର ଜବରଦସ୍ତ ଶରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ। ଝିଅଟି ମନା କରିବା ସହ ଏ କଥା ଘର ଲୋକଙ୍କୁ କହିଦେବେ ବୋଲି କହିଥିଲେ। ଏହାପରେ ବାପ ରାଗିଯାଇ ଝିଅକୁ ହତ୍ୟା କରି ମୃତଦେହ ସହ ଶାରୀରିକ ସମ୍ପର୍କ ରଖିଥିବା ତଦନ୍ତକାରୀ ପୋଲିସ କହିଛି।

## ବଢ଼ିଲା ଇକ୍‌ବାଲଙ୍କ ରିମାଣ୍ଡ ଅବଧି

**ମୁମ୍ବାଇ,୨୪।୨:** ମନି ଲଣ୍ଡରିଂ ମାମଲାରେ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମଙ୍କ ଭାଇ କସ୍କରଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମନି ଲଣ୍ଡରିଂ ନିରୋଧକ ଆଇନ୍ (ପିଏମ୍‌ଏଲ୍‌ଏ)କୋର୍ଟରେ ଗୁରୁବାର ଶୁଣାଣି ହୋଇଥିବାବେଳେ କୋର୍ଟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ମନି ଲଣ୍ଡରିଂ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇକ୍‌ବାଲଙ୍କୁ ଗିରଫ କରିଥିବାବେଳେ ଗତ ୧୮ ପର୍ଯ୍ୟନ୍ତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଥିଲା। ବଡ଼ ବଡ଼ ବ୍ୟବସାୟୀମାନଙ୍କୁ ଡରେଇ ଧମକ ଦେଇ ସେମାନଙ୍କଠାରୁ ଟଙ୍କା ଆଣୁଥିବା ଅଭିଯୋଗ ହୋଇଥିଲା। ଏହାଛଡ଼ା ଦାଉଦ୍‌ର ନାଁ ନେଇ ସେ ବିଭିନ୍ନ ଅଞ୍ଚଳରେ ଆତଙ୍କରାଜ ଖେଳାଇବା ସହ ଦାଉଦ୍‌ଙ୍କ ଏକାଧିକ ବେଆଇନ୍ କାରବାରରେ ତା' ସମ୍ପୃକ୍ତି ଥିବା ଇଡି କହିଛି।

**ୟୁକ୍ରେନ୍‌ରେ ଭାରତୀୟ ଛାତ୍ରୀଛାତ୍ର**

# ସ୍ୱଦେଶ ଫେରିବାକୁ ବ୍ୟାକୁଳ

କିଭ୍,୨୪।୨

ଯୁଦ୍ଧର ଆଶଙ୍କା ଭିତରେ ମନ ଆନ୍ଦୋଳିତ ହେଉଥିଲେ ହେଁ ବୁଧବାର ରାତି ପ୍ରାୟ ୩ଟାରେ ସାମାନ୍ୟ ଆଖି ଲାଗିଯାଇଥିଲା। ମାତ୍ର କେଇ ଘଣ୍ଟା ହୋଇଛଇ କି ନାହିଁ, ଭୀଷଣ ଶବ୍ଦ ଶୁଣାଯିବା ସହ ଘରର କବାଟ ଝରକା ସବୁ ଥରିବାକୁ ଲାଗିଥିଲା। ଏମିତି କହି ନିଜର ସ୍ଥିତି ବିଷୟରେ ବଖାଣିଛନ୍ତି ୟୁକ୍ରେନରେ ଫସି ରହିଥିବା କାନପୁର ଛାତ୍ରୀ ଆକାଂକ୍ଷା। ଦୁଇ ମହାଶକ୍ତି ମଧ୍ୟରେ ଯୁଦ୍ଧର ବିଗୁଲ ବାଜି ସାରିଥିବାବେଳେ ପ୍ରାଣ ରକ୍ଷା ପାଇଁ ଲୋକେ ରାଜଧାନୀ କିଭ୍ ଛାଡିବାରେ ଲାଗିଛନ୍ତି। ଏହା ଭିତରେ ଅନେକ ଭାରତୀୟ ଛାତ୍ରୀ ୟୁକ୍ରେନରେ ଫସି ରହିଛନ୍ତି। ୟୁକ୍ରେନରୁ ସୁରକ୍ଷିତ ବାହାରିବା ପାଇଁ ଫସିଥିବା ଶିକ୍ଷାର୍ଥୀ ଅନୁରୋଧ କରୁଥିବାବେଳେ ୟୁକ୍ରେନରେ ଥିବା ଭାରତୀୟ ଦୂତାବାସ ଭୟଭୀତ ନ ହେବାକୁ କହିଛି। ଫସିଥିବା ଭାରତୀୟଙ୍କ ଉଦ୍ଧାର ପାଇଁ ଏୟାର ଇଣ୍ଡିଆ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଠାଯାଇଥିବାବେଳେ ୟୁକ୍ରେନ୍‌ରେ ଏୟାରବେସ୍ ବନ୍ଦ ହେବର କାରଣରୁ ଖାଲି ବାମାନ ଭାରତ ଫେରିଆସିଥିଲା। ବିମାନ ଏଥିସହ ଦୂତାବାସ ସହ ସମ୍ପର୍କ ସ୍ଥାପନ କଷ୍ଟକର ହୋଇପଡ଼ିଛି। ୟୁକ୍ରେନରେ ଫସିଥିବା ୧୬ ହଜାର ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ଜରୁରୀ ବ୍ୟବସ୍ଥା କରାଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଫସିଥିବା ଛାତ୍ରୀଛାତ୍ରଙ୍କୁ କତାର ଦେଇ ଭାରତ ଫେରାଇ ଅଣାଯିବ ବୋଲି କହିଛନ୍ତି କେନ୍ଦ୍ର ସରକାର। ଯେଉଁ ଛାତ୍ରଛାତ୍ରୀଙ୍କ ରହିବାରେ ଅସୁବିଧା ନାହିଁ ସେମାନଙ୍କ ରହଣି ବ୍ୟବସ୍ଥା ତୁରନ୍ତ କରାଯିବ। ପ୍ରତ୍ୟେକ ନିଜ ପାସ୍‌ପୋର୍ଟ ଏବଂ ଜରୁରୀ ଡକ୍ୟୁମେଣ୍ଟ ସାଥିରେ ନେଇ ଯାତ୍ରା କରିବାକୁ ଦୂତାବାସ ପକ୍ଷରୁ କୁହାଯାଇଛି। ଯଦି ପବନର ଦ୍ରୁତ ବେଗ କିମ୍ବା ବୋମା ଫୁଟିବା ଓ୍ୱାର୍ନିଂ ଜାରି ହୁଏ ତେବେ ସଙ୍ଗେସଙ୍ଗେ ନିକଟସ୍ଥ ବୋମା ମହଜୁଦ ଥିବା ସ୍ଥାନକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି।


କିଭ୍ ବିମାନବନ୍ଦରରେ ଭାରତୀୟ

## ବେଳ ଥାଉ ଥାଉ କାହିଁକି ଆଣିଲନି

**ମୋଦିଙ୍କୁ ରାହୁଲଙ୍କ ପ୍ରଶ୍ନ**



ନୂଆଦିଲ୍ଲୀ,୨୪।୨

ୟୁକ୍ରେନ୍‌ରେ ଫସିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ବେଳ ଥାଉ ଥାଉ କାହିଁକି ଉଦ୍ଧାର କରି ଅଣାଗଲା ନାହିଁ ବୋଲି ଗୁରୁବାର କେନ୍ଦ୍ର ସରକାରଙ୍କୁ ବିରୋଧୀ କଂଗ୍ରେସ ପ୍ରଶ୍ନ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରି କହିଛନ୍ତି, ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ଆଶଙ୍କା ଆଗରୁ ରହିଥିଲା। ସରକାର ସବୁକିଛି ଜାଣି ସୁଦ୍ଧା ଉପଯୁକ୍ତ ସମୟରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶକୁ ଆଣିଲେ ନାହିଁ। ସେଠାରେ ଫସିଥିବା ଭାରତୀୟଙ୍କ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା। ସରକାର ସେମାନଙ୍କୁ ତୁରନ୍ତ ଭାରତକୁ ଫେରାଇଆଣନ୍ତୁ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଦଳର ମୁଖପାତ୍ର ରଣଦୀପ ସୂର୍ଯ୍ୟେଓ୍ୱାଲା ମଧ୍ୟ ଅନୁରୂପ ପ୍ରଶ୍ନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘେରିଛନ୍ତି।


ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସାମରିକ ଅଭିଯାନ ପାଇଁ ନିର୍ଦ୍ଦେଶ ଦେବା ପରେ ମାରିଉପୋଲ ସହରରେ ପ୍ରତିରକ୍ଷା ଲାଗି ୟୁକ୍ରେନ୍ ସେନାର ଯୁଦ୍ଧ ଟ୍ୟାଙ୍କ ।

## ଗ୍ରୁପ୍ ମେମ୍ବରଙ୍କ ପୋଷ୍ଟ ପାଇଁ ଦାୟୀ ନୁହନ୍ତି ଆଡ୍‌ମିନ୍

**କେରଳ ହାଇକୋର୍ଟଙ୍କ ରାୟ**

ଥିରୁଭନନ୍ତପୁରମ,୨୪।୨

ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯଦି କୌଣସି ମେମ୍ବର ସମ୍ବେଦନଶୀଳ ପୋଷ୍ଟ ସେୟାର କରନ୍ତି ତେବେ ତା' ପାଇଁ ଗ୍ରୁପ୍‌ର ଆଡ୍‌ମିନ୍ ଦାୟୀ ନୁହନ୍ତି। ଗୁରୁବାର କେରଳ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ପୋକ୍‌ସୋ ଆକ୍ଟ ଏବଂ ଆଇଟି ଆକ୍ଟ ଅନ୍ତର୍ଗତ ହ୍ୱାଟ୍ସଆପ୍ ଗ୍ରୁପ୍ ଆଡମିନଙ୍କ ବିରୋଧରେ ଏକ ମାମଲା ଶୁଣାଣି କରି ଜଷ୍ଟିସ୍ କୌସେର ଇଡାପ୍ପାଗଥଙ୍କ ଖଣ୍ଡପୀଠ ନିଜ ରାୟ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯଦି କୌଣସି ମେମ୍ବର ସମ୍ବେଦନଶୀଳ କିମ୍ବା ଆପତ୍ତିଜନକ ପୋଷ୍ଟ ଶେୟାର କରୁଛନ୍ତି ତେବେ ସେ ନେଇ ଗ୍ରୁପ୍‌ର ଆଡମିନଙ୍କୁ ଦାୟୀ କରାଯାଇପାରିବ ନାହିଁ। ଯେ ଏହି ପୋଷ୍ଟ କରିଥିବେ ସେହି ବ୍ୟକ୍ତିଙ୍କୁ ହିଁ ତଦନ୍ତ ପରିସରଭୁକ୍ତ କରାଯିବା ଆବଶ୍ୟକ। ଗ୍ରୁପ୍‌ରେ ମେମ୍ବରଙ୍କୁ ଆଡ୍ କରିବା ଏବଂ ହଟାଇବା ହେଉଛି ଆଡମିନଙ୍କ କାମ । ଏହାଛଡ଼ା କୌଣସି ଗ୍ରୁପ୍ ମେମ୍ବର ଯଦି ଆପତ୍ତିଜନକ ପୋଷ୍ଟ ଗ୍ରୁପ୍‌ରେ ଶେୟାର କରନ୍ତି ତେବେ ଆଡମିନ୍ ସେଥିରେ କୌଣସି ପରିବର୍ତ୍ତନ କରିପାରିବେ ନାହିଁ। ଏ ନେଇ କୌଣସି ଆଇନ ନାହିଁ ଯେ, ଗ୍ରୁପ୍ ମେମ୍ବରଙ୍କ ଦ୍ୱାରା କରାଯାଉଥିବା ପୋଷ୍ଟ ପାଇଁ ଆଡମିନଙ୍କୁ ଦାୟୀ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଏ ପରିକ୍ଷେତ୍ରରେ ଆଡମିନଙ୍କ ବିରୋଧରେ ଆଇଟି ନିୟମ ଅନ୍ତର୍ଗତ ମାମଲା ଦାୟର ମଧ୍ୟ କରାଯାଇପାରିବ ନାହିଁ। କେରଳର ଅଲାପ୍ପୁଝା ଜିଲାରେ ରହୁଥିବା ୨୨ ବର୍ଷୀୟ ମାନୁଏଲ ଏକ ହ୍ୱାଟ୍ସସାପ୍ ଗ୍ରୁପ୍ କରିଥିଲେ। ମାର୍ଚ୍ଚ ୨୯ ତାରିଖରେ ସେହି ଗ୍ରୁପ୍‌ର ଜନୈକ ମେମ୍ବର ଏକ ସମ୍ବେଦନଶୀଳ ଭିଡିଓ ଶେୟାର କରିଥିଲେ। କିଛି ଶିଶୁ ଶାରୀରିକ ସମ୍ପର୍କ ରଖୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଥିଲା, ଯାହାପରେ ଜୁନ୍ ୨୦ ତାରିଖ ୨୦୨୦ରେ ଏର୍ନାକୁଲମ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଆଇପିସି ଧାରା ୬୭ବି(ଏ) (ବି ) ଓ (ଡି) ସାଙ୍ଗକୁ ଇନ୍‌ଫରମେସନ୍ ଟେକନୋଲୋଜି ଆକ୍ଟ ୨୦୦୦ ଅନ୍ତର୍ଗତ ଧାରା ୧୩,୧୪ ଏବଂ ୧୫ ଏବଂ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଗ୍ରୁପ୍‌ର ଆଡମିନ୍ ତଦନ୍ତ ପରିସରକୁ ଆସିବା ସହ ଇରନାକୁଲମ କୋର୍ଟ ତାଙ୍କୁ ଦୋଷୀ ସାମବ୍ୟସ୍ତ କରିଥିଲେ। ପରବର୍ତ୍ତୀ ସମୟରେଏର୍ନାକୁଲମ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମାନୁଏଲ କେରଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମତଦାନ ସଚେତନତା ପାଇଁ ୟୁପିରେ ଗୋଲାପି ରାଲି

ଲକ୍ଷ୍ନୌ,୨୪।୨

ମତଦାନ ପାଇଁ ଲୋକଙ୍କୁ ସତର୍କ କରିବା ଉଦ୍ଦେଶ୍ୟରେ ଉତ୍ତର ପ୍ରଦେଶ ବାରାଣାସୀରେ ମହିଳାଙ୍କ ଦ୍ୱାରା 'ଗୋଲାପି ରାଲି' କରାଯାଇଛି । ଜିଲାର ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀମାନେ ଏହି ରାଲିରେ ସାମିଲ ହୋଇଥିଲେ। ଶିକ୍ଷୟିତ୍ରୀମାନେ ଗୋଲାପି ରଙ୍ଗର ସ୍କୁଟର ସାଙ୍ଗକୁ ଗୋଲାପି ରଙ୍ଗର ଶାଢ଼ିପିନ୍ଧି ଏହିରାଲିରେଯୋଗ ଦେଇଥିଲେ। ରାଲି ବାରାଣାସୀର ପୋଲିସ ଲାଇନ୍ କ୍ରସ୍‌ରୋଡ୍‌ରୁ ଆରମ୍ଭ ହୋଇଥିବାବେଳେ ୧୦ କି.ମି ଦୂର ପର୍ଯ୍ୟନ୍ତ ଚାଲିଥିଲା। ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୪ଟି ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଥିବାବେଳେ ବାକି ୩ଟି ପର୍ଯ୍ୟାୟ ବକେି ରହିଛି। ଯାହା ଆସନ୍ତା ୨୭, ମାର୍ଚ୍ଚ ୩ ଏବଂ ୭ ତାରିଖରେ କରାଯିବ। ମତଦାନ ପାଇଁ ମହିଳାଙ୍କୁ ଆକୃଷ୍ଟ କରିବା ପାଇଁ ଗୋଲାପି ବୁଥ୍‌ର ବ୍ୟବସ୍ଥା କରାଯାଛି।


ବାରଣାସୀରେ ଶିକ୍ଷୟିତ୍ରୀଙ୍କ ଗୋଲାପି ରାଲି ।

# ରାସ୍ତାକଡ଼ରେ ୧୭,୯୧୪ ଶିଶୁ

ନୂଆଦିଲ୍ଲୀ,୨୪।୨

ଦେଶର ୧୭,୯୧୪ ଶିଶୁ ରାସ୍ତାକଡ଼ରେ ଜୀବନ ବିତାଉଛନ୍ତି। ସେମାନଙ୍କ ମୁଣ୍ଡ ଉପରେ ନା ଅଛି ଛାତ ନା ବାସ କରିବା ପାଇଁ ଅଛି ଉପଯୁକ୍ତ ସ୍ଥାନ। ଏହି ଶିଶୁଙ୍କ ପାଇଁ ରାସ୍ତାକଡ଼ ପାଲଟିଛି ଉଭୟ ଘର ଆଉ ଖେଳ ପଡ଼ିଆ। ଫଳରେ ରାସ୍ତାରେ ହିଁ ହଜିଯାଉଛି ଏହି ବାସହରା ଶିଶୁଙ୍କ ଶୈଶବ। ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ (ଏନ୍‌ସିପିସିଆର୍)ଙ୍କ ସଦ୍ୟ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

ରାସ୍ତାକଡ଼ରେ ବାସ କରୁଥିବା ଶିଶୁଙ୍କ ସ୍ଥିତି ସମୀକ୍ଷା ପାଇଁ ଗତ ଜାନୁୟାରୀ ୧୭ରେ ସୁପ୍ରିମକୋର୍ଟ ଏନ୍‌ସିପିସିଆର୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ବାସହୀନ ଶିଶୁଙ୍କ ସମ୍ପର୍କରେ କୋର୍ଟରେ ଏନ୍‌ସିପିସିଆର୍ ରିପୋର୍ଟ ଦାଖଲ କରିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୪,୯୫୨ ଶିଶୁ ରାସ୍ତାକଡ଼ରେ ବାସ କରୁଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଗୁଜରାଟରେ ୧,୯୯୦, ତାମିଲନାଡୁରେ ୧,୭୦୩, ଦିଲ୍ଲୀରେ ୧,୬୫୩ ଏବଂ ମଧ୍ୟପ୍ରଦେଶରେ ୧,୪୯୨ ଶିଶୁ ରାସ୍ତାକଡ଼ରେ ରହୁଛନ୍ତି। ଉତ୍ତର ପ୍ରଦେଶରେ ସର୍ବାଧିକ ୨୭୦ ଜଣ ଶିଶୁ ଏକୁଟିଆ ରାସ୍ତା କଡ଼ରେ ରହୁଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଏନ୍‌ସିପିସିଆର୍ ରିପୋର୍ଟରେ ବିଶ୍ଳେଷଣ ସହ ଶିଶୁଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ଲାଗି ଜଷ୍ଟିସ୍ ଏନ୍ ନାଗେଶ୍ୱର ରାଓ ଏବଂ ଜଷ୍ଟିସ୍ ବି. ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ସର୍ବୋଚ୍ଚ ଅଦାଲତ (ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଜିଓର) ଏସ୍‌ଓପି ୨.୦ ଜାରି କରିଛନ୍ତି। ଯାହା ଜରିଆରେ ଏହି ଶିଶୁଙ୍କୁ ଶ୍ରେଣୀଭୁକ୍ତ କରିବା ସହ ସେମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବାସହରା ଶିଶୁମାନଙ୍କ ଭିତରୁ ୯,୫୩୦ ଜଣ ପରିବାର ସହ ରହୁଥିବାବେଳେ ୮୩୪ ଜଣ ଏକୁଟିଆ ରାସ୍ତା କଡ଼ରେ ବାସ କରୁଛନ୍ତି। ସେହିପରି ୭,୫୫୦ ଶିଶୁ ଦିନବେଳା ରାସ୍ତାକଡ଼ରେ ରହିବା ସହ ରାତିରେ ବସ୍ତିରେ ଥିବା ନିଜ ଘରକୁ ଫେରିଯାଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯେଉଁ ଶିଶୁ ବାସହରା ହୋଇ ରାସ୍ତାକଡ଼ରେ ରହୁଛନ୍ତି ସେମାନଙ୍କ ମଧ୍ୟରୁ ୧୦,୩୪୯ ଜଣ ବାଳକ ଏବଂ ୭,୫୫୪ ଜଣ କନ୍ୟା ହୋଇଥିବା କୁହାଯାଇଛି। ଏଥିରେ ୮ରୁ୧୩ ବର୍ଷ ବୟସର ୭,୫୨୨ ଏବଂ ୪ରୁ ୭ ବର୍ଷ ବୟସର ୩,୯୫୪ ଶିଶୁ ଅନ୍ତର୍ଭୁକ୍ତ। ଶିଶୁଙ୍କ ହିତ ଉଦ୍ଦେଶ୍ୟରେ ତିଆରି ହୋଇଥିବା 'ବାଲ୍ ସ୍ୱରାଜ' ପୋର୍ଟାଲରେ ଫେବୃୟାରୀ ୧୫ରେ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ଏନ୍‌ସିପିସିଆର୍‌ର ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଜରିଆରେ ୨ ଲକ୍ଷ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଧାର୍ମିକ ସ୍ଥଳଗୁଡ଼ିକରେ ବାସହରା ଶିଶୁ ଅଧିକ ସଂଖ୍ୟାରେ ଦେଖାଯାଉଥିବାବେଳେ ଆୟୋଗ ଏହିଭଳି ୧୭ ଜିଲାର ପ୍ରାୟ ୫୧ଟି ସ୍ଥାନ ଚିହ୍ନଟ କରିଛନ୍ତି। ଏଥିସହ ଏହି ଶିଶୁମାନଙ୍କୁ କୌଣସି ବେଆଇନ୍ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଆଶଙ୍କା କରି ବିଭାଗ ପକ୍ଷରୁ ଯାଞ୍ଚ ଅଭିଯାନ ଆରମ୍ଭ କରାଯାଇଛି।



## ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ବ୍ୟୁରୋ): ଓଡ଼ିଶା ମୋ ପରିବାର ପକ୍ଷରୁ ଶାସ୍ତ୍ରୀନଗର କଲ୍‌ଚରାଲ ଆସୋସିଏଶନରେ ଗୁରୁବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର ନରେନ ସାହୁଙ୍କ ତତ୍ତ୍ୱାବଧାନରେ ଶାସ୍ତ୍ରୀନଗର ବ୍ୟବସାୟୀ ସଂଘ ସହଯୋଗରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶାସ୍ତ୍ରୀନଗରର ଦିବଂଗତ ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଜୟ ଓଡ଼ିଶା ମୁଖ୍ୟ ରୁଦ୍ର ନାରାୟଣ ସାମନ୍ତରାୟ, ହରେନ ସାହୁ, ଉମାନାଥ ମିଶ୍ର, ଗିରିଜା ନନ୍ଦ ମହାନ୍ତି, ପି.ସି.ପାଠୀ, ଅଭିରାମ ଜେନା, ରଜନୀରାଣୀ ରାଜହଂସ, ଦୀପ୍ତିମୟୀ ରାୟ ଓ ଗୀତାଞ୍ଜଳି ପ୍ରଧାନ ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରିଜିଓନାଲ ସାଇନ୍ସ ସେଣ୍ଟର ପକ୍ଷରୁ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀ, ସାଇନ୍ସ ସେଣ୍ଟର ପରିସର, ଜବହାରଲାଲ ନେହେରୁ ମାର୍ଗ, ଆଚାର୍ଯ୍ୟ ବିହାର, ପୂର୍ବାହ୍ନ ୧୧ଟା ୩୦।
- ପ୍ରତିଭା ସମ୍ବର୍ଦ୍ଧନା ଓ ପୁସ୍ତକ ଉନ୍ମୋଚନ ଉତ୍ସବ, ବୁଦ୍ଧ ମନ୍ଦିର, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ, ଅପରାହ୍ନ ୪ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତଭିତ୍ତିକ ସମର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ୧୦ ଲକ୍ଷ ଟଙ୍କାର ଅପମିଶ୍ରିତ ଡାଲି ଜବତ

### ଗୋଦାମରେ ଚଢ଼ାଉ, ମାଲିକ ଅଟକ

କଟକ ଅଫିସ,୨୪।୨

କଟକ ସହରରେ ଗୁରୁବାର ପୁଣି ଏକ ଅପମିଶ୍ରିତ ଡାଲି ଗୋଦାମ ଠାବ ହୋଇଛି। ୧୦ ଲକ୍ଷ ଟଙ୍କାର ଅପମିଶ୍ରିତ ଡାଲି ଜବତ କରାଯାଇଥିବାବେଳେ ଗୋଦାମ ମାଲିକ ଚାଉଳିଆଗଞ୍ଜ ଅପାଣିଆ ଅଞ୍ଚଳର ପ୍ରମୋଦ କୁମାର ସାହୁ(୫୫)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ମାଲଗୋଦାମରେ ଅପମିଶ୍ରିତ ଡାଲି ବିକ୍ରୟ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଫୁଡ୍ ସ୍କ୍ୱାଡ୍ ଏବଂ ପୋଲିସ ମିଳିତ ଭାବେ ଅତର୍କିତ ଚଢ଼ାଉ କରିଥିଲେ। ମଙ୍ଗଳା ଡାଲି ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ସେଠାରୁ ୨୦ବସ୍ତା ଅପମିଶ୍ରିତ ଡାଲି ସମେତ ରାଜ୍ୟ ସରକାର ନିଷିଦ୍ଧ କରିଥିବା ୧୯ ବସ୍ତା ଖେସାରି ଡାଲି ଜବତ ହୋଇଛି।



ମଙ୍ଗଳା ଗୋଦାମରେ ଅଧିକାରୀମାନେ ଡାଲିର ମାନ ଯାଞ୍ଚ କରୁଛନ୍ତି।

ହରଡ ଡାଲିରେ ଖେସାରି ମିଶାଇ ବିକ୍ରି କରାଯାଉଥିବା ତଦନ୍ତ ବେଳେ ଜଣାପଡ଼ିଛି। ଜବତ ଅପମିଶ୍ରିତ ଡାଲିର ବଜାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।

## ବିଏମ୍‌ସିରେ ସ୍ୱଚ୍ଛତା ବାର୍ତ୍ତା ଦେବେ ସେଲିବ୍ରିଟି

ଭୁବନେଶ୍ୱର, ୨୪।୨ (ବ୍ୟୁରୋ)

ସ୍ୱଚ୍ଛତା କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ନୂତନ ପଦକ୍ଷେପ ନେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯାଇଛି। ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, କ୍ରୀଡାବିତ୍ ଅନୁରାଧା ବିଶ୍ୱାଳ ଏବଂ ଶିଳ୍ପୀ ତଥା ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କୁ ବ୍ରାଣ୍ଡ୍ ଆମ୍ବାସାଡ଼ର ଭାବେ ଚୟନ କରିଛି ବିଏମ୍‌ସି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଛି। ଏହି ୪ ବ୍ରାଣ୍ଡ୍ ଆମ୍ବାସାଡର ରାଜଧାନୀବାସୀଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇବେ। ସହରର ବିଭିନ୍ନ ସ୍ଥାନରେ ଏମାନଙ୍କର ପୋଷ୍ଟର ଓ ହୋର୍ଡିଂ ଲଗାଯାଇ ସେଥିରେ ସ୍ୱଚ୍ଛତା ବାର୍ତ୍ତା ପ୍ରଦାନ କରାଯିବ। ଏହି ଅଭିଯାନରେ ମଧ୍ୟ ସମସ୍ତେ ସକ୍ରିୟ ଭାବେ ସାମିଲ ହେବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।


ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




@ ଦୀପିକା



@ ବାବୁ



@ ଲିଜାଲିନ୍



@ ରିମା



@ ପ୍ରିୟମ୍ବଦା



@ ସନ୍ତୋଷ



@ ଲକ୍ଷ୍ମୀକାନ୍ତ

## କାଜୁ ବଗିଚାରୁ ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ,୨୪।୨(ଡି.ଏନ୍.ଏ.): ଚନ୍ଦକା ଥାନା ଓ ସିମିଳିପାଟଣା ଗାଁ ନିକଟ ଏକ ବିସ୍କୁଟ କମ୍ପାନୀ ପଛ କାଜୁ ବଗିଚାରୁ ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଗୁରୁବାର ଜବତ କରିଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅଞ୍ଚଳର ଗ୍ରାମର ମିଥୁନ ଭୋଇ(୨୩)। ଏ ନେଇ ପୋଲିସ ଏକ ମାମଲା(ନଂ.୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ସକାଳେ ସ୍ଥାନୀୟ ଅଞ୍ଚଳର ଯୁବକମାନେ କାଜୁ ବଗିଚାକୁ ଯାଇଥିବାବେଳେ ମୃତଦେହ ପଡିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ମୃତଦେହ ପାଖରୁ ମିଳିଥିବା ଆଧାର କାର୍ଡ ଓ ମୋବାଇଲ ଫୋନରୁ ମୃତ ଯୁବକଙ୍କ ପରିଚୟ ଜଣାପଡିଥିଲା। ତେବେ ମୃତଦେହ ପଚିଯାଇଥିବାରୁ ୨/୩ଦିନ ତଳେ ଏଠାରେ ପଡିଥିବା ଅନୁମାନ କରାଯାଉଛି।

## ୬୩.୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୪।୨(ବ୍ୟୁରୋ): ରାଜ୍ୟ ବାହାରକୁ ଗଞ୍ଜେଇ ଚୋରାଚାଲାଣବେଳେ ଜିଆରପି ପୋଲିସ ତାହାକୁ ଧରିବା ସହ ସମ୍ପୃକ୍ତ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମ ଦିଲ୍ଲୀର ରୋହିତ କୁମାର। ତାଙ୍କଠାରୁ ୬୩.୫ କେଜିର ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ୩୫ ହଜାର ଟଙ୍କା ହେବ। ରୋହିତ ଓଡିଶାରୁ ଉକ୍ତ ଗଞ୍ଜେଇ କିଣି ଜୟପୁରକୁ ଚୋରାଚାଲାଣ କରିବାକୁ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଜିଆର୍‌ପି ଥାନା ପୋଲିସ ସୂଚନା ପାଇବା ପରେ ତାଙ୍କୁ ଧରି ଥିଲେ।

## କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୪।୨(ବ୍ୟୁରୋ) : ଚିତ୍ରକଳା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। କଳା ବିନା ସମାଜ ରଙ୍ଗ ଓ ସ୍ୱାଦ ହୀନ। କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ୪ର୍ଥ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାସ୍କର୍ଯ୍ୟ ଶିଳ୍ପୀ ତଥା ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଏହା କହିଛନ୍ତି। ୟୁନିଟ-୯ସ୍ଥିତ ବୁଦ୍ଧମନ୍ଦିର ପରିସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ବି. କେ. ଚାରୁକଳା ମହାବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇ ଚିତ୍ରକଳା ବିଷୟରେ ଆଲୋକପାତ କରିଥିଲେ। ଏଡିଏ ସ୍ପୋର୍ଟ ଏମ୍‌ଡି ଶୁଭମୟ ପ୍ରଧାନ ଓ ଡୁଲୁକ୍ସ ପେଣ୍ଟ୍‌ସର ବ୍ରାଞ୍ଚ ମ୍ୟାନେଜର ସ୍ନିଗ୍ଧା ନନ୍ଦ ଓଡ଼ିଶାର ସମସାମୟିକ ଚିତ୍ରକଳା ଓ ଚିତ୍ରଶିଳ୍ପୀଙ୍କ ସମ୍ପର୍କରେ କହିଥିଲେ। ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ସିନେ ସାମ୍ବାଦିକ ଦିଲୀପ ହାଲି ଅତିଥି ଭାବେ ଯୋଗଦେଇଥିଲେ। ଗଜେନ୍ଦ୍ର ସାହୁ, ଗୌରାଙ୍ଗ ବାରିକ, ସୁବ୍ରତ ମଲ୍ଲିକ, ପଞ୍ଚାନନ ସାମଲ, ବିକାଶ ଚୌଧୁରୀ, ସିଦ୍ଧାର୍ଥ ଦେ, ନିହାରିକା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।




### ଆରମ୍ଭ ହେଲା ସମର୍ପଣ

ଭୁବନେଶ୍ୱର,୨୪।୨(ବ୍ୟୁରୋ): ପର୍ଯ୍ୟଟନ ବିଭାଗ ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ସମର୍ପଣ'। ଏହା ୩ଦିନ ଧରି ଚାଲିବ। ପ୍ରଥମ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଲତା ଘୋଷ, ଶାନ୍ତିଲତା ବାରିକ ଛୋଟରାୟ ଓ ରବୀନ୍ଦ୍ର ମହାପାତ୍ର ଭକ୍ତି ସଙ୍ଗୀତ ଏବଂ ପରେ ଆଜ୍‌ମୀରର ସଙ୍ଗୀତଜ୍ଞ ପଣ୍ଡିତ ଚନ୍ଦ୍ରପ୍ରକାଶ ହବେଲୀ ସଙ୍ଗୀତ ଗାନ କରିଥିଲେ। ସଙ୍ଗୀତଜ୍ଞ ପ୍ରଫେସର ରାମହରି ଦାସ, ପ୍ରଶାସକ ଅଶୋକ ତ୍ରିପାଠୀ, ଆଇସିସିଆର୍‌ର ନିର୍ଦ୍ଦେଶିକା ମୀନାକ୍ଷୀ ମିଶ୍ର, ମ୍ୟୁଜିକ ସର୍କଲର ସଭାପତି ଅରବିନ୍ଦ ବେହେରା ଓ ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ ସଙ୍ଗୀତା ଗୋସାଇଁ ଓ ଆଦ୍ୟାଶା ଦାସ ଉପସ୍ଥିତ ଥିଲେ।

## ଖ୍ରୀଷ୍ଟ ବିଶ୍ୱାସ ସମାଜରେ ଥିବା କୁସଂସ୍କାର ଦୂର କରିଛି

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଖ୍ରୀଷ୍ଟ ବିଶ୍ୱାସ ସମାଜରେ ସ୍ନେହ, ପ୍ରେମ, ସମାନତା, ଭ୍ରାତୃଭାବ ବୃଦ୍ଧି କରେ। ସମାଜରୁ କୁସଂସ୍କାର ଦୂର କରିବା ସହ ବିଭିନ୍ନ ପ୍ରଥା ଯଥା-ସତୀଦାହ, ବାଲ୍ୟ ବିବାହ, ନରବଳି, ବହୁପତ୍ନୀ ଗ୍ରହଣ ଆଦିକୁ ବହୁ ପରିମାଣରେ କମାଇଛି। ଖ୍ରୀଷ୍ଟ ବିଶ୍ୱାସ ବିଶେଷ କରି ଆଦିବାସୀ ପ୍ରବଣ ଅଞ୍ଚଳରେ ଶିକ୍ଷାର ମାନ ବୃଦ୍ଧି କରିବାରେ ସହାୟକ ହୋଇଛି। ଯଦିଓ ଆଦିବାସୀ ପ୍ରବଣ ଅଞ୍ଚଳରେ ଖ୍ରୀଷ୍ଟ ବିଶ୍ୱାସ ଅଧିକ ଆଦୃତିଲାଭ କରିଛି, ତଥାପି ଭାରତର ପ୍ରଥମ ଖ୍ରୀଷ୍ଟାବଲମ୍ବୀ ହେଉଛନ୍ତି ଜଣେ ବ୍ରାହ୍ମଣ। ଓଡ଼ିଶାରେ ଉତ୍କଳ ଗୌରବ ମଧୁସୂଦନ ଦାସ ଖ୍ରୀଷ୍ଟଧର୍ମ ବିଶ୍ୱାସୀ ଓ ସମାଜରେ ସାମାଜିକ ଉତ୍‌ଥାନ ନିମନ୍ତେ ତାଙ୍କ ଅବଦାନ ଅତୁଳନୀୟ। ଖ୍ରୀଷ୍ଟ ବିଶ୍ୱାସରେ ଜାତିପ୍ରଥା, ଉଚ୍ଚନୀଚ ଭେଦଭାବ ନାହିଁ। ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଗୁରୁବାର ୬୦ତମ ସଂସ୍କୃତି ଚର୍ଚ୍ଚା ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଚାର୍ଯ୍ୟ ଡ. ଆୟୁବ ଛିଞ୍ଚାଣୀ ଏହା କହିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ସଞ୍ଜୟ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଖ୍ରୀଷ୍ଟ ବିଶ୍ୱାସ ଓ ଏହାର ସାମାଜିକ ପ୍ରଭାବ ଉପରେ କହିଥିଲେ। ପୂର୍ବତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓଡ଼ିଶା ସଂସ୍କୃତିରେ ଖ୍ରୀଷ୍ଟ ବିଶ୍ୱାସ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ଅଭିଲେଖଗାର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ବିଭାଗୀୟ ଅନୁଶାସନ ସଚିବ ଶୁଭସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪।୨ (ବ୍ୟୁରୋ)

'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୦ତମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପିଏମ୍‌ଜି ଛକ ନିକଟ ତାଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ, ବିସ୍ତାରିତ ଓଡ଼ିଶା ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। କାନ୍ତକବିଙ୍କ ପୌତ୍ର ତଥା ବିସ୍ତାରିତ ଓଡ଼ିଶାର ସଭାପତି ତଥା ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର, ସାଧାରଣ ସମ୍ପାଦକ ଗୋଲକ ବିହାରୀ ସିଂ, ବିତ୍ତୀୟ ସମ୍ପାଦକ ସୁବାସ ରଥ, କାନ୍ତକବିଙ୍କ ପ୍ରପୌତ୍ର କୃଷ୍ଣକିଶୋର ମହାପାତ୍ର ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ସମ୍ପର୍କରେ କହିଥିଲେ। ସେହିଭଳି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସଂସ୍କୃତି ବିଭାଗର ଅନୁ ଶାସନ ସଚିବ ଲକ୍ଷ୍ମୀଧର ବେହେରା, ବରପୁତ୍ରଙ୍କ ଦାୟାଦ ପ୍ରଭୁକଲ୍ୟାଣ ମହାପାତ୍ର, ସୀତା ବଲ୍ଲଭ ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ ଓ ଶିତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ଗୁଣଗାନ କରିଥିଲେ। ସମ୍ମିଳନୀର ସମ୍ପାଦିକା ବାସନ୍ତି ତ୍ରିପାଠୀ, ଭୁବନେଶ୍ୱର ଶାଖା ଉପ ସଭାପତି ସୁବ୍ରତ ମହାପାତ୍ର, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ପ୍ରସନ୍ନ ରଥ, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



## ପାଇକମାନେ ରାଜତନ୍ତ୍ର, ସଂସ୍କୃତିର ରକ୍ଷକ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ପାଇକ କହିଲେ କେବଳ ସଂଗ୍ରାମୀ ବୀର ବା ଯୋଦ୍ଧା ବୋଲି ବୁଝାଏ ନାହିଁ। ପାଇକମାନେ ଯୁଦ୍ଧ ସହ ଚାଷ ବି କରିପାରନ୍ତି। ସେମାନେ ରାଜତନ୍ତ୍ର ସହ ଓଡ଼ିଶାର ସଂସ୍କୃତିକୁ ମଧ୍ୟ ରକ୍ଷା କରନ୍ତି। ରାଷ୍ଟ୍ର ଗଠନରେ ସେମାନଙ୍କ ପାରଦର୍ଶିତା ଅତୁଳନୀୟ। ରାଜ୍ୟ ଅଭିଲେଖଗାରରେ ଗୁରୁବାର ଅଭିଲେଖ ସପ୍ତାହ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ ଦାସ ଏହା କହିଛନ୍ତି।

ମୁଖ୍ୟ ଅତିଥି ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଅଭିଲେଖାଗାରର ଉତ୍ପତ୍ତି, ଇତିହାସ ସମ୍ପର୍କରେ କହିଥିଲେ। ଡିଜିଟାଇଜେଶନ ମାଧ୍ୟମରେ ନଥିପତ୍ର ସୁରକ୍ଷା ଉପରେ ସେ ଗୁରୁତ୍ୱ ଦେବା ସହ ଅଭିଲେଖଗାରର କର୍ମଚାରୀ ଅଭାବ ଖୁବ୍ କମଦିନ ମଧ୍ୟରେ ଦୂର କରାଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ଇତିହାସ ବିଭାଗ ମୁଖ୍ୟ ଡ. ପ୍ରସନ୍ନ କୁମାର ମିଶ୍ର ଅଭିଲେଖାଗାରରେ ଥିବା ପାଇକବିଦ୍ରୋହର ତଥ୍ୟକୁ ଉପସ୍ଥାପନ କରି କହିଲେ, ପାଇକ ବିଦ୍ରୋହ ଥିଲା ଇଂରେଜଙ୍କ ବିରୋଧରେ ଏକ ଆନ୍ଦୋଳନ। ଯେତେବେଳେ ଇଂରେଜମାନେ ୧୮୦୩ରେ ଓଡ଼ିଶା ଅଧିକାର କଲେ, ସେହି ସମୟରେ ପାଇକ ସର୍ଦ୍ଦାର ଥିଲେ ଦଳେଇ, ଦଳବେହେରା, ଖଣ୍ଡାୟତ ଆଉ ରାଜାଙ୍କ ତଳ ପାହ୍ୟାରେ ସାମରିକ କ୍ଷେତ୍ରରେ ଥିଲେ ବକ୍ସି। ସେତେବେଳେ ବକ୍ସି ଜଗବନ୍ଧୁ ବିଦ୍ୟାଧର କ'ଣ କରୁଥିଲେ ବୋଲି ଅନିସନ୍ଧିତ୍ସୁ ଭାବରେ ପ୍ରଶ୍ନ କରି ତା'ର ଉତ୍ତର ଏହି ଆଲୋଚନା ଚକ୍ରରେ ଉପସ୍ଥାପନା କରିଥିଲେ। ଇଂରେଜମାନେ ଆସିବା ପୂର୍ବରୁ ମରାଠା ଶାସନ ସମୟରେ ବକ୍ସି ଜଗବନ୍ଧୁ ରୋଡଙ୍ଗଗଡର ଜମିଦାର ଥିଲେ। କିନ୍ତୁ ମରାଠା ସୁବେଦାର ତାଙ୍କୁ ରୋଡଙ୍ଗ ଜମିଦାର ପଦରୁ ବାହାର କରିଦେଲେ। ତାଙ୍କ ନାମରେ ଏକ ହତ୍ୟା ଅପରାଧ ମାମଲା ଯୋଡ଼ିଦିଆଗଲା। ଏଥିସହ ମରାଠା ସୁବେଦାର ତାଙ୍କର ଉପାଧି ନେଇଗଲେ। ସେ ଜଣେ ସାଧାରଣ ଲୋକ ହିସାବରେ ରହିଲେ। କିଛି ବର୍ଷପରେ ଇଂରେଜଙ୍କ ଓଡ଼ିଶା ଆକ୍ରମଣର ଅବ୍ୟହିତ ପୂର୍ବରୁ ସେ ଆବିର୍ଭାବ ହେଲେ। ୧୮୦୪ରେ ତାଙ୍କୁ ରୋଡଙ୍ଗ କମିଦାରୀ ଫେରାଇ ଦିଆଗଲା। ଏହି ତଥ୍ୟ ଓଡ଼ିଶା ରାଜ୍ୟ ଅଭିଲେଖଗାର ନଥିରେ ଉଲ୍ଲେଖ ଅଛି। ୧୮୦୩ରୁ ୧୮୧୭ ମସିହା ଓ ତତ୍ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଓଡ଼ିଶାରେ ଘଟିଥିବା ବିଶେଷକରି ପାଇକ ସମ୍ବନ୍ଧିତ ସମସ୍ତ ଘଟଣାବଳୀର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଡ. ମିଶ୍ର। ଅଭିଲେଖଗାର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ରୁଚି, ଫ୍ରୋଜିଟ୍ ପରିଦର୍ଶନ କଲେ ଫିକି ମହିଳା ଅନୁଷ୍ଠାନ କର୍ମକର୍ତ୍ତା

କଟକ ଅଫିସ, ୨୪।୨

ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ମହିଳା ଅନୁଷ୍ଠାନ ଭୁବନେଶ୍ୱରର କର୍ମକର୍ତ୍ତାମାନେ ଗୁରୁବାର କଟକସ୍ଥିତ ମସଲା ଉଦ୍ୟୋଗ ରୁଚି ଓ ଫ୍ରୋଜିଟ୍ ପରିଦର୍ଶନରେ ଆସିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ ଏବଂ ୨୦୨୧-୨୨ର ଚାପ୍ଟର ଅଧ୍ୟକ୍ଷା ସୁନୀତା ମହାନ୍ତିଙ୍କ ନେତୃତ୍ୱରେ ଆସିଥିବା ୧୪ ଜଣିଆ ମହିଳା ଦଳକୁ ଫ୍ରୋଜିଟ୍ ପ୍ରତିଷ୍ଠାତା ତଥା ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ ସ୍ୱାଗତ କରିବା ସହ ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କରେ କହିଥିଲେ। ଏହାପରେ କର୍ମକର୍ତ୍ତାମାନେ ରୁଚି କର୍ପୋରେଟ୍ ଅଫିସରେ ରୁଚି ଓ ଫ୍ରୋଜିଟ୍ ସମ୍ପର୍କିତ ବୃତ୍ତଚିତ୍ର ଦେଖିଥିଲେ। ଏଥିସହ ସେମାନେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଫିକି କର୍ମକର୍ତ୍ତାଙ୍କୁ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଓ ସଲିନା ସାହୁ ସମ୍ବର୍ଦ୍ଧିତ କରିଥିଲେ।



କଳିଙ୍ଗ କଲେଜ ଅଫ୍ ଆର୍ଟ୍‌ସର ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି ।



ରାଜ୍ୟ ଅଭିଲେଖଗାର ପରିସରରେ ଗୁରୁବାର ଅଭିଲେଖ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି।



ଏଫ୍‌ଆଇସିସିଆଇ ମହିଳା ଅନୁଷ୍ଠାନ ଭୁବନେଶ୍ୱରର କର୍ମକର୍ତ୍ତାମାନେ ଗୁରୁବାର କଟକସ୍ଥିତ ରୁଚି ଓ ଫ୍ରୋଜିଟ୍ କମ୍ପାନୀ ପରିଦର୍ଶନ କରୁଛନ୍ତି ।

**ସୁକୁବିନା ସ୍ରଷ୍ଟା ସୃଜନ ସମ୍ମାନ ପାଇବେ ଡ. ପଙ୍କଜ ପାଳ**

**ଭୁବନେଶ୍ୱର,(ବ୍ୟୁରୋ):** ଓଡିଆ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ଔପନ୍ୟାସିକ ତଥା କ୍ଷୁଦ୍ର ଗଳ୍ପ ଲେଖକ ଡ. ପଙ୍କଜ ପାଳଙ୍କୁ ପ୍ରଥମ 'ସୁକୁବିନା ସ୍ରଷ୍ଟା ସୃଜନ ସମ୍ମାନ' ପ୍ରଦାନ କରାଯିବ। ସୁକୁବିନା ସ୍ରଷ୍ଟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଲେଖକ ତଥା ସାମାଜିକ କର୍ମୀ ସୁଧୀର କୁମାର ବିଜେନ୍ଦ୍ର ନାରାୟଣଙ୍କ ସ୍ମୃତିରେ ଏହି ସମ୍ମାନ ଦିଆଯିବ। ଆସନ୍ତା ୩ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଦ୍ମ ବିଭୂଷଣ, ଜ୍ଞାନପୀଠ ପୁରସ୍କାର ବିଜେତା ଲେଖକ ଡ. ସୀତାକାନ୍ତ ମହାପାତ୍ର ତାଙ୍କୁ ସମ୍ମାନିତ କରିବେ। ସମ୍ମାନ ବାବଦକୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।



**ପ୍ରଥମ ପୃଷ୍ଠାରୁ...**

## ଡାକ୍ତରାଣୀଙ୍କୁ ...

ବିବାହ ତାରିଖ ଘୁଞ୍ଚିଥିଲା। ୨୦୨୧ ମେ ୩୧ରେ ରମେଶ ତାଙ୍କୁ ଭୁବନେଶ୍ୱରର ଏକ ହୋଟେଲରେ ବିବାହ କରିଥିଲେ। ବିବାହ ସମୟରେ ରମେଶଙ୍କ ଭିଣୋଇ ଗଣେଶ୍ୱର, ଭଉଣୀ ରଶ୍ମିତା ଓ ଡ୍ରାଇଭର ପପୁ ମଧ୍ୟ ଥିଲେ। ଏହାପରେ ସେ ତାଙ୍କ ଡେବିଟ୍ କାର୍ଡ ନେଇ ୨୩ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଏମ୍‌ସରେ ଚାକିରି କରେଇଦେବାକୁ କହି ରମେଶ ତାଙ୍କର ଜଣେ କର୍ମଚାରୀଙ୍କଠାରୁ ୧୦ ଲକ୍ଷ ମଧ୍ୟ ଠକି ନେଇଥିଲେ। ଅନ୍ୟପକ୍ଷରେ ରମେଶ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଆପାର୍ଟମେଣ୍ଟର ମାଲିକ ମଧ୍ୟ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ରମେଶ ଭୁଲ୍ ତଥ୍ୟ ଦେଇ ସେଠାରେ ରହିଥିଲେ ବୋଲି ସେ ପୋଲିସ ନିକଟରେ କହିଛନ୍ତି। ତେବେ ଠକେଇର ତାଲିକା ବଢୁଥିବାରୁ ଆଗକୁ ରମେଶଙ୍କ କାରନାମାର ଆହୁରି ଗୁମର ଖୋଲିବାକୁ ୩ ଦିନିଆ ରିମାଣ୍ଡରେ ଜେରା କରିବ। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଏକ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାକୁ କମିଶନରେଟ ପୋଲିସ ଆଶା ରଖିଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରମେଶଙ୍କ ମାମଲାର ତଦନ୍ତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୨ଟି ମହିଳା ଟିମ୍ ଗଠନ ହେବ। ସେଥିରେ ମହିଳା ପୋଲିସଙ୍କ ସମେତ ଚାଟାର୍ଡ ଆକାଉଣ୍ଟାଣ୍ଟ, କାଉନ୍‌ସେଲର, ଆଇନ୍ ପରାମର୍ଶଦାତା ରହିବେ। ୨ ମାସରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଟିମ୍ ତଦନ୍ତ କରି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବ। ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏଥିସହ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା।

## ପଞ୍ଚାୟତ ନିର୍ବାଚନ ...

ଅନୁରୂପ ଭାବେ ୨୭ରେ ଦ୍ୱିତୀୟ ଜୋନ୍, ୨୮ରେ ତୃତୀୟ ଏବଂ ଚତୁର୍ଥ ଜୋନ୍‌ରେ ଭୋଟ ଗଣତି ହେବ। ଗଣତି କେନ୍ଦ୍ରରେ କୌଣସି ପ୍ରକାରର ବିଶୃଙ୍ଖଳାକୁ ସହ୍ୟ କରାଯିବ ନାହିଁ ବୋଲି ନିର୍ବାଚନ କମିଶନର କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟରେ ଫେବୃୟାରୀ ୧୬ରୁ ୫ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ମୋଟ ୬ ହଜାର ୭୯୪ ପଞ୍ଚାୟତରେ ଥିବା ୯୧ ହଜାର ୯୧୩ ୱାର୍ଡରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିଲା। ଏଥିଲାଗି ୯୧ ହଜାର ୯୧୩ ବୁଥ୍‌ରେ ପ୍ରସ୍ତୁତ କରାଯାଇଥିଲା। ସେଥିରୁ ୧୩ ହଜାର ୭୮୫ ମତଦାନ କେନ୍ଦ୍ରକୁ ରାଜ୍ୟ ନିର୍ବାଚନ କମିଶନର ଉତ୍ତେଜନାପ୍ରବଣ ଘୋଷଣା କରିଥିଲେ। ଚଳିତ ନିର୍ବାଚନରେ ମତଦାନ ହାର ଉତ୍ସାହଜନକ ରହିଛି। ପ୍ରଥମ ପର୍ଯ୍ୟାୟରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬%, ଚତୁର୍ଥ ପର୍ଯ୍ୟାୟରେ ୭୯% ମତଦାନ ରେକର୍ଡ କରାଯାଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ହିଂସା ଓ ଅନ୍ୟାନ୍ୟ କାରଣରୁ ବାଧାପ୍ରାପ୍ତ ହୋଇଥିବା ବୁଥରେ ସାନି ମତଦାନ ଫେବୃୟାରୀ ୨୩ରେ ଶେଷ ହୋଇଛି। ଅନୁରୂପ ଭାବେ ୩ୟ ପର୍ଯ୍ୟାୟରେ ୩୦ ବୁଥ୍‌ରେ ସାନି ମତଦାନ ଲାଗି ଜିଲାପାଳମାନେ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ୨୫ ତାରିଖ (ଶୁକ୍ରବାର)ରେ ଉକ୍ତ ୩୦ ବୁଥ୍‌ରେ ସାନି ମତଦାନ ହେବ ବୋଲି ଜଣାପଡ଼ିଛି। ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟରେ ବାତିଲ ହୋଇଥିବା ବୁଥ୍‌ରେ ସାନି ମତଦାନ ଲାଗି ତାରିଖ ଘୋଷଣା ବାକି ରହିଛି।

## ପଞ୍ଚମ ପର୍ଯ୍ୟାୟରେ ...

ୱାର୍ଡ ମେମ୍ବର, ୧୨୬ ସରପଞ୍ଚ, ୩୨୬ ପଞ୍ଚାୟତ ସମିତି ସଦସ୍ୟ ଏବଂ ଜଣେ ଜିଲା ପରିଷଦ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି। ତେବେ ଅନ୍ୟ ପଦବୀଗୁଡ଼ିକ ପାଇଁ ପ୍ରାୟ ୨ ଲକ୍ଷ ୨୦ ହଜାର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚଳିତ ନିର୍ବାଚନରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ନିର୍ବାଚନ କମିଶନର କହିଛନ୍ତି।

## ବିରିୟାନୀ ପାଇଁ ଆତ୍ମହତ୍ୟା ...

ମୃତଦେହକୁ ଘରକୁ ଅଣାଯାଇଥିଲା। ଗୁରୁବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ନାବାଳକଙ୍କ ବାପା ମନୋରଞ୍ଜନ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରନ୍ତି।

# ବିଏମ୍‌ସି ଚୂଡ଼ାନ୍ତ ତାଲିକାରେ ୭,୨୫,୭୬୫ ଭୋଟର

■୬୫ ନଂ. ୱାର୍ଡରେ ସର୍ବାଧିକ ୧୭,୮୫୭ ଭୋଟର

■ଦୁଇ ୱାର୍ଡରେ ନାଁ ଥିବା ଭୋଟର ବାଦ୍ ପଡ଼ିଲେ

**ଭୁବନେଶ୍ୱର, ୨୪।୨ (ବ୍ୟୁରୋ)**

ପୌର ନିର୍ବାଚନ ପ୍ରକ୍ରିୟାରେ ଆଉ ପାଦେ ଆଗେଇଲା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଗୁରୁବାର ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛି। ଭୁବନେଶ୍ୱରରେ ମୋଟ ୭ଲକ୍ଷ ୨୫ହଜାର ୭୬୫ଜଣ ଭୋଟର ରହିଥିବା ସୂଚନା ଦିଆଯାଇଛି। ୩ ଲକ୍ଷ ୯୪ ହଜାର ୫୧୦ଜଣ ପୁରୁଷ ଭୋଟର ଥିବାବେଳେ ୩ଲକ୍ଷ ୩୦ହଜାର ୮୧୫ଜଣ ମହିଳା ଓ ୪୪୦ଜଣ ଅନ୍ୟବର୍ଗର ଭୋଟର ରହିଛନ୍ତି। ତେବେ ୱାର୍ଡ ନଂ.୬୫ରେ ସର୍ବାଧିକ ୧୭ହଜାର ୮୫୭ଜଣ ଭୋଟର ରହିଛନ୍ତି। ପ୍ରାଥମିକ ତାଲିକାଠାରୁ ଚୂଡ଼ାନ୍ତରେ ଭୋଟର ସଂଖ୍ୟା କମିଛି। ପୂର୍ବରୁ ପ୍ରକାଶିତ ପ୍ରାଥମିକ ତାଲିକାରେ ମୋଟ ୭ଲକ୍ଷ ୨୭ହଜାର ୪୫୬ଜଣ ଭୋଟର ଥିଲେ। ତାଲିକାରେ ଅନେକଙ୍କ ନାଁ ନ ଥିବାବେଳେ ଆଉ କେତେଜଣ ଭୋଟରଙ୍କ ୱାର୍ଡ ବଦଳି ଯାଇଥିଲା। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା। ଚୂଡ଼ାନ୍ତ ତାଲିକାରେ ଏସବୁ ସଂଶୋଧନ କରାଯିବା ସହ ଭୋଟର ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲା। ମାତ୍ର ଏବେ ଭୋଟରଙ୍କ ସଂଖ୍ୟା ୧୬ଶହ ୯୧ କମିଥିବାରୁ ସାଧାରଣରେ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି।

ତେବେ ଏ ନେଇ ଏଡିଏମ୍ ପ୍ରଫୁଲ୍ଲ କୁମାର ସ୍ୱାଇଁ କହିଛନ୍ତି, ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡିଥିବା ଭୋଟରମାନେ ଗୋଟିଏ ବୁଥ୍‌ର ହୋଇଥିବାବେଳେ ୨ଟି ୱାର୍ଡରେ ସେମାନଙ୍କ ନାମ ପ୍ରକାଶ ପାଇଥିଲା। ୧୯ ତାରିଖରେ ତାଲିକା ସଂଶୋଧନ କରାଯିବା ସମୟରେ ଏହା ଜଣାପଡିବା ପରେ ଏହାକୁ ସଂଶୋଧନ କରାଯାଇଛି। ସେହିପରି ଭୋଟର ତାଲିକାକୁ ନେଇ ସମୁଦାୟ ୨୮୯ଜଣ ଅଭିଯୋଗ କରିଥିଲେ। ସେମାନଙ୍କ ମଧ୍ୟରେ ୨୪୮ଜଣଙ୍କର ୱାର୍ଡ ପରିବର୍ତ୍ତନ ହୋଇଥିବାରୁ ସେମାନଙ୍କୁ ତାଙ୍କ ପୂର୍ବ ୱାର୍ଡକୁ ଫେରାଯାଇଛି। ଚୂଡ଼ାନ୍ତ ତାଲିକାରେ କାହାର ନାମ କଟାଯାଇନାହିଁ କିମ୍ବା କାହାର ନାମ ଯୋଡାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏବେ ମହାନଗରର ୬୭ଟି ୱାର୍ଡର ୭୦୫ଟି ବୁଥ୍‌ରେ ଭୋଟରମାନେ ସେମାନଙ୍କ କର୍ପୋରେଟରଙ୍କୁ ଚୟନ କରିବେ। ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଏଡିଏମ୍ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ତାଲିକା ପ୍ରକାଶ ପାଇଛି। ଏଥିରେ ବିଏମ୍‌ସିର ନିର୍ବାଚନ ଅଧିକାରୀ ଶ୍ରୀମନ୍ତ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ଚୂଡ଼ାନ୍ତ ତାଲିକା ସମସ୍ତ ୱାର୍ଡ ଅଫିସ, ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଏମ୍‌ସି ଅଫିସ ଏବଂ ଇଲେକ୍ସନ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଫେବୃୟାରୀ ୯ରେ ମହାନଗରର ୬୭ଟି ୱାର୍ଡ ପାଇଁ ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇଥିଲା। ଏଥିରେ ମୋଟ୍ ୭ଲକ୍ଷ ୨୭ହଜାର ୪୫୬ଜଣ ଭୋଟର ଥିବା ସୂଚନା ଦିଆଯାଇଥିଲା। ୧୬ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଦାଖଲ ପରେ ୧୮ରେ ଅଭିଯୋଗର ଶୁଣାଣି ହୋଇ ଗୁରୁବାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି।

## ସିଏମ୍‌ସିରେ ୪,୫୦,୭୫୯ ଭୋଟର

**କଟକ ଅଫିସ, ୨୪।୨:** କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ମୋଟ ୪ଲକ୍ଷ ୫୦ ହଜାର ୭୫୯ ଭୋଟର ରହିଛନ୍ତି। ୨ଲକ୍ଷ ୩୧ହଜାର ୩୦ ପୁରୁଷ, ୨ ଲକ୍ଷ ୧୯ ହଜାର ୫୯୮ ମହିଳା ଏବଂ ୧୩୧ ଜଣ କିନ୍ନର ରହିଥିବା ଚୂଡ଼ାନ୍ତ ତାଲିକାରୁ ଜଣାପଡ଼ିଛି।

**ଦ.ପୂ. ରେଳପଥ ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସେଣ୍ଟ୍ରାଲ-୨୧-୨୨-୩୪, ତାରିଖ: ୨୩।୦୨।୨୦୨୨ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର/ଇଏନ୍‌ଜିଜି/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ସିକେପିଙ୍କ ଅଧୀନରେ ତା୩୦।୦୬।୨୦୨୩ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଉତ୍ତର ଏବଂ ଦକ୍ଷିଣ ସେଟଲମେଣ୍ଟଠାରେ ଆବାସିକ ବିଲ୍ଡିଂର ଜୋନାଲ୍ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ (୨ୟ କଲ୍)। **ଟେଣ୍ଡର ମୂଲ୍ୟ:** ₹୧,୭୧,୭୭,୧୪୬.୪୦; **ଇଏମ୍‌ଡି:** ₹୨,୩୫,୯୦୦.୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹0.00 । **ଖୋଲାଯିବା ତାରିଖ:** ୨୪।୦୩।୨୦୨୨ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ତତ୍‌ସମ୍ପର୍କିତ ସମସ୍ତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **PR-650**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ରେଲୱେ ମ୍ୟାନେଜର/ଇଏନ୍‌ଜିଜି/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି** ନିମ୍ନ ଅନୁଯାୟୀ ଅଟେ: (୧); ସିକେପି-ଇଷ୍ଟ-୨୧-୨୨-୩୧; ସିନିୟର ଡିଇଏନ୍(ପୂର୍ବ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟା, ଏସ୍‌ଏନ୍‌ୱାଇ, ଓଏନ୍‌ଡି ଷ୍ଟେଶନଠାରେ ବିଭିନ୍ନ ଲୁପ୍‌ସ ଲାଇନ୍‌ରେ ୬.୫୪୮ କିମି ପାଇଁ ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) ଏବଂ ଜିୟୁଏମ୍‌ଆଇ ଷ୍ଟେଶନଠାରେ ବିଭିନ୍ନ ଲୁପସ ଲାଇନରେ ୦.୪୬୫ କିମି ପାଇଁ ଥ୍ରୁ ରେଲ ନବୀକରଣ (ଏସ୍); ₹୧,୪୧,୪୫,୫୦୫.୧୨; ₹୨,୨୦,୭୦୦.୦୦ । (୨); ସିକେପି-ଇଷ୍ଟ-୨୧-୨୨-୩୨; ୦୩ ବର୍ଷ ଅବଧି ପାଇଁ ଟାଟାନଗରଠାରେ ନୂଆ ଏବଂ ପୁରୁଣା ଫିଲ୍‌ଟର ହାଉସର ଜଳ ବିଶୋଧନ ପ୍ଲାଣ୍ଟର ମରାମତି ଓ ଓଭରହଲିଂ; ₹୯୮,୫୩,୬୪୫.୭୦; ₹୧,୯୭,୧୦୦.୦୦ । (୩); ସିକେପି-ଇଷ୍ଟ-୨୧-୨୨-୩୩; ସିନିୟର ଡିଇଏନ୍(ପୂର୍ବ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଚକ୍ରଧରପୁର ଡିଭିଜନରେ ୩୮.୨୩୮ କିମି ପାଇଁ ଥ୍ରୁ ସ୍ଲିପର୍ ନବୀକରଣ (ପି); ₹୩,୫୨,୨୬,୬୩୯.୬୦; ₹୩,୨୬,୧୦୦.୦୦ । (୪); ସିକେପି-ଇଷ୍ଟ-୨୧-୨୨-୩୪; ସିନିୟର ଡିଇଏନ୍(ପୂର୍ବ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଚକ୍ରଧରପୁର ଡିଭିଜନରେ ୩୦.୯୫୫ କିମି ପାଇଁ ଥ୍ରୁ ରେଲ ନବୀକରଣ (ପ୍ରାଇମେରୀ); ₹୧,୭୦,୩୮,୮୧୫.୫୩; ₹୨,୩୫,୨୦୦.୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹0.00 । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୧।୦୩।୨୦୨୨ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ତତ୍‌ସମ୍ପର୍କିତ ସମସ୍ତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **PR-651**



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପଞ୍ଚମ ତଥା ଶେଷ ପର୍ଯ୍ୟାୟରେ ଭୁବନେଶ୍ୱର ଉପକଣ୍ଠ ହୀରାପୁର ୟୁପି ସ୍କୁଲ୍ ମତଦାନ କେନ୍ଦ୍ରରେ ଗୁରୁବାର ଜଣେ ମହିଳା ବାକ୍ସରେ ବାଲଟ ପେପର ପକାଉଛନ୍ତି।

## ମତଦାନ କେନ୍ଦ୍ର ସମ୍ମୁଖରେ ଉତ୍ତେଜନା

**ବାଲିଅନ୍ତା,୨୪।୨(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତର ଏକ ମତଦାନ କେନ୍ଦ୍ରରେ ଏକ ରାଜନୈତିକ ଦଳର ଏଜେଣ୍ଟଙ୍କୁ ଫର୍ମ-୧୧ ଦିଆ ନ ଯିବା ପ୍ରତିବାଦରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ମହିଳା ବୁଥ୍ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ଭୋଟବାକ୍ସକୁ ଅପରାହ୍ନ ୫ଟା ପରେ ବ୍ଲକ କାର୍ଯ୍ୟାଳୟକୁ ନିଆଯାଇଥିଲା।

### ନିଖୋଜ ସରପଞ୍ଚ ପ୍ରାର୍ଥିନୀଙ୍କ ସ୍ୱାମୀ ଫେରିଲେ

ଅନ୍ୟପକ୍ଷରେ ବେଣ୍ଟପୁର ପଞ୍ଚାୟତର ମଣିଦାସବର ଛକରୁ ଗତ ସୋମବାର ରାତି ୭ଟାରୁ ନିଖୋଜ ଥିବା ସରପଞ୍ଚ ପ୍ରାର୍ଥିନୀଙ୍କ ସ୍ୱାମୀ ପୀତବାସ ଦାଶ ଗୁରୁବାର ଘରକୁ ଫେରିଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନାରୁ ତାଙ୍କୁ ବୁଧବାର ରାତିରେ ପୋଲିସ ଉଦ୍ଧାର କରିଥିଲା। ତାଙ୍କ ନିଖୋଜକୁ ନେଇ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ତ୍ରିପାଠୀ ମଙ୍ଗଳବାର ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବାଲିଅନ୍ତାରେ ୮୧.୧୧, ଜଟଣୀରେ ୭୮.୫୬%

**ଖୋର୍ଦ୍ଧା ଅଫିସ,୨୪।୨:** ଖୋର୍ଦ୍ଧା ଜିଲାରେ ଗୁରୁବାର ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ବାଲିଅନ୍ତା ଓ ଜଟଣୀ ବ୍ଲକରେ ଭୋଟ୍ ଗ୍ରହଣ ହୋଇଥିଲା। ବାଲିଅନ୍ତାରେ ୮୧.୧୧ ପ୍ରତିଶତ ଏବଂ ଜଟଣୀରେ ୭୮.୫୬ ପ୍ରତିଶତ ମତଦାନ ହୋଇଛି। କାଁ ଭାଁ ବିଶୃଙ୍ଖଳାକୁ ବାଦ୍ ଦେଲେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ବୋଲି ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

ଗୁରୁବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। କେତେକ ସ୍ଥାନରେ ଭୋଟର ଅଧିକ ରହିଥିବାରୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ବାଲିଅନ୍ତାର ୩ ଜିଲା ପରିଷଦ, ୧୬ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୨୨୪ ୱାର୍ଡମେମ୍ବର ଏବଂ ଜଟଣୀର ୨ଜିଲା ପରିଷଦ, ୧୫ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୨୧୦ ୱାର୍ଡମେମ୍ବରଙ୍କ ନିମନ୍ତେ ୪୩୪ ବୁଥ୍‌କେନ୍ଦ୍ରରେ ମତଦାନ ହୋଇଥିଲା। ବାଲିଅନ୍ତାର ୫୦ ସମିତିସଭ୍ୟ, ୫୯ ସରପଞ୍ଚ, ୩୧୬ ୱାର୍ଡମେମ୍ବର ଓ ୧୨ ଜିଲା ପରିଷଦ ଏବଂ ଜଟଣୀର ୫୯ ସମିତିସଭ୍ୟ, ୭୬ ସରପଞ୍ଚ, ୩୨୯ ୱାର୍ଡମେମ୍ବର ଓ ୮ ଜିଲା ପରିଷଦ ମୋଟ୍ ୯୦୯ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇଛି। ମତଦାନ ପରେ ବାଲଟ ବାକ୍ସଗୁଡିକୁ ବ୍ଲକ କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଛି। ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଜୋନ୍‌ସ୍ତରୀୟ ଭୋଟ୍ ଗଣନା କରାଯିବ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. C-SBP-GS-DEV-LPG-22, ତା: 22.02.2022

**କାର୍ଯ୍ୟର ନାମ :** 08(ଆଠ) ବର୍ଷ ସମୟାବଧି ନିମନ୍ତେ ଲପଙ୍ଗା (Lapanga) ଠାରେ ଗୁଡ୍‌ସ ସେଡ୍‌ର ଉନ୍ନୟନ ଏବଂ ଏହାର ରକ୍ଷଣାବେକ୍ଷଣ ତଥା ପରବର୍ତ୍ତୀ ପ୍ରୋତ୍ସାହନ ।

**ଟେଣ୍ଡର କାର୍ଯ୍ୟ ମୂଲ୍ୟ(ଟଙ୍କାରେ):** 39,82,52,000/-, EMD (ଟଙ୍କାରେ) : 21,41,300/-, ଚୁକ୍ତି ଅବଧି : ନିର୍ମାଣ ସମୟାବଧି 01(ଏକ) ବର୍ଷ ସହିତ ରାଜସ୍ୱର ରକ୍ଷଣାବେକ୍ଷଣ ଏବଂ ଅଂଶୀଦାର ନିମନ୍ତେ 08(ଆଠ) ବର୍ଷ (TC/TAC), ନିର୍ମାଣ/ଉନ୍ନୟନ କାର୍ଯ୍ୟ ଶେଷ ହେବା ଅବଧି : ସଫଳ ବିଡ଼ରା ଏଜେନ୍ସିମାନଙ୍କ ନିମନ୍ତେ ସ୍ୱୀକୃତି ପତ୍ର (LOA)ଜାରୀ ହେବା ପରେ 01(ଏକ) ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.03.2022ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର

PR-839/M/21-22

**cmpdi** A Miniratna Company
**CENTRAL MINE PLANNING AND DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM Portal **https://gem.gov.in**."

**OFFICE OF THE DIRECTOR, CAPITAL HOSPITAL, BHUBANESWAR**
**ରାଜଧାନୀ ମୁଖ୍ୟ ଚିକିତ୍ସାଳୟ, ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ**
Unit-VI, Ganga Nagar, Udyan Marg, Bhubaneswar - 751001, Khordha
Email: substorechb@gmail.com / director.chb@gmail.com
Ph.: 0674-2391983/85/79

No. 1752/Sub-store/ /202 Date: 23.02.2022

**TENDER CALL NOTICE**

No. F-926: Sealed tenders are invited from reputed Manufacturer/ Authorized Distributor/Wholesaler for supply of **"Cathlab Consumables"** to Capital Hospital, Bhubaneswar through Courier Service/Speed Post/Register Post only. For detail please visit our website: **www.capitalhospital.nic.in**. The details of last date & time of receipt of tender, pre-bid meeting, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Sd./- Director
Capital Hospital, Bhubaneswar
OIPR-10078/11/0010/2122

**OFFICE OF THE DEPUTY DIRECTOR SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K. JASHIPUR
DIST-MAYURBHANJ, ODISHA-757091
Tel: 06797-295030, Email- dfo.similipalnorthwl@odisha.gov.in/ ddsimilipalnorth@gmail.com

**SHORT QUOTATION CALL NOTICE**

No.:08
No.MM-371: Date:23.02.2022

Sub:- Extension of quotation Call Notice for supply of design, supply & installation of signage of different Ecotourism destination under Similipal at various places for wide publicity and development of ecotourism in Similipal.

Ref:- This office Notice No. 07. dtd. 16.02.2022.

The last date of receipt of bid on the above referred Quotation Call Notice for design, supply & installation of signage of different Ecotourism destination under Similipal at various places for wide publicity and development of ecotourism in Similipal scheduled to be on 23.02.2022 is hereby extended up to 02.03.2022 by 2.00 P.M. due to insufficient number of bidder participation. The quotations will be opened in presence of suppliers or their authorized representatives on **02.03.2022 at 3.00 P.M.** and will be finalised on the same day by the Purchase Committee. Other terms & condition in the bid document is remained unchanged.

Sd./-Deputy Director
Similipal North WL Division, Jashipur
OIPR-08133/11/0002/2122

**GANGADHAR MEHER UNIVERSITY, SAMBALPUR**

No. 862 Date: 24.02.2022

**TENDER CALL NOTICE**

Quotations in sealed cover from reputed firms are invited by the office of the undersigned for purchase of different items for OCCG funded under OHEPEE grant, through Speed Post/Courier. Quotations received after due date and time will not be taken into consideration. The quotations will be opened at 3.30 P.M. on 11.03.2022 in presence of the Members of the Purchase Committee and the quotationers or their authorized representatives if any present at that time. The undersigned reserves the right to reject any/all quotations without assigning any reason thereof. For details please visit the university website **www.gmuniversity.ac.in**.

**Sd./- REGISTRAR**

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**

**CORRIGENDUM**

**Letter No.LXVII-271/2021/R.S./T.C. 2606 Date:23.02.2022**

**No.J-35:**Corrigendum for Engagement of Technical Support Agency to provide experts and resources to Road Safety Cell of STA has been published. Further, the date for submission of sealed tender has been extended till 21.03.2022 before 3.00 PM. For details, please go through our website www.odishatransport.gov.in.

**By Orders of Transport Commissioner Odisha**
**Sd./-Addl.Commissioner Transport (Admin)**
**STA, Odisha, Cuttack**
**OIPR-38003/11/0029/2122**

**Parliamentary Affairs Department**
Government of Odisha
Lokseva Bhawan, Bhubaneswar-751001
Phone: 0674-2322614

**Advt.No. 933 /2022 Date.22.02.2022**

**TENDER CALL NOTICE FOR ENGAGEMENT OF DRIVER THROUGH OUTSOURCING SERVICES**

**No.QQ-6:**Sealed tenders are invited from reputed and experienced Manpower Service Providers for providing the services of 01 (one) Driver on contract basis for driving the vehicle of Parliamentary Affairs Department. Details regarding eligibility criteria , terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the website **www.pa.odisha.gov.in**. Interested Manpower Service Providers/Agencies may submit their tenders in a sealed envelope super-scribing on the top of the sealed envelop as **"Bid for Outsourcing of 1 (one) Driver in reference to Advertisement NO......../2022, dtd...............".**

The tenders should reach the office of the undersigned by Dt. 23.03.2022 (till 5.00 P.M). The Tenders will be opened at 12.30 P.M. on 24.03.2022. The undersigned reserves the right to reject any or all the tenders without assigning any reason thereof.

**Sd./-Deputy Secretary to Government**
**Parliamentary Affairs Department**
**OIPR-42001/11/0006/2122**

**GOVERNMENT OF ODISHA**
**HOME(ELECTIONS)DEPARTMENT**

**TENDER CALL NOTICE**

**No. EC-REV-PROG-0001-2022/1174/Elec. Dt.23rd Feb., 2022**

No. D-331: Sealed Single Stage two envelopes unconditional online bids are invited from "PVC Card Manufacturers and Security Printers" for printing and personalising PVC Electors Photo Identity Cards on e-Proc website/portal on behalf of Home (Elections) Department, Govt. of Odisha. The detailed Bid Document for Rate Contract can be downloaded from the website **https:/www.tenderodisha.gov.in**. However, this also can be viewed from department website **www.ceoorissa.nic.in** and Govt. of Odisha website **www.odisha.gov.in**.

**Office of the Chief Electoral Officer, Odisha, Unit-V, Behind Lok Seva Bhawan, Bhubaneswar - 1**

**CHIEF ELECTROAL OFFICER, ODISHA**
**HOME (ELECTIONS) DEPARTMENT**
**Behind Lok Seva Bhawan, Unit-V, Bhubaneswar - 751001**
**Dated: 23rd Feb. 2022**

**PUBLIC NOTICE**

In order to bring more transparency in the tendering system, Home (Elections) Department is going to adopt the e-Tender process through the Odisha Government Portal **(www.tenderorissa.gov.in)** for selection of "Print Service Providers for Printing & Personalizing PVC Electors Photo Identity Cards (EPIC)". Bidders may contact the following telephone Nos. for further details.

**Phone Nos.: 7978738178, 9437632836, 9437590473**

**OIPR-12113/11/0002/2122 By Order of the CEO, Odisha**

**NANDANKANAN**
**NANDANKANAN ZOOLOGICAL PARK**

**TENDER NOTICE**

**TENDER NOTICE No.16 of 2022**
**Dated the Nandankanan 23rd February, 2022**

**No.MM-373:**The interested Individuals/firms/Agencies are invited to express their willingness for "LABOUR COMPONENT FOR CONSTRUCTION OF MOAT / HEXAGON VISITORS VIEW POINT/ PENTAGON VISITORS VIEW POINT/ FEEDING CELL AND KEEPERS' ROOM INCLUDING ELECTRIFICATION AND WATER SUPPLY / KRAAL-02 NOS IN THE PRIMATE ENCLOSURE INSIDE NANDANKANAN ZOOLOGICAL PARK FOR THE YEAR, 2021-22". The application Form of the said item along with the detailed terms and conditions shall be available at the website www.nandankanan.org from 23.02.2022.

| Sl. No. | Item of Service | Last Date of Submission of Tender | Date of Opening of Tender |
|---|---|---|---|
| 1 | LABOUR COMPONENT FOR CONSTRUCTION OF MOAT / HEXAGON VISITORS VIEW POINT/ PENTAGON VISITORS VIEW POINT/ FEEDING CELL AND KEEPERS' ROOM INCLUDING ELECTRIFICATION AND WATER SUPPLY / KRAAL-02 NOS. IN THE PRIMATE ENCLOSURE INSIDE NANDANKANAN ZOOLOGICAL PARK FOR THE YEAR, 2021-22 | 12.00 Noon of 28.02.2022 | 02.30 P.M. of 28.02.2022 |

**Sd./- Deputy Director**
**Nandankanan Zoological Park**
**OIPR-08070/11/0018/2122**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**NOTICE**

**No.3092/OMC/2022 Date. 24.02.2022**

**No.CAD-2994:** Pursuant to the Advertisement No.85/OMC dated 04.01.2022 regarding recruitment of Non-Executive posts in OMC Ltd. (Jr. Accountant & Electrician- III), this is for information of all candidates that the Online Test (Computer Based Test-CBT) will be conducted on 17.03.2022 in the following cities of Odisha:

| Sl.No. | Cities |
|---|---|
| 1 | Bhubaneswar |
| 2 | Cuttack |
| 3 | Berhampur |
| 4 | Dhenkanal |
| 5 | Rourkela |
| 6 | Sambalpur |
| 7 | Balasore |

**Important Dates**

| Sl. No | Activity | Date |
|---|---|---|
| 1 | Conduct of Computer Based Test (CBT) | 17.03.2022 (Thursday) |
| 2 | Dispatch / Issue of e- Admit Card through e-mail which shall be notified in OMCL's website (https://omcltd.in) | From 01.03.2022 onwards |
| 3 | Opening of Facilitation Counters (Venue to be notified later) | 16.03.2022 (10.00 AM to 1:00 PM) |
| 4 | Availability of Letter of Undertaking in OMC website for using Scribe/ Reader | 25.02.2022 |
| 5 | Availability of FAQ in OMC website | 25.02.2022 |

*NB: Please visit OMC website (https://omcltd.in) for other information.*

**Best Wishes to the candidates for their appearance in the ensuing CBT.**

**Sd/- GENERAL MANAGER (P&A)**
**OIPR-30005/11/0241/2122**

# ଓଡ଼ିଶାରେ ୟୁକ୍ରେନ୍ ଭୟ

## ଫସିଛନ୍ତି ଶତାଧିକ ମେଧାବୀ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ୍, ୨୪।୨**

ଭୟଙ୍କର ହେବାରେ ଲାଗିଛି ୟୁକ୍ରେନ୍-ରୁଷିଆ ବିବାଦ। ଶକ୍ତିଶାଳୀ ରୁଷିଆର ଘନ ଘନ ଆକ୍ରମଣରେ ୟୁକ୍ରେନ୍‌ବାସୀ ଥରହର ହେଉଥିବାବେଳେ ଯୁଦ୍ଧ ପ୍ରଭାବିତ ଦେଶରେ ଫସିଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ନେଇ ଆସିଛି ଚିନ୍ତାଜନକ ଚିତ୍ର। ବିଦେଶୀ ଛାତ୍ର ରହୁଥିବା କେତେକ ହଷ୍ଟେଲ ନିକଟରେ ମିଶାଇଲ୍ ମାଡ଼ ହେବା ପରେ ପରିବାର ଲୋକଙ୍କ ଛାତିରେ ଛନକା ପଶିଛି। ପିଲାମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ସେମାନେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

ୟୁକ୍ରେନ୍‌ରେ ଫସିଥିବା ଡାକ୍ତରୀ ପଢୁଆ ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଛନ୍ତି ଢେଙ୍କାନାଳ ଜିଲାର ୨ଜଣ। ସଦର ବ୍ଲକ ଗୋବିନ୍ଦପୁର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ ଏବଂ ସନ୍ଧ୍ୟାରାଣୀ ସ୍ୱାଇଁଙ୍କ ଏକମାତ୍ର ପୁଅ ସୁପ୍ରୀତ୍ (୨୦) ଗତ ୨୦୨୧ ଡିସେମ୍ବର ୧୧ରେ ଡାକ୍ତରୀ ପଢ଼ିବାକୁ ୟୁକ୍ରେନ୍ ଯାଇଥିଲେ। ଭିନିଷ୍ଟିଆ ନ୍ୟାଶନାଲ ମେଡିକାଲ ୟୁନିଭରସିଟିରେ ୫ ବର୍ଷ ୮ ମାସ ଡାକ୍ତରୀ କୋର୍ସରେ ସେ ନାମ ଲେଖାଇଛନ୍ତି। ୟୁକ୍ରେନ୍‌ର ରାଜଧାନୀ କିଭ୍‌ଠାରୁ ଏହି ବିଶ୍ୱବିଦ୍ୟାଳୟର ଦୂରତ୍ୱ ପ୍ରାୟ ୪୫୦ କିଲୋମିଟର। ପ୍ରଥମ ବର୍ଷରେ ନାମ ଲେଖାଇଥିବା ସୁପ୍ରୀତ୍ ଏବଂ ଅନ୍ୟ ୧୩ଜଣ ଓଡ଼ିଆ ସହପାଠୀ ଏକାଠି ଗୋଟିଏ ହଷ୍ଟେଲରେ ରହୁଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରେ ସେଠାରେ ଅଟକିଥିବା ଓଡ଼ିଆ ଛାତ୍ରୀଛାତ୍ର କିଭଳି ସୁରକ୍ଷିତ ଭାବେ ଘରକୁ ଫେରିବେ ତାହାକୁ ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି।

ଏ ସମ୍ପର୍କରେ ମା' ସନ୍ଧ୍ୟାରାଣୀ କୁହନ୍ତି, ସୁପ୍ରୀତ୍ ପ୍ରତିଦିନ ତାଙ୍କ ସହ ଭିଡିଓ କଲ୍‌ରେ କଥା ହୁଅନ୍ତି। ଗଣମାଧ୍ୟମରୁ ଯୁଦ୍ଧ ସମ୍ପର୍କରେ ଜାଣିବା ପରେ ହ୍ୱାଟ୍ସଆପ୍‌ରେ ଭିଡିଓ କଲିଂ କରିଥିଲୁ। ବୁଧବାର ପରିସ୍ଥିତି ଅପେକ୍ଷାକୃତ ଭଲ ଥିବାବେଳେ ଗୁରୁବାର ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ଜରୁରୀ ପରିସ୍ଥିତି ଜାରି ହୋଇଥିବାରୁ ସକାଳୁ ଉକ୍ତ ଅଞ୍ଚଳରେ ସାଇରନ୍ ବାଜିଥିଲା। କାହାରିକୁ ବାହାରକୁ ନ ବାହାରିବାକୁ ନିବେଦନ କରାଯାଇଥିଲା। ଏ ନେଇ ସକାଳେ ସୁପ୍ରୀତ ମା'ଙ୍କୁ ଫୋନ୍ କରି ସୂଚନା ଦେବାପରେ ପରିବାର ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ସୁପ୍ରୀତଙ୍କ ସହିତ 'ଧରିତ୍ରୀ'ର ଢେଙ୍କାନାଳ ଜିଲା ପ୍ରତିନିଧି ହ୍ୱାଟ୍ସଆପ୍ ଭିଡିଓ କଲିଂରେ କଥା ହୋଇଥିଲେ। ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଯୁଦ୍ଧ ଆରମ୍ଭ ହେବା ପରେ ବିମାନ ସେବାକୁ ଅନିର୍ଦ୍ଦିଷ୍ଟ ସମୟ ଯାଏ ବାତିଲ କରିଦିଆଯାଇଛି।


ସୁପ୍ରୀତ ମା'ଙ୍କ ସହ ହ୍ୱାଟ୍ସଆପ୍ ଭିଡିଓ କଲ୍‌ରେ କଥା ହେଉଛନ୍ତି।

ଭାରତୀୟ ଦୂତାବାସ କର୍ତ୍ତୃପକ୍ଷ ସେମାନଙ୍କ ସହିତ ଆଲୋଚନା କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବାକୁ କେନ୍ଦ୍ର ସରକାର ୨୭ରେ ଚାର୍ଟାର୍ଡ ପ୍ଲେନ୍ ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ। କିନ୍ତୁ ବିମାନବନ୍ଦର ଉପରେ ଆକ୍ରମଣ ହୋଇଥିବାରୁ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସଂକ୍ରାନ୍ତରେ ତାଙ୍କ ବାପା ସନ୍ତୋଷ କୁହନ୍ତି, ସୁପ୍ରୀତ ଯେଉଁ ଏଜେନ୍ସି ଜରିଆରେ ପାଠ ପଢ଼ିବାକୁ ଯାଇଥିଲେ, ସେହି ଏଜେନ୍ସି ପକ୍ଷରୁ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରାଯାଇଛି। ସୌରାଷ୍ଟ୍ର ମନ୍ତ୍ରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଉଥିବା ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଯୋଗାଯୋଗ ପାଇଁ ଏକ ହେଲ୍‌ପ ଲାଇନ୍ ନମ୍ବର ଦିଆଯାଇଥିବା ସନ୍ତୋଷ କହିଛନ୍ତି।

ସେହିପରି ଢେଙ୍କାନାଳ ସହର କଲେଜ ବାଇପାସ୍ ଅଞ୍ଚଳର ଆଦିତ୍ୟ ମହାପାତ୍ରଙ୍କ ଏକମାତ୍ର ପୁଅ ଆଶାଦୀପ (୨୩) ଉକ୍ତ ବିଶ୍ୱବିଦ୍ୟାଳୟରେ ତୃତୀୟ ବର୍ଷର ଡାକ୍ତରୀ ଛାତ୍ର। ସେ ୟୁକ୍ରେନ୍‌ରେ ୩ବର୍ଷ ହେଲା ରହି ପାଠ ପଢୁଛନ୍ତି। ଯୁଦ୍ଧକୁ ନେଇ ଆଶାଦୀପଙ୍କ ପରିବାର ଆତଙ୍କିତ ହୋଇପଡ଼ିଛନ୍ତି। ହଷ୍ଟେଲରେ ଆଶାଦୀପଙ୍କ ସହ ତାଳଚେରର ଜଣେ ଛାତ୍ର ରୁମ୍‌ମେଟ୍ ଭାବେ ରହୁଛନ୍ତି। ଏ ନେଇ ତାଙ୍କ ବଡ଼ବାପା ଅନିଲ କୁମାର ମହାପାତ୍ର କୁହନ୍ତି, ୟୁକ୍ରେନ୍‌ରେ ଫସିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଏବେସୁଦ୍ଧା ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରିବା ପରିତାପର ବିଷୟ। ଏ ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଉଦ୍ୟମ କରିବାକୁ ସେ ନିବେଦନ କରିଛନ୍ତି।


ୟୁକ୍ରେନ୍‌ରେ ଫସି ରହିଥିବା ଭାରତୀୟ ଛାତ୍ରୀଛାତ୍ର।

## ସହପାଠୀଙ୍କ ପାଇଁ ଚିନ୍ତିତ ପ୍ରତୀକ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ**

ୟୁକ୍ରେନର ପୂର୍ବ ଭାଗରେ ଥିବା ଡୋନେସ୍କ ଏବଂ ଲୁହାନ୍‌ସ୍କକୁ ରୁଷିଆ ସ୍ୱାଧୀନ ରାଷ୍ଟ୍ରଭାବେ ଘୋଷଣା କରିବା ପରେ ୟୁକ୍ରେନ୍ ରାଷ୍ଟ୍ରପତି ବୁଧବାର ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଏଭଳିସ୍ଥିତିରେ ସେଠାରେ ପଢୁଥିବା ଭାରତୀୟ ଛାତ୍ରୀଛାତ୍ରମାନେ ନିଜକୁ ଅସୁରକ୍ଷିତ ମନେ କରି ସ୍ୱଦେଶ ଫେରିବାରେ ଲାଗିଛନ୍ତି। ବୁଧବାର ସୁଦ୍ଧା ଅନେକ ଛାତ୍ରୀଛାତ୍ର ଫେରିଥିବାବେଳେ ଗୁରୁବାର ବିମାନସେବାକୁ ବନ୍ଦ କରିବା ପରେ ଅନ୍ୟମାନେ ସେଠାରେ ଫସି ରହିଛନ୍ତି। ୟୁକ୍ରେନ୍‌ର ଉତ୍ତରପୂର୍ବାଞ୍ଚଳ କାର୍କିଭ୍ ସହରସ୍ଥିତ କାର୍କିଭ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟିରେ ୨ୟ ବର୍ଷର ଏମ୍‌ବିବିଏସ୍ ଛାତ୍ର ପ୍ରତୀକ ଧଳ ସ୍ୱଦେଶ ଫେରିଛନ୍ତି। କଟକର ପ୍ରତୀକ ସ୍ୱଦେଶ ଫେରିଆସିଥିବାରୁ ନିଜକୁ ସୁରକ୍ଷିତ ମନେ କରୁଥିଲେ ମଧ୍ୟ ସେଠାରେ ଏବେବି ଫସି ରହିଥିବା ଅନ୍ୟ ସାଙ୍ଗଙ୍କ ପାଇଁ ଚିନ୍ତିତ ରହିଛନ୍ତି। ତାଙ୍କ କହିବାନୁସାରେ ଗୁରୁବାର ସେଠାରେ ବିମାନ ସେବାକୁ ବନ୍ଦ କରିଦିଆଯାଇଥିବାରୁ ଏୟାର ଇଣ୍ଡିଆ ବିମାନ ଅଧାରୁ ଫେରି ଆସିଛି। ଫଳରେ ସ୍ୱଦେଶ ଫେରିବାକୁ ଥିବା ସାଙ୍ଗମାନେ ଟିକେଟ କରି ମଧ୍ୟ ଅଟକି ରହିଛନ୍ତି। କାର୍ଭିକ୍ ସିଟିରେ ହଷ୍ଟେଲରେ ରହୁଥିବା ପିଲାଙ୍କୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବ ବୋଲି କୁହାଯାଉଛି। ତେଣୁ ପାଣି ମଧ୍ୟ ମିଳିବା କଷ୍ଟକର ହୋଇପଡ଼ିବ। ଗୁରୁବାର ସକାଳେ ସୁପରମାର୍କେଟ ଖୋଲା ରହିଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ କିଣି ମହଜୁଦ୍ ରଖିବାକୁ ସେ ସାଙ୍ଗମାନଙ୍କୁ ପରାମର୍ଶ ଦେଇଥିବା କହିଛନ୍ତି। ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ଛାତ୍ରୀଛାତ୍ର ୟୁକ୍ରେନ୍‌ରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୫୦୦ ରୁ ୬୦୦ ଫେରି ଆସିଲେଣି। ଏପରି କି ବୁଧବାର ପ୍ରତୀକଙ୍କ ସହିତ ପ୍ରାୟ ୧୦୦ ପିଲା ଫେରିଛନ୍ତି। ଅନ୍ୟମାନେ ଭାରତୀୟ ଦୂତାବାସ ସହ ଯୋଗାଯୋଗରେ ରହିଛନ୍ତି ବୋଲି ପ୍ରତୀକ ଗଣମାଧ୍ୟମକୁ କହିଛନ୍ତି।


ପ୍ରତୀକ ଧଳ

## ଡି.ଆଲିଶାଙ୍କୁ ଫେରାଇ ଆଣିବାକୁ ମା'ବାପାଙ୍କ ନିବେଦନ

**ଖୋର୍ଦ୍ଧା ଅଫିସ,୨୪।୨**

ୟୁକ୍ରେନ୍ ଭିନିସିଆ ସହରରେ ରହି ଡାକ୍ତରୀ ପାଠ ପଢୁଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ରେଡଙ୍ଗ ରେଲୱେ କଲୋନୀର ଡି.ଆଲିଶା କୁମାରୀ। ତେବେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ, ଭୟଭୀତ ଅବସ୍ଥାରେ ରହିଛନ୍ତି ପରିବାର ଲୋକେ। ଆଲିଶାଙ୍କ ସମେତ ସେଠାରେ ୨ଶହ ଓଡ଼ିଆ ଛାତ୍ରୀଛାତ୍ର ଫସିରହିଥିବା ଜଣାପଡିଛି। ଏନେଇ ଆଲିସାଙ୍କ ବାପା ଡି.ଜୟକୁମାର ଓ ମା'ଭବାନୀ କହିଛନ୍ତି, ଆଲିଶା ରହୁଥିବା ସହରରେ ୨ଥର ବ୍ଲାଷ୍ଟ ହୋଇସାରିଲାଣି। ସେଠାରେ ସ୍ଥିତି ଗମ୍ଭୀର ରହିଛି। ଆଲିଶାଙ୍କୁ ଭାରତ ଫେରାଇ ଆଣିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।


ଡି.ଆଲିଶା କୁମାରୀ

ଆଲିଶା ଗଣମାଧ୍ୟମକୁ ଟେଲିଫୋନ ଯୋଗେ ଦେଇଥିବା ସୂଚନା ଅନୁଯାୟୀ, ସେମାନେ ରହୁଥିବା ସହରରେ ଘନଘନ ଗୁଳିମାଡ଼ ହେଉଛି। ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ଦୂତାବାସ ସହ ଯୋଗାଯୋଗ କରିଥିଲୁ। ପଶ୍ଚିମ ୟୁକ୍ରେନକୁ ଯିବାକୁ ଦୂତାବାସ ପକ୍ଷରୁ ବାର୍ତ୍ତା ଆସିଥିଲା। ଜରୁରିକାଳୀନ ପରିସ୍ଥିତି ଯୋଗୁ ସବୁ କିଛି ଠପ୍ ହୋଇଯାଇଛି। ଟ୍ରେନ, ବିମାନସେବା ସବୁ କିଛି ବନ୍ଦ ରହିଛି। କୌଣସି ପରିସ୍ଥିତିରେ ଘରୁ ବାହାରିବା ସୁରକ୍ଷିତ ନୁହେଁ। ଅନେକ ଭାରତୀୟ ଛାତ୍ରୀଛାତ୍ର ଏଠାରେ ବିଭିନ୍ନ ପ୍ରସଙ୍ଗରେ ଅଧ୍ୟୟନ କରୁଛନ୍ତି। ଆମେ କେତେଜଣ ଏକାଠି ଏକ ଫ୍ଲାଟରେ ରହିଛୁ। ଏଠାରେ ନେଟୱର୍କ ସମସ୍ୟା ସହ ବାରମ୍ବାର ବିଦ୍ୟୁତ୍ କାଟ, ପାଣି ସମସ୍ୟା ବଢ଼ିଲାଣି। ଭାରତ ଫେରିବା ପାଇଁ ଟିକେଟ କରିଥିଲୁ। ପରବର୍ତ୍ତୀ ସମୟରେ ବିମାନସେବା ବନ୍ଦ ହୋଇଗଲା। କେତେଜଣ ଛାତ୍ରୀଛାତ୍ର ଓ ଭାରତୀୟ ବିମାନବନ୍ଦରରେ ଫସି ରହିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ୟୁକ୍ରେନ୍ ସରକାର କିମ୍ବା ଦୂତାବାସ ପକ୍ଷରୁ କୌଣସି ଆଡଭାଇଜରୀ ଜାରି କରାଯାଇନାହିଁ। ଅନେକ ଛାତ୍ରୀଛାତ୍ର ହଷ୍ଟେଲ, ମେସରେ ରହୁଛନ୍ତି। ଭାରତ ଫେରିବା ପାଇଁ ଦୂତାବାସ ସହ ଯୋଗାଯୋଗ ଜାରି ରହିଛି। ତୁରନ୍ତ ସୁରକ୍ଷିତ ଯାତ୍ରା ପାଇଁ ଭାରତ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଆଲିଶା ନିବେଦନ କରିଛନ୍ତି।

## ବହୁ କଷ୍ଟରେ ଫେରିଛି

ୟୁକ୍ରେନ୍‌ର ଏକ ବିଶ୍ୱବିଦ୍ୟାଳୟରେ ମୁଁ ଡାକ୍ତରୀ ପାଠ ପଢୁଛି। ସବୁକିଛି ଠିକ୍ ଠାକ୍ ଚାଲିଥିଲା। ନ୍ୟୁଜ୍‌ରେ ଯୁଦ୍ଧ ସୂଚନା ମିଳୁଥିଲେ ବି ଆମେ ଡରି ନ ଥିଲୁ। ମାତ୍ର ଦେଶ ଛାଡିବା ପାଇଁ ଇଣ୍ଡିଆନ୍ ଏମ୍ବାସି ନିର୍ଦ୍ଦେଶ ଦେବାପରେ ଧୀରେ ଧୀରେ ଭୟ ଲାଗିଥିଲା। ସେଠାରୁ ଏୟାର ଆରବିଆ, ଫ୍ଲାଇଟ୍ ଦୁବାଇ ଓ କତାର ଆଦି ୩ଟି ଫ୍ଲାଇଟ୍ ଯାତାୟାତ କରୁଥିଲା। ହେଲେ ଆଡ୍‌ଭାଇଜରି ଜାରି ପରେ ଟିକେଟ ମିଳି ନ ଥିଲା। ଏଥିସହ ଦାମ୍ ମଧ୍ୟ ହଠାତ୍ ବଢ଼ି ଯାଇଥିଲା। ପୂର୍ବରୁ ୱାନ୍ ୱେ ଟିକେଟ ୨୦ରୁ ୨୫ ହଜାର ଟଙ୍କା ଥିବାବେଳେ ହଠାତ୍ ୬୦ରୁ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ତୃତୀୟ ଆଡ୍‌ଭାଇଜରି ଜାରି ହେବା ବେଳକୁ ଫ୍ଲାଇଟ୍‌ରେ ଟିକେଟ୍ ମିଳିବା କଷ୍ଟକର ହୋଇପଡିଥିଲା। ଏମ୍ବାସି ପକ୍ଷରୁ ଏୟାରଇଣ୍ଡିଆ ଫ୍ଲାଇଟ୍ ପହଞ୍ଚିବା ପରେ ଆମେ ଭାରତ ଫେରିଲୁ। ସେଠାରେ ପ୍ରାୟ ୬ଶହ ଓଡ଼ିଆ ପଢୁଥିଲେ ମଧ୍ୟ ଆଉ କେତେଜଣ ରହିଯାଇଛନ୍ତି। ଗତ ଏକ ସପ୍ତାହ ହେବ ମୁଁ ଘରେ ପହଞ୍ଚିଛି। ଏବେ ବିଶ୍ୱବିଦ୍ୟାଳୟ ହଷ୍ଟେଲ ଆଗରେ ଆର୍ମି ଅଫିସରମାନେ ଏକେ ୪୭ ଧରି ପ୍ରହରା ଦେଉଥିବା କଥା ସେଠାରେ ଥିବା ସହପାଠୀମାନେ ସୂଚନା ଦେଇଛନ୍ତି।



**-ଜୟ ଶଙ୍କର ପଟେଲ, ଛାତ୍ର, ବଲାଙ୍ଗୀର**

## ଆର୍ଯ୍ୟମାନ୍‌ଙ୍କ ଚିନ୍ତାରେ ପରିବାର

**କଟକ ଅଫିସ, ୨୪।୨**

ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିବାରୁ ସେଠାରେ ଥିବା ଭାରତୀୟଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏଭଳି ସ୍ଥିତିରେ ୟୁକ୍ରେନ୍‌ରେ ଫସି ରହିଥିବା ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ଘରକୁ ଫେରାଇ ଆଣିବାକୁ ପରିବାର ଲୋକେ ଭାରତ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଛାତ୍ରୀଛାତ୍ର ସେଠାରେ ଫସି ରହିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ କଟକ ମହାନଦୀ ବିହାର ଅଞ୍ଚଳର ଆର୍ଯ୍ୟମାନ ଅଭିଷେକ ରହିଛନ୍ତି। ସେ ୟୁକ୍ରେନ୍‌ରେ ୬ବର୍ଷ ଧରି ଡାକ୍ତରୀ ପାଠ ପଢୁଛନ୍ତି। ଏହା ତାଙ୍କର ଶେଷବର୍ଷ ହୋଇଥିବାବେଳେ ପଢା ସାରିବା ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରିଥାନ୍ତେ। ଯୁଦ୍ଧ ପରିସ୍ଥିତି ଉପୁଜିବାରୁ ସେ ୨୬ତାରିଖରେ ବିମାନ ଯୋଗେ ସ୍ୱଦେଶ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଗୁରୁବାର ଭାରତରୁ ଯାଇଥିବା ବିମାନ ଅଧାବାଟରୁ ଫେରିଆସିବାରୁ ସେ ଆସିପାରିଲେ ନାହିଁ। ଫଳରେ ତାଙ୍କ ସୁରକ୍ଷା ନେଇ ପରିବାରବର୍ଗ ଚିନ୍ତାରେ ପଡ଼ିଛନ୍ତି। ଆର୍ଯ୍ୟମାନଙ୍କୁ ତୁରନ୍ତ ଘରକୁ ଫେରାଇ ଆଣିବା ପାଇଁ ସରକାରଙ୍କୁ ତାଙ୍କ ମା' ଅରୁଣା ଜ୍ୟୋତି ବିଶ୍ୱାଳ ନିବେଦନ କରିଛନ୍ତି। ଅରୁଣା କହିଛନ୍ତି, ବୁଧବାର ସେ ପୁଅ ଆର୍ଯ୍ୟମାନ ସହ ଫୋନ୍‌ରେ କଥା ହୋଇଥିଲେ। ସେଠାରେ ସ୍ଥିତି ଗମ୍ଭୀର ହେଉଥିବା ପୁଅ ଜଣାଇଥିଲେ। ତେଣୁ ସେ ଚିନ୍ତାରେ ରହିଛନ୍ତି।


ଆର୍ଯ୍ୟମାନ ଅଭିଷେକ

## ଅଟକିଛନ୍ତି ପଶ୍ଚିମ ଓଡ଼ିଶାର ୩୦ ଛାତ୍ରୀଛାତ୍ର

ୟୁକ୍ରେନ୍‌ରେ ପଶ୍ଚିମ ଓଡିଶାର ସମ୍ବଲପୁର, ରାଉରକେଲା, ଝାରସୁଗୁଡା ଓ ବଲାଙ୍ଗୀର ଜିଲାର ୩୦ରୁ ଊର୍ଦ୍ଧ୍ୱ ଡାକ୍ତରୀ ଛାତ୍ରୀଛାତ୍ର ସେଠାରେ ଫସି ରହିଛନ୍ତି। ବିଶେଷ କରି ୟୁକ୍ରେନ୍‌କୁ ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ଛାତ୍ରୀଛାତ୍ରମାନେ ଫେରିବା ପାଇଁ ଟିକେଟ୍ କରିଥିଲେ ମଧ୍ୟ ଆସି ପାରୁ ନାହାନ୍ତି। ତେଣୁ ସେମାନଙ୍କ ଫେରିବା ନେଇ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି।

## ଆତଙ୍କର ବାତାବରଣରେ ରହିଛନ୍ତି ଚନ୍ଦ୍ରିକା

ପୁରୀ ଅଫିସ, ୨୪।୨: ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଯୁଦ୍ଧ ଯୋଗୁ ସେଠାରେ ଥିବା ଓଡ଼ିଶାର ବହୁ ଛାତ୍ରୀଛାତ୍ର ଚିନ୍ତିତ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ପୁରୀ ସହରର ଚନ୍ଦ୍ରିକା ମିଶ୍ର ରହିଛନ୍ତି। ସେ ୟୁକ୍ରେନ୍‌ରେ ୫ବର୍ଷ ହେଲା ଡାକ୍ତରୀ ପାଠ ପଢୁଛନ୍ତି। ସେ ୨୭ତାରିଖରେ ବିମାନ ଯୋଗେ ସ୍ୱଦେଶ ଫେରିଥାନ୍ତେ। ହେଲେ ବିମାନ ସେବା ବନ୍ଦ ଯୋଗୁ ଫେରିପାରିନାହାନ୍ତି। ଫଳରେ ତାଙ୍କ ସୁରକ୍ଷା ନେଇ ପରିବାରବର୍ଗ ବିବ୍ରତ ହୋଇପଡ଼ିଛନ୍ତି। ଚନ୍ଦ୍ରିକାଙ୍କୁ ତୁରନ୍ତ ଘରକୁ ଫେରାଇ ଆଣିବା ପାଇଁ ସରକାରଙ୍କୁ ତାଙ୍କ ମା' ସୌଭାଗ୍ୟଲକ୍ଷ୍ମୀ ମିଶ୍ର ନିବେଦନ କରିଛନ୍ତି। ସେ କହିଛନ୍ତି, ଝିଅ ସହ ଫୋନ୍‌ରେ କଥା ହେଉଛି। ସାଙ୍ଗମାନଙ୍କ ସହ ଚନ୍ଦ୍ରିକା ଆତଙ୍କର ବାତାବରଣ ଭିତରେ ରହିଥିବା ଜଣାଇଛି।



## ପରିବାର ଲୋକ ବ୍ୟସ୍ତ ହେଉଛନ୍ତି

ଯୁଦ୍ଧର ବାତାବରଣ ଭିତରେ ଆମକୁ ବାହାରକୁ ଯିବାକୁ ମନା କରାଯାଇଛି। ୨ଜଣ ଓଡ଼ିଆ ଓ ୨ଜଣ ଅଣଓଡ଼ିଆ ସହପାଠୀଙ୍କ ସହ ମୁଁ ଏକ ଫ୍ଲାଟ୍‌ରେ ରହୁଛି। ବିଶ୍ୱବିଦ୍ୟାଳୟରେ ଶତ ପ୍ରତିଶତ ଉପସ୍ଥିତି ଆବଶ୍ୟକ ପଡୁଥିବାରୁ ଏଠାରୁ ଚାଲିଗଲେ ପଢା ଉପରେ ଖରାପ ପ୍ରଭାବ ପଡିବ ବୋଲି ଆଶଙ୍କା ଥିଲା। ପରେ ହଠାତ୍ ଦେଶ ଛାଡି ଚାଲି ଯିବାକୁ ଆଡ୍‌ଭାଇଜରି ଜାରି ହୋଇଥିଲା। ଫଳରେ ଟିକେଟ ପାଇବା ପାଇଁ ହଇରାଣ ହୋଇଥିଲି। ଏବେ ସୁଦ୍ଧା ଆମେ ସୁରକ୍ଷିତ ଅଛୁ। ସେପଟେ ଘରେ ପରିବାର ଲୋକେ ବ୍ୟସ୍ତ ହେଉଛନ୍ତି।

**-ସାହୁ ନେଲ୍‌ସନ୍, ଛାତ୍ର, ସମ୍ବଲପୁର**

## ମନରେ ଭୟ ରହିଛି

ଏବେ ପର୍ଯ୍ୟନ୍ତ ଆମେ ସୁରକ୍ଷିତ ଅଛୁ। ବିଶ୍ୱବିଦ୍ୟାଳୟର ହଷ୍ଟେଲରେ ରହିଛୁ। ବାହାରକୁ ବାହାରିବାକୁ ଆମକୁ ମନା କରାଯାଇଛି। ମୁଁ ରହୁଥିବା ସ୍ଥାନର ପାଖ ସହରରେ ୟୁକ୍ରେନ୍ ବର୍ଡର ରହିଛି। ତେଣୁ ମନରେ ଭୟ ରହୁଛି। ଖାଇବା ପିଇବା ଠିକ୍ ଭାବେ ହୋଇ ପାରୁନି। ଏଭଳି ସ୍ଥିତି ଆଉ କେତେଦିନ ରହିବ ଜଣାନାହିଁ। ଏବେଠାରୁ କିଛି ବି କହି ହେବନି। ଠାକୁରଙ୍କୁ ଡାକି ରହିଛୁ।

**-ମହେଶ ନାୟକ, ଛାତ୍ର, ସୁନ୍ଦରଗଡ଼**

## ଆରମ୍ଭ ହେଲାଣି ପାଣିସଙ୍କଟ

ରୁଷିଆର ଆକ୍ରମଣାତ୍ମକ ଆଭିମୁଖ୍ୟ ପରେ ୟୁକ୍ରେନ୍‌ରେ ଘୋଟିଆସିଛି ସଙ୍କଟର କଳାବାଦଲ। କେତେବେଳେ କ'ଣ ହେବ ତାହା କହିହେଉନାହିଁ। ୟୁକ୍ରେନ୍ ସରକାର ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିବାବେଳେ ସୁରକ୍ଷା ଦୃଷ୍ଟିରୁ ସମସ୍ତଙ୍କୁ ଘରେ ରହିବାକୁ ଅପିଲ କରାଯାଉଛି। ସାରା ଦେଶ ଗୃହବନ୍ଦୀ ହୋଇପଡ଼ିଥିବାବେଳେ କୃତ୍ରିମ ଖାଦ୍ୟସଙ୍କଟ ଆରମ୍ଭ ହେଲାଣି। ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପରେ ପାନୀୟ ଜଳ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଛି। ହଷ୍ଟେଲଗୁଡ଼ିକରେ ଜଳସଙ୍କଟ ଦେଖାଦେଇଛି। ଛାତ୍ରୀଛାତ୍ରମାନେ ମୃଦୁପାନୀୟ ପିଇ ଶୋଷ ମେଣ୍ଟାଉଥିବା ଜଣାପଡ଼ିଛି। ଆଗକୁ ସମସ୍ୟା ଆହୁରି ଜଟିଳ ରୂପ ନେବା ଆଶଙ୍କା ଥିବା ଆଶାଦୀପ ସୂଚନା ଦେଇଥିବା ତାଙ୍କ ବଡ଼ବାପା ଅନିଲ କହିଛନ୍ତି।


ଆଶାଦୀପ ମହାପାତ୍ର

## ୨୭ରେ ଆସିବାକୁ ଟିକେଟ କରିଥିଲେ ସୁପ୍ରୀତ୍

ଗତବର୍ଷ ଡିସେମ୍ବରରେ ୟୁକ୍ରେନ୍ ଯାଇଥିବା ସୁପ୍ରୀତ୍ ଆସନ୍ତା ୨୭ରେ ଘରକୁ ଫେରିଥାଆନ୍ତେ। ଇତିମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବାରୁ ବିମାନ ଭଡ଼ା ହଠାତ୍ ଦୁଇଗୁଣା ବଢ଼ିଯାଇଛି। ତଥାପି ଗତ ୨୩ ତାରିଖରେ ଅତିରିକ୍ତ ମୂଲ୍ୟ ଦେଇ ସେ ଟିକେଟ କରିଥିଲେ। ହେଲେ ୟୁକ୍ରେନ୍ ବିମାନ ବନ୍ଦରଉପରେ ଆକ୍ରମଣ ପରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ତେଣୁ ସେ କେମିତି ଫେରିବେ ତାହାକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି। ଅନ୍ୟପଟେ ଘରକୁ ବାହୁଡ଼ିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସେଠାକାର ସରକାର କହିଛନ୍ତି, ଯାହା ଫସିଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ କିଛିଟା ଆଶ୍ୱାସନା ପାଲଟିଛି।


ସୁପ୍ରୀତ ସ୍ୱାଇଁ

## 'ଯୁଦ୍ଧ ବନ୍ଦ ହେଉ, ଶାନ୍ତି ଫେରୁ'

### ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ ରୁଷୀୟ ଭକ୍ତ

**ପୁରୀ ଅଫିସ, ୨୪।୨**

'ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଯୁଦ୍ଧ ବନ୍ଦ ହେଉ, ତୁରନ୍ତ ଶାନ୍ତିର ବାତାବରଣ ଫେରିଆସୁ' ବୋଲି ରୁଷୀୟ ନାଗରିକ ଗୁରୁବାର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି। କିଛିଦିନ ତଳେ ସାତ ସମୁଦ୍ର ପାରି ହୋଇ ପୁରୀ ବୁଲିବାକୁ ଆସିଥିଲେ ରୁଷିଆର ୩ରୁ ଊର୍ଦ୍ଧ୍ୱ ନାଗରିକ ତଥା ଇସ୍କନ ଭକ୍ତ। ଏଠାରେ ସମୁଦ୍ର ବେଳାଭୂମି ବୁଲି ମଜା ଉଠାଇଥିଲେ। ଖୁସିରେ ମସ୍‌ଗୁଲ ଥିବାବେଳେ ଗୁରୁବାର ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିବା ସେମାନେ ଗଣମାଧ୍ୟମରୁ ଜାଣିବାକୁ ପାଇଛନ୍ତି। ଏଥିଯୋଗୁ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି। ରୁଷିଆ ଭଳି ଶକ୍ତିଶାଳୀ ରାଷ୍ଟ୍ରର ନାଗରିକ ହୋଇଥିଲେ ବି ସେମାନେ ଯୁଦ୍ଧକୁ ନାପସନ୍ଦ କରିଛନ୍ତି। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ ହୋଇ ଶାନ୍ତି ଫେରିଆସୁ ବୋଲି ସେମାନେ ବଡ଼ଦାଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଛନ୍ତି। ଏହି ଇସ୍କନ ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିରୁ ବିଶ୍ୱବାସୀଙ୍କୁ ଶାନ୍ତି ଓ ପ୍ରେମର ବାର୍ତ୍ତା ଦେଇଛନ୍ତି। ତେବେ ସେମାନେ ଶ୍ରୀମନ୍ଦିରକୁ ଯାଇପାରୁ ନ ଥିଲେ ମଧ୍ୟ ମହାପ୍ରସାଦ ପାଇ ନିଜକୁ ଭାଗ୍ୟବାନ ମନେକରିଛନ୍ତି। ସେମାନେ ମଙ୍ଗୁମଠ ନିକଟରେ ବସିଥିବାବେଳେ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଭେଟି ଶାନ୍ତି ଓ ପ୍ରେମର ନିଦର୍ଶନ ସ୍ୱରୂପ ଫୁଲ ପ୍ରଦାନ କରି ବିଶ୍ୱରେ ଭାଇଚାରା ସୃଷ୍ଟି ହେଉ ବୋଲି କାମନା କରିଛନ୍ତି।


ରୁଷିଆ ଓ ୟୁକ୍ରେନ ମଧ୍ୟରେ ଶାନ୍ତିର ବାତାବରଣ ଫେରାଇ ଆଣିବା ଲକ୍ଷ୍ୟରେ ରୁଷୀୟ ନାଗରିକ ଗୁରୁବାର ଶ୍ରୀକ୍ଷେତ୍ରରେ ମହାପ୍ରସାଦ ଧରି ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି।



କୋଚ୍ ଲୋତକ ବିନ୍ଦୁ ଦାଶ

# ଅନ୍ତର୍ଜାତୀୟ ଖେଳାଳିରୁ ସଫଳ କୋଚ୍

**ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ହେଉଛନ୍ତି ଲୋତକ ବିନ୍ଦୁ ଦାଶ । ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଅନେକ ପ୍ରଶଂସା ସାଉଁଟିଥିବା ଲୋତକ ଜାତୀୟ ସ୍ତରରେ ଓଡ଼ିଶା ଓ ବିହାରରୁ ପ୍ରତିନିଧିତ୍ୱ କରି ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଭଲିବଲ ଏବେ ଆଗକୁ ବଢ଼ୁଛି। ନିକଟରେ ଅନୁଷ୍ଠିତ ଜାତୀୟ ଓ ଫେଡେରେଶନ କପ୍‌ରେ ଓଡ଼ିଶା ଚମତ୍କାର ପ୍ରଦର୍ଶନ କରି ଇତିହାସ ରଚିଛି। ଓଡ଼ିଶା ଭଲିବଲର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଲକ୍ଷ୍ୟକୁ ନେଇ ସ୍ୱତନ୍ତ୍ର ସାକ୍ଷାତ୍‌କାର...** –ତପନ କୁମାର ସ୍ୱାଇଁ

ରାଜ୍ୟ ସରକାର କ୍ରମାଗତ ଭାବେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି। ଫଳରେ କଳିଙ୍ଗ ଷ୍ଟାଡିୟମ ପରିସରରେ ବିଭିନ୍ନ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମିମାନ ଗଢ଼ି ଉଠୁଛି। କଳିଙ୍ଗ ଷ୍ଟାଡିୟମକୁ ଛାଡ଼ିଦେଲେ ଭୁବନେଶ୍ୱରରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏବେ ଏକାଧିକ କ୍ରୀଡ଼ାର ଅନ୍ତର୍ଜାତୀୟ ସ୍ତରର ଭିତ୍ତିଭୂମି ଉପଲବ୍ଧ ହେଉଛି। ଫଳରେ ଓଡ଼ିଶା ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍‌ଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇଛି। ଅନ୍ୟ କ୍ରୀଡ଼ାପରି ଓଡ଼ିଶା ଭଲିବଲକୁ ମଧ୍ୟ ଏଥିରୁ ଫାଇଦା ମିଳିଛି। ନିକଟରେ କିଟ୍‌ର ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ଜାତୀୟ ଏବଂ ଫେଡେରେଶନ କପ ଭଲିବଲ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରଦର୍ଶନରୁ ଏହାର ପ୍ରମାଣ ମିଳିଛି। ଜାତୀୟ ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ପ୍ରଥମଥରପାଇଁ ନକ୍‌ଆଉଟକୁ ଯାଇଥିବାବେଳେ ଫେଡେରେଶନ କପ୍‌ରେ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚିଛି। ଓଡ଼ିଶା ଭଲିବଲକୁ ଏକ ନୂଆ ସୋପାନକୁ ନେବାପାଇଁ ଯେଉଁ କେତେଜଣଙ୍କ ଉଦ୍ୟମ ଓ ଅବଦାନ ରହିଛି ତନ୍ମଧ୍ୟରୁ ଲୋତକ ବିନ୍ଦୁ ଦାଶ ଅନ୍ୟତମ। ଲୋତକଙ୍କର ଏକ ସ୍ୱତନ୍ତ୍ର ପରିଚୟ ହେଲା ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଭଲିବଲ ଖେଳାଳି। ନିଜ ଖେଳ ଜୀବନରେ ସେ ଓଡ଼ିଶା ଓ ବିହାରରୁ ପ୍ରତିନିଧିତ୍ୱ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ଏବେ ଓଡ଼ିଶା ପୁରୁଷ ଦଳର କୋଚ୍‌ଭାବେ ଗୁରୁଦାୟିତ୍ୱ ବହନ କରୁଛନ୍ତି। କେବଳ ନିଜ ଦାୟିତ୍ୱକୁ ଯେ ସୂଚାରୁରୂପେ ସମ୍ପାଦନ କରୁଛନ୍ତି, ତା' ନୁହେଁ ଓଡ଼ିଶା ଭଲିବଲ୍‌କୁ ବହୁ ଆଗକୁ ନେବାକୁ ପ୍ରତିଶ୍ରୁତିବଦ୍ଧ। ଖେଳକୁ ଭଲ ପାଉଥିବା ଗଗନେନ୍ଦୁ ଦାଶ ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ହେବା ଏବଂ ଦୂରଦ୍ରଷ୍ଟା ଅଚ୍ୟୁତ ସାମନ୍ତ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ)ର ସଭାପତି ହେବା ଓଡ଼ିଶା ପାଇଁ ବରଦାନ ସଦୃଶ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭଲିବଲ ପାଇଁ ଅନ୍ତର୍ଜାତୀୟ ସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। କେବଳ ଭୁବନେଶ୍ୱରରେ ନୁହେଁ, କନ୍ଧମାଳ ପରି ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ଭଲିବଲ ପାଇଁ ଭିତ୍ତିଭୂମି କ୍ରମେ ସୁଦୃଢ଼ ହେବାରେ ଲାଗିଛି। ଫଳରେ ଓଡ଼ିଶା ଭଲିବଲ ଧୀରେଧୀରେ ଆଗକୁ ବଢ଼ୁଛି।

ଲୋତକ ବିନ୍ଦୁଙ୍କ ଅନ୍ତର୍ଜାତୀୟ କ୍ୟାରିୟର ୧୯୯୦ରେ ଆରମ୍ଭ ହୋଇଥିଲା। ସେ ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଏସିଆନ ଜୁନିୟର ଭଲିବଲ ଏବଂ ସେହିବର୍ଷ ହାଇଦ୍ରାବାଦରେ ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସିନିୟର ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଜାତୀୟ ସ୍ତରରେ ସେ ଓଡ଼ିଶା ଓ ବିହାରରୁ ଅନେକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ପ୍ରଦର୍ଶନର ଛାପ ଛାଡ଼ିଥିଲେ। ଅଭିଜ୍ଞ ଲୋତକଙ୍କ ତତ୍ତ୍ୱାବଧାନରେ ଏବେ ଓଡ଼ିଶା ଭଲିବଲ ଆଗକୁ ବଢ଼ୁଛି। ଭବିଷ୍ୟତରେ ଓଡ଼ିଶାକୁ ଶୀର୍ଷସ୍ତରରେ ପହଞ୍ଚାଇବା ନେଇ ସେ ବେଶ୍ ଆଶାବାଦୀ।



ଓଡ଼ିଶା ପୁରୁଷ ଭଲିବଲ ଦଳ

## ଅଫ୍ ସିଜନ କ୍ୟାମ୍ପ ଉପାଦେୟ ହେବ

**ଆପଣ କୋଚ୍ ନିଯୁକ୍ତ ହେବାପରେ ଓଡ଼ିଶା ଭଲିବଲ ଏକ ନୂଆ ସୋପାନରେ ପହଞ୍ଚିଛି। ଏ ସମ୍ପର୍କରେ କ'ଣ କହିବେ ?**

➔ଆମେ ୪ ବର୍ଷ ପୂର୍ବେ ରାଜସ୍ଥାନ ଯାଇ ୟୁଥ୍ ନ୍ୟାଶନାଲ ଖେଳିଥିଲୁ। ପ୍ରତିଯୋଗିତା ପୂର୍ବରୁ ପାଖାପାଖି ଦେଢ଼ ମାସ କ୍ୟାମ୍ପ ହୋଇଥିଲା। ସେଥିରୁ ଆମେ ବହୁ ପ୍ରତିଭାବାନ୍ ଖେଳାଳିଙ୍କୁ ପାଇଥିଲୁ। ପଞ୍ଜାବ ନିକଟରୁ ହାରି ଯଦିଓ ଆମେ ଅଳ୍ପକେ କ୍ୱାର୍ଟର ଫାଇନାଲ ପ୍ରବେଶରୁ ବଞ୍ଚିତ ହେଲୁ, ତେବେ ଓଭରଅଲ୍ ଆମ ଖେଳାଳିଙ୍କ ପ୍ରଦର୍ଶନ ବହୁତ ଭଲ ରହିଥିଲା। ସେହି ଯୁବ ଖେଳାଳିଙ୍କୁ ନେଇ ସିନିୟର ଦଳ ଗଠନ କରିବାକୁ ଆମର ଟାର୍ଗେଟ ରହିଥିଲା। ୟୁଥ୍ ନ୍ୟାଶନାଲ ଖେଳିଥିବା ୮ ଖେଳାଳିଙ୍କୁ ଆମେ ସିନିୟର ଦଳରେ କ୍ରମାଗତ ୪ ବର୍ଷ ଧରି ଖେଳାଇ ଆସୁଛୁ। ପ୍ରଥମ ୩ ବର୍ଷର ସିନିୟର ନ୍ୟାଶନାଲ ଦେଖିଲେ ସ୍ପଷ୍ଟ ହୋଇଛି ଯେ, ପିଲାଙ୍କ ପ୍ରଦର୍ଶନରେ କ୍ରମେ ଉନ୍ନତି ହୋଇ ଚାଲିଛି। ତା'ର କାରଣ ହେଉଛି ଉନ୍ନତ ଭିତ୍ତିଭୂମି, ଆବଶ୍ୟକ ସମୟରେ କୋଚିଂ କ୍ୟାମ୍ପ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କର ସହାୟତା। ଏହାର ପ୍ରଭାବ ଆମ ଦଳ ଉପରେ ପଡ଼ିଛି। ଏବେ ଓଡ଼ିଶା ଦଳର ଖେଳାଳି କୌଣସି ଗୋଟିଏ କିମ୍ବା ୨ଟି ଜିଲାରୁ ନୁହନ୍ତି। ବିଭିନ୍ନ ଜିଲାର ଖେଳାଳି ଏଥିରେ ସାମିଲ ଅଛନ୍ତି। ସମସ୍ତଙ୍କ ମିଳିତ ଅବଦାନ ଫଳରେ ଆମେ ଏବେ ଜାତୀୟ ପ୍ରତିଯୋଗିତାରେ ସର୍ଭିସେସ, କେରଳ, ଆସାମ ପରି ଶକ୍ତିଶାଳୀ ଦଳକୁ ହରାଇବାରେ ସକ୍ଷମ ହୋଇଛୁ। ୟୁଥ୍‌ଙ୍କ ଉପରେ ଭରସା କରି ଆମେ ଯେଉଁ ରିସ୍କ ନେଇଥିଲୁ ତା'ର ଫଳ ଆଜି ମିଳିଛି। ଗଗନେନ୍ଦୁ ଦାଶ ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ହେବାପରେ ରାଜ୍ୟରେ ଏହି ଖେଳର ଚେହେରା ବଦଳିଛି।

**ଆପଣ କେବେଠାରୁ ଓଡ଼ିଶା ଦଳର ଦାୟିତ୍ୱ ନେଲେ ?**

➔ମୁଁ ପୂର୍ବରୁ ଥରେ ଦୁଇଥର କୋଚ୍‌ଭାବେ ଓଡ଼ିଶା ଦଳ ସହ ଯାଇଥିଲି। ତେବେ ଗତ ୪ ବର୍ଷ ଧରି ଟିମ୍ ସହିତ ଜଡ଼ିତ ଅଛି।

**ବର୍ତ୍ତମାନ ଟିମ୍ କମ୍ବିନେଶନ କିପରି ଅଛି ?**

➔ଟିମ୍ ବହୁତ ଭଲ ଅଛି। କମ୍ବିନେଶନ ମଧ୍ୟ ଭଲ ରହିଛି। ଏବେକାର ଟିମ୍‌କୁ ମୁଁ ଶ୍ରେଷ୍ଠ ବୋଲି କହିପାରିବି।

**ଦୀର୍ଘକାଳୀନ ଭିତ୍ତିରେ ଶକ୍ତିଶାଳୀ ଦଳ ଗଢ଼ିବାକୁ ହେଲେ ବେଞ୍ଚ୍ ଷ୍ଟ୍ରେନ୍ଥ ଦୃଢ଼ ହେବା ଆବଶ୍ୟକ। ଏ କ୍ଷେତ୍ରରେ ଓଡ଼ିଶା ଦଳ କେଉଁ ସ୍ଥାନରେ ଅଛି ?**

➔ବର୍ତ୍ତମାନ ଓଡ଼ିଶାର ବେଞ୍ଚ୍‌ଷ୍ଟ୍ରେନ୍ଥ ମୋଟାମୋଟି ଠିକ୍ ଅଛି । ମାତ୍ର ଆମେ ଯଦି କେରଳ କିମ୍ବା ତାମିଲନାଡୁ ପରି ଦଳକୁ ହରାଇବାକୁ ଚାହିଁବା, ତେବେ ବେଞ୍ଚ୍ ଷ୍ଟ୍ରେନ୍ଥ ଆହୁରି ଦୃଢ଼ କରିବାକୁ ହେବ। ଆହୁରି କିଛି ଭଲ ପିଲାଙ୍କୁ ଖୋଜିବାକୁ ପଡ଼ିବ। ଆନ୍ତଃଜିଲା ପ୍ରତିଯୋଗିତାରୁ ପ୍ରତିବର୍ଷ ଦୁଇ ତିନୋଟି ପ୍ରତିଭା ସମ୍ପନ୍ନ ପିଲା ବାହାରୁଛନ୍ତି। ସେମାନଙ୍କୁ କୋଚିଂ ଦିଆଯାଇ ପ୍ରଦର୍ଶନକୁ ମାର୍ଜିତ କରାଯାଉଛି। ଓଡ଼ିଶାରେ ଥିବା ସୁବିଧା ସୁଯୋଗକୁ ଦୃଷ୍ଟିରେ ରଖି ଆମକୁ ପିଲା ଖୋଜିବାକୁ ପଡୁଛି। କାରଣ ଅନ୍ୟ ରାଜ୍ୟରେ ନିଯୁକ୍ତି ସୁଯୋଗ ଥିବାରୁ ବାହାର ରାଜ୍ୟର ପିଲାଙ୍କୁ ଦଳରେ ନିଆଯାଇ ପାରୁଛି। ମାତ୍ର ଏଠାରେ ନିଯୁକ୍ତି ସୁଯୋଗ ସେପରି ନ ଥିବାରୁ ଆମେ ବାହାର ରାଜ୍ୟର ପିଲାଙ୍କୁ ଦଳରେ ନେବା ସମ୍ଭବ ହେଉନାହିଁ। କେବଳ ଓଡ଼ିଶା ଖେଳାଳିଙ୍କୁ ନେଇ ହିଁ ଆମେ ଦଳ ଗଠନ କରୁଛୁ। କୋଚିଂ କ୍ୟାମ୍ପ ମାଧ୍ୟମରେ ସେମାନଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ ବାହାର କରୁଛୁ।

**ଖେଳାଳିଙ୍କ ପାଇଁ ରାଜ୍ୟରେ ନିଯୁକ୍ତି ସୁଯୋଗ କେତେ ଆବଶ୍ୟକ ?**

➔ନିଯୁକ୍ତି ସୁଯୋଗ ନିହାତି ଆବଶ୍ୟକ। ପିଲାଟି ତା' ଜୀବନକୁ ଖେଳରେ ଉତ୍ସର୍ଗ କରିବାପରେ ଖେଳ ଜାରି ରଖିବା ପାଇଁ ହେଉ କିମ୍ବା କ୍ୟାରିୟର ଗଢ଼ିବା ପାଇଁ ତାକୁ ଚାକିରି ଆବଶ୍ୟକ। ଫଳରେ ସେ ଉତ୍ସାହିତ ହୋଇ ଅଧିକ ଭଲ ପ୍ରଦର୍ଶନ ଦେଇପାରିବ।

**ଓଡ଼ିଶାରେ ଭଲିବଲ ପାଇଁ ଭିତ୍ତିଭୂମି କିପରି ଅଛି ?**

➔ଓଡ଼ିଶାରେ କ୍ରୀଡ଼ାର ଭିତ୍ତିଭୂମୀରେ ବହୁ ଉନ୍ନତି ଘଟିଛି। ଭଲିବଲ କଥା କହିଲେ କିଟ୍ ଓ କିସ୍‌ରେ ଭିତ୍ତିଭୂମି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ। ଏବେ ଉଡେନ ଫ୍ଲୋରି କରାଯାଉଛି। ଫଳରେ ଖେଳାଳି ଆହତ ହେବା ସମସ୍ୟା କମ୍ ରହିବ। ଓଡ଼ିଶା ସ୍ପୋର୍ଟ୍ସ ପାଇଁ ଏହା ବହୁତ ଭଲ। ଆଗାମୀ ଦିନରେ ଏହା ନିଶ୍ଚିତ ରାଜ୍ୟ କ୍ରୀଡ଼ାବିତ୍‌ଙ୍କ ପାଇଁ ଉପାଦେୟ ହୋଇପାରିବ।

**ଆପଣ ଓଡ଼ିଶା ଓ ବିହାରରୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି। ଖେଳରେ ସକ୍ରିୟ ଥିବାବେଳେ ଭଲିବଲର ମାହୋଲ କିପରି ଥିଲା, ବର୍ତ୍ତମାନକୁ କିପରି ଦେଖୁଛନ୍ତି ?**

➔ସେ ସମୟରେ ଭିନ୍ନ ଧରଣର ଗେମ୍ ଥିଲା। ଏବେ ଟେନିସ ପଏଣ୍ଟ ସିଷ୍ଟମରେ ପଏଣ୍ଟ ପ୍ରଦାନ କରାଯାଉଛି। ଆଗରୁ ୧୫ ପଏଣ୍ଟରେ ହେଉଥିଲା, ଏବେ ୨୫ ପଏଣ୍ଟରେ ହେଉଛି। ସେତେବେଳେ କେବଳ କ୍ୱାଟିଲି ଖେଳାଳିଙ୍କୁ ନେଇ କୌଣସି ଦଳ ସଫଳ ହେଉଥିଲା। ଜଣେ ଦୁଇଜଣ ଖେଳାଳିଙ୍କ ଅତି ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ କୌଣସି ଦଳକୁ ସଫଳତା ମିଳୁଥିଲା। ମାତ୍ର ଏବେ ଓଭରଅଲ୍ ସବୁ ଖେଳାଳି ଭଲ ଖେଳିଲେ ଯାଇ କୌଣସି ଦଳ ସଫଳ ହୋଇ ପାରୁଛି। ପୂରା ଦଳ ଗୋଟିଏ ୟୁନିଟରେ ଖେଳିଲେ ଯାଇ ୟୁନିକ ପରଫରମାନ୍ସ ମିଳିବ।

**ପୋଜିଶନ ଦୃଷ୍ଟିରୁ ଓଡ଼ିଶା ଏବେ କେଉଁ ବିଭାଗରେ ଶକ୍ତିଶାଳୀ ଅଛି ଆଉ କୋଉ ବିଭାଗ ପାଇଁ କାର୍ଯ୍ୟ କରିବାର ଅଛି ?**

➔ଆମର ୟୁନିଭର୍ସାଲ ବିଭାଗ ଟିକେ ଦୁର୍ବଳ ଅଛି। ଏହା ବ୍ୟତୀତ ଆଉ ଜଣେ ଦୁଇଜଣ ଭଲ ଆଟାକର ମିଳିଲେ ଦଳ ଆହୁରି ଶକ୍ତିଶାଳୀ ହୋଇପାରନ୍ତା। ବ୍ଲକିଂ ଉପରେ ମଧ୍ୟ କାମ କରିବାର ଅଛି। କ୍ୱାଲିଟି ବ୍ଲକରଙ୍କ ସନ୍ଧାନରେ ମଧ୍ୟ ଆମେ ଅଛୁ। କାଉଣ୍ଟର ଆଟାକ୍ କ୍ଷେତ୍ରରେ ଆମେ ଠିକ୍ ପଥରେ ଅଛୁ। ସେଟର, ଲଗ୍‌ବକ୍ ମଧ୍ୟ ଠିକ୍ ଅଛି। ଯଦି ଜଣେ ଉଚ୍ଚତା ସମ୍ପନ୍ନ ସେଟର ମିଳିବ ତେବେ ଆହୁରି ଭଲ।

**ଏବେ ଓଡ଼ିଶା ମହିଳା ଭଲିବଲ ଦଳ କିପରି ସ୍ଥିତିରେ ଅଛି ?**

➔ମୌଳିକତା ଦୃଷ୍ଟିରୁ ଦେଖିବାକୁ ଗଲେ ଭଲିବଲରେ ଉଚ୍ଚତା ସମ୍ପନ୍ନ ଖେଳାଳି ଆବଶ୍ୟକ। ଓଡ଼ିଶା ମହିଳା ଦଳରେ ସେହି ହାଇଟ୍‌ର ଝିଅ ଉପଲବ୍ଧ ହେଉ ନାହାନ୍ତି। ଯଦି ପଞ୍ଜାବ, ହରିୟାଣା, ଦିଲ୍ଲୀ, କେରଳ ଦଳ ପରି ହାଇଟ୍ ଖେଳାଳି ମିଳିବେ ତେବେ ଆମକୁ ନିଶ୍ଚିତ ଅଧିକ ଫାଇଦା ମିଳିବ। ଏବେ ଯେତିକି ଫଳ ମିଳୁଛି କେବଳ କୋଚିଂ କ୍ୟାମ୍ପ ପାଇଁ। କ୍ରମାଗତ କୋଚିଂ କ୍ୟାମ୍ପ ହେଉଛି ବୋଲି ଓଡ଼ିଶା ଦଳ ଗତ ସିନିୟର ନ୍ୟାଶନାଲରେ ନକ୍‌ଆଉଟରେ ପ୍ରବେଶ କରି ଏବଂ ଫେଡେରେଶନ କପ୍‌ରେ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିଲା।

**ଜଣେ ଖେଳାଳି ଓ କୋଚ୍ ଭାବେ ଆପଣଙ୍କ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ କ'ଣ ?**

➔ଜଣେ ଖେଳାଳିଭାବେ ମୁଁ ୧୯୯୦ରେ ଯେତେବେଳେ ଭାରତୀୟ ଦଳପାଇଁ ଚୟନ ହେଲି ତାହା ସବୁଠାରୁ ସ୍ମରଣୀୟ ଥିଲା। ଖେଳରେ ଜୀବନ ଗଢ଼ିଥିବାରୁ ଯାହା ପାଇବା କଥା ତାହା ପାଇପାରିଲି ବୋଲି ଅନୁଭବ ହୋଇଥିଲା। ଜଣେ କୋଚ୍‌ଭାବେ ୨୦୨୨ରେ ଉଭୟ ଜାତୀୟ ଓ ଫେଡେରେଶନ କପ୍‌ରେ ଓଡ଼ିଶା ଦଳର ପ୍ରଦର୍ଶନ ମୋତେ ଉଲ୍ଲସିତ କରିଛି। ମୁଁ ଶ୍ରେଷ୍ଠ ସଫଳତା ପାଇଛି ବୋଲି ଅନୁଭବ କରୁଛି।

**ଓଡ଼ିଶା ଦଳକୁ ନେଇ କ'ଣ ଲକ୍ଷ୍ୟ ରଖିଛନ୍ତି ?**

➔ଓଡ଼ିଶା ଦଳକୁ ଯଦି ଆସୋସିଏଶନ ଏବଂ ଓଡ଼ିଶା ସରକାରଙ୍କ ସମର୍ଥନ ଏପରି ମିଳିଚାଲେ ତେବେ ଦଳକୁ ମୁଁ ଆହୁରି ଉଚ୍ଚ ସୋପାନକୁ ନେବାକୁ ଚେଷ୍ଟା କରିବି। ନ୍ୟାଶନାଲ ପାଇଁ ସମୟ ଧାର୍ଯ୍ୟ ହେବାପରେ କୋଚିଂ କ୍ୟାମ୍ପ ହେଉଛି। ଚୟନ ଟ୍ରାଏଲ ମଧ୍ୟ ହେଉଛି। ଯଦି ମଝିରେ ଅଫ୍ ସିଜନ କ୍ୟାମ୍ପ ମାସେ ଦୁଇମାସ ଅନ୍ତରରେ କରାଯାଆନ୍ତା ତେବେ ଆହୁରି ଭଲ ହୁଅନ୍ତା। ଏହାଦ୍ୱାରା ପିଲାମାନଙ୍କର ଏଣ୍ଡୁରାନ୍ସ, ସ୍ପିଡ୍ , ଷ୍ଟ୍ରେନ୍ଥ ଆହୁରି ବଢ଼ନ୍ତା।



ନିର୍ମଳ କୁମାର ମିଶ୍ର

**୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପର ୧୪ତମ ସଂସ୍କରଣରେ ଚାମ୍ପିୟନ ହୋଇଛି ୟାଶ ଧୂଲଙ୍କ ନେତୃତ୍ୱାଧୀନ ଜୁନିୟର ଟିମ୍ ଇଣ୍ଡିଆ। ଏହାକୁ ମିଶାଇ ଭାରତ ୫ମ ଥରପାଇଁ ଟାଇଟଲ ଜିତି ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ସଫଳ ଦଳଭାବେ ନିଜ ସ୍ଥାନକୁ ଦୃଢ଼ କରିଛି। ଯୁବ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ଭାରତୀୟ କ୍ରିକେଟ ପାଇଁ ଶୁଭ ସୂଚନା ବହନ କରୁଛି...**

## ସ୍ମରଣୀୟ ବିଜୟ

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି) ଦ୍ୱାରା ଆୟୋଜିତ ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଭାରତ ଏହାର ଆଧିପତ୍ୟ ବଜାୟ ରଖିଛି। ୱେଷ୍ଟଇଣ୍ଡିଜଠାରେ ଅନୁଷ୍ଠିତ ବିଶ୍ୱକପର ଫାଇନାଲରେ ଇଂଲଣ୍ଡକୁ ହରାଇ ୧୪ତମ ସଂସ୍କରଣର ବିଜେତା ହୋଇଛି ଟିମ୍ ଇଣ୍ଡିଆ। ପୂର୍ବରୁ ଭାରତ ୮ ଥର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଏହାକୁ ମିଶାଇ ୫ଥର ଟାଇଟଲ ଜିତି ଜୁନିୟର କ୍ରିକେଟରେ ନିଜର ପ୍ରାଧାନ୍ୟ ଅବ୍ୟାହତ ରଖିଛି। ଯୁବ ଖେଳାଳିମାନେ ସେମାନଙ୍କ ପ୍ରତିଭା ବଳରେ ଏହି ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ନିଶ୍ଚିତ ରୂପେ ଭାରତୀୟ କ୍ରିକେଟ ପାଇଁ ଶୁଭ ସୂଚନା। ଫେବୃୟାରୀ ୫ରେ ଆଣ୍ଟିଗୁଆଠାରେ ଖେଳାଯାଇଥିବା ମେଗା ଫାଇନାଲରେ ଭାରତ ୪ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଜାନୁୟାରୀ ୧୪ରୁ ଫେବୃୟାରୀ ୫ ପର୍ଯ୍ୟନ୍ତ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲକୁ ମିଶାଇ ମୋଟ ୪୮ଟି ମ୍ୟାଚ ମୋଟ ୪ଟି ଭେନ୍ୟୁ ଆଣ୍ଟିଗୁଆ, ଗୁୟାନା, ସେଣ୍ଟ କିଟ୍‌ସ ଏବଂ ଆଣ୍ଟିଗୁଆରେ ଖେଳାଯାଇଥିଲା। ନ୍ୟୁଜିଲାଣ୍ଡ ପରି ଶକ୍ତିଶାଳୀ ଦଳ ଅତ୍ୟଧିକ କୋଭିଡ ପ୍ରୋଟୋକଲ୍ ନିୟମ ଯୋଗୁଁ ଶେଷ ମୁହୂର୍ତ୍ତରେ ଟୁର୍ନାମେଣ୍ଟରୁ ଓହରି ଯିବା ଦ୍ୱାରା ସ୍କଟଲାଣ୍ଡ ଦଳ ଭାଗ ନେବାକୁ ସୁଯୋଗ ପାଇଥିଲା।

ପ୍ରଥମ ଥର ପାଇଁ ୱେଷ୍ଟଇଣ୍ଡିଜ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିଲା। ଇଂଲଣ୍ଡ ଦଳ ପ୍ରଥମ ଟିମ୍ ରୂପେ ସୁପରଲିଗ୍‌ର ସେମିଫାଇନାଲରେ ଆଫଗାନିସ୍ଥାନକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ଟାଇଟଲ ପର୍ଯ୍ୟାୟରେ ପହଞ୍ଚିବାପାଇଁ ଇଂଲଣ୍ଡକୁ ଦୀର୍ଘ ୨୪ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ପୂର୍ବରୁ ୧୯୯୮ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଇଂଲଣ୍ଡ ଶେଷ ଥରପାଇଁ ଚାମ୍ପିୟନ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଟିମ୍ ଇଣ୍ଡିଆ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳକୁ ଏକତରଫା ମ୍ୟାଚରେ ୯୬ରନ୍‌ରେ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏଥିସହିତ ଭାରତୀୟ ଦଳ କ୍ରମାଗତ ୪ର୍ଥ ଥର ପାଇଁ ଫାଇନାଲ ଖେଳିବାର ସୌଭାଗ୍ୟ ପାଇଥିଲା, ଯାହାକି ଟିମ୍ ଇଣ୍ଡିଆର ପ୍ରଭାବୀ ପ୍ରଦର୍ଶନର ପ୍ରମାଣ ଦେଇଥିଲା।



ୟାଶ୍ ଧୂଲ

କୋଭିଡ ପଜିଟିଭ୍ ହେବାଦ୍ୱାରା ଗ୍ରୁପ୍-ବି'ର ଆୟର୍ଲାଣ୍ଡ ଏବଂ ଉଗାଣ୍ଡା ମ୍ୟାଚ ପୂର୍ବରୁ କେତେକ ଭାରତୀୟ ଖେଳିବାରୁ ବଞ୍ଚିତ ହୋଇଥିଲେ। କାନାଡା ଖେଳାଳିମାନେ ମଧ୍ୟ କୋଭିଡ-୧୯ର ଶିକାର ହେବା ଯୋଗୁଁ ପ୍ଲେଟ ଗ୍ରୁପର ୨ଟି ମ୍ୟାଚକୁ ବନ୍ଦକରି ଦିଆଯାଇଥିଲା। ୧୩ତମ ସଂସ୍କରଣରେ ବାଂଲାଦେଶ ଚାମ୍ପିୟନ ହୋଇଥିବା ବେଳେ ୧୧ଟି ଦଳ ସିଧାସଳଖ ଏହି ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। କାନାଡା, ଆୟର୍ଲାଣ୍ଡ, ପପୁଆ ନ୍ୟୁଗିନି, ଉଗାଣ୍ଡା, ୟୁଏଇ ଏବଂ ସ୍କଟଲାଣ୍ଡ ଯୋଗ୍ୟତା ପର୍ଯ୍ୟାୟ ଦେଇ ଆସିଥିଲେ। କୋଭିଡ କଟକଣା ଯୋଗୁ ଜୁନିୟର ବିଶ୍ୱକପ୍‌ର ଗ୍ଲାମର କିଛି ମାତ୍ରାରେ କମ୍ ହୋଇଥିଲେ ମଧ୍ୟ ଭାରତୀୟ ଖେଳାଳିମାନେ ଖୁବ୍ ଭଲ ପ୍ରଦର୍ଶନ କରିଥିଲେ। ୪ଟି ଗ୍ରୁପରେ ବିଭକ୍ତ ହୋଇଥିବା ୧୬ଟି ଟିମ୍ ମଧ୍ୟରୁ ଗ୍ରୁପ୍ 'ଏ'ରୁ ଇଂଲଣ୍ଡ ଓ ବାଂଲାଦେଶ, ଗ୍ରୁପ୍-ବିରୁ ଭାରତ ଓ ଦକ୍ଷିଣ ଆଫ୍ରିକା, ଗ୍ରୁପ୍-ସିରୁ ପାକିସ୍ଥାନ ଓ ଆଫଗାନିସ୍ଥାନ ଏବଂ ଗ୍ରୁପ୍-ଡିରୁ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ସୁପରଲିଗ୍ ପାଇଁ କ୍ୱାଲିଫାଏ କରିଥିଲେ।

ଗ୍ରୁପ୍ ପର୍ଯ୍ୟାୟରେ ଟିମ୍ ଇଣ୍ଡିଆ ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୪୫, ଦ୍ୱିତୀୟ ମ୍ୟାଚରେ ଆୟର୍ଲାଣ୍ଡକୁ ୧୭୪ ଏବଂ ତୃତୀୟ ମ୍ୟାଚରେ ଉଗାଣ୍ଡାକୁ ୩୨୬ରନ୍‌ରେ ହରାଇ ସୁପରଲିଗ୍‌ରେ ପ୍ରବେଶ କରିଥିଲା। ଏହି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ରାଜ ବାୱା, ହରନୁର ସିଂ, ୟାଶ୍ ଧୂଲ୍ ବ୍ୟାଟିଂରେ ସଫଳତା ପାଇଥିବା ବେଳେ ଭିକି ଓସ୍ୱାଲ, କୌଶଲ ଟାମ୍ବେ, ନିଶାନ୍ତ ସିନ୍ଧୁ ଭଲ ବୋଲିଂ କରିଥିଲେ। ପୂରା ଟୁର୍ନାମେଣ୍ଟର ପ୍ରଦର୍ଶନକୁ ଦେଖିବାକୁ ଗଲେ ଭାରତୀୟ ଦଳ ଉଗାଣ୍ଡା ବିପକ୍ଷରେ ସର୍ବାଧିକ ୪୦୫ ରନ୍ କରିଥିଲା। ରାଜ ବାୱାଙ୍କ ଅପରାଜିତ ୧୬୨ ରନ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଥିଲା। ସୁପରଲିଗ୍‌ରେ ଭାରତ, ବାଂଲାଦେଶକୁ ୫ ଉଇକେଟରେ ହରାଇ ଥିବା ବେଳେ ବୋଲର ରବି କୁମାର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ସେମିଫାଇନାଲରେ ଟିମ୍ ଇଣ୍ଡିଆ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୯୬ ରନ୍‌ରେ ହରାଇ ମନୋବଳ ଦୃଢ଼ କରିଥିଲା। ଅଧିନାୟକ ୟାଶ ଧୂଲଙ୍କ ଶତକୀୟ ଇନିଂସ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତୀୟ ଦଳ ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ପରି ଟିମ୍‌କୁ ଅତି ସହଜରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ମୋଟାମୋଟି ଭାବେ ଏହି ଟୁର୍ନାମେଣ୍ଟ ଭାରତ ପାଇଁ ସ୍ମରଣୀୟ ରହିଥିଲା।

# ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ



ଦଳଗତ ଚାମ୍ପିୟନ ହୋଇଥିବା ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଆଥ୍‌ଲେଟିକ୍ସ ଉଦ୍‌ଯାପିତ**

### ଦୂତୀ ଶ୍ରେଷ୍ଠ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି):** କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୮୧ତମ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଆଥ୍‌ଲେଟିକ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, କିସ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ୫୧ ପଏଣ୍ଟ ସହ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ କାଲିକଟ ବିଶ୍ୱବିଦ୍ୟାଳୟ (୩୬.୫) ଦ୍ୱିତୀୟ ଓ ଲଭ୍‌ଲି ପ୍ରଫେସନାଲ୍ ବିଶ୍ୱବିଦ୍ୟାଳୟ (୩୪) ତୃତୀୟ ସ୍ଥାନ ଅଧିକାର କରିଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅଲିମ୍ପିଆନ୍ ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ଧାବିକା ଦୂତୀ ଚାନ୍ଦ ଶ୍ରେଷ୍ଠ କ୍ରୀଡ଼ାବିତ ବିବେଚିତ ହୋଇଛନ୍ତି। ପାରାଲିମ୍ପିଆନ୍ ପଦ୍ମଶ୍ରୀ ଡ. ଦୀପା ମଲ୍ଲିକ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ‘‘ଖେଳରେ ହାର ଜିତ ରହିଛି। କିନ୍ତୁ କ୍ରୀଡ଼ା ଆମକୁ ଶୃଙ୍ଖଳା, ଧୈର୍ଯ୍ୟ, ଏକାଗ୍ରତା ଓ ବନ୍ଧୁତା ଶିକ୍ଷା ଦେଇଥାଏ। ଏହା ମଧ୍ୟ ଗୁରୁ ଓ ଶିଷ୍ୟ ପରମ୍ପରା ରକ୍ଷା କରିଥାଏ’’ ଦୀପା ପ୍ରକାଶ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସସ୍ମିତା ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ ସତ୍ୟପାଲ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ୪ଦିନ ଧରି ଚାଲିଥିବା ଏହି ଚାମ୍ପିୟନଶିପ୍‌ରେ ୨୦୦ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୨୦୦୦ରୁ ଉର୍ଦ୍ଧ୍ୱ ଖେଳାଳି, କୋଚ୍ ଓ ଅଫିସିଆଲ୍ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ଅନେକ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ଖେଳାଳି ଏବଂ ପ୍ରତିଷ୍ଠିତ କୋଚ୍ ସାମିଲ ଥିଲେ। ଅନ୍ତିମ ଦିବସରେ ଅନୁଷ୍ଠିତ ମହିଳା ୨୦୦ ମିଟରରେ ଜୈନ ବିଶ୍ୱବିଦ୍ୟାଳୟର ପ୍ରିୟା ମୋହନ ସ୍ୱର୍ଣ୍ଣ, କିଟ୍‌ର ମଧୁମିତା ଦେବ ରୌପ୍ୟ ଓ ଗୁରୁ ଜମ୍ଭେଶ୍ୱର ବିଶ୍ୱବିଦ୍ୟାଳୟର ପ୍ରୀତି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ସର୍ବଭାରତୀୟ ଟେନିସ: ପ୍ରିଶାଙ୍କୁ ଡବଲ୍ସ ଟାଇଟଲ

ଭୁବନେଶ୍ୱର, ୨୪।୨
(କ୍ରୀଡ଼ା ପ୍ରତିନିଧି)

ବିଶାଖାପାଟଣାର ମେଡୋସ ସ୍ପୋର୍ଟ୍ସ ଭିଲେଜରେ ଅନୁଷ୍ଠିତ ଏଆଇଟିଏ (ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ) ସିଏସ୍ ୭ ଟେନିସ ଟୁର୍ନାମେଣ୍ଟର ୧୬ ବର୍ଷରୁ କମ୍ ବାଳିକା ବିଭାଗରେ ଡବଲ୍ସ ଟାଇଟଲ ଜିତିଛନ୍ତି ଓଡ଼ିଶାର ପ୍ରିଶା ଦାସ। ତାମିଲନାଡୁର ଲୁକ୍ଷିତା ଗୋପୀନାଥଙ୍କୁ ସାଥିକରି ପ୍ରିଶା ଏହି ଟୁର୍ନାମେଣ୍ଟରେ ଡବଲ୍ସ ଖେଳିଥିଲେ। ପ୍ରିଶା-ଲୁକ୍ଷିତା ଯୋଡ଼ି ସେମିଫାଇନାଲରେ ଆନ୍ଧ୍ରପ୍ରଦେଶର ଭାବନା ୟାଲାମାଞ୍ଚି ଓ ଆରୁଣି ଆଲାବୋଇନାଙ୍କୁ ସିଧାସଳଖ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ଫାଇନାଲ କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ପ୍ରିଶା-ଲୁକ୍ଷିତା ଧୈର୍ଯ୍ୟହରା ନ ହୋଇ ଅନ୍ୟତମ ଆନ୍ଧ୍ରପ୍ରଦେଶ ଯୋଡ଼ି ମୋକ୍ଷା ଟେନେଟି ଓ ଚୋହିପ୍କା ଏସ.ଡି.ଙ୍କୁ ୧-୬, ୬-୪, ୧୦-୭ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲେ। ପ୍ରଥମ ସେଟ୍‌ରେ ହାରିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ଏହି ଓଡ଼ିଶା-ତାମିଲନାଡୁ ଯୋଡ଼ି।



ପୁରସ୍କାର ସହ ପ୍ରିଶା ଦାସ।

ଅନ୍ତିମ ସେଟ୍ ଟାଇବ୍ରେକରକୁ ଯାଇଥିବାବେଳେ ସାହସିକ ପ୍ରଦର୍ଶନ କରି ଏହି ଯୋଡ଼ି ଟାଇଟଲ ହାସଲ କରିଥିଲେ। ରାଜ୍ୟର ପ୍ରତିଷ୍ଠିତ ଟେନିସ କୋଚ୍ ଫରହାନ ଅଲୀଙ୍କଠାରୁ ପ୍ରିଶା ପ୍ରଶିକ୍ଷଣପ୍ରାପ୍ତ।

# ଷ୍ଟାର ସାଇକ୍ଲିଷ୍ଟ ଜାସନଙ୍କ ଅବସର

**ମାଞ୍ଚେଷ୍ଟର, ୨୪।୨ (ଏପି):** ବ୍ରିଟେନର ଷ୍ଟାର ସାଇକ୍ଲିଷ୍ଟ ଜାସନ କେନି ସାଇକ୍ଲିଂରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ବ୍ରିଟେନ ଟିମ୍‌ର ସ୍ପ୍ରିଣ୍ଟ କୋଚ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। କେନି ୪ ଅଲିମ୍ପିକ ଗେମ୍ସରେ ୭ ସ୍ୱର୍ଣ୍ଣ ସହ ମୋଟ ୯ ପଦକ ଜିତିଛନ୍ତି। କୌଣସି ସାଇକ୍ଲିଷ୍ଟ ଏହି ସଫଳତା ହାସଲ କରିପାରି ନାହାନ୍ତି। କେନି ବ୍ରିଟେନ ସାଇକ୍ଲିଂ ଟିମ୍ ସହ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଯିବେ। କେନି ୨୦୦୮ ବେଜିଂ ଗେମ୍ସଠାରୁ ପ୍ରତ୍ୟେକ ପୁରୁଷ ସ୍ପ୍ରିଣ୍ଟ ଇଭେଣ୍ଟରେ ଏ ପର୍ଯ୍ୟନ୍ତ ପୋଡିୟମ ଫିନିଶ କରି ଆସୁଥିଲେ। ଏହି ରେକର୍ଡକୁ ତାଙ୍କ ଦେଶ କାଏମ ରଖୁ ବୋଲି ସେ ଚାହାନ୍ତି। ୨୦୦୬ରେ ଜୁନିୟର ୱାର୍ଲ୍ଡ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ କେନି ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ତାଙ୍କ ପ୍ରଥମ ଅଲିମ୍ପିକ ବେଜିଂରେ ସ୍ୱର୍ଣ୍ଣ ଟିମ୍ ସ୍ପ୍ରିଣ୍ଟ ଇଭେଣ୍ଟରେ ପାଇଥିଲେ। ବ୍ୟକ୍ତିଗତ ସ୍ପ୍ରିଣ୍ଟରେ ସେ ନିଜ ଦେଶର କ୍ରିସ୍ ହୟଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପରେ ସେ ୨୦୧୨ରେ ଲଣ୍ଡନରେ ଉଭୟ ଟାଇଟଲ ଜିତିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଟିମ୍ ସ୍ପ୍ରିଣ୍ଟ, ବ୍ୟକ୍ତିଗତ ସ୍ପ୍ରିଣ୍ଟ ଓ କିରିନ୍ ଟାଇଟଲ ସହ କ୍ଲିନ ସୁଇପ୍ ହାସଲ କରି ହୟଙ୍କ ୬ ଅଲିମ୍ପିକ୍ସ ସ୍ୱର୍ଣ୍ଣ ରେକର୍ଡର ସମକକ୍ଷ ହୋଇପାରିଥିଲେ। ପରେ ସେ ଗତବର୍ଷ ଟୋକିଓରେ ଟିମ୍ ସ୍ପ୍ରିଣ୍ଟ ରୌପ୍ୟ ଏବଂ କିରିନରେ ଟାଇଟଲ ବିଜୟ ସହ ତାଙ୍କ କ୍ୟାରିୟରର ୭ମ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଗତ ଡିସେମ୍ବରରେ ସେ କୁଇନ୍ ଏଲିଜାବେଥଙ୍କ ବାର୍ଷିକ ସମ୍ମାନ ତାଲିକାରେ ସ୍ଥାନ ସହ ନାଇଟ୍ ଉପାଧିରେ ଭୂଷିତ ହୋଇଥିଲେ। କେନି ତାଙ୍କ ଦେଶର ଜଣେ ସାଇକ୍ଲିଷ୍ଟ ଲାଉରା କେନିଙ୍କୁ ବିବାହ କରିଛନ୍ତି। ଲାଉରା ୫ ଅଲିମ୍ପିକ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଜଣେ ବ୍ରିଟିଶ ମହିଳା ଅଲିମ୍ପିଆନ ହିସାବରେ ଏହା ସର୍ବାଧିକ।



ଜାସନ କେନି

# ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ପାଇଁ ୬ ମନୋନୀତ



ଅତିଥିଙ୍କ ସହ ମନୋନୀତ ଓଡ଼ିଶା ଖେଳାଳି ।

**ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି):** ଦିଲ୍ଲୀର ଛତ୍ରସାଲ ଷ୍ଟାଡିୟମରେ ମାର୍ଚ୍ଚ ୧୦ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଶାର ୬ ଖେଳାଳି ଅଂଶଗ୍ରହଣ କରିବେ। ଏହି ଖେଳାଳିମାନେ ନିଜ ନିଜ ରିଜିଓନାଲ ସ୍ପୋର୍ଟ୍ସ ବୋର୍ଡ ପକ୍ଷରୁ ମନୋନୀତ ହୋଇଛନ୍ତି। ଆଗାମୀ ଟୁର୍ନାମେଣ୍ଟରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ଖେଳାଳି ହେଲେ ଉତ୍କଳ ରଞ୍ଜନ ସାହୁ, ମନୋଜ କୁମାର ପାଣିଗ୍ରାହୀ, ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ରଞ୍ଜନ ମହାନ୍ତି, ନଟବର ଦାସ ଓ ସାରଦା ପ୍ରସନ୍ନ ମହାପାତ୍ର। ଖେଳାଳି ମନୋନୟନ ପୂର୍ବରୁ ଗୁରୁବାର ଆୟକର ଭବନରେ ଏକ ଚୟନ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ଇନ୍‌କମ୍ ଟ୍ୟାକ୍ସ ବିଭାଗ କମିଶନର ଫଗୁ ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ କମିଶନର ଅରୁଣ କୁମାର ମହାନ୍ତି ଓ ଡେପୁଟି କମିଶନର ଏଲ.ଏନ୍. ଦାଶ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ଫିଡେ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର ଚୟନ ଟ୍ରାଏଲକୁ ପରିଚାଳନା କରିଥିଲେ।

# ଓଡ଼ିଶା ଏଫ୍‌ସି-ଏଟିକେ ମ୍ୟାଚ ଡ୍ର

**ଭାସ୍କୋଡାଗାମା, ୨୪।୨ (ପି.ଟି.):** ସ୍ଥାନୀୟ ତିଳକ ମଇଦାନରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଗୁରୁବାର ଏଟିକେ ମୋହନବାଗାନ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଫୁଟ୍‌ବଲ ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ରେଡିମ୍ ଟିଲାଙ୍ଗ (୫ମ ମିନିଟ୍) ଓଡ଼ିଶା ତରଫରୁ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ବିପକ୍ଷ ଦଳର ଜୋନି କାଉକୋ ୮ମ ମିନିଟ୍‌ରେ ଏକ ଗୋଲ ଦେଇ ମ୍ୟାଚକୁ ୧-୧ ସମାନ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ସ୍କୋର ହୋଇ ନ ଥିଲା। ଗୁରୁବାର ମ୍ୟାଚ ଫଳାଫଳ ପରେ ମୋହନବାଗାନ ୧୭ ଗେମ୍‌ରୁ ୩୧ ପଏଣ୍ଟ ସହ ପୂର୍ବ ଭଳି ତୃତୀୟ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ୧୮ଟି ଗେମ୍‌ରୁ ୨୩ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି।




# ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା, ଓଜିପି କ୍ଲବ ବିଜୟୀ

ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି)

**ଓଡ଼ିଶା ଓମେନ୍ସ ଲିଗ୍**

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍) ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା ଓ ଓଜିପି କ୍ଲବ ବିଜୟ ହାସଲ କରିଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୪-୧ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଛି। ଏହି ଗ୍ରାଉଣ୍ଡରେ ଆୟୋଜିତ ଅନ୍ୟ ଏକ ମ୍ୟାଚରେ ଓଜିପି ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ଦେଇଛି। କଳିଙ୍ଗ ଷ୍ଟାଡିୟମ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୨-୧ ଗୋଲରେ ସାଇ ଏସ୍‌ଟିସିକୁ ହରାଇ ଦେଇଛି।



ଓଡ଼ିଶା ଓମେନ୍ସ ଲିଗ୍‌ରେ ଗୁରୁବାର କ୍ୟାପିଟାଲ ଗ୍ରାଉଣ୍ଡରେ ଓଡ଼ିଶା ପୋଲିସ ଓ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତର ସାନ୍ତ୍ୱନାମୂଳକ ବିଜୟ

**କୁଇନ୍ସଟାଉନ୍, ୨୪।୨(ପି.ଟି.)**

ଭାରତୀୟ ମହିଳା କ୍ରିକେଟ ଦଳ ଶେଷରେ ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ବିଜୟ ହାସଲ କରିବାରେ ସମର୍ଥ ହୋଇଛି। ଗୁରୁବାର ସିରିଜର ଅନ୍ତିମ ଦିନିକିଆରେ ଭାରତ ଆୟୋଜକ ଦଳକୁ ୬ ଉଇକେଟରେ ପରାସ୍ତ କରିଛି। ଭାରତୀୟ ବୋଲରମାନେ ପୂର୍ବମ୍ୟାଚଗୁଡ଼ିକ ତୁଳନାରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ମହିଳା ଦଳ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ବିନିମୟରେ ୨୫୧ ରନ କରିଥିଲା। ଭାରତୀୟ ଦଳ ୪୬ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ହରମନପ୍ରୀତ କୌର୍ ୬୬ ବଲ୍‌ରୁ ୬୩ ରନ ଓ ସ୍ମୃତି ମନ୍ଧାନା ୮୪ ବଲ୍‌ରୁ ୭୧ରନ କରିଥିଲେ। ଅଧିନାୟିକା ମିଥାଲି ରାଜ ୬୬ ବଲ୍‌ରୁ ୫୭ ରନ କରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ଟୁର୍‌ରେ ଏକମାତ୍ର ଟି୨୦ ଏବଂ ପ୍ରଥମ ୪ ଦିନିକିଆ ମ୍ୟାଚରେ ପରାଜିତ ହେବା ପରେ ଆସନ୍ତା ମାସରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପୂର୍ବରୁ ଭାରତ ନିହାତି ଏକ ବିଜୟ ଆବଶ୍ୟକ କରୁଥିଲା। ପୂର୍ବ ମ୍ୟାଚଗୁଡ଼ିକରେ ବ୍ରେକ୍ ଥ୍ରୁ ଆଣିବା ଲାଗି ସଂଘର୍ଷ ଚଳାଇ ଆସିଥିବା ସ୍ପିନରମାନେ ଗୁରୁବାର ସେମାନଙ୍କ ମଧ୍ୟରେ ୭ ଉଇକେଟ ବାଣ୍ଟି ନେଇଥିଲେ। ଦୀପ୍ତି ଶର୍ମା, ରାଜେଶ୍ୱରୀ ଗାଏକ୍ୱାଡ୍ ଓ ସ୍ନେହ ରାଣା ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ପେସର ମେଘନା ସିଂ ୫ ଓଭର ଟାଇଟଲ ବୋଲିଂ କରିଥିଲେ। କ୍ୱାରାଣ୍ଟାଇନ୍ ପିରିୟଡ ବୃଦ୍ଧି ଯୋଗୁ ପ୍ରଥମ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଖେଳି ନ ଥିବା ଷ୍ଟାର ବ୍ୟାଟର ମନ୍ଧାନା ମିଡଲରେ ଦଳ ପାଇଁ ମୂଲ୍ୟବାନ ରନ ସଂଗ୍ରହ କରିଥିଲେ। ଆଇସିସି ଓମେନ କ୍ରିକେଟର ଅଫ୍ ଦି ଇୟର ତାଙ୍କ ୮୪ ବଲ୍ ଇନିଂସରେ ୯ ଚୌକା ଲଗାଇଥିଲେ। ପାଖାପାଖି ୧୨ ମାସ ମଧ୍ୟରେ ଏହାଥିଲା ତାଙ୍କର ପ୍ରଥମ ଅର୍ଦ୍ଧଶତକ। ଫର୍ମରେ ନ ଥିବାରୁ ମନ୍ଧାନାଙ୍କୁ ପୂର୍ବ ଅଧିନାୟିକା ଡାଏନା ଇଦୁଲଜୀଙ୍କ ସମେତ ବହୁ ପୂର୍ବତନ ଖେଳାଳିଙ୍କଠାରୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଗତ ମ୍ୟାଚରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ୫ମ ଦିନିକିଆରେ ଚମତ୍କାର ସୁଇପ୍ ଶର୍ଟ ଜରିଆରେ କେତୋଟି ବାଉଣ୍ଡାରୀ ମାରିଥିଲେ। ଏକ ପୁଲ୍ ଶର୍ଟ ଖେଳି ସେ ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ବିଶ୍ୱ ଟାଇଟଲ ପାଇଁ ଚ୍ୟାଲେଞ୍ଜ ଦୃଷ୍ଟିରୁ ଭାରତକୁ ଗୁରୁବାର ମ୍ୟାଚରେ ସ୍ଥିର ପ୍ରଦର୍ଶନ ଜରୁରୀ ଥିଲା।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଶଟ୍ ଖେଳୁଛନ୍ତି ସ୍ମୃତି ମନ୍ଧାନା।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ଇନିଂସ:** ୫୦ ଓଭରରେ ୨୫୧/୯ (ଆମେଲିଆ କେର୍-୬୬, ସୋଫି ଡିଭାଇନ୍-୩୪, ଲରେନ୍ ଡାଉନ୍-୩୦, ହେଲି ଜେନ୍‌ସେନ୍-୩୦ ; ସ୍ନେହ ରାଣା-୨/୪୦, ଦୀପ୍ତି ଶର୍ମା-୨/୪୨, ରାଜେଶ୍ୱରୀ ଗାଏକ୍ୱାଡ୍-୨/୬୧)।
**ଭାରତ ଇନିଂସ:** ୪୬ ଓଭରରେ ୨୫୫/୪ (ସ୍ମୃତି ମନ୍ଧାନା-୭୧, ହରମନପ୍ରୀତ କୌର-୬୩, ମିଥାଲି ରାଜ୍-୫୭* ; ହେଲି ଜେନ୍‌ସେନ୍-୧/୨୯)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଅଟୋକୁ ଧକ୍କାଦେଲା ଟ୍ରକ୍, ୭ ଆହତ

**ଯାଁଳା,୨୪।୨(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଯାଁଳା ଫାଣ୍ଡି ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଛକରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋର ପଛକୁ ଟ୍ରକ୍ ଧକ୍କା ଦେବାରୁ ୭ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାତି ପ୍ରାୟ ୭ଟା ୩୦ରେ ବୈଦେଶ୍ୱର ବାଙ୍କିରୁ ଏକ ଅଟୋ (ଓଡି୦୨ଏଡବ୍ଲ୍ୟୁ ୪୫୦୯) ଆସୁଥିଲା। ଏହି ସମୟରେ ବାଲଗାଁ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ(ଏପି ୩୯ ୱାଇ ୨୬୨୭) ଅଟୋର ପଛକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ୭ଜଣ ଆହତ ହୋଇଥିଲେ। ଯାଁଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଆହତଙ୍କୁ ମେଡିକାଲ ପଠାଇଥିଲା।

### ନନ୍ଦନକାନନରେ ଚିତ୍ରା ଗୁରାଣ୍ଡି ମୃତ

**ବାରଙ୍ଗ,୨୪।୨(ଡି.ଏନ.ଏ):** ନନ୍ଦନକାନନର ୩୭ନମ୍ବର(ଗ) ଏନକ୍ଲୋଜରରେ ରହୁଥିବା ୬ବର୍ଷର ଅଣ୍ଡିରା ଚିତ୍ରା ଗୁରାଣ୍ଡି ସଂଘର୍ଷରେ ଗୁରୁବାର ମୃତ୍ୟୁ ହୋଇଛି। ସକାଳେ ଖୁଆଡରେ ଖାଦ୍ୟାଭାବ ଯୋଗୁ ଅନ୍ୟ ଚିତ୍ରା ଗୁରାଣ୍ଡିଙ୍କ ସହ ମାଡଗୋଳ ହୋଇ ଅଚେତ ହୋଇ ପଡିଯାଇଥିଲା। ନନ୍ଦନକାନନ ଚିକିତ୍ସକ ତା'ର ଚିକିତ୍ସା କରିବା ପୂର୍ବରୁ ମୃତ୍ୟୁ ଘଟିଥିଲା। ଗୁରାଣ୍ଡିର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ୨୫କୁ ହ୍ରାସ ପାଇଛି।

### ପାର୍କିଂ ବ୍ୟବସ୍ଥା ପାଇଁ ଦାବିପତ୍ର

**ଜଟଣୀ,୨୪।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଟଣୀ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଯାନବାହନ ପାର୍କିଂ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ଏନେଇ ଗୁରୁବାର ଜଟଣୀ ଓକିଲ ସଂଘ ପକ୍ଷରୁ ଜିଲା ସେସନ୍ସ ଜଜ୍‌ଙ୍କ ଉଦ୍ଦେଶ୍ୟରେ ସିଭିଲ କୋର୍ଟ ରେଜିଷ୍ଟ୍ରାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କୋର୍ଟ ପରିସରରେ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ପାର୍କିଂ ପାଇଁ ଉପଯୁକ୍ତ ସ୍ଥାନ ନାହିଁ। ଫଳରେ ବିଭିନ୍ନ କାର୍ଯ୍ୟରେ କୋର୍ଟକୁ ଆସୁଥିବା ଲୋକେ, ଓକିଲ ଏବଂ କୋର୍ଟ କର୍ମଚାରୀ ଗାଡ଼ି ପାର୍କିଂ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତୁରନ୍ତ ପାର୍କିଂ ବ୍ୟବସ୍ଥା ଲାଗି ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ଜଟଣୀ ଓକିଲ ସଂଘ ସଭାପତି ସୁଶୀଲ କୁମାର ମହାନ୍ତି, ସମ୍ପାଦକ ଶିବପ୍ରସାଦ ରଥ, କୋଷାଧ୍ୟକ୍ଷ ଅରୁଣ କୁମାର ସାହୁ, କାହ୍ନୁଚରଣ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ପଣ୍ଡିତ ନୀଳକଣ୍ଠ ରଥଶର୍ମାଙ୍କ ପରଲୋକ

**ବେଗୁନିଆ,୨୪।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆସ୍ଥିତ ବାସଭବନରେ ଗୁରୁବାର ପଣ୍ଡିତ ନୀଳକଣ୍ଠ ରଥଶର୍ମାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୬ ବର୍ଷ ହୋଇଥିଲା। ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେ ଶିକ୍ଷାଦାନ କରିଥିଲେ। ଅଞ୍ଚଳରେ ସେ ପଣ୍ଡିତ ସାର ଭାବେ ପରିଚିତ। ରଥଶର୍ମା ବ୍ୟାକରଣ ଚନ୍ଦ୍ରିକା, ପ୍ରଦୀପ, ଭାଷାତ୍ରୈ, ହିନ୍ଦୁଧର୍ମ ରହସ୍ୟ ଓ ଦକ୍ଷିଣ ଭାରତ ଭ୍ରମଣ, ଭାରତର ସ୍ୱର୍ଗ କଶ୍ମୀର ଆଦି ପୁସ୍ତକ ରଚନା କରିଛନ୍ତି। ରାଜ୍ୟ ଶିକ୍ଷକ ସମ୍ମାନ ସହ ସଂସ୍କୃତ ଏକାଡେମୀ ପୁରସ୍କାର, ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରସ୍କାର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶିକ୍ଷାବିତ୍ ଅନନ୍ତ ଚରଣ ପ୍ରହରାଜ, ଯୋଗେଶ୍ୱର ସୁନ୍ଦରାୟ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ରଥ, ସୁଧାକର ସାମନ୍ତରାୟଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ନିଜ ଜନ୍ମଭୂମି ଖୋର୍ଦ୍ଧା ଜିଲା ହଳଦିଆ ନିକଟ ସାମନ୍ତରାପୁର ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ୯୦୯ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ୍ ବାକ୍ସରେ ସିଲ୍

## ବାଲିଅନ୍ତାରେ ୮୧.୧୧, ଜଟଣୀରେ ୭୮.୫୬% ମତଦାନ

**ଖୋର୍ଦ୍ଧା ଅଫିସ,୨୪।୨**

ଖୋର୍ଦ୍ଧା ଜିଲାରେ ଗୁରୁବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୫ମ ତଥା ଶେଷ ପର୍ଯ୍ୟାୟ ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ବାଲିଅନ୍ତା ଓ ଜଟଣୀ ବ୍ଲକରେ ଭୋଟ୍ ଗ୍ରହଣ ହୋଇଥିଲା। ବାଲିଅନ୍ତାରେ ୮୧.୧୧ ପ୍ରତିଶତ ଏବଂ ଜଟଣୀରେ ୭୮.୫୬ ପ୍ରତିଶତ ମତଦାନ ହୋଇଛି। କାଁ ଭାଁ ବିଶୃଙ୍ଖଳାକୁ ବାଦ୍ ଦେଲେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ବୋଲି ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

ଗୁରୁବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। କେତେକ ସ୍ଥାନରେ ଭୋଟର ଅଧିକ ରହିଥିବାରୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଭୋଟରମାନେ


ଜଟଣୀର ଏକ ବୁଥ୍‌ରେ ମତଦାନ ପାଇଁ ଅପେକ୍ଷା କରିଥିବା ଭୋଟର।

ପରିଚୟପତ୍ର ଦେଖାଇ ନିଜ ମତାଧିକାର ସାବ୍ୟସ୍ତ କରିଥିଲେ। ବାଲିଅନ୍ତାର ୩ ଜିଲା ପରିଷଦ, ୧୬ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୨୨୪ ୱାର୍ଡମେମ୍ବର ଏବଂ ଜଟଣୀର ୨ଜିଲା ପରିଷଦ, ୧୫ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୨୧୦ ୱାର୍ଡମେମ୍ବରଙ୍କ ନିମନ୍ତେ ୪୩୪ ବୁଥ୍‌କେନ୍ଦ୍ରରେ ମତଦାନ ହୋଇଥିଲା। ବାଲିଅନ୍ତାର ୫୦ ସମିତିସଭ୍ୟ, ୫୯ ସରପଞ୍ଚ, ୩୧୬ ୱାର୍ଡମେମ୍ବର ଓ ୧୨ ଜିଲା ପରିଷଦ ଏବଂ ଜଟଣୀର ୫୯ ସମିତିସଭ୍ୟ, ୭୬ ସରପଞ୍ଚ, ୩୨୯ ୱାର୍ଡମେମ୍ବର ଓ ୮ ଜିଲା ପରିଷଦ ମୋଟ୍ ୯୦୯ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇଛି। ଚଳିତ ବର୍ଷ ନୂତନ ଭାବେ ଭୋଟ ଦେଉଥିବା ଯୁବ ଭୋଟରଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଥିଲା। ମତଦାତାମାନେ କୋଭିଡ୍ ନିୟମ ଅନୁପାଳନପୂର୍ବକ ନିଜ ପସନ୍ଦର ପ୍ରାର୍ଥୀ ଚୟନ ଲାଗି ଧାଡିରେ ଛିଡ଼ାହୋଇ ମତଦାନ କରିଥିଲେ। ତେବେ ମତଦାନ ପରେ ବାଲଟ ବାକ୍ସଗୁଡିକୁ ବ୍ଲକ କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଛି। ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଜୋନ୍‌ସ୍ତରୀୟ ଭୋଟ୍ ଗଣନା କରାଯିବ। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଗୁରୁବାର ଆୟୋଜିତ ସମର୍ପଣ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟ ସଙ୍ଗୀତ ପରିବେଷଣ କରୁଛନ୍ତି ।

## ଥାନା ପରିସରରେ ଖବରଦାତାଙ୍କୁ ଆକ୍ରମଣ ଘଟଣା, ଯୁବକ ଗିରଫ

**ବାଣପୁର,୨୪।୨(ଡି.ଏନ୍.ଏ.)**

ବାଣପୁର ଥାନା ପରିସରରେ ଖବରଦାତା ସନ୍ତୋଷ କୁମାର ମହାନ୍ତିଙ୍କୁ ଆକ୍ରମଣ ଘଟଣାରେ ଗୁରୁବାର ପୋଲିସ ପାଲୁର ଜଙ୍କସନ ନିକଟରୁ ମୁଖ୍ୟ ଅଭିଯୁକ୍ତ ପ୍ରତାପ ଗ୍ରାମର ଅଜିତ ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଗତ ୧୮ତାରିଖ ପଞ୍ଚାୟତ ନିର୍ବାଚନ ସରିବା ପରେ ବାଣପୁର ବ୍ଲକର ଭେଟେଶ୍ୱର ଓ ଡୁମୁରାପୁଟ ପଞ୍ଚାୟତରେ ରାଜନୈତିକ ହିଂସାକାଣ୍ଡ ଘଟିଥିଲା। ଏହାକୁ ନେଇ କେତେଜଣ ବ୍ୟକ୍ତି ଥାନାରେ ପହଞ୍ଚି ଅଭିଯୋଗ ଦେଉଥିବାବେଳେ ଥାନା ପରିସରରେ ଦୁଇ ପକ୍ଷ ଭିତରେ ପାଟିତୁଣ୍ଡ ହୋଇଥିଲା। ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତା ମହାନ୍ତି ଗଣ୍ଡଗୋଳର ଫଟୋ ଉଠାଉଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ସ୍ୱାଇଁଙ୍କୁ ଗିରଫ କରାଯାଇଥିବା ବେଳେ ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

# ୬ଦିନ ପରେ ଘରେ ପହଞ୍ଚିଲା ମୃତଦେହ

## ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ବାଣପୁର,୨୪।୨(ଡି.ଏନ୍.ଏ.)**

ଦୁବାଇରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ଗତ ୧୮ତାରିଖରେ ମୃତ୍ୟୁ ହୋଇଥିଲା। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ପେଣ୍ଡୁରାପଲ୍ଲୀ ଗ୍ରାମର ବ୍ରଜକିଶୋର ବେହେରା(୪୨)। ତେବେ ମୃତ୍ୟୁର ୬ ଦିନ ପରେ ତଥା ଗୁରୁବାର ମୃତଦେହ ଗ୍ରାମରେ ଆସି ପହଞ୍ଚିଛି। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ମୁତାବକ, ବ୍ରଜକିଶୋର ଦୀର୍ଘ ଚାରି ବର୍ଷ ହେବ ଦୁବାଇସ୍ଥିତ ତଦ୍ୱିର ୱେଷ୍ଟ ଟ୍ରିଟମେଣ୍ଟ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟରତ ଥିଲେ। ୫ମାସ ପୂର୍ବେ ବ୍ରଜକିଶୋର ଘରକୁ ଫେରିଥିବା ବେଳେ ପୁଣି ଦୁବାଇ ଯାଇଥିଲେ। ଗତ ୧୮ତାରିଖରେ



କୌଣସି କାରଣରୁ ହଠାତ୍ ସେଠାରେ ବ୍ରଜକିଶୋରଙ୍କ ମୃତ୍ୟୁ ହୋଇଥିଲା। ଏନେଇ କମ୍ପାନୀରେ କାର୍ଯ୍ୟରତ ଅନ୍ୟ ଓଡ଼ିଆ ଶ୍ରମିକମାନେ ବ୍ରଜକିଶୋରଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ତେବେ ସ୍ୱାମୀଙ୍କ ମୃତଦେହ ଘରକୁ ଫେରାଇ ଆଣିବା ଲାଗି ସ୍ତ୍ରୀ ସନ୍ଧ୍ୟାରାଣୀ ଚିନ୍ତାରେ ରହିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ବିମାନରେ ବ୍ରଜକିଶୋରଙ୍କ ମୃତଦେହ ଭୁବନେଶ୍ୱର ପଠାଇଥିଲେ। ଗୁରୁବାର ବିମାନବନ୍ଦରରୁ ପରିବାରବର୍ଗ ଆମ୍ବୁଲାନ୍ସରେ ମୃତଦେହ ଘରକୁ ଆଣିଥିଲେ। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ସ୍ୱାମୀଙ୍କ ବକେୟା ଦରମା ସମେତ ବୀମା ଏବଂ ମୃତ୍ୟୁକାଳୀନ ପ୍ରାପ୍ୟ ପାଇବା ପାଇଁ ଜିଲା ପ୍ରଶାସନିକ ଅଧିକାରୀଙ୍କ ସମେତ ଜନ ପ୍ରତିନିଧିଙ୍କୁ ସନ୍ଧ୍ୟାରାଣୀ ନିବେଦନ କରିଛନ୍ତି।

## ବାଲଟ ପେପର ସୋସିଆଲ ମିଡିଆରେ ଭାଇରାଲ

**ଜଟଣୀ,୨୪।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକରେ ଗରୁବାର ଶାନ୍ତିଶୃଙ୍ଖଳାରେ ମତଦାନ ଶେଷ ହୋଇଛି। ତେବେ ଏହି ବ୍ଲକ ତିରିମଲ ପଞ୍ଚାୟତର ଜଣେ ୱାର୍ଡ ସଭ୍ୟ ପ୍ରାର୍ଥୀ ପ୍ୟାକଟରେ ବାଲାଟ ପେପର ଧରି ଭୋଟଗ୍ରହଣ କେନ୍ଦ୍ରରେ ବୁଲୁଥିବା ଦେଖା ଖିବାକୁ ମିଳିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଉପସ୍ଥିତ ନିର୍ବାଚନ ଅଧିକାରୀ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ପଚାରାଉଚରା କରି ଉକ୍ତ ବାଲଟ ପେପର ଡମି ଜାଣିବା ପରେ ଛାଡି ଦେଇଥିଲେ। ସେହିପରି ଭୋଟରମାନେ ଭୋଟ ଦେଇ ବାଲଟ ପେପର ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ପାଇକମାନେ ରାଜତନ୍ତ୍ର, ସଂସ୍କୃତିର ରକ୍ଷକ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ପାଇକ କହିଲେ କେବଳ ସଂଗ୍ରାମୀ ବୀର ବା ଯୋଦ୍ଧା ବୋଲି ବୁଝାଏ ନାହିଁ। ପାଇକମାନେ ଯୁଦ୍ଧ ସହ ଚାଷ ବି କରିପାରନ୍ତି। ସେମାନେ ରାଜତନ୍ତ୍ର ସହ ଓଡ଼ିଶାର ସଂସ୍କୃତିକୁ ମଧ୍ୟ ରକ୍ଷା କରନ୍ତି। ରାଷ୍ଟ୍ର ଗଠନରେ ସେମାନଙ୍କ ପାରଦର୍ଶିତା ଅତୁଳନୀୟ। ରାଜ୍ୟ ଅଭିଲେଖାଗାରରେ ଗୁରୁବାର ଅଭିଲେଖ ସପ୍ତାହ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ ଦାସ ଏହା କହିଛନ୍ତି।

ମୁଖ୍ୟ ଅତିଥି ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଅଭିଲେଖାଗାରର ଉତ୍ପତ୍ତି, ଇତିହାସ ସମ୍ପର୍କରେ କହିଥିଲେ। ଡିଜିଟାଇଜେସନ ମାଧ୍ୟମରେ ନଥିପତ୍ର ସୁରକ୍ଷା ଉପରେ ସେ ଗୁରୁତ୍ୱ ଦେବା ସହ ଅଭିଲେଖାଗାରର କର୍ମଚାରୀ ଅଭାବ ଖୁବ୍ କମଦିନ ମଧ୍ୟରେ ଦୂର କରାଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ଇତିହାସ ବିଭାଗ ମୁଖ୍ୟ ଡ. ପ୍ରସନ୍ନ କୁମାର ମିଶ୍ର ଅଭିଲେଖାଗାରରେ ଥିବା ପାଇକବିଦ୍ରୋହର ତଥ୍ୟକୁ ଉପସ୍ଥାପନ କରି କହିଲେ, ପାଇକ ବିଦ୍ରୋହ ଥିଲା ଇଂରେଜଙ୍କ ବିରୋଧରେ ଏକ ଆନ୍ଦୋଳନ। ଯେତେବେଳେ ଇଂରେଜମାନେ ୧୮୦୩ରେ ଓଡ଼ିଶା ଅଧିକାର କଲେ, ସେହି ସମୟରେ ପାଇକ ସର୍ଦ୍ଦାର ଥିଲେ ଦଳେଇ, ଦଳବେହେରା, ଖଣ୍ଡାୟତ ଆଉ ରାଜାଙ୍କ ତଳ ପାହ୍ୟାରେ ସାମରିକ କ୍ଷେତ୍ରରେ ଥିଲେ ବକ୍ସି। ସେତେବେଳେ ବକ୍ସି ଜଗବନ୍ଧୁ ବିଦ୍ୟାଧର କ'ଣ କରୁଥିଲେ ବୋଲି ଅନିସନ୍ଧିତ୍ସୁ ଭାବରେ ପ୍ରଶ୍ନ କରି ତା'ର ଉତ୍ତର ଏହି ଆଲୋଚନା ଚକ୍ରରେ ଉପସ୍ଥାପନା କରିଥିଲେ। ଇଂରେଜମାନେ ଆସିବା ପୂର୍ବରୁ ମରାଠା ଶାସନ ସମୟରେ ବକ୍ସି ଜଗବନ୍ଧୁ ରୋଡଙ୍ଗଗଡର ଜମିଦାର ଥିଲେ। କିନ୍ତୁ ମରାଠା ସୁବେଦାର ତାଙ୍କୁ ରୋଡଙ୍ଗ ଜମିଦାର ପଦରୁ ବାହାର କରିଦେଲେ। ତାଙ୍କ ନାମରେ ଏକ ହତ୍ୟା ଅପରାଧ ମାମଲା ଯୋଡିଦିଆଗଲା। ଏଥିସହ ମରାଠା ସୁବେଦାର ତାଙ୍କର ଉପାଧି ନେଇଗଲେ। ସେ ଜଣେ ସାଧାରଣ ଲୋକ ହିସାବରେ ରହିଲେ। କିଛି ବର୍ଷପରେ ଇଂରେଜଙ୍କ ଓଡ଼ିଶା ଆକ୍ରମଣର ଅବ୍ୟହିତ ପୂର୍ବରୁ ସେ ଆବିର୍ଭାବ ହେଲେ। ୧୮୦୪ରେ ତାଙ୍କୁ ରୋଡଙ୍ଗ ଜମିଦାରୀ ଫେରାଇ ଦିଆଗଲା। ଏହି ତଥ୍ୟ ଓଡ଼ିଶା ରାଜ୍ୟ ଅଭିଲେଖାଗାର ନଥିରେ ଉଲ୍ଲେଖ ଅଛି। ୧୮୦୩ରୁ ୧୮୧୭ ମସିହା ଓ ତତ୍‌ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଓଡ଼ିଶାରେ ଘଟିଥିବା ବିଶେଷକରି ପାଇକ ସମ୍ବନ୍ଧିତ ସମସ୍ତ ଘଟଣାବଳୀର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଡ. ମିଶ୍ର। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଅଜ୍ଞାତବାସରେ ସମିତିସଭ୍ୟ ପ୍ରାର୍ଥୀ

**ନିରାକାରପୁର,୨୪।୨(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକରେ ଗତ ୧୬ତାରିଖରେ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସ ମଧ୍ୟରେ ଷ୍ଟ୍ରଙ୍ଗରୁମ ମଧ୍ୟରେ ବନ୍ଦ ରହିଛି। ଫଳାଫଳ ପ୍ରକାଶ ପାଇବାକୁ ଆଉ ତିନିଦିନ ଥିବାବେଳେ ବ୍ଲକ ଅଧ୍ୟକ୍ଷ ପଦପାଇଁ ଅଙ୍କକଷା ଆରମ୍ଭ ହୋଇଯାଇଛି। ବିଜୟ ଆଶାରଖିଥିବା ସମିତିସଭ୍ୟ ପ୍ରାର୍ଥୀଙ୍କୁ ଆଶାୟୀ ଅଧ୍ୟକ୍ଷ ପ୍ରାର୍ଥୀ ବିଭିନ୍ନ ପ୍ରଲୋଭୋନ ଦେଖାଇ ଅଜଣା ସ୍ଥାନରେ ରଖିଥିବା ଚର୍ଚ୍ଚା ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପିକା


@ ବାବୁ


@ ଲିଜାଲିନ୍


@ ରିମା


@ ପ୍ରିୟମ୍ବଦା


@ ସନ୍ତୋଷ


@ ଲକ୍ଷ୍ମୀକାନ୍ତ

## ହାତୀ ଉପଦ୍ରବ, ଲୋକେ ଭୟଭୀତ

**ଯାଁଳା, ୨୪।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ବୁଧବାର ରାତିରେ ୩ଟି ହାତୀ ଯାଆଁଳା ଇନ୍‌ଫୋଭ୍ୟାଲିସ୍ଥିତ ନିର୍ମାଣାଧୀନ ବାଗ୍‌ଚୀ କ୍ୟାନ୍‌ସର ହସ୍ପିଟାଲର ମୁଖ୍ୟ ପ୍ରବେଶ ପଥରେ ପହଞ୍ଚି ଆବଦ୍ଧ ଲୁହା ପାଇପ୍‌କୁ ଟେକି ଦେଇଥିଲେ। ସେଠାରେ ଥିବା ଦୁଇ ସିକ୍ୟୁରିଟି ଗାର୍ଡଙ୍କ ସମେତ ବହୁ ଶ୍ରମିକ ଏଣେତେଣେ ଦୌଡ଼ି ପଳାଇଥିଲେ। ଫଳରେ କେତେଜଣ ଶ୍ରମିକ ତଳେପଡ଼ି ଆହତ ହୋଇଥିଲେ। ପରେ ହାତୀମାନେ ଯାଆଁଳା ଗ୍ରାମ ମୁଣ୍ଡରେ ବସବାସ କରୁଥିବା କେତେକଙ୍କ ବାରିରେ ପଶି ଫସଲ ଖାଇବା ସହ ନଷ୍ଟ କରିଥିଲେ। ବନ ବିଭାଗ କର୍ମଚାରୀ ଘଉଡ଼ାଇବା ପରେ ହାତୀମାନେ ଗଙ୍ଗପଡ଼ା ଦେଇ ଜଙ୍ଗଲକୁ ପଳାଇଥିଲେ।


କଳିଙ୍ଗ କଲେଜ ଅଫ୍ ଆର୍ଟ୍ସର ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି ।



ରାଜ୍ୟ ଅଭିଲେଖାଗାର ପରିସରରେ ଗୁରୁବାର ଅଭିଲେଖ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି।



ଏଫ୍‌ଆଇସିସିଆଇ ମହିଳା ଅନୁଷ୍ଠାନ ଭୁବନେଶ୍ୱରର କର୍ମକର୍ତ୍ତାମାନେ ଗୁରୁବାର କଟକସ୍ଥିତ ରୁଚି ଓ ଫ୍ରୋଜିଟ୍ କମ୍ପାନୀ ପରିଦର୍ଶନ କରୁଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୨।୨୦୨୨

| | |
|---|---|
| ୩,୬୪,୬୮୭ ଟଙ୍କା | |
| ସୁନା | ୩.୩୫୦ ଗ୍ରାମ |
| ରୁପା | ୧୯,୯୫୦ ଗ୍ରାମ |

# ପାର୍ବତୀ ସାଗର ପ୍ରତି ପ୍ରଶାସନର ଅଣଦେଖା

- ବର୍ଷାରେ ଭୁଶୁଡ଼ି ପଡ଼ିଥିଲା ପାଚେରି
- ୫ବର୍ଷ ବିତିବାକୁ ବସିଲା, ନିର୍ମାଣ ହୋଇନି



**ପୁରୀ ଅଫିସ, ୨୪।୨:** ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବାକୁ ପ୍ରଶାସନ ଅଣ୍ଟା ଭିଡ଼ିଥିବାବେଳେ ଐତିହ୍ୟସ୍ଥଳ ଓ କୀର୍ତ୍ତିରାଜି ପ୍ରତି ଅଣଦେଖା କରୁଛି। ଗତ ୫ବର୍ଷ ହେଲା ଶ୍ରୀଲୋକନାଥ ମନ୍ଦିର ପରିସରସ୍ଥ ପାର୍ବତୀ ସାଗର ପାଚେରି ଭୁଶୁଡ଼ି ପଡ଼ିଥିଲେ ମଧ ନିର୍ମାଣ ଲାଗି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ବାହାରର ଅଳିଆ ଆବର୍ଜନା ପୋଖରୀରେ ମିଶି ପାଣି ଦୂଷିତ ହେଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପୁରୀରେ ଥିବା ପଞ୍ଚତୀର୍ଥ ପୁଷ୍କରିଣୀ ମଧ୍ୟରୁ ପାର୍ବତୀ ସାଗର ଅନ୍ୟତମ। ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ତଥା ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ଭାବେ ବିବେଚିତ ଶ୍ରୀଲୋକନାଥ ମନ୍ଦିର ପରିସରରେ ପାର୍ବତୀ ସାଗର ପୁଷ୍କରିଣୀ ରହିଛି। ଶ୍ରଦ୍ଧାଳୁମାନେ ଗୋଡ଼, ହାତ ଧୋଇ ଶ୍ରୀଲୋକନାଥ ମନ୍ଦିରକୁ ପ୍ରବେଶ କରିଥାନ୍ତି। ସେହିପରି ପବିତ୍ର ଶ୍ରାବଣ ମାସରେ ବୋଲ୍‌ବମ ଭକ୍ତ ଏହି ପୁଷ୍କରିଣୀରେ ସ୍ନାନ କରିବା ସହ ପାଣି ନେଇ ମହାଦେବଙ୍କୁ ଅର୍ପଣ କରିଥାନ୍ତି। ସରନ୍ତି ସୋମବାରରେ ପାର୍ବତୀ ସାଗରରେ ଶ୍ରଦ୍ଧାଳୁ ଗାଧୋଇବା ସହ ଠାକୁରଙ୍କ ବାସନକୁସନ ପ୍ରଭୃତି ସଫା କରାଯାଇଥାଏ। ତେବେ ୨୦୧୭ ଅକ୍ଟୋବର ୨୦ରେ ପ୍ରବଳ ବର୍ଷାରେ ପୋଖରୀ ଉତ୍ତର ପାର୍ଶ୍ୱ ପାଚେରିର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଇତିମଧ୍ୟରେ ୫ବର୍ଷ ବିତିବାକୁ ବସିଲାଣି। ହେଲେ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ପାର୍ବତୀ ସାଗର ପାଚେରି ମରାମତି କରାଯାଇନାହିଁ। ପାଚେରି ନ ଥିବାରୁ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ପୋଖରୀରେ ମିଶୁଛି। ଫଳରେ ଅନେକ ସମୟରେ ପୋଖରୀରେ ଥିବା ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ପ୍ରଶାସନର ଏଭଳି ନିଷ୍କ୍ରିୟତାକୁ ସେବାୟତଙ୍କ ସମେତ ସହରବାସୀ ନାପସନ୍ଦ କରିଛନ୍ତି। ଆଗକୁ ଜାଗର ଆସୁଥିବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ପାଚେରି ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି।



ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଗୁରୁବାର ଆୟୋଜିତ ସମର୍ପଣ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟ ସଙ୍ଗୀତ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ

### ପଦକ୍ଷେପ ନିଆ ନ ଗଲେ ରାସ୍ତାକୁ ଓହ୍ଲାଇବେ ଗ୍ରାମବାସୀ

#### ମନ୍ଦିର ମୂର୍ତ୍ତି ଚୋରିକୁ ୧୧ ଦିନ ବିତିଲା

**ସାକ୍ଷୀଗୋପାଳ,୨୪।୨(ଡି.ଏନ.ଏ)-** ସତ୍ୟବାଦୀ ଥାନା ଅନ୍ତର୍ଗତ ନୂଆସୋମେଶ୍ୱରପୁର ଗ୍ରାମର ଶ୍ରୀଗୋପୀନାଥ ଦେବ ମନ୍ଦିରରୁ ମୂର୍ତ୍ତି ଚୋରି ଘଟଣାର ୧୧ଦିନ ବିତିଯାଇଥିଲେ ବି ପୋଲିସ ହାତ ଖାଲି। ଚୋର କିମ୍ବା ଚୋରି ମୂର୍ତ୍ତିଗୁଡ଼ିକର କିଛି ସୁରାକ ମିଳି ନାହିଁ। ସିଂହାସନ ଖାଲି ପଡିବାକୁ ନେଇ ଗ୍ରାମବାସୀଙ୍କ ଧର୍ମୀୟ ଭାବନାରେ ଆଘାତ ଲାଗିଛି। ଆରାଧ ଠାକୁରଙ୍କୁ କିପରି ଫେରି ପାଇବେ ଏ ନେଇ ଗ୍ରାମବାସୀ ଆଶଙ୍କାରେ ରହିଛନ୍ତି। ମାମଲା ରୁଜୁ କରିବା ପରବର୍ତ୍ତୀଦିନଠାରୁ ପୋଲିସ ଚୁପ ହୋଇ ବସି ରହିଛି। ଗ୍ରାମବାସୀ ମୂର୍ତ୍ତି ଚୋରି ଘଟଣା ସମ୍ପର୍କରେ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଦେଇଥିବା ବେଳେ ଗତ ୨୨ ତାରିଖରେ ଜିଲାପାଳ ଓ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସେହିପରି ପୋଲିସ ମହାନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ମଧ ଘଟଣା ସମ୍ପର୍କରେ ସୂଚନା ଦେଇ ତୁରନ୍ତ ପଦକ୍ଷେପ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚୋରି ହୋଇଥିବା ମୂର୍ତ୍ତିଗୁଡ଼ିକ ୮ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବା ବେଳେ ହଜାର ହଜାର ବର୍ଷ ଧରି ଗ୍ରାମ ମନ୍ଦିରରେ ପୂଜା ପାଉଥିଲେ। ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୩ ତାରିଖ ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ଗ୍ରାମରୀ ମା' ଦୁର୍ଗାଙ୍କ ସମେତ ୭ଟି ଅଷ୍ଟଧାତୁ ମୂର୍ତ୍ତି ମନ୍ଦିର ତାଲା ଭାଙ୍ଗି ଓ ମନ୍ଦିର ଭିତରେ ଥିଲା ଗ୍ରିଲ କାଟି ଚୋରି କରିଥିଲେ।

### ପେଣ୍ଠକଟାରେ ସ୍ୱାସ୍ଥ୍ୟ ଶିବିର

**ପୁରୀ ଅଫିସ, ୨୪।୨:** ଗେଲ୍ ଗ୍ୟାସ ଲିମିଟେଡ୍ ଏବଂ ପବ୍ଲିକ ହେଲ୍‌ଥ ରିସୋର୍ସ ସୋସାଇଟିର ମିଳିତ ସହଯୋଗରେ ଗୁରୁବାର ପୁରୀ ପେଣ୍ଠକଟାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗେଲ୍ ଗ୍ୟାସ ଲିମିଟେଡ୍‌ର ଡିଜିଏମ୍ ଆନନ୍ଦ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିନିୟର୍ ମ୍ୟାନେଜର ଉଦିତ୍ ରଞ୍ଜନ ସୋରେନ, ଡ. ବିନାୟକ ସାହୁ, ଟିମ୍ ମେମ୍ବର ପୂଜା ରାଉତରାୟ ଓ ବଂଶିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବଳିଆପଣ୍ଡା ଓ ପେଣ୍ଠକଟାର ଅଙ୍ଗନୱାଡ଼ି କର୍ମୀ ପ୍ରମିଳା ବାରିକ୍ ଓ ଶୁଭଶ୍ରୀ ବଳିଆରସିଂହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଶିବିରରେ ଅଣସଂକ୍ରାମକ ରୋଗ ଯଥା ମଧୁମେହ, ହିମଗ୍ଲୋବିନ୍, ରକ୍ତ ନମୁନା ଆଦିର ପରୀକ୍ଷା କରାଯାଇଥିଲା। ଡା. ପ୍ରଫୁଲ୍ଲ ମହାପାତ୍ର, ଡା. ବସନ୍ତ କୁମାର ସାହୁ ଏବଂ ଏଏନ୍‌ଏମ୍ ଅମ୍ବିକା ଜେନା, ତପସ୍ୱିନୀ ମିଶ୍ର ଓ ମଞ୍ଜୁ ଦାସ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପବ୍ଲିକ୍ ହେଲ୍‌ଥ ରିସୋର୍ସ ସୋସାଇଟିର ଷ୍ଟେଟ୍ ପ୍ରୋଗ୍ରାମ ସଂଯୋଜକ ସତ୍ୟ ନାରାୟଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରୋଗ୍ରାମ ଫ୍ୟାସିଲିଟେଟ୍‌ର ଜ୍ୟୋତିର୍ମୟୀ ବିଶ୍ୱାଳ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁପ୍ରିୟା ପଟ୍ଟନାୟକ, କେ. କୃପାରାଓ, ସୋନାଲିସା ଦାସ, ପ୍ରସନ୍ନ ନାୟକ ଏବଂ ସହକର୍ମୀ ସରୋଜ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବକ୍ଷୟମୁଖୀ ସମାଜର ପରିବର୍ତ୍ତନ ଆବଶ୍ୟକ

**ପୁରୀ ଅଫିସ, ୨୪।୨:** ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ଅବସରରେ ଗୁରୁବାର ପୁରୀ ନଗର ବୁଦ୍ଧିଜୀବୀ ସଂଗୋଷ୍ଠୀ ସମିତି ପକ୍ଷରୁ ଘୋଡ଼ା ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ 'ପ୍ରକୃତ ଇତିହାସ ସ୍ୱାଧୀନତା ସଂଗ୍ରାମୀ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରିହର ହୋତା ଯୋଗଦେଇ ଅବକ୍ଷୟମୁଖୀ ସମାଜର ପରିବର୍ତ୍ତନ ଆବଶ୍ୟକ ବୋଲି କହିଥିଲେ। ସଙ୍ଗଠନ ମନ୍ତ୍ରୀ ଇତିହାସ ସଂକଳନ ସମିତିର ପୂର୍ବକ୍ଷେତ୍ର ଓ ଉତ୍ତର କ୍ଷେତ୍ରର କମଳେଶ ଦାଶ ମୁଖ୍ୟବକ୍ତା ଏବଂ ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବାମଦେବ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବ୍ରିଟିଶ ଶାସନ ଆରମ୍ଭରୁ ହିଁ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଚାଲି ଆସିଥିଲା। ୧୭୫୭ ଜୁନ ୨୩ରେ ସଙ୍ଗଠିତ ପ୍ରବାସୀ ଯୁଦ୍ଧରୁ ଆରମ୍ଭକରି ୧୯୪୪ ଏପ୍ରିଲ ୧୫ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତରେ ତ୍ରିରଙ୍ଗା ଉଡ଼ାଇବା ପର୍ଯ୍ୟନ୍ତ ଦୀର୍ଘ ଦୁଇଶହ ବର୍ଷର କାଳଖଣ୍ଡରେ ଭାରତୀୟ ସମାଜର ବିଭିନ୍ନ ବର୍ଗ ସ୍ୱାଧୀନତା ସଂଗ୍ରାମର ମଶାଲକୁ ପ୍ରଜ୍ୱଳିତ କରି ରଖିଥିଲେ। ମାତ୍ର ଏହି ସଂଗ୍ରାମର ବହୁ ଘଟଣା ଆଜି ଲୋକଲୋଚନ ଅନ୍ତରାଳରେ ରହିଯାଇଛି। ସନ୍ୟାସୀ ଆନ୍ଦୋଳନ ୧୭୬୪ରେ ବଙ୍ଗ, ବିହାର ଓ ଉତ୍ତର ପ୍ରଦେଶରେ ଆରମ୍ଭ ହୋଇ ଦୀର୍ଘ ୫୦ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ୧୮୮୨ରେ ବଙ୍କିମଚନ୍ଦ୍ର ଚାଟାର୍ଜୀ ପ୍ରସିଦ୍ଧ ଆନନ୍ଦମଠ ଉପନ୍ୟାସରେ ଏ ସମ୍ପର୍କରେ ଲେଖିଥିଲେ ଏବଂ ବନ୍ଦେ ମାତରଂ ଗୀତକୁ ସ୍ଥାନିତ କଲେ। ୧୮୦୪ରେ ଜୟୀ ରାଜଗୁରୁ, ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ସଂଗ୍ରାମ ହୋଇଥିଲା ବୋଲି ଅତିଥି ମାନେ କହିଥିଲେ। କାର୍ଯ୍ୟକ୍ରମକୁ ରାଜକିଶୋର ସାହୁ ସଂଯୋଜନା କରିଥିଲେ। ବିକାଶ ଦତ୍ତ ଧନ୍ୟବାଦ ଦେଇଥିଲେ। କାଯକ୍ରମକୁ ସେହ୍ନଶି ସାହୁ, ଦିଗାମ୍ବର ପ୍ରଧାନ ଓ ଅରବିନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

# ୧୦ ଲକ୍ଷ ଟଙ୍କାର ଅପମିଶ୍ରିତ ଡାଲି ଜବତ

## ଗୋଦାମରେ ଚଢ଼ାଉ, ମାଲିକ ଅଟକ

**କଟକ ଅଫିସ,୨୪।୨:** କଟକ ସହରରେ ଗୁରୁବାର ପୁଣି ଏକ ଅପମିଶ୍ରିତ ଡାଲି ଗୋଦାମ ଠାବ ହୋଇଛି। ୧୦ ଲକ୍ଷ ଟଙ୍କାର ଅପମିଶ୍ରିତ ଡାଲି ଜବତ କରାଯାଇଥିବାବେଳେ ଗୋଦାମ ମାଲିକ ଚାଉଳିଆଗଞ୍ଜ ଅପାଣିଆ ଅଞ୍ଚଳର ପ୍ରମୋଦ କୁମାର ସାହୁ(୫୫)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ମାଲଗୋଦାମରେ ଅପମିଶ୍ରିତ ଡାଲି ବିକ୍ରୟ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଫୁଡ୍ ସ୍କ୍ୱାଡ୍ ଏବଂ ପୋଲିସ ମିଳିତ ଭାବେ ଅତର୍କିତ ଭାବେ ଚଢ଼ାଉ କରିଥିଲେ। ମଙ୍ଗଳା ଡାଲି ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ସେଠାରୁ ୨୦ବସ୍ତା ଅପମିଶ୍ରିତ ଡାଲି ସମେତ ରାଜ୍ୟ ସରକାର ନିଷିଦ୍ଧ କରିଥିବା ୧୯ ବସ୍ତା ଖେସାରି ଡାଲି ଜବତ ହୋଇଛି। ହରଡ ଡାଲିରେ ଖେସାରି ମିଶାଇ ବିକ୍ରି କରାଯାଉଥିବା ତଦନ୍ତ ବେଳେ ଜଣାପଡ଼ିଛି। ଜବତ ଅପମିଶ୍ରିତ ଡାଲିର ବଜାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।


ମଙ୍ଗଳା ଗୋଦାମରେ ଅଧିକାରୀମାନେ ଡାଲିର ମାନ ଯାଞ୍ଚ କରୁଛନ୍ତି ।

## ନ୍ୟାୟ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ପୁରୀ ଅଫିସ, ୨୪।୨:** କର୍ଣ୍ଣାଟକର ଶିବମୋଗ ଜିଲାରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ହର୍ଷଙ୍କ ହତ୍ୟା ଘଟଣାକୁ ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗୁରୁବାର ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପୁରୀ ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏହି ପତ୍ରରେ ଦର୍ଶାଯାଇଛି, ଏପରି ଘଟଣା ବାରମ୍ବାର ଘଟୁଛି। ଜେହାଦୀ ଆତଙ୍କବାଦୀଙ୍କ କ୍ରୂରତା ବାରମ୍ବାର ହିନ୍ଦୁ ସମାଜକୁ ଭୋଗିବାକୁ ପଡୁଛି। ବିଗତ କିଛିବର୍ଷ ହେବ ହିନ୍ଦୁଙ୍କ ହତ୍ୟା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତାଜନକ ବିଷୟ ହୋଇଛି। ଏଥିରୁ ନିର୍ଦ୍ଦୋଷ ସାଧୁ ସନ୍ଥ ବି ବାଦ୍ ପଡୁନାହାନ୍ତି। ଦେଶରେ ରାଷ୍ଟ୍ର ବିରୋଧ ଓ ଧାର୍ମିକ ଅସହିଷ୍ଣୁତାକୁ ଯୋଜନା ପୂର୍ବକ ପ୍ରୋତ୍ସାହନ ଦିଆଯାଇ ଅରାଜକତା ସୃଷ୍ଟି କରାଯାଉଛି। ଏଥିପାଇଁ ବିଭିନ୍ନ ଆତଙ୍କୀ ସଙ୍ଗଠନ ଦାୟୀ। ଏଣୁ ସମ୍ପୃକ୍ତ ସଙ୍ଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ହର୍ଷଙ୍କ ହତ୍ୟାକାରୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ଫାଶୀଦଣ୍ଡ ଦିଆଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ରାଷ୍ଟ୍ରର ସୁରକ୍ଷା ଓ ସନ୍ତୁଳିତ ସାମାଜିକ ବ୍ୟବସ୍ଥା ନିମନ୍ତେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବଜରଙ୍ଗ ଦଳର ପୁରୀ ଜିଲା ସଂଯୋଜକ ଦେବାର୍ପିତ ମହାନ୍ତି କହିଛନ୍ତି। ଏହି ଅବସରରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଂଯୋଜକ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସହ ସଂଯୋଜକ ଅଭିଷେକ ମେକାପ, ଅନିଲ ମିଶ୍ର, ଜ୍ଞାନ ରଞ୍ଜନ ମହାନ୍ତି, ଶୁଭାଶିଷ ମହାପାତ୍ର, ଶାନ୍ତନୁ ପାଣ୍ଡେ, ପ୍ରୟାସ ମହାପାତ୍ର, ପ୍ରହଲ୍ଲାଦ ଖଣ୍ଡୁଆ, ଦେବାଶିଷ ସ୍ୱାଇଁ ଏବଂ ସୂର୍ଯ୍ୟନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସିଆରପିଏଫ୍ ଯବାନଙ୍କ ପରଲୋକ

**କଣାସ, ୨୪।୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବକୁ ଗ୍ରାମପଞ୍ଚାୟତର ରତନପୁର ଗ୍ରାମର ସିଆରପିଏଫ୍ ଯବାନ ଅନିଲ ରଞ୍ଜନ ସୁନ୍ଦରାୟ(୩୫)ଙ୍କ ବୁଧବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ତାଙ୍କ ମରଶରୀରକୁ ଗାଁକୁ ଅଣାଯାଇ ସମ୍ମାନର ସହ ଗାଁ ମଶାଣିରେ ଦାହ କରାଯାଇଛି। ଅନିଲ ରିକ୍ରୁଟିଙ୍ଗ ସେଣ୍ଟର ୫ରେ ରାଜଗିରି ନାଳନ୍ଦା ବିହାର ସିଆରପିଏଫ୍ ହେଡ୍ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିଲେ। ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ବକୁର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜଗଦ୍ଦେବ, ଯୁବନେତା ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପିକା


@ ବାବୁ


@ ଲିଜାଲିନ୍


@ ରିମା


@ ପ୍ରିୟମ୍ବଦା


@ ସନ୍ତୋଷ


@ ଲକ୍ଷ୍ମୀକାନ୍ତ

## ରେଳଷ୍ଟେଶନରୁ ନାବାଳିକା, ନାବାଳକ ଉଦ୍ଧାର

**ପୁରୀ ଅଫିସ,୨୪।୨** ଆରପିଏଫ ପୋଲିସ ପୁରୀ ରେଳଷ୍ଟେଶନ୍‌ରୁ ଜଣେ ନାବାଳିକା ଏବଂ ଜଣେ ନାବାଳକଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛି। ଆର୍‌ପିଏଫ ଥାନା ଅଧିକାରୀ ଅନିଲ କୁମାର ସିଂହ କହିଛନ୍ତି, ଗୁରୁବାର ଷ୍ଟେଶନ ପରିସରରେ ଜଣେ ନାବାଳିକା ଓ ଜଣେ ନାବାଳକ ଏକାକୀ ବୁଲୁଥିବା ଦେଖିବାକୁ ମିଳିଥିଲା। ଉଭୟଙ୍କୁ ପଚରାଉଚରା କରିବାରୁ ସେମାନେ ଅନୁଗୁଳ ଜିଲାର ବୋଲି ସୂଚନା ମିଳିଥିଲା। ତେବେ ସେମାନେ କିଛି କାରଣକୁ ନେଇ ପରିବାର ଲୋକଙ୍କୁ ନ ଜଣାଇ ଟ୍ରେନ୍ ଯୋଗେ ଘରୁ ପଳାଇ ଆସିଥିବା କହିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ପୋଲିସ ଦୁଇଜଣଙ୍କୁ ଉଦ୍ଧାର କରିବା ସହ ପ୍ରାଥମିକ ତଦନ୍ତ କରି ସେମାନଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲା। ପରେ ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ଆର୍‌ପିଏଫ୍ ପୋଲିସ ଉଭୟଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି ବୋଲି ଥାନାଧିକାରୀ ସିଂହ କହିଛନ୍ତି।


କଳିଙ୍ଗ କଲେଜ ଅଫ୍ ଆର୍ଟ୍‌ର ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି ।



ରାଜ୍ୟ ଅଭିଲେଖାଗାର ପରିସରରେ ଗୁରୁବାର ଅଭିଲେଖା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି।


ଏଫ୍‌ଆଇସିସିଆଇ ମହିଳା ଅନୁଷ୍ଠାନ ଭୁବନେଶ୍ୱରର କର୍ମକର୍ତ୍ତାମାନେ ଗୁରୁବାର କଟକସ୍ଥିତ ରୁଚି ଓ ଫ୍ରୋଜିଟ୍ କମ୍ପାନୀ ପରିଦର୍ଶନ କରୁଛନ୍ତି ।

## ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ ସଂଘର ଦାବି

ଖୁଣ୍ଟୁଣୀ,(ଡି.ଏନ୍.ଏ.): ରାଜ୍ୟରେ କ୍ରମାଗତ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଆଠଗଡ଼ ସବ୍‌ଡିଭିଜନ ଖବରଦାତା ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସ୍ଥାନୀୟ ନାରାୟଣଙ୍କ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ବୈଠକରେ ଖବରଦାତାଙ୍କ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ଦାବି କରାଯାଇଛି। ସଂଘ ସଭାପତି ସଚ୍ଚିଦାନନ୍ଦ ପଣ୍ଡା ସଭାପତିତ୍ୱ କରି କହିଥିଲେ, ଅତୀତରେ ମୁଖ୍ୟମନ୍ତ୍ରୀ ଖବରଦାତାଙ୍କ କଲ୍ୟାଣ ପାଇଁ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଯ୍ୟକାରୀ କରି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି।। ବର୍ତ୍ତମାନ ସେମାନଙ୍କ ସୁରକ୍ଷା ପାଇଁ ଆଇନ ଆଣିବାକୁ ଆବଶ୍ୟକ ରହିଛି। ଏଥିରେ ସଙ୍ଘର ଉପସଭାପତି ସର୍ବେଶ୍ୱର ପଣ୍ଡା, ସମ୍ପାଦକ ସନ୍ତୋଷ ବାରିକ, ଲଲାଟେନ୍ଦୁ ସେନାପତି, ବିଜୟ ନାୟକ, ରଜନୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

କଟକ

- ଜିଲା ବିଚାରପତିମାନଙ୍କ ସମ୍ମିଳନୀ ଉଦଘାଟନ, ଜୁଡିସିଆଲ ଏକାଡେମୀ, ଅପରାହ୍ନ ୫ଟା।

## କ୍ଷୀରୋଦ ବିଶ୍ୱାଳ ପାଇବେ କିଶୋରୀ ଚରଣ ପୁରସ୍କାର

**କଟକ ଅଫିସ, ୨୪।୨:** ଯୁବ କଥାକାର କ୍ଷୀରୋଦ ବିହାରୀ ବିଶ୍ୱାଳ ଚଳିତବର୍ଷର ମର୍ଯ୍ୟାଦାଜନକ କିଶୋରୀ ଚରଣ ପୁରସ୍କାର



ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାହିତ୍ୟିକ କିଶୋରୀ ଚରଣ ଦାସଙ୍କ ୯୮ତମ ଜୟନ୍ତୀ ଅବସରରେ ଆସନ୍ତା ମାର୍ଚ୍ଚ ୧ରେ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ବିଶ୍ୱାଳଙ୍କ ଲିଖିତ ତଥା ଭୁବନେଶ୍ୱରସ୍ଥିତ ପଶ୍ଚିମା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଗଳ୍ପ ସଂକଳନ 'ମହାଖୁଣ୍ଟର ଛାଇ' ପାଇଁ ସେ ଏହି ପୁରସ୍କାର ପାଇବେ ବୋଲି କିଶୋରୀ ଚରଣ ସ୍ମୃତି ସଂସଦର ସମ୍ପାଦକ ବିଜୟାନନ୍ଦ ସିଂହ ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ବିଶ୍ୱାଳଙ୍କ ପୁସ୍ତକ ମହାଖୁଣ୍ଟର ଛାଇ, ଗଳ୍ପ ସଙ୍କଳନ ମୁକ୍ତିପଥ, ଅଇଁଠା ପତର୍ ଏବଂ ଉପନ୍ୟାସ କଳା ତାଜମହଲ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି। ସୂଚନାଯୋଗ୍ୟ, କିଶୋରୀ ଚରଣ ସ୍ମୃତି ସଂସଦ ପକ୍ଷରୁ ୪୦ବର୍ଷରୁ କମ୍ ଯୁବ ଲେଖକଙ୍କ ଦ୍ୱାରା ରଚିତ ଗଳ୍ପ, ଉପନ୍ୟାସ ପୁସ୍ତକ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

## ବିଡିଓଙ୍କୁ ଧମକପୂର୍ଣ୍ଣ ଫୋନ୍ କଲ୍

**ଚୌଦ୍ୱାର,୨୪।୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବିଡିଓ ଆଶୁତୋଷ ମିଶ୍ରଙ୍କୁ କେହି ଅଜଣା ବ୍ୟକ୍ତି ଫୋନ୍‌ରେ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଏନେଇ ବିଡିଓ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଫୋନ୍ କରି ଗାଳିଗୁଲଜ କରିଥିଲେ। ଏଥିସହ ତାଙ୍କୁ, ତାଙ୍କ ସ୍ତ୍ରୀ ଏବଂ ତାଙ୍କର ଏକ ମାସର ଶିଶୁକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ବିଡିଓ ଏନେଇ ଭୟଭୀତ ହୋଇ ବ୍ଲକ୍‌ର ଅଧିକାରୀ ଓ କର୍ମଚାରୀମାନଙ୍କୁ ଜଣାଇବା ପରେ ସେମାନେ ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ. ୪୨/୨୨ ରୁଜୁକରି ତଦନ୍ତ ଚଳାଇଛି।

## ମୋବାଇଲ ଫାଟି ଯୁବକ ଗୁରୁତର

**ଚୌଦ୍ୱାର,୨୪।୨(ଡି.ଏନ୍.ଏ.):** ହରିଅନ୍ତା ପଞ୍ଚାୟତ ତେରୁହାଁ ଗ୍ରାମରେ ଏକ ମୋବାଇଲ ଫାଟିବାରୁ କାହ୍ନୁଚରଣ ବେହେରା ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, କାହ୍ନୁ ଏକ ସ୍କୁଟିରେ ମଙ୍ଗୁଳି ଛକରୁ ଘରକୁ ଯାଉଥିବାବେଳେ ତେରୁହାଁ ଗ୍ରାମ ରାସ୍ତାରେ ହଠାତ୍ ଭାରସାମ୍ୟ ହରାଇ ସ୍କୁଟିରୁ ପଡ଼ିଯାଇଥିଲେ। ଦେଖିବାରୁ ଜାଣିଲେ ଯେ, ତାଙ୍କ ପକେଟ୍‌ରେ ଥିବା ମୋବାଇଲ ଫୋନ୍‌ଟି ଫାଟିଯାଇଥିଲା। ଫଳରେ ତାଙ୍କ ଜଙ୍ଘରେ କ୍ଷତ ସୃଷ୍ଟି ହେବା ସହ ଗାଡିରୁ ପଡି ମୁଣ୍ଡ ଓ କହୁଣିରେ କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ୫୧୭୪ ବଢ଼ିଲା ଭୋଟର ସଂଖ୍ୟା

**କଟକ ମହାନଗର ନିଗମ**




- ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା
- ଭୋଟଦେବେ ୪ଲକ୍ଷ ୫୦ ହଜାର ୭୫୯

**କଟକ ଅଫିସ, ୨୪।୨**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ବୁଧବାର ପ୍ରକାଶ ପାଇଛି। ପ୍ରାଥମିକ ଭୋଟର ତାଲିକାଠାରୁ ଚୂଡ଼ାନ୍ତ ତାଲିକାରେ ଭୋଟର ସଂଖ୍ୟା ୫୧୭୪ ବୃଦ୍ଧି ପାଇଛି। ସହରରେ ମୋଟ ୪ଲକ୍ଷ ୫୦ ହଜାର ୭୫୯ ଭୋଟର ରହିଛନ୍ତି ବୋଲି ଚୂଡ଼ାନ୍ତ ତାଲିକାରେ ଦର୍ଶାଯାଇଛି। ସେଥିମଧ୍ୟରୁ ୨ଲକ୍ଷ ୩୧ହଜାର ୩୦ ପୁରୁଷ, ୨ ଲକ୍ଷ ୧୯ ହଜାର ୫୯୮ ମହିଳା ଏବଂ ୧୩୧ ଜଣ କିନ୍ନର। ୪୮ନଂ. ୱାର୍ଡରେ ସର୍ବାଧିକ ୮୬୯୧ ଭୋଟର ରହିଥିବା ବେଳେ ୫୯ ନଂ ୱାର୍ଡରେ ସର୍ବନିମ୍ନ ୪୬୯୦ ଜଣ ଭୋଟର ରହିଛନ୍ତି। ଗତ ୯ତାରିଖରେ ପ୍ରକାଶିତ ପ୍ରାଥମିକ ଭୋଟର ତାଲିକାରେ ଭୋଟର ସଂଖ୍ୟା ୪ଲକ୍ଷ ୪୫ହଜାର ୫୮୫ ରହିଥିଲା। ଏହାପରେ ଭୋଟର ତାଲିକାରେ ତ୍ରୁଟି ଥିବା ନେଇ ଅନେକ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଭିତ୍ତିରେ ସିଏମସି ପକ୍ଷରୁ ସଂଶୋଧନ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ତେବେ ଚୂଡ଼ାନ୍ତ ତାଲିକା ନେଇ ଆଉ କୌଣସି ସଂଶୋଧନ କରାଯାଇ ପାରିବ ନାହିଁ ବୋଲି ସିଏମ୍‌ସି ନିର୍ବାଚନ ଅଧିକାରୀ ଅମିୟ ପଣ୍ଡା କହିଛନ୍ତି। ଏଥିସହ ଗୁରୁବାର ପୌରନିର୍ବାଚନ ପାଇଁ ଇଭିଏମ୍ ଆସିଯାଇଛି। ତାହାକୁ ବୋଷ କଲେଜରେ ରଖାଯାଇଛି ଏବଂ ଯାଞ୍ଚ ଚାଲିଛି ବୋଲି ସେ କହିଛନ୍ତି । ସୂଚନାଥାଉକି ପୌର ନିର୍ବାଚନ ପାଇଁ ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇସାରିଛି। ମୋଟ ୫୯ଟି ୱାର୍ଡରୁ ୩୩ଟି ୱାର୍ଡ ସଂରକ୍ଷିତ ଥିବାବେଳେ ୨୬ଟିକୁ ଅସଂରକ୍ଷିତ ରଖାଯାଇଛି।




ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଗୁରୁବାର ଆୟୋଜିତ ସମର୍ପଣ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟ ସଙ୍ଗୀତ ପରିବେଷଣ କରୁଛନ୍ତି ।

## ହିତାଧିକାରୀଙ୍କ ଜମାଖାତାକୁ ସିଧାସଳଖ ଯିବ ଭତ୍ତା

**କଟକ ଅଫିସ, ୨୪।୨**

ସହରରେ ୫୯ଟି ୱାର୍ଡରେ ନିର୍ଦ୍ଧାରିତ କେନ୍ଦ୍ରରେ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି। ଏହି ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ବୃଦ୍ଧାବୃଦ୍ଧଙ୍କ ପଥକଷ୍ଟ ଦୂର କରିବା ପାଇଁ ହିତାଧିକାରୀଙ୍କ ଜମାଖାତା ଜରିଆରେ ସିଧାସଳଖ ଭତ୍ତା ଦେବାକୁ ସରକାର ନିୟମ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନରେ ଥିବା ହିତାଧିକାରୀଙ୍କୁ ଆବଶ୍ୟକୀୟ ଦସ୍ତାବିଜ ସିଏମ୍‌ସି ନିକଟରେ ଦାଖଲ କରିବାକୁ କୁହାଯାଇଛି। ଏଥିପାଇଁ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ହିତାଧିକାରୀମାନେ ଆଧାର କାର୍ଡ ଏବଂ ବ୍ୟାଙ୍କ ପାସବୁକ ଜେରକ୍ସ ଦାଖଲ କରିବାକୁ କୁହାଯାଇଛି। ଯାହାଦ୍ୱାରା ହିତାଧିକାରୀଙ୍କ ଭତ୍ତା ଟଙ୍କା ସିଧାସଳଖ ବ୍ୟାଙ୍କଖାତାକୁ ଯିବ ବୋଲି ସିଏମ୍‌ସି ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି ଶତପଥୀ କହିଛନ୍ତି। ସିଏମ୍‌ସିରେ ସର୍ବମୋଟ ୨୪ ହଜାର ୧୦ ଜଣ ହିତାଧିକାରୀ ରହିଛନ୍ତି।

# ୧୦ ଲକ୍ଷ ଟଙ୍କାର ଅପମିଶ୍ରିତ ଡାଲି ଜବତ

**ଗୋଦାମରେ ଚଢ଼ାଉ, ମାଲିକ ଅଟକ**

**କଟକ ଅଫିସ,୨୪।୨:**

କଟକ ସହରରେ ଗୁରୁବାର ପୁଣି ଏକ ଅପମିଶ୍ରିତ ଡାଲି ଗୋଦାମ ଠାବ ହୋଇଛି। ୧୦ ଲକ୍ଷ ଟଙ୍କାର ଅପମିଶ୍ରିତ ଡାଲି ଜବତ କରାଯାଇଥିବାବେଳେ ଗୋଦାମ ମାଲିକ ଚାଉଳିଆଗଞ୍ଜ ଅପାଣିଆ ଅଞ୍ଚଳର ପ୍ରମୋଦ କୁମାର ସାହୁ(୫୫)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ମାଲଗୋଦାମରେ ଅପମିଶ୍ରିତ ଡାଲି ବିକ୍ରୟ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଫୁଡ୍ ସ୍କ୍ୱାଡ ଏବଂ ପୋଲିସ ମିଳିତ ଚଢ଼ାଉ କରିଥିଲେ। ମଙ୍ଗଳା ଡାଲି ଗୋଦାମ ଉପରେ ଚଢାଉ କରାଯାଇଥିଲା। ସେଠାରୁ ୨୦ବସ୍ତା ଅପମିଶ୍ରିତ ଡାଲି ସମେତ ରାଜ୍ୟ ସରକାର ନିଷିଦ୍ଧ କରିଥିବା ୧୯ ବସ୍ତା ଖେସାରି ଜବତ ହୋଇଛି। ହରଡ ଡାଲିରେ ଖେସାରି ଡାଲି ମିଶାଇ ବିକ୍ରି କରାଯାଉଥିବା ତଦନ୍ତ ବେଳେ ଜଣାପଡ଼ିଛି। ଜବତ ଅପମିଶ୍ରିତ ଡାଲିର ବଜାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।



ମଙ୍ଗଳା ଗୋଦାମରେ ଅଧିକାରୀମାନେ ଡାଲିର ମାନ ଯାଞ୍ଚ କରୁଛନ୍ତି ।

## ବସ୍ତି ପିଲାଙ୍କୁ ପରିଚୟ କେନ୍ଦ୍ରରେ ପଢ଼ାଯିବ

**କଟକ ଅଫିସ,୨୪।୨**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ କବସ୍ତି ଅଞ୍ଚଳରେ ରହୁଥିବା ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ଯୋଜନା କରାଯାଇଛି। ପ୍ରାଥମିକ ସ୍ତରରେ ସହରରେ ଥିବା ୩ଟି ବସ୍ତିରେ ଏହି ବ୍ୟବସ୍ଥା ଆରମ୍ଭ ହେବ। ଜଗତପୁର, ବାଲିସାହି ଓ କଠୋଯୋଡ଼ି ନିକଟରେ ଥିବା ବସ୍ତି ପିଲାଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରିବ। ଏହି ଅଞ୍ଚଳରେ ଥିବା ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ଏକ ଘରୋଇ ସଂସ୍ଥା ସହ ମିଶି ସିଏମ୍‌ସି ପକ୍ଷରୁ ପିଲାଙ୍କୁ ପାଠ ପଢାଯିବ। ଏଥିପାଇଁ ଘରୋଇ ସଂସ୍ଥାମାନେ ଉକ୍ତ ଅଞ୍ଚଳରେ ଥିବା ପରିଚୟ କେନ୍ଦ୍ରରେ ସ୍ମାର୍ଟ କ୍ଲାସରୁମ ଭଳି ବ୍ୟସ୍ଥାକରି ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବେ। ଏଥିପାଇଁ ସମସ୍ତ ଯୋଜନା ସରିଥିବା ବେଳେ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଏହା କାର୍ଯ୍ୟକାରୀ ହେବ ବୋଲି ସିଏମ୍‌ସି ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି ଶତପଥୀ ସୂଚନା ଦେଇଛନ୍ତି।

## ବର୍ଜ୍ୟବସ୍ତୁ ପୃଥୀକରଣ ନେଇ ପ୍ରତିଯୋଗିତା

**କଟକ ଅଫିସ,୨୪।୨**

ବର୍ଜ୍ୟବସ୍ତୁ ପୃଥୀକରଣ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସହରର ୧୭ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏହି ପ୍ରତିଯୋଗିତା କରାଯାଇଛି। ଗୁରୁବାର ସିଏମ୍‌ସି ପକ୍ଷରୁ ୟୁଏଲବିସ୍ତରୀୟ ରଚନା, ଚିତ୍ରାଙ୍କନ, ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର ସଞ୍ଜୀବିତା ରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବର୍ଜ୍ୟବସ୍ତୁ ପୃଥୀକରଣର ଉଦ୍ଦେଶ୍ୟ ବୁଝାଇଥିଲେ। ଆଗାମୀ ଦିନରେ ଜୋନାଲ ସ୍ତରରେ ଆଉ ଦୁଇଟି ପ୍ରତିଯୋଗିତା ହେବ।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି

**ଫୁଲନଖରା,୨୪।୨(ଡି.ଏନ୍.ଏ.)**

କଟକ ସଦର ଥାନା ଗୁଆଳି ଗ୍ରାମର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ ଓ ସୂର୍ଯ୍ୟ ଗୁରୁକୁଳ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀଧର ମହାପାତ୍ରଙ୍କ ପୁଣ୍ୟତିଥି ଗୁରୁବାର ପାଳିତ ହୋଇଯାଇଛି। ଉଭୟ ଅନୁଷ୍ଠାନର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ଛୋଟରାୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଯାଇଛି। ସଂସଦର ସଭାପତି ଶ୍ରୀ ସନ୍ୟାସୀ ଜି, ଗୁରୁକୁଳ ସଭାପତି କବି ନାରାୟଣ ଜେନା, ଉପଦେଷ୍ଟା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ଗୁରୁକୁଳ ନିର୍ଦ୍ଦେଶକ ସୌଭାଗ୍ୟ ନାରାୟଣ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଗୁରୁକୁଳ ସମ୍ପାଦିକା ସଙ୍ଗୀତା ଛୋଟରାୟ ଓ ସହସମ୍ପାଦିକା ଦିବ୍ୟାଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶ୍ରେୟା ଛୋଟରାୟ ବେଦପାଠ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପିକା



@ ବାବୁ



@ ଲିଜାଲିନ୍



@ ରିମା



@ ପ୍ରିୟମ୍ବଦା



@ ସନ୍ତୋଷ



@ ଲକ୍ଷ୍ମୀକାନ୍ତ

# କାନ୍ତକବିଙ୍କ ସଙ୍ଗୀତ ବିଦ୍ରୋହ ବହ୍ନି ପ୍ରଜ୍ୱଳିତ କରିଥିଲା

**କଟକ ଅଫିସ, ୨୪।୨**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ସାହିତ୍ୟର ଏହି ବରେଣ୍ୟ ସାଧକ ପ୍ରାକ୍ ସ୍ୱାଧୀନତା କାଳରେ ଅନେକ ଜାତୀୟତାବୋଧ ସଙ୍ଗୀତ ରଚନା କରିଥିଲେ। ଫଳରେ ଯୁବବର୍ଗ ମଧ୍ୟରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହୋଇପାରି ଥିଲା। ଗୁରୁବାର ମର୍କତନଗରରେ 'ସମୀଚୀନ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାନ୍ତକବିଙ୍କ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଡା. ରବିରଞ୍ଜନ ସାହୁ ଯୋଗଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଗୋବିନ୍ଦ ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଡ. ପରିଣୀତା ଦାସ, ରାମଚନ୍ଦ୍ର ଦାସ, ଡ. ପବିତ୍ର ମହାନ୍ତି, ସଂଯୁକ୍ତା ବେହେରା, ଯଶୋଦା ସେନାପତି ପ୍ରମୁଖ ଉପସ୍ଥିତଥିଲେ। ବନ୍ଦେ ଉତ୍କଳ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧଦିବସ ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ ବଙ୍ଗାଳି ସାହିସ୍ଥିତ ମା'ଶାରଳା ସଦନରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଉଦ୍‌ଘାଟନ କରିଥିବା ବେଳେ କଥାକାର ବିଜୟ ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଡ. ଅଜୟ ମିଶ୍ର ଯୋଗଦେଇଥିଲେ। ସାହିତ୍ୟିକ ପ୍ରଫେସର ଡ. ସୁଦର୍ଶନ ପଟ୍ଟନାୟକଙ୍କୁ କାନ୍ତକବି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଆକାଶ ଭୂୟାଁ, ଦୀପ୍ତିରେଖା ନନ୍ଦ, କାନ୍ତକବିଙ୍କ ନାତି ଖବରଦାତା ଗୁରୁକଲ୍ୟାଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ପ୍ରଫେସର ଡ. ସୁଦର୍ଶନ ପଟ୍ଟନାୟକଙ୍କୁ କାନ୍ତକବି ସାରସ୍ୱତ ସମ୍ମାନ**

## ରୁଚି, ଫ୍ରୋଜିଟ୍ ପରିଦର୍ଶନ କଲେ ଫିକି ମହିଳା ଅନୁଷ୍ଠାନ କର୍ମକର୍ତ୍ତା

**କଟକ ଅଫିସ, ୨୪।୨**

ଫେଡେରେଶନ ଅଫ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ମହିଳା ଅନୁଷ୍ଠାନ ଭୁବନେଶ୍ୱରର କର୍ମକର୍ତ୍ତାମାନେ ଗୁରୁବାର କଟକସ୍ଥିତ ମସଲା ଉଦ୍ୟୋଗ ତଥା ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ପ୍ରତିଷ୍ଠାନ ରୁଚି ଓ ଫ୍ରୋଜିଟ୍ ପରିଦର୍ଶନରେ ଆସିଥିଲେ। ଫିକି ମହିଳା ଅନୁଷ୍ଠାନ ଭୁବନେଶ୍ୱରର ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ ଏବଂ ୨୦୨୧-୨୨ର ଚାପ୍ଟର ଅଧ୍ୟକ୍ଷା ସୁନୀତା ମହାନ୍ତିଙ୍କ ନେତୃତ୍ୱରେ ୧୪ ଜଣିଆ ମହିଳା ଦଳ ଉଦ୍ୟୋଗ ପରିଦର୍ଶନ କରିଥିଲେ। ଫ୍ରୋଜିଟ୍ ପ୍ରତିଷ୍ଠାତା ତଥା ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ ସେମାନଙ୍କୁ ସ୍ୱାଗତ କରିଥିଲେ। ଫିକିର କର୍ମକର୍ତ୍ତାମାନେ ଫ୍ରୋଜିଟ୍ ଉଦ୍ୟୋଗ, ରୁଚିର ପାସ୍ତା ଉଦ୍ୟୋଗ ଏବଂ ଫ୍ରୋଜିଟ୍ ଆଉଟ୍‌ଲେଟ୍ ଆଦି ବୁଲି ଦେଖିଥିଲେ। ଏହି ସମୟରେ ନିର୍ଦ୍ଦେଶିକା ସାହୁ ରୁଚିର ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କରେ ସେମାନଙ୍କୁ କହିଥିଲେ। ଏହାପରେ କର୍ମକର୍ତ୍ତାମାନେ ରୁଚି କର୍ପୋରେଟ୍ ଅଫିସରେ ରୁଚି ଓ ଫ୍ରୋଜିଟ୍ ସମ୍ପର୍କିତ ବୃତ୍ତଚିତ୍ର ଦେଖିଥିଲେ। ଏଥିସହ ସେମାନେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ। ଫିକି କର୍ମକର୍ତ୍ତାମାନଙ୍କୁ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଓ ସଲିନା ସାହୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିଳ୍ପା ଦାସ, ଶ୍ରୀକାନ୍ତ ମହାପାତ୍ର, ଆଦ୍ୟାଶା ପଟ୍ଟନାୟକ, ଦେବସ୍ମିତା ମିଶ୍ର, ସାଗରିକା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ବିଷ୍ଣୁ ମିଶ୍ର, ଉଲ୍ଲାସ ବେହୁରା, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କଳିଙ୍ଗ କଲେଜ ଅଫ୍ ଆର୍ଟ୍‌ସର ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି ।




ରାଜ୍ୟ ଅଭିଲେଖାଗାର ପରିସରରେ ଗୁରୁବାର ଅଭିଲେଖ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି।



ଏଫ୍‌ଆଇସିସିଆଇ ମହିଳା ଅନୁଷ୍ଠାନ ଭୁବନେଶ୍ୱରର କର୍ମକର୍ତ୍ତାମାନେ ଗୁରୁବାର କଟକସ୍ଥିତ ରୁଚି ଓ ଫ୍ରୋଜିଟ୍ କମ୍ପାନୀ ପରିଦର୍ଶନ କରୁଛନ୍ତି ।

